# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୦/୨୦୧୮ (୧୬ ପୃଷ୍ଠା) | Bhubaneswar, Monday, August 20 / 2018 | ★★★★★★

୪୪ଶ ଭାଗ ୨୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**କେବିସି ଶୁଟିଂ ଆରମ୍ଭ କଲେ ଅମିତାଭ**

କୌନ ବନେଗା କରୋଡପତି (କେବିସି) ଶୁଟିଂ ଆରମ୍ଭ କରି ପୁରୁଣା ଦିନର କଥା ମନେପକାଇଛନ୍ତି ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନ ।

୦୨

୧୪

**ପ୍ରଥମ ପଦକ ଜିତିଲେ ଅପୂର୍ବୀ-ରବିକୁମାର**

ଭାରତୀୟ ଶୁଟର ଅପୂର୍ବୀ ଚାଣ୍ଡିଲା ଓ ରବିକୁମାର ଏସିଆନ ଗେମ୍ସ ମିକ୍ସଡ ଟିମ୍ ରାଇଫଲ ଶୁଟିଂ ଇଭେଣ୍ଟରେ ବ୍ରୋଞ୍ଜ ସହ ଦେଶ ପାଇଁ ପ୍ରଥମ ପଦକ ଜିତିଛନ୍ତି ।








## ସଂକ୍ଷେପରେ

### ରାତି ୯ଟା ପରେ ଏଟିଏମ୍‌ରେ ଭର୍ତ୍ତି ହେବନି ଟଙ୍କା

**ନୂଆଦିଲ୍ଲୀ,୧୯।୮(ପି.ଟି.):** ରାତି ୯ଟା ପରେ ସହରାଞ୍ଚଳରେ ଥିବା ଅଟୋମେଟେଡ୍ ଟେଲର ମେଶିନ୍(ଏଟିଏମ୍)ଗୁଡିକରେ ଆଉ ଟଙ୍କା ଭର୍ତ୍ତି କରାଯିବ ନାହିଁ। ସେହିପରି ଗ୍ରାମାଞ୍ଚଳରେ ଥିବା ଏଟିଏମ୍‌ଗୁଡ଼ିକରେ ସନ୍ଧ୍ୟା ୬ଟା ଓ ମାଓବାଦୀ ପ୍ରବଣ ଅଞ୍ଚଳରେ ଥିବା ଏଟିଏମ୍‌ରେ ଅପରାହ୍ନ ୪ଟା ପୂର୍ବରୁ ଟଙ୍କା ଭର୍ତ୍ତି କରାଯିବ। ୨୦୧୯ ଫେବୃୟାରୀ ୮ରୁ ଏହି ନୂଆ ନିୟମ ଅନୁସାରେ କ୍ୟାଶ୍ ଟ୍ରାନ୍ସପୋର୍ଟ ଏଜେନ୍ସିଗୁଡିକ କାର୍ଯ୍ୟ କରିବେ। କ୍ୟାଶ୍‌ଭ୍ୟାନ୍ ଉପରେ ଆକ୍ରମଣ ଏବଂ ଟଙ୍କା ଚୋରି ଭଳି ବିପଦକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶନାମା ଜାରି କରି ଏହା ଦର୍ଶାଇଛନ୍ତି। (ସବିଶେଷ ରିପୋର୍ଟ: ବିଜ୍‌ନେସ୍ ପୃଷ୍ଠା)

**ଗଙ୍ଗାରେ ବିଲୀନ ଅଟଳଙ୍କ ଚିତାଭସ୍ମ**

୧୦

## ଆଜିର ସମ୍ପାଦକୀୟ

**ଜଳରେ ବୁଡ଼ିଛି କେରଳ**

## ଆଜିର ମନ୍ତବ୍ୟ

"ଭାରତ ମହାସାଗର କର୍ମଭୂମି ହେଲେ କେରଳ ଆମର ଜନ୍ମଭୂମି।

—ଆଡ୍‌ମିରାଲ୍ ସୁନିଲ୍ ଲାନ୍‌ବା, ନୌସେନା ମୁଖ୍ୟ

# ବିପର୍ଯ୍ୟୟ ପରେ ମହାମାରୀ ଭୟ

**ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ,୧୯।୮(ପି.ଟି.)**

ବନ୍ୟାପ୍ଲାବିତ କେରଳରେ ରବିବାର ବର୍ଷା କମିଯାଇଛି। ରିଲିଫ୍ ଏବଂ ଉଦ୍ଧାରକାର୍ଯ୍ୟ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ହୋଇଥିଲେ ସୁଦ୍ଧା ଦେଖାଦେଇଛି ମହାମାରୀ ଭୟ। ମହାମାରୀ ଏବଂ ଅନ୍ୟାନ୍ୟ ରୋଗ ବ୍ୟାପିବା ଆଶଙ୍କାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟରେ ୩,୭୫୭ ମେଡିକାଲ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ଏହାସହ ସ୍ଥିତି ଉପରେ ପୂର୍ଣ୍ଣ ନଜର ରହିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର କେରଳ ରାଜ୍ୟପାଳ ପି. ସଥାଶିବମ୍ ଏବଂ ମୁଖ୍ୟମନ୍ତ୍ରୀ ବିଜୟନ୍‌ଙ୍କୁ ଫୋନ୍‌କରି ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଆଗାମୀ ୪ ଦିନ ବର୍ଷା ହେବ ନାହିଁ। ଫଳରେ ଉଭୟ ଉଦ୍ଧାରକାରୀ ଦଳ ଏବଂ ବିପନ୍ନଙ୍କ ମଧ୍ୟରେ ଆଶାର ସଂଚାର ହୋଇଛି। ବନ୍ୟା ଘେରରେ ଫସି ରହିଥିବା ୩୩,୦୦୦ ଲୋକଙ୍କୁ ବିଭିନ୍ନ ଉଦ୍ଧାରକାରୀ ଦଳ ଉଦ୍ଧାର କରିଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ସୂଚନା ଦେଇଛି। ଏଣୁ ରାଜ୍ୟରେ ଜାରି କରାଯାଇଥିବା ସତର୍କ ସୂଚନା ହଟାଇ ନିଆଯାଇଛି। ଇଡ୍ଡୁକି, କୋନ୍ନୁର ଏବଂ କୋଝିକୋଡ୍ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ଏହି ୩ ଜିଲାରେ ପୀତ ସତର୍କ ସୂଚନା (ୟେଲୋ ଆଲର୍ଟ) ଜାରି କରାଯାଇଛି।

ରାଜ୍ୟରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ରବିବାର ୩୭୦ରେ ପହଞ୍ଚିଛି। ରବିବାର ଆଉ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରାଜ୍ୟବ୍ୟାପୀ ୫,୬୪୫ ରିଲିଫ୍ କ୍ୟାମ୍ପରେ ୭,୨୪,୬୪୯ ଲୋକ ଆଶ୍ରୟ ନେଇଥିବା ରବିବାର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ସୂଚନା ଦେଇଛନ୍ତି। ବନ୍ୟାଘେରରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଉପରେ ପ୍ରାଥମିକତା ଦିଆଯାଉଛି। ଏହା ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ବନ୍ୟାଜଳ କମିବା ପରେ କ୍ଷୟକ୍ଷତି ଆକଳନ ସାଙ୍ଗକୁ ବିପନ୍ନଙ୍କର ଥଇଥାନ ସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବନ୍ୟା ଯୋଗୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ଅଞ୍ଚଳରେ ଏବେ ବି ହଜାର ହଜାର ସଂଖ୍ୟାରେ ବିପନ୍ନ ଫସି ରହିଛନ୍ତି। ଖାଦ୍ୟପେୟ କିମ୍ବା ଅନ୍ୟାନ୍ୟ କୌଣସି ସହଯୋଗ ବିନା ଅତି ଚରମ ସ୍ଥିତିରେ ସେମାନେ ଫସି ରହିଥିବା କୁହାଯାଉଛି। ସେପଟେ ବନ୍ୟା ବିପର୍ଯ୍ୟୟକୁ ନେଇ ସୋସିଆଲ୍ ମିଡିଆରେ ପ୍ରସାରିତ ☞ପୃଷ୍ଠା–୪

**କେରଳ ବନ୍ୟା ବିଭୀଷିକା**

- ଏବେ ବି ଫସି ରହିଛନ୍ତି ଲକ୍ଷାଧିକ ଲୋକ
- ୩୭୦ରେ ପହଞ୍ଚିଲା ମୃତ୍ୟୁସଂଖ୍ୟା
- ୪ ଦିନଯାଏ ବର୍ଷା ନାହିଁ, ହଟିଲା ଆଲର୍ଟ
- ରିଲିଫ୍ କ୍ୟାମ୍ପ୍‌ରେ ୭,୨୪,୬୪୯ ବିପନ୍ନ
- ସ୍ଥିତି ସମୀକ୍ଷା କଲେ ରାଷ୍ଟ୍ରପତି
- ବିଦେଶରୁ ବଢ଼ିଲା ସହଯୋଗ

## ଅତିରିକ୍ତ ୫ କୋଟି ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେରଳ ବନ୍ୟାରେ କ୍ଷତିଗ୍ରସ୍ତଙ୍କ ସହାୟତା ବାବଦକୁ ଅତିରିକ୍ତ ୫ କୋଟି ଟଙ୍କା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ସନ୍ଧ୍ୟାରେ ଏହି ସୂଚନା ଦିଆଯାଇଛି। ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ ୫ କୋଟିର ସହାୟତା ରାଶି ଘୋଷଣା କରିସାରିଛନ୍ତି। ଏଥିସହ ପ୍ରାୟ ୮ କୋଟି ଟଙ୍କା ମୂଲ୍ୟର ୫୦୦ ☞ପୃଷ୍ଠା–୪

# ବଜରଙ୍ଗ ଜିତିଲେ ପ୍ରଥମ ସ୍ୱର୍ଣ୍ଣ

**ଏସିଆନ୍ ଗେମ୍ସ**



**ଜାକର୍ତ୍ତା,୧୯।୮(ପି.ଟି.)**

ତାରକା ରେସଲର ବଜରଙ୍ଗ ପୁନିଆ ଏସିଆନ ଗେମ୍ସରେ ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶୁଟିଂରେ ଅପୂର୍ବୀ ଚାଣ୍ଡିଲା ଓ ରବି କୁମାର ବ୍ରୋଞ୍ଜ୍ ଜିତି ଭାରତ ପାଇଁ ଖାତା ଖୋଲିବା ପରେ ବଜରଙ୍ଗ ଏହି ସଫଳତା ଅର୍ଜନ କରିଛନ୍ତି। ଫଳରେ ଭାରତୀୟ ଶିବିରରେ ଖୁସିର ଲହରି ଖେଳିଯାଇଛି। ଜବରଦସ୍ତ ଫର୍ମରେ ଥିବା ବଜରଙ୍ଗ ଏସିଆନ ଗେମ୍ସରେ ନିଜ କ୍ୟାରିୟରର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରବିବାର ପ୍ରଥମ ଦିବସରେ ସେ ପୁରୁଷ ଫ୍ରିଷ୍ଟାଇଲ ୬୫ କେ.ଜି ବର୍ଗ ପ୍ରତିଯୋଗିତାର ଫାଇନାଲରେ ଜାପାନର ତାକାତାନୀ ଦାଇଚିଙ୍କୁ ୧୧–୮ରେ ହରାଇ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି।

ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବା ପୂର୍ବରୁ ବଜରଙ୍ଗ କ୍ରମାଗତ ୩ଟି ଟୁର୍ନାମେଣ୍ଟରେ ବିଜୟୀ ହୋଇଥିଲେ ଓ ଶ୍ରେଷ୍ଠ ଫର୍ମରେ ଥିବାର ସୂଚନା ଦେଇଥିଲେ। ସେ ଏହି ପ୍ରତିଯୋଗିତାର ଫେଭରାଇଟ୍ ବିବେଚିତ ହେଉଥିଲେ ଓ ଶେଷରେ ସେ ଏହି ଅନୁମାନକୁ ସତରେ ପରିଣତ କରିଛନ୍ତି। ଏସିଆନ ଗେମ୍ସ ପୂର୍ବରୁ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଟିବିଲିସ ଗ୍ରାଣ୍ଡପ୍ରିକ୍ସ ଓ ୟାସାର ଡୋଗୁ ଆନ୍ତର୍ଜାତିକ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ହରିୟାଣାର ଏହି ୨୪ ବର୍ଷୀୟ ରେସଲର ଫାଇନାଲ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ☞ପୃଷ୍ଠା–୪

# ୪୮ ଘଣ୍ଟା ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୧୯।୮(ବ୍ୟୁରୋ)**

ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପ ନେଇଛି। ଏହାର ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ସମୟରେ ବଜ୍ରପାତ ହେବା ସହିତ ପବନ ବହିବ। ପବନର ବେଗ ଘଣ୍ଟା ପ୍ରତି ୩୫ରୁ ୪୫ କି.ମି. ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି।

ରବିବାର ରାତିରୁ ମଙ୍ଗଳବାର ସକାଳ ସାଢେ ୮ଟା ମଧ୍ୟରେ ଦକ୍ଷୀଣ, ପଶ୍ଚିମ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ବାଲେଶ୍ୱର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ଜାଗାରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଶେଷଜ୍ଞ ରମେଶ କୁମାର ନାୟକ କହିଛନ୍ତି।

# ପାରାଦୀପରେ ହେବ ସ୍ମାର୍ଟ ଶିଳ୍ପ ବନ୍ଦର ସହର ପ୍ରକଳ୍ପ

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

ପାରାଦୀପ ବନ୍ଦର ପରିସରରେ ଏକ ସ୍ମାର୍ଟ ଶିଳ୍ପ ବନ୍ଦରଭିତ୍ତିକ ସହର ପ୍ରକଳ୍ପ ବିକଶିତ କରାଯିବ। ଏଥିରେ ବହୁମୁଖୀ ଲଜିଷ୍ଟିକ୍ ପାର୍କର ବ୍ୟବସ୍ଥା ରହିବ। ଚଳିତବର୍ଷ ପାରାଦୀପ ବନ୍ଦର ରପ୍ତାନି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ଏହାକୁ ଆହୁରି ସମୃଦ୍ଧ କରାଯିବାର ନିଷ୍ପତ୍ତି ନିଆଯାଇଛି ବୋଲି ପାରାଦୀପ ପୋର୍ଟ ଟ୍ରଷ୍ଟର ଜନୈକ ଅଧିକାରୀ ସୂଚନା ଦେଇଛନ୍ତି।

ମୋଟ ୭୦୦ ଏକର ଜମିରେ ୩୫୪୪ କୋଟି ଟଙ୍କା ବ୍ୟୟରେ ପାରାଦୀପ ପୋର୍ଟ ଟ୍ରଷ୍ଟ ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ ହେବ। ବର୍ତ୍ତମାନ ବନ୍ଦରର ବାର୍ଷିକ ଧାରଣ କ୍ଷମତା ୨୭୭ ମିଲିୟନ୍ ଟନ୍ ରହିଛି। ୨୦୨୫ ସୁଦ୍ଧା ଏହାକୁ ୩୨୫ ମିଲିୟନ୍ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। କଣ୍ଟେନର କର୍ ଅଫ୍ ଇଣ୍ଡିଆ (କନ୍‌କର୍) ଦ୍ୱାରା ପ୍ରସ୍ତାବିତ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ୍ ପାର୍କ (ଏମ୍‌ଏମ୍‌ଏଲ୍‌ପି), ତ୍ରିବେଣୀ ଆର୍ଥ–ମୁଭର୍ସ ଲିମିଟେଡ୍ ପକ୍ଷରୁ ବାର୍ଷିକ ୪ ଏମ୍‌ଟିପିଏ ପେଲେଟାଇଜେଶନ୍ ୟୁନିଟ୍ ସହ ଏକ ଉଡ୍ ପାର୍କ ଏବଂ ଖାଇବା ତେଲ ଲାଗି ଏକ ଫୁଡ୍ ପାର୍କ ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରଖାଯାଇଛି।

ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ରାଜ୍ୟରେ ଶିଳ୍ପ ବିକାଶରେ ପାରାଦୀପ ବନ୍ଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଏହା ଆହୁରି ଉନ୍ନତ ଶିଳ୍ପାଞ୍ଚଳରେ ପରିଣତ ହୋଇପାରିବ। କନ୍‌କର ଏହି ପ୍ରକଳ୍ପରେ ୨୦୦ କୋଟି ଟଙ୍କା ନିବେଶ କରିବ ବୋଲି ସେ ସୂଚନା ଦେଇଛନ୍ତି।







NATIONAL EGG CO-ORDINATION COMMITTEE | 19.08.2018 | Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers


## କିଛି ତଥ୍ୟ

୨୦୧୭–୧୮ ଆର୍ଥିକ ବର୍ଷରେ ଦେଶରେ ୟୁରିୟା ଉତ୍ପାଦନ ୨୪.୦୨ ମିଲିୟନ ଟନ ଥିବାବେଳେ ୨୦୧୮–୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏଥିରେ ୧.୬% ବୃଦ୍ଧି ପାଇବା ନେଇ ସରକାର ଆଶା ରଖିଛନ୍ତି। —ସାର ମନ୍ତ୍ରଣାଳୟ

# ବନ୍ଦ ହେବ ୨ ହଜାର ଶିଶୁ ଗୃହ

**ନୂଆଦିଲ୍ଲୀ,୧୯।୮(ପି.ଟି.)**

ଦେଶରେ ମୋଟ ୯,୭୦୦ ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ) ରହିଛି। ସେଥିମଧ୍ୟରୁ ୭,୦୦୦ଟି କେନ୍ଦ୍ରୀୟ ପୋଷ୍ୟଗ୍ରହଣ ସମ୍ବଳ କର୍ତ୍ତୃପକ୍ଷ (ସିଏଆର୍‌ଏ)ଙ୍କ ନିକଟରେ ପଞ୍ଜୀକୃତ। ଅବଶିଷ୍ଟ ପ୍ରାୟ ୨,୦୦୦ ଶିଶୁ ଗୃହ ବିନା ପଞ୍ଜୀକରଣରେ ଚାଲିଛି। ସେଗୁଡ଼ିକୁ ମାସକ ମଧ୍ୟରେ ପଞ୍ଜୀକରଣ କରିବା ପାଇଁ ନିକଟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ବାରମ୍ବାର ଚେତାବନୀ ସତ୍ତ୍ୱେ ଏଭଳି ସଂସ୍ଥାଗୁଡ଼ିକ ପଞ୍ଜୀକରଣ କରାଉନାହାନ୍ତି। ତେଣୁ ସେଗୁଡ଼ିକୁ ବନ୍ଦ କରିବା ପାଇଁ ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ସୂତ୍ରରୁ ଜଣାପଡ଼ିଛି।

ଝାଡ଼ଖଣ୍ଡରେ ମିସନାରିଗୁଡ଼ିକ ପକ୍ଷରୁ ବେଆଇନ ଭାବେ ପୋଷ୍ୟଗ୍ରହଣ ଚାଲିଥିବା ନେଇ କେତେକ ମାମଲା ନିକଟରେ ସାମ୍ନାକୁ ଆସିଥିଲା। ଗତମାସରେ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏସମ୍ପର୍କରେ ଅବଗତ ହେବା ପରେ ଦେଶର ସର୍ବୋଚ୍ଚ ପୋଷ୍ୟଗ୍ରହଣ ସଂସ୍ଥା ସିଏଆର୍‌ଏରେ ସମସ୍ତ ସିସିଆଇର ପଞ୍ଜୀକରଣ ୩୦ ଦିନ ମଧ୍ୟରେ ସୁନିଶ୍ଚିତ କରିବା ପାଇଁ ସବୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ☞ପୃଷ୍ଠା–୪



- ଦେଶର ୯,୭୦୦ ସିସିଆଇରେ ୨,୩୨,୯୩୭ ଶିଶୁ
- ଅଣପଞ୍ଜୀକୃତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ
- ପଞ୍ଜୀକରଣ ପାଇଁ କେନ୍ଦ୍ର ଦେଇଛି ମାସେ ମହଲତ

## ପାଠିକା/ପାଠକଙ୍କ ପାଇଁ ସୂଚନା

କିଛିସ୍ଥାନରେ ପାଠିକା/ପାଠକମାନେ ପ୍ରତିଦିନ ଧରିତ୍ରୀ ଖବରକାଗଜ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ପାଠିକା/ପାଠକମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନିଜ ଖବରକାଗଜ ବିତରକଙ୍କୁ ଧରିତ୍ରୀ ଦେବା ପାଇଁ ଦାବି କରନ୍ତୁ। ତଥାପି ଧରିତ୍ରୀ ନିୟମିତ ନ ପାଇଲେ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧରିତ୍ରୀ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ।

**୯୪୩୭୦୦୯୪୪୧, ୯୯୩୭୬୧୨୮୪୧**




ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ଅଗଷ୍ଟ, ୨୦୧୮



"ଅକ୍ଟୋବର ୨୧ରୁ ସେଲିବ୍ରିଟି ଚାଟ୍ ଶୋ 'କଫି ଉଇଥ୍ କରନ୍'ର ଷଷ୍ଠ ସିଜିନ୍ ଆରମ୍ଭ ହେଉଛି।

-କରନ୍ ଜୋହର, ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ



# ସୌରମଣ୍ଡଳ ବାହାରେ 'ଜଳଜଗତ'

**ବୋଷ୍ଟନ**

ସୌରମଣ୍ଡଳ ବାହାରେ ପୃଥିବୀ ଆକୃତିର ୨ରୁ ୪ଗୁଣ ବିଶିଷ୍ଟ ଅନେକ ଗ୍ରହ ରହିଛି। ସେଗୁଡିକରେ ପ୍ରଚୁର ପରିମାଣ ଜଳ ଥିବା ଅନୁମାନ କରାଯାଉଛି। ଏହାଦ୍ୱାରା ଆମ ଗାଲାକ୍ସିରେ ଏଲିଏନ୍ ଅନୁସନ୍ଧାନ ସହଜ ହୋଇପାରିବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି।

ଏକ୍ସୋପ୍ଲାନେଟ୍-ହଣ୍ଟିଂ କେପ୍ଲର ସ୍ପେସ୍ ଟେଲିସ୍କୋପ୍ ଏବଂ ଗାଇଆ ମିଶନ୍ ଦ୍ୱାରା ସଂଗୃହୀତ



ତଥ୍ୟରୁ ପୃଥିବୀ ବାହାରେ ଅଧିକାଂଶ ଗ୍ରହରେ ସର୍ବାଧିକ ୫୦% ଜଳ ଥିବା ସୂଚନା ମିଳେ। ଏହା ପୃଥିବୀରେ ଥିବା ଜଳର ୦.୦୨%ଠାରୁ ଖୁବ୍ ଅଧିକ ବୋଲି ଗବେଷକମାନେ କହିଛନ୍ତି। ଏ ସମ୍ପର୍କରେ ଆମେରିକାସ୍ଥିତ ହାର୍ଭାର୍ଡ ୟୁନିଭର୍ସିଟିର ଗବେଷକ ଲି ଜେଙ୍ଗ୍ କହନ୍ତି, ସୌରମଣ୍ଡଳ ବାହାରେ ଅନେକ ଜଳଜଗତ ଥିବା ବିଷୟ ଆଶ୍ଚର୍ଯ୍ୟଜନକ। ପୃଥିବୀ ବାହାରେ ଏଭଳି ୪,୦୦୦ ଗ୍ରହ ଆବିଷ୍କାର ହୋଇଛି। ସେଗୁଡ଼ିକ ମଧ୍ୟରୁ କେତେକ ପୃଥିବୀ ଆକୃତିର ୨ଗୁଣ। ସେଗୁଡିକର ବ୍ୟାସାର୍ଦ୍ଧ ପୃଥିବୀର ହାରାହାରି ୧.୫ ଗୁଣ ଏବଂ ଆଉ କେତେର ବ୍ୟାସାର୍ଦ୍ଧ ପୃଥିବୀର ପ୍ରାୟ ୨.୫ଗୁଣ। ଗାଇଆ ଉପଗ୍ରହରୁ ତଥ୍ୟ ଅନୁଯାୟୀ, ବୈଜ୍ଞାନିକମାନେ ଗ୍ରହଗୁଡିକର ବସ୍ତୁତ୍ୱ ଏବଂ ବ୍ୟାସାର୍ଦ୍ଧ ବିଶ୍ଳେଷଣ କରି ସେଗୁଡିକର ଆଭ୍ୟନ୍ତରୀଣ ଗଠନର ଏକ ମଡେଲ୍ ବିକାଶ କରିଛନ୍ତି। ଏହି ମୁତାବକ ଯେଉଁ ଗ୍ରହର ବ୍ୟାସାର୍ଦ୍ଧ ପୃଥିବୀର ୧.୫ ଗୁଣ ସେଭଳି ଗ୍ରହ ପଥୁରିଆ ହୋଇଥିବା ବେଳେ ଯେଉଁ ଗ୍ରହର ବ୍ୟାସାର୍ଦ୍ଧ ପୃଥିବୀର ୨.୫ଗୁଣ ସେଗୁଡିକ ସମ୍ଭବତଃ ଜଳଜଗତ (ପୃଥିବୀ ବସ୍ତୁତ୍ୱର ୧୦ଗୁଣ) ବୋଲି ଜେଙ୍ଗ୍ ପ୍ରକାଶ କରିଛନ୍ତି।

## [ଇତିହାସର ଆଇନାରେ] ଅଗଷ୍ଟ ୨୦ର ପ୍ରମୁଖ ଘଟଣା

୧୯୬୦ ଅଗଷ୍ଟ ୨୦ରେ ମାଲି ଫେଡେରେଶନ୍‌ରୁ ଅଲଗା ହୋଇ ସେନିଗାଲ୍ ସ୍ୱାଧୀନତା ହାସଲ କରିଥିଲା। ଫ୍ରେଞ୍ଚ୍ କଲୋନି ଏବଂ ସୁଦାନ ପ୍ରଜାତନ୍ତ୍ରକୁ ନେଇ ପ୍ରତିଷ୍ଠିତ ମାଲି ଫେଡେରେଶନ୍ ପଶ୍ଚିମ ଆଫ୍ରିକାର ଏକ ଦେଶ ଥିଲା। ଏହା ଫ୍ରାନ୍ସ ଅଧୀନରେ ଥିଲା। ଦୁଇମାସ ଏହା ସ୍ୱତନ୍ତ୍ର ଦେଶ ହୋଇ ରହିଥିଲା। ୧୯୬୦ ଅଗଷ୍ଟ ୧୯ରେ ମାଲି ଫେଡେରେଶନରେ ଥିବା ସୁଦାନ ନେତାମାନେ ସଶସ୍ତ୍ର ବାହିନୀ ମାଧ୍ୟମରେ ସେନିଗାଲ୍ କବ୍‌ଜା କରିବାକୁ ଉଦ୍ୟମ କରିଥିଲେ।

୨୦୦୮ ଅଗଷ୍ଟ ୨୦ରେ ସ୍ପେନ୍‌ର ସ୍ପାନ୍‌ଏୟାର୍ ଫ୍ଲାଇଟ୍ ୫୦୨୨ ନାମକ ଏକ ବିମାନ ଦୁର୍ଘଟଣା ଯୋଗୁ ୧୫୪ ଜଣଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ସମୟରେ ୧୪୬ ଜଣ ପ୍ରାଣ ହରାଇଥିବାବେଳେ ପରବର୍ତ୍ତୀ ସମୟରେ ୮ ଜଣଙ୍କ ମୃତ୍ୟୁ ହୋଇଥିଲା। ୧୮ ଜଣ ଯାତ୍ରୀ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ବିମାନଟି ମାଡ୍ରିଡ୍-ବାରାଜସ୍ ବିମାନବନ୍ଦରରୁ ଗ୍ରାନ୍ କାନାରିଆ ବିମାନବନ୍ଦର ଅଭିମୁଖେ ଯାତ୍ରା କରୁଥିଲା। ଏହାର କିଛି ସମୟ ମଧ୍ୟରେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## 'କେବିସି' ଶୁଟିଂ ଆରମ୍ଭ




**ମୁମ୍ବାଇ:** ମେଗାଷ୍ଟାର ଅମିତାଭ୍ ବଚ୍ଚନ ପୁଣିଥରେ ତାଙ୍କର ହିଟ୍ ଗେମ୍ ଶୋ 'କୌନ ବନେଗା କରୋଡପତି' (କେବିସି) ୧୦ମ ସିଜିନ୍‌ର ଶୁଟିଂ ଆରମ୍ଭ କରିଛନ୍ତି। ୭୫ ବର୍ଷୀୟ ଏହି ସୁପରଷ୍ଟାର ଏକ ନୂଆ ବ୍ଲଗ୍ ପୋଷ୍ଟ୍‌ରେ ବିଗତ ଦିନର ସ୍ମୃତିଚାରଣ କରିଛନ୍ତି। ଏଭଳି ଏକ ମେଗା କାର୍ଯ୍ୟକ୍ରମ ୨୦୦୦ରେ ପ୍ରଥମକରି ଆରମ୍ଭ ହୋଇଥିଲା। ଅମିତାଭ୍ ତାଙ୍କ ବ୍ଲଗ୍‌ପୋଷ୍ଟରେ ଉଲ୍ଲେଖ କରିଛନ୍ତି-'କେବିସିର ପ୍ରଥମ ଦିନର ଶୁଟିଂ ବେଶ୍ ଆଶଙ୍କାଭରା ଥିଲା। ଏଥିପାଇଁ ଖୁବ୍ ନର୍ଭସ ବି ଲାଗୁଥିଲା। ୟା' ଭିତରେ କେବିସିକୁ ୧୮ବର୍ଷ ହେଲାଣି। ୧୦ମ ସିଜିନ୍ ଆରମ୍ଭ ହୋଇଛି। ଶୁଟିଂର ଅଧିକାଂଶ ଭାଗ ମୋ ସହ ଜଡିତ ରହୁଥିଲେ ବି କିଛି ବିଷୟ ଅଜ୍ଞାତ ମନେହେଉଛି।' ଯଦିଓ ଶୋ ପାଇଁ କେତେକ ଶୁଟିଂ 'ହତୋତ୍ସାହଜନକ' ଏବଂ 'ଖୁବ୍ କଷ୍ଟସାଧ୍ୟ' ମନେହୁଏ ତଥାପି ଦର୍ଶକଙ୍କ ପକ୍ଷରୁ କ୍ରମାଗତ ସମର୍ଥନ ଏଥିପାଇଁ ସହାୟକ ହୋଇପାରିବ। ଏହାକୁ ପାଥେୟ କରି ଦୀର୍ଘ ୧୮ବର୍ଷ ପରେ ବି ଏପରି ଏକ କାର୍ଯ୍ୟକ୍ରମ ପୁଣି ଆରମ୍ଭ ହେବାକୁ ଯାଉଛି। ଭାରତର ବିଭିନ୍ନ ଅଞ୍ଚଳର ଲୋକଙ୍କୁ ଜାଣିବା ଏବଂ ଭେଟିବାର ଅବସର ଏଥିରେ ମିଳେ। କେତେକ ଲୋକଙ୍କ ସଂଗ୍ରାମର କାହାଣୀ ଏବଂ ଜୀବନଯାପନ ପରିସ୍ଥିତି ଖୁବ୍ ହୃଦୟବିଦାରକ। ତେବେ ଉକ୍ତ ଗେମ୍‌ରେ ସେମାନେ ସଫଳ ହେବାର ସମୟ ଏବଂ ସବୁ ଦୁଃଖ ଓ ଅବସାଦ ଅପସରି ଯିବାର ମୁହୂର୍ତ୍ତ ଅତ୍ୟନ୍ତ ସନ୍ତୋଷଜନକ।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୫.୯ |
| ଚାନ୍ଦବାଲି | ୩୪.୦ | ୨୭.୨ |
| କଟକ | ୩୩.୨ | ୨୩.୮ |
| ପାରାଦ୍ୱୀପ | ୩୩.୭ | ୨୭.୭ |
| ଭୁବନେଶ୍ୱର | ୩୩.୫ | ୨୫.୨ |
| ଗୋପାଳପୁର | ୩୪.୫ | ୨୬.୪ |
| ପୁରୀ | ୩୩.୦ | ୨୬.୦ |
| ଅନୁଗୋଳ | ୩୩.୧ | ୨୧.୬ |
| ବାରିପଦା | ୩୪.୨ | ୨୭.୬ |
| ଝାରସୁଗୁଡ଼ା | ୩୪.୫ | ୨୫.୦ |
| କେନ୍ଦୁଝର | ୩୨.୦ | ୨୩.୮ |
| ସମ୍ବଲପୁର | ୩୩.୮ | ୨୧.୧ |
| ସୁନ୍ଦରଗଡ଼ | ୩୪.୦ | ୨୧.୦ |
| ହୀରାକୁଦ | ୩୨.୬ | ୧୯.୯ |
| ତାଳଚେର | --- | ୨୫.୫ |
| ଭବାନୀପାଟଣା | ୩୨.୦ | ୨୫.୪ |
| ବଲାଙ୍ଗୀର | ୩୩.୩ | ୨୫.୨ |
| କୋରାପୁଟ | ୨୪.୦ | ୨୦.୦ |
| ଫୁଲବାଣୀ | ୩୦.୫ | ୨୧.୪ |
| ଟିଟିଲାଗଡ଼ | --- | ୨୨.୫ |
| ମାଲକାନଗିରି | ୨୬.୫ | ୨୪.୬ |
| ସୋନପୁର | ୩୩.୬ | ୨୩.୦ |
| ଦାରିଙ୍ଗିବାଡ଼ି | ୨୮.୫ | ୧୯.୫ |
| ଢେଙ୍କାନାଳ | --- | ୨୪.୬ |

ଡିଗ୍ରୀ ସେଲ୍‌ସିୟସ୍





ଆଧୁନିକ ବିଜ୍ଞାନର ଚମତ୍କାରିତା ଯୋଗୁ ଅସମ୍ଭବ ସମ୍ଭବ ହୋଇପାରିଛି। ପିତାଙ୍କ ମୃତ୍ୟୁର ୩ ବର୍ଷ ପରେ ପୁତ୍ର ଜନ୍ମ ନେଇଛନ୍ତି ଯଶଲୋକ ହସ୍ପିଟାଲରେ ମାତା ସୁପ୍ରିୟା ଜୈନ ସ୍ୱାମୀଙ୍କ ଶେଷ ସନ୍ତକ ଭାବେ ପୁତ୍ର ସନ୍ତାନ ଲାଭ କରିଛନ୍ତି। ତାଙ୍କ ସ୍ୱାମୀ ଗୌରବ ଏସ୍‌ଙ୍କର ୨୦୧୫ ଅଗଷ୍ଟ ମାସରେ ହୁବ୍‌ଲି ନିକଟରେ ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତେବେ ସେମାନେ ପୂର୍ବରୁ ଆଇଭିଏଫ୍ ପ୍ରଣାଳୀରେ ସନ୍ତାନ ଲାଭ ପାଇଁ ପ୍ରୟାସ କରିଥିଲେ। ଏହାର ନମୁନା ସମ୍ପୃକ୍ତ ଡାକ୍ତରଙ୍କ ପାଖରେ ସଂରକ୍ଷିତ ଥିଲା। ଏହାର ଉପଯୋଗ କରି ଗୌରବଙ୍କ ସନ୍ତାନ ସୁପ୍ରିୟା ପାଇପାରିଥିବା ଚିକିତ୍ସା କରୁଥିବା ଡାକ୍ତର ଫିରୁଜା ପାରେଖ ସୂଚିତ କରିଛନ୍ତି।

## ■ ସିବିଏସ୍‌ଇର ନୂଆ ନିଷ୍ପତ୍ତି

# ବିଳମ୍ବରେ ପହଞ୍ଚିଲେ ପରୀକ୍ଷା ପାଇଁ ମିଳିବନି ଅନୁମତି

**ଭୁବନେଶ୍ୱର, ୧୯।୮(ବ୍ୟୁରୋ)**

ଏଣିକି ପରୀକ୍ଷା ହଲ୍‌ରେ ବିଳମ୍ବରେ ପହଞ୍ଚିଲେ କ୍ଷମା ନାହିଁ। ଧାର୍ଯ୍ୟ ସମୟ ପୂର୍ବରୁ ପରୀକ୍ଷା ହଲ୍‌ରେ ପହଞ୍ଚିବାକୁ ପଡ଼ିବ। ନଚେତ୍ ପରୀକ୍ଷା ପାଇଁ ଅନୁମତି ମିଳିବ ନାହିଁ। ଏପରି କଠୋର ନିଷ୍ପତ୍ତି ନେଇଛି ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ)। ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ଆଗାମୀ ୨୦୧୯ରୁ ଏହି ନୂଆ ନିୟମ କାର୍ଯ୍ୟକାରୀ ହେବ। ବର୍ତ୍ତମାନ ପ୍ରଚଳିତ ନିୟମ ଅନୁସାରେ, ୧୦ଟା ୧୫ରେ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ପଢ଼ିବା ପାଇଁ ଦିଆଯାଇଥାଏ। ୧୦ଟା ୩୦ରେ ପରୀକ୍ଷା ଆରମ୍ଭ ହୋଇଥାଏ। ୧୧ଟା ପର୍ଯ୍ୟନ୍ତ ଲେଟ୍ ଏଣ୍ଟ୍ରି ଓ ୧୧ଟା ୧୫ ପର୍ଯ୍ୟନ୍ତ ଏମରଜେନ୍ସି ଏଣ୍ଟ୍ରି ରହିଛି। କିନ୍ତୁ ଆଗାମୀ ବର୍ଷରୁ ଏହି ନିୟମ ପରିବର୍ତ୍ତନ ହେବ। ନୂଆ ନିଷ୍ପତ୍ତି ଅନୁସାରେ, ଜେଇଇ, ଏନ୍‌ଇଇଟି ଓ କ୍ୟାଟ୍ ଭଳି ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଲେଟ୍ ଏଣ୍ଟ୍ରିକୁ ଅନୁମତି ମିଳିବ ନାହିଁ। ସମସ୍ତ ପରୀକ୍ଷାର୍ଥୀ ସକାଳ ୧୦ଟା ୧୫ ପୂର୍ବରୁ ହଲ୍‌ରେ ପହଞ୍ଚିବା ଆବଶ୍ୟକ। ବିଳମ୍ବରେ ଆସିଲେ ପରୀକ୍ଷା ଦେଇପାରିବେ ନାହିଁ। ଏପରିକି ଟ୍ରାଫିକ୍‌ରେ ଫସିଥିବା କଥା ମଧ୍ୟ କର୍ଣ୍ଣପାତ କରାଯିବ ନାହିଁ ବୋଲି ସିବିଏସ୍‌ଇ କହିଛି।

# ଆଜିଠୁ ଏମ୍‌ବିବିଏସ୍, ବିଡିଏସ୍ ସିଟ୍ ପାଇଁ ସ୍ପଟ୍ ନାମଲେଖା

**ଭୁବନେଶ୍ୱର, ୧୯।୮(ବ୍ୟୁରୋ):** ଏମ୍‌ବିବିଏସ୍ ଏବଂ ବିଡିଏସ୍ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ସୋମବାରଠାରୁ ସ୍ପଟ୍ ନାମଲେଖା ଆରମ୍ଭ ହେଉଛି। ପୂର୍ବାହ୍ନ ସାଢେ ୧୦ଟାରୁ ଅପରାହ୍ନ ୫ଟା ଯାଏ ଓଜେଇଇ କାର୍ଯ୍ୟାଳୟରେ ଛାତ୍ରୀଛାତ୍ର ପହଞ୍ଚି ନାମଲେଖାଇବେ। ଏହି ନାମଲେଖା ପ୍ରକ୍ରିୟା ୩ଦିନ ଧରି ଚାଲିବ ବୋଲି ଓଜେଇଇ ପକ୍ଷରୁ ସୂଚନା ମିଳିଛି। ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ମୋଟ ୨୩୨ ଏମବିବିଏସ୍ ଏବଂ ବିଡିଏସ୍ ସିଟ୍ ଖାଲି ପଡିଛି। କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଏମ୍‌ବିବିଏସ୍‌ରେ ୫ ସିଟ୍ ଖାଲି ପଡିଥିବାବେଳେ ଏସ୍‌ସିବି ଡେଣ୍ଟାଲ କଲେଜରେ ବିଡିଏସ୍‌ରେ ୧୨ ସିଟ୍ ଖାଲି ପଡିଛି। ସେହିପରି ଭିମ୍‌ସାର ବୁର୍ଲାରେ ଏମ୍‌ବିବିଏସ୍‌ରେ ୨୬ ସିଟ୍, ବ୍ରହ୍ମପୁର ଏମ୍‌କେସିଜିରେ ୨୭, ବାଲେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୬, ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୧, ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୬, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୪, ଭୁବନେଶ୍ୱରସ୍ଥିତ ହାଇଟେକ ଘରୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ୩୫ ଏମ୍‌ବିବିଏସ୍ ଏବଂ ହାଇଟେକ୍ ଡେଣ୍ଟାଲ କଲେଜରେ ୯୦ ବିଡିଏସ୍ ସିଟ୍ ଖାଲି ପଡିଥିବା ଓଜେଇଇ ପକ୍ଷରୁ ସୂଚନା ମିଳିଛି।

# ଗଛରେ ପିଟି ହେଲା ବାଇକ୍, ୨ ଯୁବକ ମୃତ

**କାମାକ୍ଷାନଗର, ୧୯।୮(ଡି.ଏନ.ଏ.):** ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ମହୁଲି ଗ୍ରାମ ପଞ୍ଚସଖା ରାଇସ୍ ମିଲ୍ ନିକଟରେ ରବିବାର ପୂର୍ବାହ୍ନ ୧୧ଟାରେ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ଗଛରେ ପିଟି ହୋଇଯିବାରୁ ୨ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ନୂଆଆଳତୁମା ଗ୍ରାମର ଟୁଟୁ ପାତ୍ର (୩୦) ଏବଂ ଭୋଲୁ ପାତ୍ର ଓରଫ୍ ବୁଲୁ (୨୧)। ସଙ୍କଟାପନ୍ନ ଅବସ୍ଥାରେ କହ୍ନେଇ ବେହେରା (୨୩)ଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଟୁଟୁ, ବୁଲୁ ଏବଂ କହ୍ନେଇ ଏକ ବାଇକ୍ (ଓଡି ୦୬ ଏ ୭୮୦୨)ରେ କାମାକ୍ଷାନଗରରୁ ଢେଙ୍କାନାଳ ଆଡ଼କୁ ଦ୍ରୁତ ଗତିରେ ଯାଉଥିଲେ। ଭାରସାମ୍ୟ ହରାଇ ଗାଡ଼ିଟି ଏକ ଗଛରେ ପିଟିହୋଇ ପୋଖରୀକୁ ଛିଟିକି ପଡ଼ିଥିଲା। ଘଟଣାସ୍ଥଳରେ ଟୁଟୁ ଓ ବୁଲୁଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛି।

# ୨୫ରେ ଏମ୍‌ସ ସାଟେଲାଇଟ୍ ସେଣ୍ଟର ଗୃହ ଶିଳାନ୍ୟାସ

**ବାଲେଶ୍ୱର ଅଫିସ,୧୯।୮:** ବାଲେଶ୍ୱର ସହର ବାମପଦାସ୍ଥିତ ପଡ଼ିଆରେ ନିର୍ଦ୍ଧାରିତ ଏମ୍‌ସ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଲାଗି ଆସନ୍ତା ୨୫ ତାରିଖରେ ଶିଳାନ୍ୟାସ କରାଯିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଶିଳାନ୍ୟାସ କରିବେ। ଏ ସମ୍ପର୍କରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାଶ ସୂଚନା ଦେବା ପରେ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି। ଉଲ୍ଲେଖଥାଉକି, ବର୍ଷକ ପୂର୍ବରୁ ସେଣ୍ଟ୍ରାଲ ସ୍କୁଲ ଛକ ନିକଟ ପ୍ରୁଫ୍ କଲୋନୀରେ ପ୍ରତି ରବିବାର ଭୁବନେଶ୍ୱରସ୍ଥିତ ଏମ୍‌ସ ହସ୍ପିଟାଲରୁ ବିଭିନ୍ନ ବିଭାଗର ଡାକ୍ତରମାନେ ଆସି ଚିକିତ୍ସାସେବା ଯୋଗାଉଛନ୍ତି। ପ୍ରତି ରବିବାର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ରୋଗୀ ଉପକୃତ ହେଉଥିବା ଜଣାପଡିଛି।















ଡବରା–ଅନନ୍ତପେଠ ଷ୍ଟେଶନଠାରେ ଘଟିଛି ଏକ ଅଘଟଣ। ଏଠାରେ ଦୁରୋନ୍ତୋ ଏକ୍ସପ୍ରେସ୍‌ର ଇଞ୍ଜିନ୍ ଓ ବଗି ମଧ୍ୟରେ ଥିବା କପଲିଙ୍ଗ୍ ଭାଙ୍ଗିଯିବାରୁ ଇଞ୍ଜିନ ବିନା ବଗିରେ ୧ କିଲୋମିଟର ପଳାଇ ଆସିଥିଲା। ବଗିଗୁଡ଼ିକ ୨ ଶହ ମିଟର ଯିବା ପରେ ଆପେଆପେ ବନ୍ଦ ହୋଇ ଯାଇଥିଲା। ଏ ସମ୍ପର୍କରେ ଜାଣିପାରି ଗାର୍ଡ ଲୋକୋ ପାଇଲଟ୍‌ଙ୍କୁ ଜଣାଇଥିଲେ। ପରେ ଇଞ୍ଜିନ ପଛକୁ ଫେରି କପଲିଙ୍ଗ୍ ମରାମତି ହୋଇଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସୁଶ୍ରୀ
ପରିବାରବର୍ଗ



ରିହାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

## real estate

### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Immediate ready for construction land at Rasulgarh near Hitech square (NH-5) @16,20,000/- 9437976031. D-63576

Bhubaneswar ପିତାପଲ୍ଲିଠାରେ NHରୁ 700 mtr. ଦୂରତାରେ boundary wall campus ମଧ୍ୟରେ 30' ରାସ୍ତା ଥାଇ demarcated sthitiban plot ବିକ୍ରିହେବ। 9337110700, 9692619663. D-63575

ଭୁବନେଶ୍ୱର KEC, ଗୁଡିଆ–ପୋଖରୀଠାରେ 30ft road ଥାଇକି ଅଗ୍ରୀମ boundary wall electry , gharabari patta, Temple, ନାମଫଳକ ସହ sqft. 600/- ରେ ଦିଆଯାଉଅଛି। 7008045582, 9078967488. D-7910

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

Gharabari plot Pahal (Gohalo) Benupur, Rangabazar low cost Sudhananda College. 8249994188. D-7933

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Companyର Anniversary ଯୋଗୁଁ ସୁଲଭ ମୂଲ୍ୟରେ investment/ commercial plot ମିଳୁଅଛି। 9438355001. D-63589

### PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64887

## healthcare

"Ashribad Spa" is reputed ayurvedic clinic provided all type herbal body massage by well trained ladies therapist. Contact: 9040050502. D-64840

Rejuvenate and ayurvedic full body massage by smart therapist. 9114402354. D-64841

Pamper yourself this Mansoon profesional massage contact Purple Orchid. 9776598888. D-64842

Herbal full body massage by smart/ expert therapist. Contact: 8338067247. D-64893

Fully refreshed/ relaxed body massage by expert therapist, Shastrinagar. 7377984773. D-64877

Newly opening ayurvedic body massage in joint pains, smart therapist. 9776383819. D-64878

Newly opening ayurvedic body massage smart therapist, Shree Herbal. 7750020754. D-64879

Experience full body massage with us by experts enquiry. 7377048581. D-64890

Bangkok spa special offer 50% off on all 1hrs any full body massage. 9861688844, 8018739084. D-63582

Opening newly Ayurvedic full body massage ladies and gents. 7873414146, 8117833107. D-63472

Physiotherapy and Herbal massage by trained ladies/ Gents Therapist. 9938811534. D-63473

Full body massage home service also available please contact: 7751085315. D-61020

## astrology

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଘଟଣା ଜାଣିବା ଏବଂ ସମସ୍ତ ସମସ୍ୟାର ସରଳ ସମାଧାନ ପାଇଁ ଯୋଗାଯୋଗ କରନ୍ତୁ। 9861040318, 9937354570. D-7912

### ଜନ୍ମଦିନର ଶୁଭେଚ୍ଛା



(ରିହାନ୍)

**ଅଲହାଜ୍ ଅଲ୍ଲୀ ଖାଁ**

କେରଙ୍ଗ, ଖୋର୍ଦ୍ଧା

ଦ୍ୱାଦଶତମ ଜନ୍ମବାର୍ଷିକ ଉତ୍ସବ ଅବସରରେ ତୋର ଦୀର୍ଘାୟୁ, ବିଦ୍ୱାନ, ଯଶସ୍ୱୀ, ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। **ଶୁଭେଚ୍ଛା ସହ:** ଦାଦାଜୀ, ଦାଦୀମା, ଅମ୍ମୀ, ପାପା, ଶୁହାନା, ଡୋଡି, କୈଫ୍, ସୈଫ୍, ସିପୁନ, ପାପୁନ୍, ଆଫ୍ରିନ୍, ଖୁସୀ, ଅଫତାବ୍ ଓ ପରିବାରବର୍ଗ। ଧ–୬୪୮୯୨

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସେନା ସଚିବାଳୟରେ ରହିବେ ଇମ୍ରାନ

**■ ପ୍ରଥମକରି ପ୍ରଧାନମନ୍ତ୍ରୀ ଭାବେ ଦେଲେ ଉଦ୍‌ବୋଧନ**

ଇସ୍‌ଲାମାବାଦ,୧୯।୮(ପି.ଟି.) ପ୍ରଧାନମନ୍ତ୍ରୀ ଆବାସିକ କାର୍ଯ୍ୟାଳୟରେ ରହିବେ ନାହିଁ ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍। ଏହା ବଦଳରେ ଏଠାରେ ଥିବା ସାମରିକ ସଚିବାଳୟରେ ୩ ବେଡ୍‌ରୁମ୍ ବିଶିଷ୍ଟ ବଙ୍ଗଳାରେ ରହିବେ ଇମ୍ରାନ୍। ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ଦେଶବାସୀଙ୍କୁ ପ୍ରଥମ ଉଦ୍‌ବୋଧନରେ ରବିବାର ଏହା ଘୋଷଣା କରିଛନ୍ତି ପୂର୍ବତନ କ୍ରିକେଟର୍। ଏକ ନୂଆ ପାକିସ୍ତାନ ଗଠନ ଆହ୍ୱାନ ଦେବା ସହ ବର୍ତ୍ତମାନ ଭାଗ୍ୟ ବଦଳାଇବାର ସମୟ ଆସିଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ନିଜ ଏବଂ ନିଜର ଦେଶର ଖର୍ଚ୍ଚ କାଟ୍ କରିବା ତାଙ୍କର ଲକ୍ଷ୍ୟ। ବାନିଗାଲାସ୍ଥିତ ନିଜ ବାସଭବନରେ ସେ ରହିବାକୁ ଚାହାନ୍ତି। କିନ୍ତୁ ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ବାହିନୀ ଏଥିଲାଗି ଅନୁମତି ଦେଇ ନ ଥିଲେ। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ୫୨୪ କର୍ମଚାରୀ ଏବଂ ୮୦ କାର୍ ରହିଛି। ମୋ ପାଖରେ ୩୩ ବୁଲେଟ୍‌ପ୍ରୁଫ୍ କାର୍ ସାଙ୍ଗକୁ ବିମାନ ମଧ୍ୟ ଅଛି। ଆମପାଖରେ ବିଳାସପୂର୍ଣ୍ଣ ଗଭର୍ନର ହାଉସ୍ ଅଛି। ନେତାମନ୍ତ୍ରୀଙ୍କ ବିଦେଶ ଗସ୍ତରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ପାଇଁ ୬୫୦ ନିୟୁତ ଟଙ୍କା ଖର୍ଚ୍ଚ ହେଉଛି। କେଉଁ ଭୂଖଣ୍ଡ ବିଜୟ କରିବାକୁ ପ୍ରଧାନମନ୍ତ୍ରୀମାନେ ବିଦେଶ ଗସ୍ତ କରନ୍ତି ବୋଲି ଇମ୍ରାନ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଦେଶବାସୀଙ୍କ ପାଇଁ ଖର୍ଚ୍ଚ କରିବାକୁ ଆମ ପାଖରେ ଅର୍ଥ ନାହିଁ। ବର୍ତ୍ତମାନ ଦେଶ ଋଣଭାରରେ ବୁଡ଼ି ରହିଛି। ବିଗତ ୧୦ ବର୍ଷ ମଧ୍ୟରେ ସବୁଠୁ ଅଧିକ ଋଣ କରାଯାଇଛି। ଏହାକୁ ପରିଶୋଧ କରିବାକୁ ଆମକୁ ବିଦେଶରୁ ଋଣ ଆଣିବାକୁ ପଡ଼ିବ ବୋଲି ଇମ୍ରାନ କହିଛନ୍ତି।

# ପାର୍ସଲ ବୋମା ବିସ୍ଫୋରଣ ଘଟଣା: ପାଟଣାଗଡ଼ ଶୀର୍ଷକ ଚଳଚ୍ଚିତ୍ର ନିର୍ମାଣକୁ ବିରୋଧ

ପାଟଣାଗଡ଼,୧୯।୮(ଡି.ଏନ.ଏ)–ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ପାଟଣାଗଡ଼ ଶୀର୍ଷକରେ ଚଳଚ୍ଚିତ୍ର ନିର୍ମାଣ ଚାଲିଥିବାରୁ ଏହାକୁ ବିରୋଧ କରି ପାର୍ସଲ ବୋମା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ସୌମ୍ୟଶେଖର ସାହୁଙ୍କ ବାପା ଅଧ୍ୟାପକ ରବୀନ୍ଦ୍ର ସାହୁ, ମା' ସଞ୍ଜୁକ୍ତା ସାହୁ ଏବଂ ତାଙ୍କ ଓକିଲ ଆଶିଷ କୁମାର ଚନ୍ଦନ ରବିବାର ଏକ ଖବରଦାତା ସମ୍ମିଳନୀ କରି ଥାନାରେ କରିଥିବା ଅଭିଯୋଗ ସମ୍ପର୍କରେ ସୂଚନା ଦେଇଛନ୍ତି। ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଏବେ ଜେଲରେ ଅଛନ୍ତି। ଏଭଳି ସ୍ଥିତିରେ ଚଳଚ୍ଚିତ୍ର ନିର୍ମାଣ କରାଯିବା ନିଶ୍ଚିତ ଭାବେ ନିନ୍ଦନୀୟ ବୋଲି ସାହୁ କହିଛନ୍ତି।

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**✓ ପ୍ରହଲ୍ଲାଦ ସେନାପତି**

ଆବିର୍ଭାବ: ୨୫.୧୨.୧୯୫୫
ତିରୋଧାନ:୦୧.୦୮.୨୦୧୭

ଆପଣଙ୍କ ଅବର୍ତ୍ତମାନରେ ଆପଣଙ୍କ ସ୍ନେହ, ମହାନତା, ଉଦାରପଣ ସହିଷ୍ଣୁତା, ମିଷ୍ଟଭାଷା ଧାର୍ମିକ ଆସ୍ଥା ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
Shreemandir
ଶ୍ରୀମନ୍ଦିର ପରିବାର ଏବଂ ଆତ୍ମୀୟସ୍ୱଜନ
ମହାବୀର ବଜାର, ସାମନ୍ତରାପୁର, ଭୁବନେଶ୍ୱର-୨
ଧ–୫୩୬୩୬

### ଏକାଦଶାହ ଉପଲକ୍ଷେ



**✓ ଭାସ୍କର ବରାଳ**

L3-93, ACHARYA VIHAR, BBSR

ଆବିର୍ଭାବ- ତା୨୨.୦୮.୧୯୩୩ (ମଙ୍ଗଳବାର)
ତିରୋଧାନ- ତା୧୦.୦୮.୨୦୧୮ (ଶୁକ୍ରବାର)

**ପୂଜନୀୟ ବାପା**

ଆପଣଙ୍କର ସ୍ନେହ, ମହାନତା, ଉଦାରପଣ, ସହିଷ୍ଣୁତା, ଧାର୍ମିକ ଆସ୍ଥା ଓ କର୍ତ୍ତବ୍ୟନିଷ୍ଠତା ଆମ୍ଭମାନଙ୍କ ଜୀବନର ଚଲାପଥରେ ଅଭୁଲା ସ୍ମୃତି ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ .... ପୁତ୍ର- ବିଷ୍ଣୁପଦ, ବିଭୁଦତ୍ତ, ବିଭୁତି, ଭୁପତି, ପୁତ୍ରବଧୂ- ପଦ୍ମାଳୟା, ତନୁଶ୍ରୀ, ସତ୍ୟଭାମା, ଝିଅ- ରୁପଶ୍ରୀ, ନାତି ଓ ନାତୁଣୀ- ସୃଷ୍ଟି, ବିବେକ, ବୈଭବ୍, ଶ୍ରୀରାମ, ତଥା ବନ୍ଧୁ ଓ ପରିବାରବର୍ଗ।
ଧ–୫୮୬୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଗଣପତି ବିଶ୍ୱାଳ**

କାଳକଣ୍ଠପୁର (ଆସିକା) ଗଞ୍ଜାମ
ତିରୋଧାନ: ୦୯।୦୮।୨୦୧୮

ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ। ଅଭାଗା ପୁତ୍ର ଉଦୟନାଥ, ଲମ୍ବୋଦର, ସନ୍ତୋଷ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ–୭୯୪୩

### ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



**ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ବାରିକ**

କମାରଡିହ, ଦଶରଥପୁର, ଯାଜପୁର
ଆବିର୍ଭାବ: ୦୧।୦୭।୧୯୩୭
ତିରୋଧାନ: ୧୦।୦୮।୨୦୧୮

ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ୧୧ ଦିନ ହେଲା ଆପଣ ଆରପାରିକୁ ଚାଲିଗଲେଣି। ପ୍ରତି ମୁହୂର୍ତ୍ତରେ ଆପଣଙ୍କର ଅନୁପସ୍ଥିତିକୁ ଆମ୍ଭେ ଅନୁଭବ କରୁଛୁ। ଆଜି ଏକାଦଶାହ ତିଥିରେ ଆପଣଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ–୭୯୪୫

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦ୍ୱାରିକାନାଥ ନାୟକ**

ଆବିର୍ଭାବ: ୧।୧୧।୧୯୪୫
ତିରୋଧାନ: ୧୦।୮।୨୦୧୮
Plot No GA 17
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା। ଆପଣଙ୍କ ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ–୭୯୨୮

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## ପ୍ରଥମ ପୃଷ୍ଠାରୁ...

# ବଜରଙ୍ଗ ଜିତିଲେ ...

ବୈଷୟିକ ଦୃଷ୍ଟିକୋଣରୁ ସେ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲେ। ଦମ୍‌ଦାର ପ୍ରଦର୍ଶନ କରି ବଜରଙ୍ଗ ସବୁ ବାଉଟ୍‌ରେ ଏକପାଖିଆ ବିଜୟ ହାସଲ କରିଥିଲେ। ସେ ଏହି କ୍ରମରେ ଉଜ୍‌ବେକିସ୍ତାନର ସିରୋଜିଦ୍ଦିନ ଖାସାନୋଭଙ୍କୁ ୧୩–୩, ତାଜିକିସ୍ତାନର ଫଏଜିଏଭ ଅବଦୁଲକୋସିମଙ୍କୁ ୧୨–୨ ଓ ମଙ୍ଗୋଲିଆର ଏନ ବାଟମାଗ୍‌ନାଇ ବାଚୁଲୁଙ୍କୁ ୧୦–୦ରେ ପରାସ୍ତ କରି ମେଡାଲ ରାଉଣ୍ଡରେ ପ୍ରବେଶ କରିଥିଲେ।

ଅବଶ୍ୟ ଫାଇନାଲରେ ବଜରଙ୍ଗ ଜାପାନର ଡାଇଚିଙ୍କଠାରୁ ସାମାନ୍ୟ ସଂଘର୍ଷର ସମ୍ମୁଖୀନ ହୋଇଥିଲେ। ପ୍ରଥମେ ବଜରଙ୍ଗ ୬–୦ରେ ଅଗ୍ରଣୀ ହୋଇଥିଲେ। ତେବେ ଡାଇଚି ଲଢୁଆ ପ୍ରଦର୍ଶନ କରି ବଜରଙ୍ଗଙ୍କୁ ଅଟକାଇବାକୁ ସକ୍ଷମ ହୋଇଥିଲେ। ଫଳରେ ସେ ଜବରଦସ୍ତ ଚାପର ସମ୍ମୁଖୀନ ହୋଇଥିଲେ। ତେବେ ପରେ ସେ ପ୍ରତ୍ୟାବର୍ତ୍ତନ କରି ଫାଇନାଲ ବାଉଟକୁ ହାତେଇ ନେଇ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ।

ଏଥିସହ ବଜରଙ୍ଗ ତାଙ୍କ ଗୁରୁ ଯୋଗେଶ୍ୱର ଦତ୍ତଙ୍କ ସମକକ୍ଷ ହୋଇଛନ୍ତି। ଗତ ସଂସ୍କରଣରେ ଯୋଗେଶ୍ୱର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୂର୍ବରୁ ୧୯୭୮ ଓ ୧୯୮୬ରେ କରତାର ସିଂ, ୧୯୮୨ରେ ସତ୍‌ପାଲ ସିଂ, ୧୯୭୮ରେ ରାଜିନ୍ଦର ସିଂ, ୧୯୭୦ରେ ଚାଙ୍ଗଡି ରାମ ଓ ୧୯୬୨ରେ ମାରୁତି ମାନେ ଏସିଆଡ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏବେ ବଜରଙ୍ଗ ଏହି ତାଲିକାରେ ସାମିଲ ହେବାର ସୌଭାଗ୍ୟ ଲାଭ କରିଛନ୍ତି।

ଅନ୍ୟ ଭାରତୀୟ ରେସଲର ଅଭିଜ୍ଞ ସୁଶୀଲ କୁମାର (୭୪ କେ.ଜି.), ସନ୍ଦୀପ ତୋମାର (୫୭), ମୌସମ ଖାତ୍ରୀ (୯୭) ଓ ପବନ କୁମାର (୮୬ )ରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଥିଲେ ମଧ୍ୟ ଏମାନେ ଶେଷରେ ବିଫଳ ହୋଇଛନ୍ତି।

# ବନ୍ଦ ହେବ ୨ ହଜାର...

ଉତ୍ତରପ୍ରଦେଶର ଦେଓରିଆସ୍ଥିତ ଏକ ଅଣପଞ୍ଜୀକୃତ ଶିଶୁ ଯତ୍ନ ଅନୁଷ୍ଠାନରେ ୨୪ ଝିଅଙ୍କୁ ଯୌନ ଉତ୍ପୀଡ଼ନ କରାଯାଇଥିବା ଗତ ୫ ତାରିଖରେ ଅଭିଯୋଗ ହୋଇଥିଲା। ଏହାପରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ସମସ୍ତ ସଂସ୍ଥାର ପଞ୍ଜୀକରଣ ନେଇ ସମୀକ୍ଷା କରାଯାଇଥିଲା। ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାନୁସାରେ, ଶିଶୁ ଗୃହ, ପର୍ଯ୍ୟବେକ୍ଷଣ ଗୃହ, ସ୍ୱତନ୍ତ୍ର ଗୃହ, ନିରାପତ୍ତାର ସ୍ଥାନ, ସ୍ୱତନ୍ତ୍ର ପୋଷ୍ୟଗ୍ରହଣ ସଂସ୍ଥା ଓ ମୁକ୍ତ ଆଶ୍ରୟ ଆଦି ସିସିଆଇ ଅନ୍ତର୍ଭୁକ୍ତ। କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ ଅନୁସାରେ ସିଏଆର୍‌ଏ ସହ ସିସିଆଇଗୁଡ଼ିକର ସଂଯୋଗୀକରଣକୁ ବାଧ୍ୟତାମୂଳକ କରାଯାଇଛି। କିଶୋର ନ୍ୟାୟ ଆଇନ ଅନୁସାରେ ଶିଶୁ ଯତ୍ନ କେନ୍ଦ୍ରଗୁଡ଼ିକର ପଞ୍ଜୀକରଣ ୨୦୧୭ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପୂର୍ବରୁ ସୁପ୍ରିମକୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ଦ୍ଦେଶନାମାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯାଇ ପାରିନାହିଁ। ଶିଶୁ ଅଧିକାର ସୁରକ୍ଷା ଜାତୀୟ କମିଶନଙ୍କ ତଥ୍ୟାନୁସାରେ, ଦେଶରେ ସମସ୍ତ ସିସିଆଇରେ ମୋଟ ୨,୩୨,୯୩୭ ଶିଶୁ ଅଛନ୍ତି। ତେବେ ବିନା କାଗଜପତ୍ରରେ ଚାଲିଥିବା ଏଭଳି ଅନୁଷ୍ଠାନଗୁଡ଼ିକରେ ଶିଶୁଙ୍କ ସୁରକ୍ଷାକୁ ନେଇ ବାରମ୍ବାର ପ୍ରଶ୍ନ ଉଠିବା ପରେ ବିଗତ କିଛିଦିନ ମଧ୍ୟରେ ୪୦ଟି ଅଣପଞ୍ଜୀକୃତ ଶିଶୁ ଯତ୍ନ ଗୃହକୁ ବନ୍ଦ କରାଯାଇଛି। ଆଉ କେତେକ ସଂସ୍ଥା ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଯେଉଁ ସଂସ୍ଥାଗୁଡ଼ିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପଞ୍ଜୀକରଣ ନ କରିବେ ସେଗୁଡ଼ିକୁ ବେଆଇନ ଘୋଷଣା କରାଯାଇ ବନ୍ଦ କରାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ବିପର୍ଯ୍ୟୟ ପରେ ...

ହେଉଥିବା ମିଥ୍ୟା ଖବର ପ୍ରତି ସତର୍କ ରହିବା ଲାଗି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

କେରଳ ବିପନ୍ନଙ୍କୁ ସହଯୋଗ କରିବା ଲାଗି ରବିବାର ଭାଟିକାନ୍ ସିଟି ପୋପ୍ ଫ୍ରାନ୍ସିସ୍ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଇଛନ୍ତି। ଏହାସହ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଏବଂ ପ୍ରଭାବିତ ହୋଇଥିବା ଲୋକଙ୍କ ପାଇଁ ସେଣ୍ଟ ପିଟର୍ସ ସ୍କୋୟାର୍‌ରେ ପୋପ୍ ସମୂହ ପ୍ରାର୍ଥନାର ଆୟୋଜନ କରିଥିଲେ।

କେରଳକୁ ରବିବାର ମଧ୍ୟ ଛୁଟିଛି ଚାରିଆଡୁ ସହଯୋଗ। କେରଳ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ପଶ୍ଚିମବଙ୍ଗ ସରକାର ୧୦ କୋଟି ଟଙ୍କା ଦାନ କରିବାକୁ ଘୋଷଣା କରିଥିବାବେଳେ ଜମ୍ମୁ–କଶ୍ମୀର ୨ କୋଟି, ଆନ୍ଧ୍ରପ୍ରଦେଶ ଆଇଏଏସ୍ ସଂଘର ସଦସ୍ୟମାନେ ଦିନକ ଦରମା ଦାନ କରିବାକୁ ଘୋଷଣା କରିଛନ୍ତି। ଅଭିନେତା ଶାହରୁଖ୍ ଖାନଙ୍କ ଜନକଲ୍ୟାଣକାରୀ ସଂସ୍ଥା ୨୧ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛି। ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନ କେରଳବାସୀଙ୍କ ପାଇଁ ଚିନ୍ତାବ୍ୟକ୍ତ କରିବା ସହ ସହଯୋଗର ହାତ ବଢ଼ାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ୟୁଏଇ ପରେ ରବିବାର କାତାର ସରକାର କେରଳ ବିପନ୍ନଙ୍କ ପାଇଁ ୩୪.୮୯ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି।

# ଅତିରିକ୍ତ ୫ କୋଟି ...

**■ ୮ କୋଟି ବ୍ୟୟରେ ୫୦୦ ଏମ୍‌ଟି ପଲିଥିନ୍ ସିଟ୍**
**■ ତାଲିକାରେ ୧୮୭ ନାଁ, ଫୋନ୍ ନମ୍ବର**
**■ ସହାୟତା ପାଇଁ କେରଳ ଏସିଏସ୍‌ଙ୍କୁ ଚିଠି**

ମେଟ୍ରିକ୍ ଟନ୍ (ଏମ୍‌ଟି) ପଲିଥିନ୍ ସିଟ୍ କେରଳକୁ ପଠାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ କିପରି ଭାବେ ସାଧାରଣ ଜନତାଙ୍କୁ କ୍ଷତିଗ୍ରସ୍ତ କରିଥାଏ, ତାହା ଓଡ଼ିଶାବାସୀଙ୍କୁ ଭଲ ଭାବେ ଜଣା। କେରଳ ବନ୍ୟା ପ୍ରପୀଡିତଙ୍କ ପାଇଁ ଓଡ଼ିଶାର ସହାୟତା ହାତ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏସ୍‌ଆରସି, ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଶ୍ରମ ବିଭାଗକୁ ବନ୍ୟାରେ ଫସିଥିବା ଓଡ଼ିଆଙ୍କ ସହାୟତା ପାଇଁ ସଜାଗ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ବନ୍ୟା ବିଭୀଷିକାରେ ଫସିଥିବା ଓଡ଼ିଆଙ୍କ ତାଲିକା ଜାରି କରିଛନ୍ତି ରାଜ୍ୟ ସରକାର। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଏହି ତାଲିକା ପ୍ରକାଶ ପାଇଛି। ଏଥିରେ ୧୮୭ ଓଡ଼ିଆଙ୍କ ନାଁ, ଠିକଣା ଏବଂ ଫୋନ୍ ନମ୍ବର ଜାରି କରାଯାଇଛି। ଏଥିସହିତ ଫସି ରହିଥିବା ଲୋକଙ୍କୁ ସହାୟତା ପ୍ରଦାନ ପାଇଁ କେରଳ ବିପର୍ଯ୍ୟୟ ପ୍ରଶମନ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍)ଙ୍କୁ ଏହି ଚିଠି ଲେଖାଯାଇଛି। କେରଳ ବନ୍ୟା ବିଭୀଷିକାରେ ଓଡ଼ିଆଙ୍କ ଉଦ୍ଧାର ଏବଂ ଆପତକାଳୀନ ସହାୟତା ବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ୟାନ୍ୟ ସାହାଯ୍ୟ ମଧ୍ୟ କରାଯାଇଛି।

ଶନିବାର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସହାୟତା ଦେବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟ ଅଗ୍ନିଶମ ଅଧିକାରୀଙ୍କ ନେତୃତ୍ୱରେ ୨୭୫ ଜଣିଆ ଅଗ୍ନିଶମ ସେବାଦଳକୁ କେରଳ ପଠାଯାଇଛି। ଉକ୍ତ ଦଳ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି। ଉଦ୍ଧାରକାରୀ ଦଳ ସହ ୭୬ଟି ପାୱାରବୋଟ୍, ୪୫ଟି ଟାୱାର ଲାଇଟ, ୨୩୪ଟି ଲାଇଫ ଜ୍ୟାକେଟ, ୧୩୭ ଲାଇଫ୍ ବୋଟ୍, ୩୧ ଲାଇଫ ଲାଇନ, ୩୦ ସ୍ଲିପିଙ୍ଗ ମ୍ୟାଟ୍, ୨ଟି ଏଗ୍ରିନେଟ, ୬ଟି ଟେଣ୍ଟ କଭର, ୨ଟି କମ୍ପ୍ରେସର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ପଠାଯାଇଥିବା ଜଣାପଡିଛି। ବିଶେଷ ତାଲିମ୍‌ପ୍ରାପ୍ତ ୨୪୪ ଅଗ୍ନିଶମ କର୍ମଚାରୀ ୬୫ ଉଦ୍ଧାରକାରୀ ବୋଟ୍ ଦ୍ୱାରା ସହାୟତା କରୁଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଅଗ୍ନିଶମ ବିଭାଗୀୟ ଡିଜି ବି.କେ. ଶର୍ମା ଓଡ଼ିଶା ଉଦ୍ଧାରକାରୀ ଦଳ ବନ୍ୟା ପ୍ରପୀଡିତଙ୍କୁ ସହାୟତା କରୁଥିବାର ଫଟୋ ରବିବାର ନିଜ ଟୁଇଟରରେ ଅପଲୋଡ୍ କରିଛନ୍ତି। ସେହିପରି କେରଳ ବନ୍ୟାରେ ଫସିଥିବା ଓଡ଼ିଆଙ୍କ ଲାଗି ସ୍ୱତନ୍ତ୍ର ରିଲିଫ କମିଶନ(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ହେଲପ୍ ଲାଇନ ନଂ. ୧୦୭୦ ଓ ଦେୟଯୁକ୍ତ ନମ୍ବର ୦୬୭୪–୨୫୩୪୧୭୭ ଜାରି କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — କର୍ମକ୍ଷେତ୍ରରେ ଲାଗି ରହିଥିବା ପ୍ରତ୍ୟେକ ବିବାଦୀୟ ପରିସ୍ଥିତିରେ ଦୃଢ ମୁକାବିଲା କରି ସଫଳତା ହାସଲ କରିପାରିବେ। ପାରିବାରିକ କ୍ଷେତ୍ରରେ ମଧ୍ୟ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ ଓ ପରିବହନରେ ମଧ୍ୟ ଶିଥିଳତା ମାନସିକ ଅଶାନ୍ତିର କାରଣ ହେବ । ହଜିଯାଇଥିବା ଜିନିଷର ସନ୍ଧାନ ପାଇପାରିବେ।

**ବୃଷ** — ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର ମାତ୍ରାକୁ ବଢାଇଦେଇପାରେ। ପଡୋଶୀ,ବନ୍ଧୁ ପରିଜନମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ବନ୍ଧୁଙ୍କ ଜରିଆରେ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ ।

**ମିଥୁନ** — ବନ୍ଧୁମାନଙ୍କ ପରାମର୍ଶକ୍ରମେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଓ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ମଧ୍ୟ ପାଇବେ । ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ନିକଟ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବାରେ ସାମାନ୍ୟ ହଇରାଣ ହରକତ ହେବାକୁ ପଡିପାରେ।

**କର୍କଟ** — ଅଧସ୍ତନ କର୍ମଚାରୀଙ୍କ ସହଯୋଗରୁ ଦୀର୍ଘଦିନର ଆଶା ଫଳବତୀ ହେବାରୁ ମନ ପ୍ରଫୁଲ୍ଲ ହୋଇଯିବ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପଡୋଶୀଙ୍କ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ରପ୍ତାନି ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ଦୃଢ ମନୋବଳ ନେଇ କାମ କରିପାରିବେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ କରି ଉପକୃତ ହେବେ। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ବିବାଦୀୟ ଘଟଣା ଓ ମାମଲାମକଦ୍ଦମାର ସମାଧାନ ହୋଇଯିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ତର୍କବିତର୍କ ଜନିତ ସହକର୍ମୀଙ୍କ ସହ ମନାନ୍ତର ଦେଖା ଦେଇପାରେ।

**ତୁଳା** — ଉନ୍ନତ ଚିନ୍ତା ଓ ପୂର୍ବପରିକଳ୍ପିତ ଯୋଜନା ତଥା ନୂତନ କର୍ମାରମ୍ଭ ଆଜିର ମୁଖ୍ୟ କାର୍ଯ୍ୟ ରହିବ। ପାଖ,ପଡୋଶୀଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** — ପରିଜନମାନଙ୍କ ସହ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ସହକର୍ମୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେଇପାରେ। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସାମାଜିକ ସ୍ତରରେ ବିଳମ୍ବରେ ହେଲେ ମଧ୍ୟ ଅଭୀଷ୍ଟ ସିଦ୍ଧି ଘଟିବ। ବ୍ୟବସାୟ, କଳା, ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** — ପାପଗ୍ରହ ପ୍ରଭାବରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପୁଣି ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ହେତୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପ୍ରଶାସନିକ ସ୍ତରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ସାମାଜିକ କ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ପାରିବାରିକ ସ୍ତରରେ ଅର୍ଥାଭାବ ଯୋଗୁ ବିଚଳିତ ହେବେ।

**ମକର** — ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିର ପରିବେଶ ସୃଷ୍ଟି ହେବ। ପ୍ରିୟଜନଙ୍କ ସହ ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ। ହିତୈଷୀମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ଅବସର ପାଇବେ। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ସୁଦୃଢ ରହିବା ସହ ଆର୍ଥିକ ଉନ୍ନତି ଘଟିପାରେ।

**କୁମ୍ଭ** — କର୍ମଜଞ୍ଜାଳ ବୃଦ୍ଧି ପାଇବା ଜନିତ ମନ ଭଲ ନ ଥିବା କାରଣରୁ ଉଦାସୀନ ରହିପାରନ୍ତି। ସାମାଜିକ ସ୍ତରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପରିବାର ସକାଶେ ଧାର ଉଧାର କରିବାକୁ ପଡିପାରେ। ଧନ୍ଦାମୂଳକ ଶିକ୍ଷାରେ ସଫଳତା ଲାଭ କରିବେ। ଆଜି ଆକସ୍ମିକ ଭାବରେ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ।

**ମୀନ** — କର୍ମକ୍ଷେତ୍ରରେ ମନ କଥା ମନରେ ରଖି କାମ କରିବାକୁ ବାଧ୍ୟ ହୋଇପାରନ୍ତି। କେତେକ କ୍ଷେତ୍ରରେ ମଧ୍ୟ ହାତପାହାନ୍ତାରେ ସୁଯୋଗ ପାଇଲେ ମଧ୍ୟ ତାହାର ସଦ୍ ବ୍ୟବହାର କରିପାରିବେନାହିଁ। ରାଜନୈତିକ ସ୍ତରରେ ହଠାତ୍ ବିରାଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ଦଶମୀ ସୋମବାର, ଅଗଷ୍ଟ ୨୦ ତାରିଖ, ବିଶ୍ୱ ମଶକ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଓ ସଦ୍‌ଭାବନା ଦିବସ , ରାଶି ନକ୍ଷତ୍ର–ଜ୍ୟେଷ୍ଠା/ବିଛା, ମିଥୁନ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୦ମି. ମଧ୍ୟେ, ଘ୧।୫୦ମି. ଗତେ, ଘ୨।୪୩ମି. ମଧ୍ୟେ, ଘ୪।୪୩ମି. ଗତେ, ଘ୬।୨୨ମି. ମଧ୍ୟେ ଅମୃତବେଳା, ସକାଳ ଘ୮।୨୮ମି. ଗତେ, ଘ୧୦।୦୨ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୭।୦୬ମି. ଗତେ, ଘ୮।୪୧ମି. ମଧ୍ୟେ ରାହୁକାଳ।



ଉତ୍ତରପ୍ରଦେଶ ସୀତାପୁର ଜିଲାଠାରୁ ୭୦ କିଲୋମିଟର ଦୂରରେ ଥିବା ଅଟବା କୁରସଠ ଗାଁରେ ଏକ ମନ୍ଦିର ରହିଛି। ଏହି ମନ୍ଦିରରେ ମାଙ୍କଡ଼ମାନଙ୍କୁ ମଦ ପିଇବାକୁ ଦିଆଯିବା ପରମ୍ପରା ରହିଛି। ଏଠାରେ କୌଣସି ପୂଜାରୀ ନ ଥା'ନ୍ତି ମନ୍ଦିରରେ କବାଟ ଝରକା ମଧ୍ୟ ନାହିଁ। ଏଠାକୁ ଆସୁଥିବା ଭକ୍ତମାନେ ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ ମନ୍ଦିରରେ ମଦ ଭୋଗ ଲଗାଇଥା'ନ୍ତି। ମନସ୍କାମନା ପୂରଣ ଲାଗି ଶିବଲିଙ୍ଗ ଉପରେ ମଦ ଅର୍ପଣ କରାଯାଏ। ଏହାକୁ ମାଙ୍କଡ଼ ପିଇଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ରହିଛି ବିଶ୍ୱାସ। ଏଠାରେ ମଦ ଓ ଲିଆ ଭୋଗ ଲାଗି କରାଯାଏ।



## ସଂକ୍ଷେପରେ

### ମହାସମାବେଶ କରିବ ମିଳିତ ମଞ୍ଚ

ଭୁବନେଶ୍ୱର, ୧୯।୮(ବ୍ୟୁରୋ): ମଙ୍ଗଳବାର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ସ୍କୁଲ କଲେଜ ବନ୍ଦ କରି ବ୍ଲକଗ୍ରାଣ୍ଟ୍ ଶିକ୍ଷକ ଏବଂ ଅଧ୍ୟାପକମାନେ ଆସି ଲୋୟର ପିଏମ୍‌ଜିରେ ମହାସମାବେଶ କରିବେ ବୋଲି ମିଳିତ ମଞ୍ଚର ତିନି ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲୋକ ନାୟକ ଏବଂ ପବିତ୍ର ମହାଲା କହିଛନ୍ତି। ଦୁଇ ଦଫା ଦାବି ନେଇ ଶିକ୍ଷକମାନେ ୪ଦିନ ହେଲା ବିଧାନସଭା ସମ୍ମୁଖରେ ଧାରଣାରେ ବସିଛନ୍ତି । ଚାକିରି ସର୍ତ୍ତାବଳୀ ଏବଂ ପୂର୍ଣ୍ଣ ଅନୁଦାନ ଭଳି ଦାବିଗୁଡିକ ପୂରଣ କରିବା ପାଇଁ ସରକାର ମିଳିତ ମଞ୍ଚକୁ ବାରମ୍ବାର ପ୍ରତିଶ୍ରୁତି ଦେଇ ପୂରଣ କରି ନାହାନ୍ତି। ଫଳରେ ମିଳିତ ମଞ୍ଚ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇଛି ବୋଲି ୬୬୨ ବର୍ଗ କଲେଜ ଅଧ୍ୟାପକ ସଂଘର କୋଷାଧ୍ୟକ୍ଷ ରଞ୍ଜନ କୁମାର ପ୍ରଧାନ କହିଛନ୍ତି। ଧାରଣାରେ ୪୮୮ ବର୍ଗ କଲେଜ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଅଟଳ ବିହାରୀ ବଳ, କୋଷାଧ୍ୟକ୍ଷ ସୁକାନ୍ତ ଦାଶ, ୬୬୨ ବର୍ଗ କଲେଜ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଗଗନ ବେଉରା, ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ଶିକ୍ଷକ, ଅଧ୍ୟାପକ ସାମିଲ ହୋଇଛନ୍ତି।

# ଆଗୁଆ ପ୍ରାର୍ଥୀ ଘୋଷଣା ପାଇଁ ତତ୍ପର

ଭୁବନେଶ୍ୱର,୧୯।୮(ବ୍ୟୁରୋ)



ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂହ।

- ୧୫ଦିନ ଭିତରେ ପ୍ରକାଶ ପାଇବ ୫୦ପ୍ରାର୍ଥୀ ତାଲିକା
- ପ୍ରସଙ୍ଗ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିପାରୁ ନାହିଁ ପିସିସି
- ବୈଠକରେ କାହ୍ନୁ କାଢ଼ିଲେ କେଁ
- ଖଣି ଦୁର୍ନୀତିର ନାଁ ଧରୁନାହାନ୍ତି ନେତୃବୃନ୍ଦ

ଆସନ୍ତା ୧୫ଦିନ ମଧ୍ୟରେ କଂଗ୍ରେସ ପକ୍ଷରୁ ୫୦ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ସୋମବାରରୁ ହେବାକୁ ଥିବା ଦୁଇଦିନିଆ ନିର୍ବାଚନୀ କମିଟି ବୈଠକରେ ଏନେଇ ଚୂଡାନ୍ତ ଆଲୋଚନା କରାଯିବ। ନବଗଠିତ ପିସିସି କମିଟି ପୁନର୍ଗଠନ ପରେ ବସିଥିବା ପ୍ରଥମ ବୈଠକରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂହ ଏହି ସୂଚନା ଦେଇଛନ୍ତି। ଅପରପକ୍ଷରେ ଉକ୍ତ ବୈଠକ ଦାମୀ ହୋଟେଲରେ ଆୟୋଜନ କରାଯିବାକୁ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା ପ୍ରଶ୍ନ ଉଠାଇଥିବା ଜଣାପଡିଛି। ଦଳୀୟ ପାଣ୍ଠି ଅଭାବ ସମୟରେ ଏଭଳି ଆୟୋଜନକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ନାପସନ୍ଦ କରିଛନ୍ତି। ଏପରି ଆୟୋଜନ କଂଗ୍ରେସର ପରମ୍ପରା ନୁହେଁ ବୋଲି କାହ୍ନୁ କହିଛନ୍ତି। ପରେ ଆଉ ଦୁଇ ସଦସ୍ୟ ବର୍ତ୍ତମାନର ଆବଶ୍ୟକତା ଏବଂ ରାଜଧାନୀ ଦିଲ୍ଲୀରେ ଭାଜପା କାର୍ଯ୍ୟାଳୟର ଉଦାହରଣ ଦେଇଥିଲେ। ଏଥିରେ ଲେଙ୍କା ନିଜ ମତ ଫେରାଇ ନେଇଥିଲେ ଏବଂ ଏନେଇ ଚାଲିଥିବା ଆଲୋଚନା ଥମି ଯାଇଥିଲା। ଅନ୍ୟପଟେ ଦଳ ପକ୍ଷରୁ ଆୟୋଜିତ ବୈଠକରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଥମଥର ରାଜ୍ୟରେ କେତେ କଂଗ୍ରେସ କର୍ମୀ ରହିଛନ୍ତି ସେମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯିବ। ରାଜ୍ୟରେ ଥିବା କଂଗ୍ରେସ କର୍ମୀମାନଙ୍କ ଭୋଟର୍ ନମ୍ବର ଏକ ନମ୍ବରକୁ ମେସେଜ୍ କରାଯିବ। ଯାହା ଫଳରେ ସେହି ବ୍ୟକ୍ତିର ସମ୍ପୂର୍ଣ୍ଣ ତଥ୍ୟ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ନିକଟରେ ରହିପାରିବ। ଦଳର ହାଇକମାଣ୍ଡ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ସିଧାସଳଖ କର୍ମୀଙ୍କ ସହ ଯୋଡିହେବା ପାଇଁ ଏହି ବ୍ୟବସ୍ଥା କରିଥିବା ଜଣାପଡିଛି। ଏହାସହ ରାଜସ୍ଥାନରୁ ଆସିଥିବା ଏକ ଟିମ୍ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ଜରିଆରେ ମୋ ବୁଥ୍ ମୋ ଗୌରବ କାର୍ଯ୍ୟକ୍ରମର ଏକ ଚିତ୍ର ପ୍ରଦର୍ଶନ କରିଥିଲେ। ଆଗକୁ ଏହି କାର୍ଯ୍ୟକ୍ରମକୁ ବୁଥ୍‌ସ୍ତରରେ ସକ୍ରିୟ କରିବାକୁ ନିଷ୍ପତ୍ତି ନିଆଯାଇଛି।

ନୂତନ ପିସିସି କାର୍ଯ୍ୟକର୍ତ୍ତା ଘୋଷଣା ପରେ ଦଳ କେଉଁ ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯିବ, ସେ ନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ରାଫେଲ ଦୁର୍ନୀତି ଏକ ଜାତୀୟ ପ୍ରସଙ୍ଗ। ହେଲେ ରାଜ୍ୟରେ ଏହି ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢିବା ଫଳପ୍ରଦ ହେବନାହିଁ ବୋଲି ଅନେକେ ମତ ରଖିଛନ୍ତି। ରାଫେଲ ଦୁର୍ନୀତି ପରି ରାଜ୍ୟରେ ଦୁଇ ଦଶନ୍ଧି ମଧ୍ୟରେ ଖଣି ଦୁର୍ନୀତିକୁ ପ୍ରମୁଖ ପ୍ରସଙ୍ଗ କରିବା ପାଇଁ ଅନେକେ ଚାହୁଁଛନ୍ତି। ହେଲେ ବର୍ତ୍ତମାନର ରାଜ୍ୟ ନେତୃତ୍ୱ ଏବଂ ପ୍ରଭାରୀ ଏଥିରେ ଅନ୍ତରାୟ ସାଜିଥିବା ଜନୈକ ପିସିସି ସମ୍ପାଦକ ନିଜ ନାମ ଗୋପନ ରଖି କହିଛନ୍ତି। ଖଣି ଦୁର୍ନୀତି କାରଣରୁ ରାଜ୍ୟ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇଛି। କିଛିବର୍ଷ ପୂର୍ବେ ଶାହ କମିଶନ ଏ ସଂକ୍ରାନ୍ତ ରିପୋର୍ଟ ମଧ୍ୟ ପ୍ରଦାନ କରିସାରିଛି। ମାତ୍ର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ଏପରି ଏକ ପ୍ରମୁଖ ପ୍ରସଙ୍ଗରୁ ପିସିସି ନିଜକୁ ଦୂରେଇ ରଖିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦାୟିତ୍ୱ ନେବାର ସାଢେ ତିନିମାସ ପରେ ନୂତନ ପିସିସି କମିଟି ଘୋଷଣା କରାଯାଇଛି। କିଛିଦିନ ତଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଆଗମନ ନେଇ ଚର୍ଚ୍ଚା ହେଉଥିଲା। ମାତ୍ର ରବିବାର ବୈଠକରେ ରାହୁଲଙ୍କ ଗସ୍ତ ନେଇ ସେପରି କୌଣସି ସୂଚନା ମିଳିନାହିଁ। ତେଣୁ ନିଜ ଦଳର ସର୍ବୋଚ୍ଚ ନେତାଙ୍କ ଗସ୍ତକୁ ନେଇ ପ୍ରଦେଶ କଂଗ୍ରେସ ଦିଶାହୀନ ଥିବା ପରି ମନେହେଉଛି। ଅପରପକ୍ଷରେ ବିଗତ ନିର୍ବାଚନଗୁଡିକରେ ପ୍ରାୟ ୫୦ହଜାର ଭୋଟ ପାଇଥିବା ନେତାଙ୍କୁ ଦଳ ଟିକେଟ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ସୋମବାର ପିଇସି(ପ୍ରଦେଶ ଇଲେକ୍ସନ୍ କମିଟି)ରେ ଏନେଇ ଆଲୋଚନା କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ପ୍ରଚାର କମିଟି ବୈଠକ ମଧ୍ୟ ହେବାକୁ ଥିବା ଜଣାପଡିଛି।

# ଥାନାକୁ ନିମନ୍ତ୍ରିତ ହେବେ ଛାତ୍ରୀଛାତ୍ର

କଟକ ଅଫିସ, ୧୯।୮

### ଆରମ୍ଭ ହେବ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମ

ନିକଟରେ ରାଜଧାନୀରେ ଟ୍ରାଫିକ ପୋଲିସ ଏବଂ ଜଣେ ମହିଳା ମୁହାଁମୁହିଁ ହେବା ଯୋଗୁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏଭଳି ପରିସ୍ଥିତି ରୋକିବା ପାଇଁ ତତ୍ପରତା ଦେଖାଇଛି କମିଶନରେଟ ପୋଲିସ। ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ କହିବା ଅନୁଯାୟୀ, ଟ୍ରାଫିକ ନିୟମ ନ ମାନି ଯୁକ୍ତିତର୍କ କରୁଥିବା ବ୍ୟକ୍ତିମାନଙ୍କ ସଂଖ୍ୟା ଖୁବ୍ କମ୍। କିନ୍ତୁ ଟ୍ରାଫିକ୍ ଓ ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ଭୂମିକା, କାର୍ଯ୍ୟ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ପୋଲିସ ପକ୍ଷରୁ ଅନେକ ସମୟରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଖୁବ୍‌ଶୀଘ୍ର ଆରମ୍ଭ ହେବ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମ। ରବିବାର କଟକରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କମିଶନର ମହାନ୍ତି ଏହି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର କମିଶନରେଟ ପୋଲିସ ଅଧୀନ ସବୁ ଥାନାରେ ଆରମ୍ଭ ହେବ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମ। ଏହା କିଭଳି ଫଳପ୍ରଦ ହେବ ସେନେଇ ପ୍ରାଥମିକ ଭାବେ କଟକ, ଭୁବନେଶ୍ୱରର କେତେଜଣ ଥାନା ଅଧିକାରୀଙ୍କ ସହ ଆଲୋଚନା ହୋଇଛି। କାର୍ଯ୍ୟକ୍ରମର ଯୋଜନା ଅନୁଯାୟୀ ପ୍ରତି ଥାନା ଅଧିକାରୀ ତାଙ୍କ ଅଞ୍ଚଳର ସ୍କୁଲ ଏବଂ ଜୁନିୟର କଲେଜ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଦିନ ଥାନାକୁ ନିମନ୍ତ୍ରଣ କରିବେ। ଜଣେ ଶିକ୍ଷକ କିମ୍ବା ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ରମାନେ ଥାନା ବୁଲିବାକୁ ଆସିବେ। ଥାନାରେ ସେମାନଙ୍କ ଉପସ୍ଥିତିରେ ପୋଲିସ କିଭଳି ସମାଜରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କାମ କରୁଛି ତାହାର ଭିଡିଓ ଚିତ୍ର ପ୍ରଦର୍ଶିତ କରାଯିବ। ଥାନାରେ ଜଣେ ବ୍ୟକ୍ତି କିପରି ଅଭିଯୋଗ ଦିଏ ଏବଂ ତାହା କିଭଳି ପଞ୍ଜୀକୃତ ହୁଏ ସେନେଇ ପିଲାଙ୍କୁ ଜଣାଯିବ। ସେହିପରି ବିଭିନ୍ନ ଅପରାଧରୁ କିଭଳି ଦୂରେଇ ରହିବେ ଏବଂ କୌଣସି ଅପରାଧ ସମ୍ପର୍କରେ ନିଜ ଶିକ୍ଷକ କିମ୍ବା ନିକଟସ୍ଥ ଥାନାକୁ ଜଣାଇବେ ସେସବୁ ବିଷୟରେ କୁହାଯିବ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଉପହାର ମଧ୍ୟ ଦିଆଯିବାର ବ୍ୟବସ୍ଥା ହେବ।

ଏବିଷୟରେ ପୂର୍ବତନ ପୋଲିସ ଡିଜି ଗୋପାଳ ନନ୍ଦ କହିଛନ୍ତି, ବେଶ୍ ଭଲ ଯୋଜନା। ଛାତ୍ରଜୀବନରୁ ହିଁ ଜଣେ ଜାଣିପାରିବ ସମାଜରେ ଆଇନଶୃଙ୍ଖଳା ରକ୍ଷା କରିବାକୁ ପୋଲିସ କିଭଳି କାମ କରୁଛି। ଏଥିସହ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କୁ ଅପରାଧପ୍ରବଣ ମାନସିକତାରୁ ବହୁମାତ୍ରାରେ ଦୂରେଇ ରଖିପାରିବ ଆଶା କରାଯାଇପାରିବ।

# କଂଗ୍ରେସର ଆଗୁଆ ପ୍ରାର୍ଥୀ ଘୋଷଣାକୁ ଭାଜପାର ସମାଲୋଚନା

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ସାଧାରଣ ନିର୍ବାଚନକୁ ପାଖାପାଖି ୮ ମାସ ସମୟ ରହିଛି। ଏହାର ଯଥେଷ୍ଟ ପୂର୍ବରୁ ପ୍ରଦେଶ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବ ବୋଲି ଘୋଷଣା କରିଛି। ଏହାକୁ ନେଇ କଂଗ୍ରେସ ଶିବିରରେ ଉତ୍ସାହ ଥିବା ବେଳେ ଭାଜପା ଏହାକୁ ସମାଲୋଚନା କରିଛି। ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ରାଜ୍ୟରେ ବିଜେଡିର ଆଶାବାଡି ହେଉଛି କଂଗ୍ରେସ। ଉଭୟ ଦଳର ସହମତିରେ ଆଗୁଆ ପ୍ରାର୍ଥୀ ଘୋଷଣା କରାଯାଉଛି। ଫଳରେ ନିର୍ବାଚନ ସମୟରେ ଫିକ୍ସିଂ କରିହେବ। ହେଲେ ରାଜ୍ୟବାସୀ ଠିକଣା ସମୟରେ ଉଭୟ କଂଗ୍ରେସ ଏବଂ ବିଜେଡିକୁ ଜବାବ ଦେବେ ବୋଲି ସମୀର କହିଛନ୍ତି।

ବିଜେଡି ନେତା ତଥା ସମବାୟ ମନ୍ତ୍ରୀ କିନ୍ତୁ ଭିନ୍ନ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଦଳ ଆଗୁଆ ପ୍ରାର୍ଥୀ ଘୋଷଣା କରୁ କି ନିର୍ବାଚନ ସମୟରେ, ତାହା ସେମାନଙ୍କର ଦଳୀୟ ବ୍ୟାପାର। ସେଥିରେ ମନ୍ତବ୍ୟ ଦେବା ଉଚିତ ହେବ ନାହିଁ। ହେଲେ ବିଜେଡି ରଣନୀତି ସମ୍ପର୍କରେ ପଚାରିବାରୁ ସୂର୍ଯ୍ୟ କହିଛନ୍ତି ଯେ, ଦଳ ତୃଣମୂଳରେ ଲୋକଙ୍କ ସହ ରହିଆସିଛି। ଜିଲାୱାରି ଏବଂ ସ୍ଥଳ ବିଶେଷରେ ନିର୍ବାଚନ ମଣ୍ଡଳୱାରି ପ୍ରଭାରୀ ନିଯୁକ୍ତ ହୋଇଛନ୍ତି। କେଉଁ ସ୍ଥାନରୁ କାହାକୁ ପ୍ରାର୍ଥୀ କଲେ ଦଳକୁ ସୁଫଳ ମିଳିବ, ତାହା ନେତୃତ୍ୱ ବିଚାର କରିବେ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଉପଯୁକ୍ତ ସମୟରେ ଟିକେଟ ଦେବେ।

କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର ଭାଜପାର ଆରୋପକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, କିଏ କାହାର ଆଶାବାଡି କିଛିଦିନ ତଳେ ପ୍ରମାଣିତ ହୋଇସାରିଛି। ବିଜେଡି-ଭାଜପାର ରାଜନୈତିକ ମଧୁଚନ୍ଦ୍ରିକା କାହାକୁ ଅଛପା ନାହିଁ। କଂଗ୍ରେସର ଫଳାଫଳ ଆଗାମୀ ବିଧାନସଭା ନିର୍ବାଚନରେ ନିର୍ଣ୍ଣାୟକ ହେବ। ଏଥିରେ ସନ୍ଦେହ ନାହିଁ। ସାରା ଦେଶରେ କଂଗ୍ରେସ ଏବଂ ରାହୁଲ ଗାନ୍ଧୀଙ୍କ ପ୍ରତି ସମର୍ଥନ ବୃଦ୍ଧି ପାଉଛି।

# ପୁରୀରୁ ଆସିଥିବା ପଦଯାତ୍ରୀଙ୍କୁ ଭେଟିଲେନି ମୁଖ୍ୟମନ୍ତ୍ରୀ

### ରତ୍ନଭଣ୍ଡାର ଯାଞ୍ଚ ପ୍ରସଙ୍ଗ

- ଆଇନମନ୍ତ୍ରୀଙ୍କୁ ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)



ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ପଦଯାତ୍ରୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଶ୍ରୀମନ୍ଦିର ରତ୍ନଭଣ୍ଡାରର ସୁରକ୍ଷା ଏବଂ ଯାଞ୍ଚ ରିପୋର୍ଟକୁ ସାର୍ବଜନୀନ କରିବା ସହ ଅନ୍ୟାନ୍ୟ ଦାବିରେ ଜଗନ୍ନାଥ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ଗୁରୁବାର ଦିନ ସିଂହଦ୍ୱାରରୁ ଆରମ୍ଭ ହୋଇଥିବା ପଦଯାତ୍ରା ରବିବାର ଭୁବନେଶ୍ୱରରେ ପହଞ୍ଚିଛି। ପଦଯାତ୍ରୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ଚାହିଁଥିବା ବେଳେ ଏହା ସମ୍ଭବ ହୋଇପାରି ନାହିଁ । ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସାକ୍ଷାତ କରିବାକୁ କୁହାଯାଇଥିଲା। ଫଳରେ କର୍ମକର୍ତ୍ତା ମାନେ ଆଇନମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ କରିବା ପରେ ପରିଷଦର ଆବାହକ ଅନୀଲ ବିଶ୍ୱାଳ ଗଣମାଧ୍ୟମକୁ କହିଛନ୍ତି ଯେ, ଏହି ପଦଯାତ୍ରା ଜରିଆରେ ଯେଉଁ ଚାରୋଟି ଦାବି ଉତ୍ଥାପନ କରାଯାଇଥିଲା ଆଇନ ମନ୍ତ୍ରୀଙ୍କ ନିକଟରୁ ସେ ନେଇ କୌଣସି ଉତ୍ତର ମିଳିନାହିଁ। ମନ୍ତ୍ରୀଙ୍କ କଥାରୁ ଲାଗିଲା କୌଣସି କାରଣ ପାଇଁ ରତ୍ନଭଣ୍ଡାରର ଅଡିଟ କରିବାକୁ ସରକାର ଇଚ୍ଛା ପ୍ରକାଶ କରୁନାହାନ୍ତି । ରତ୍ନ ଭଣ୍ଡାରର ସମ୍ପତ୍ତି ଅଛି ନା ନାହିଁ ସେ ନେଇ ଲୋକଙ୍କ ମନରେ ଯେଉଁ ସନ୍ଦେହ ସୃଷ୍ଟି ହୋଇଛି ତାହା ଆହୁରି ଘନୀଭୂତ ହେଉଛି ବୋଲି ବିଶ୍ୱାଳ କହିଛନ୍ତି । ରାଉରକେଲାର ସାଧାରଣ ସମସ୍ୟାକୁ ନେଇ ଭେଟିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମୟ ଦେଉଥିବା ବେଳେ ସାଢେ ଚାରି କୋଟି ଓଡିଆ ଓ କୋଟି କୋଟି ହିନ୍ଦୁଙ୍କର ଭାବାବେଗ ସହିତ ଜଡିତ ରତ୍ନଭଣ୍ଡାର ବିଷୟରେ ଦାବିପତ୍ର ନେବା ପାଇଁ ମୁଖ୍ୟମନ୍ତ୍ରୀ ସମୟ ନ ଦେବା ଦୁର୍ଭାଗ୍ୟଜନକ । ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସେ କହିଛନ୍ତି। ସରକାରଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ କୁହାଯାଇଛି ଯେ, ରହସ୍ୟମୟ ଭାବେ ରତ୍ନଭଣ୍ଡାରର ଚାବି ହଜିବା ଓ ପରେ ଡୁପ୍ଲିକେଟ ଚାବି ମିଳିବା ଦ୍ୱାରା ରତ୍ନଭଣ୍ଡାରରେ ଥିବା ସମ୍ପତ୍ତି ନେଇ ରାଜ୍ୟବାସୀଙ୍କ ମନରେ ସନ୍ଦେହ ଦେଖାଦେଇଛି । ତେଣୁ ରତ୍ନ ଭଣ୍ଡାର ଖୋଲିବା ସହ ଏଥିରେ ଥିବା ସୁନା, ରୁପା ଏବଂ ମୂଲ୍ୟବାନ ମଣି ମୁକ୍ତା ସବୁ ସୁରକ୍ଷିତ ଅଛି କି ନାହିଁ ତାହା ସ୍ପଷ୍ଟ କରାଯାଉ । ସେହିପରି ନବକଳେବର ବେଳେ ଘଟିଥିବା ବ୍ରହ୍ମ ବିଭ୍ରାଟ ଯାହା କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଥିଲା ସେହି ରିପୋର୍ଟକୁ ସାର୍ବଜନୀନ କରିବା, ସୁପ୍ରିମକୋର୍ଟରେ ଜଗନ୍ନାଥ ମନ୍ଦିରକୁ ନେଇ ଚାଲିଥିବା ମାମଲାରେ ରାଜ୍ୟ ସରକାର ନିଜର ମତ କ'ଣ ରଖିବେ ତାହା ପ୍ରଥମେ ରାଜ୍ୟବାସୀଙ୍କ ଆଗରେ ପ୍ରକାଶ କରନ୍ତୁ। ଶ୍ରୀମନ୍ଦିରରେ ସେବାୟତ ନିଯୋଗମାନଙ୍କର ଥିବା ବଂଶାନୁକ୍ରମିକ ସମସ୍ତ ପାରମ୍ପରିକ ସେବାକୁ ଅକ୍ଷୁଣ୍ଣ ରଖାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

# ଶାସକ ଦଳ ନେତାଙ୍କ ସହ ଆପରାଧିକ ଲିଙ୍କ୍‌କୁ ନେଇ ଘେରିବେ ବିରୋଧୀ

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ବିଧାନସଭା ମୌସୁମୀ ଅଧିବେଶନ ଆସନ୍ତା ମାସ ୪ତାରିଖରୁ ଆରମ୍ଭ ହେବ। ଏନେଇ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କ ଅନୁମୋଦନ ମିଳିବା ପରେ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ନିର୍ବାଚନକୁ ଆଉ କମ୍ ସମୟ ରହିଥିବାରୁ ଏହି ଅଧିବେଶନ ବହୁ ଗୁରୁତ୍ୱପୂର୍ଣ୍ଣ ରହିବ। ଏଥିପାଇଁ ସବୁ ରାଜନୈତିକ ଦଳଗୁଡିକ ନିଜର ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛନ୍ତି। ଶାସକ ଦଳ ପାଇଁ ଏହି ଅଧିବେଶନ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। କେତେ ଗୁଡିଏ ନୂତନ ବିଲ୍ ଆଣିବା ପାଇଁ ଶାସକ ଦଳ ଯୋଜନା କରିଛି। ଏହାସହ ବିଧାନ ପରିଷଦ ଗଠନ ପାଇଁ ବିଧାନସଭାରେ ପ୍ରସ୍ତାବ ଅଣାଯିବ ବୋଲି ଜଣେ ଶାସକ ଦଳ ବିଧାୟକ ମତ ରଖିଛନ୍ତି। ଅପରପକ୍ଷରେ ବିରୋଧୀଙ୍କ ଲାଗି ମଧ୍ୟ ଏହି ଅଧିବେଶନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। କିଛି ସମୟ ବର୍ଷାରେ ରାଜଧାନୀ ଭୁବନେଶ୍ୱର ଏବଂ ଅନ୍ୟ ଜିଲାଗୁଡିକରେ ସୃଷ୍ଟି ହେଉଥିବା ବନ୍ୟା ପରିସ୍ଥିତି ନେଇ ଶାସକ ଦଳକୁ କଂଗ୍ରେସ ଟାର୍ଗେଟ କରିବ। ଆସନ୍ତା ମାସ ୩ତାରିଖରେ କଂଗ୍ରେସ ବିଧାୟକ ଦଳ ବୈଠକ ବସିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଥିବା ବେଳେ ଭାଜପା ମଧ୍ୟ ଚିଟୋ ଲିଙ୍କ୍ ଏବଂ ବ୍ଲାକ୍‌ରୋଜ ଜାହାଜ ବୁଡି ଘଟଣାରେ ଶାସକ ଦଳ ନେତାଙ୍କ ସମ୍ପୃକ୍ତି କଥାକୁ ଜୋର୍‌ଦାର୍ ଭାବେ ଉଠାଇବ ବୋଲି ଜଣାପଡିଛି। ଆସନ୍ତା ମାସ ୨ତାରିଖରେ ଭାଜପା ବିଧାୟକ ଦଳ ବୈଠକ ହେବ ବୋଲି ଜଣାପଡ଼ିଛି।




B-61 & 62, 1st floor, Near Durga Mandap, Saheed Nagar, Bhubaneswar.


# ସୁପ୍ରିମ୍‌କୋର୍ଟରେ ପକ୍ଷ ରଖିଲେ ରାଜ୍ୟ ସରକାର

ଭୁବନେଶ୍ୱର,୧୯।୮(ବ୍ୟୁରୋ)

### ପୋଲାଭରମ୍ ପ୍ରକଳ୍ପ

- ସେପ୍ଟେମ୍ବର ୬ରେ ପରବର୍ତ୍ତୀ ଶୁଣାଣି
- ୧୪୨୭ ପୃଷ୍ଠା ସମ୍ବଳିତ ତଥ୍ୟ ଉପସ୍ଥାପନ

ଇନ୍ଦିରାସାଗର ପୋଲାଭରମ୍ ବହୁମୁଖୀ ଜଳସେଚନ ପ୍ରକଳ୍ପ ମାମଲାରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିଛନ୍ତି। ଅଗଷ୍ଟ ତୃତୀୟ ସପ୍ତାହରେ ପ୍ରକଳ୍ପ ସମ୍ବନ୍ଧୀୟ ୧୪୨୭ ପୃଷ୍ଠା ସମ୍ବଳିତ ୧୩୬ଟି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରାଜ୍ୟ ପକ୍ଷରୁ ରଖାଯାଇଥିବା ସୂତ୍ରରୁ ପ୍ରକାଶ। ଏହି ତଥ୍ୟ ମଧ୍ୟରେ ରାଜ୍ୟ ସରକାର ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟାଦେଶ, ଆନ୍ଧ୍ର-ଓଡ଼ିଶା ମଧ୍ୟରେ ହୋଇଥିବା ଚିଠି ପତ୍ର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କେନ୍ଦ୍ର ଏବଂ ବିଭାଗୀୟ ମନ୍ତ୍ରଣାଳୟକୁ ଲେଖାଯାଇଥିବା ଚିଠି ରହିଛି। ଆସନ୍ତା ସେପ୍ଟେମ୍ବର ୬ରେ ସର୍ବୋଚ୍ଚ ନ୍ୟାୟାଳୟରେ ଏହି ମାମଲାର ଶୁଣାଣି ପାଇଁ ଦିନଧାର୍ଯ୍ୟ କରାଯାଇଛି। ଗତ ୨ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରକଳ୍ପ ସମ୍ବନ୍ଧରେ ଓଡ଼ିଶାକୁ ଦୁଇ ସପ୍ତାହ ମଧ୍ୟରେ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାକୁ ବାଦ୍ ଦେଲେ ଆନ୍ଧ୍ରପ୍ରଦେଶ, କର୍ନାଟକ, ଛତିଶଗଡ, ମହାରାଷ୍ଟ୍ର ଏବଂ ତେଲେଙ୍ଗାନାକୁ ମଧ୍ୟ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ପ୍ରକାଶ ଯେ, ଓଡ଼ିଶା ଦ୍ୱାରା ଆନ୍ଧ୍ରପ୍ରଦେଶ ବିରୋଧରେ କରାଯାଇଥିବା ମୂଳ ମାମଲାକୁ ଭିତ୍ତିକରି ସୁପ୍ରିମକୋର୍ଟ ଜଷ୍ଟିସ୍ ଦୀପକ ଗୁପ୍ତା ଏବଂ ମଦନ ବି ଲୋକୁରଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୩ ପ୍ରଶ୍ନ ପଚାରିଥିଲେ। ପ୍ରକଳ୍ପ ପୂର୍ବରୁ ଓଡ଼ିଶା, ଛତିଶଗଡ ଏବଂ ତେଲେଙ୍ଗାନାଙ୍କୁ ପକ୍ଷକୁ ନିଆଯାଇନାହିଁ। ସେ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଅନୁସନ୍ଧାନ କରୁଥିବା ଜଣାପଡିଛି। ଏମିତି ପ୍ରକଳ୍ପ ନିର୍ମାଣ ପୂର୍ବରୁ ପ୍ରଭାବିତ ଅଞ୍ଚଳରେ ଗ୍ରାମସଭା ଅଥବା ଜନଶୁଣାଣି କରାଯାଇଛି ନା ନାହିଁ, ସେ ସମ୍ପର୍କରେ ମଧ୍ୟ ସୁପ୍ରିମ୍‌କୋର୍ଟ ଅନୁଧ୍ୟାନ କରିବେ ବୋଲି ଜଣାପଡିଛି।









ପାରିହା ବା ମେହେନ୍ତର ଶ୍ରେଣୀର ଜଣେ ଆଧ୍ୟାତ୍ମିକ ବା ସଂସ୍କୃତିବନ୍ତ ମଣିଷ, ଆଧ୍ୟାତ୍ମିକ ମୂଲ୍ୟ ଅନୁସାରେ ଜଣେ ଅଣଆଧ୍ୟାତ୍ମିକ ଓ ସାଂସାରିକ ଲୋକ ଅଥବା ଜଣେ ସ୍ଥୂଳଚିତ୍ତ। ସଂସ୍କୃତିହୀନ ବ୍ରାହ୍ମଣଠାରୁ ମହତ୍ତର। ଜନ୍ମର ମହତ୍ତ୍ୱ ରହିଛି। କିନ୍ତୁ ସାରସତ୍ତ୍ୱ ରହିଛି ସ୍ୱୟଂ ମନୁଷ୍ୟ ଭିତରେ – ଅନ୍ତରାଳରେ ଥିବା ଆତ୍ମା ଭିତରେ ଏବଂ ତା ପ୍ରକୃତିରେ ଅଭିବ୍ୟକ୍ତି ଭିତରେ।

–ଶ୍ରୀଅରବିନ୍ଦ



# ଜଳରେ ବୁଡ଼ିଛି କେରଳ

ପ୍ରକୃତି କ୍ରୋଧର ସଦ୍ୟ ଶିକାର ହୋଇଛି କେରଳ। ଭାରତର ଭୌଗୋଳିକ ସ୍ଥିତି ଦେଖିଲେ ମୌସୁମୀ ପ୍ରଥମେ ଏହି ରାଜ୍ୟକୁ ଛୁଇଁଥାଏ। ସେଥିପାଇଁ ଏହି ସମୟରେ କେରଳ ସବୁଜିମାରେ ଭରି ହୋଇଯାଇଥାଏ। କିନ୍ତୁ ଚଳିତବର୍ଷର ମୌସୁମୀ ବର୍ଷା ମାଲୟାଲୀଙ୍କ ପାଇଁ ଦୁଃଖ ଓ ଯନ୍ତ୍ରଣା ଆଣିଦେଇଛି। ପର୍ଯ୍ୟଟକଙ୍କ ମହଲରେ ଏହି ରାଜ୍ୟ 'ଈଶ୍ୱରଙ୍କ ନିଜସ୍ୱ ବାସସ୍ଥାନ' ଭାବେ ଲୋକପ୍ରିୟ। ଦେଖିବାକୁ ଗଲେ କେରଳୀମାନେ ଅତ୍ୟନ୍ତ ପରିଶ୍ରମୀ। ସେଠିକାର ନର୍ସ ବା ସେବିକାମାନେ ବିଶ୍ୱବ୍ୟାପୀ ବିଶେଷକରି ମଧ୍ୟପ୍ରାଚ୍ୟରେ ସେବା ପ୍ରଦାନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅତ୍ୟନ୍ତ ସ୍ୱାଭିମାନୀ ହୋଇଥିବାରୁ ସେମାନେ ଏ ଦେଶର କାହାଠାରୁ ମାଗି ଚଳିବା ପାଇଁ ପସନ୍ଦ କରି ନ ଥାଆନ୍ତି। ମାତ୍ର ଏଥରର ପ୍ରବଳ ବନ୍ୟା ଯେଉଁଭଳି ଭାବେ ଭୟଙ୍କର ରୂପ ଧାରଣ କରିଛି, ତାହାକୁ ସମ୍ମୁଖୀନ ହେବା ପାଇଁ କେରଳ ଅପ୍ରସ୍ତୁତ ଥିବାରୁ ଅଦ୍ୟାବଧି ୩୫୦ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନେକ ହଜାର ଲୋକ ଗୃହଶୂନ୍ୟ ହୋଇପଡ଼ିଛନ୍ତି। ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଭଳି ରାଜ୍ୟ ସର୍ବଦା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆସୁଛନ୍ତି। ସେଥିପାଇଁ ବାଧ୍ୟ ହୋଇ ଏଭଳି ପରିସ୍ଥିତିକୁ ସାମ୍ନା କରିବା ସକାଶେ ପ୍ରସ୍ତୁତ ରହୁଛନ୍ତି। ହେଲେ କେରଳ ଏବେ ଏ ନେଇ ସଂଗ୍ରାମ କରୁଛି। ଗଣମାଧ୍ୟମରୁ ଦୃଶ୍ୟମାନ ଚିତ୍ରଗୁଡ଼ିକରେ ଯେଭଳି ଭାବେ ପାହାଡ଼ରୁ ଅତଡ଼ା ଖସିବା ଓ ବଡ଼ବଡ଼ କୋଠା ସମ୍ପୂର୍ଣ୍ଣ ଧୋଇ ହୋଇଯାଉଥିବା ଲକ୍ଷ୍ୟ କରାଯାଉଛି, ତାହା ବନ୍ୟାର ଗମ୍ଭୀରତାକୁ ସୂଚିତ କରୁଛି। ପରିବେଶକୁ ଅଣଦେଖା କରି ଉନ୍ନତି ପଛରେ ଧାଇଁଲେ ପ୍ରକୃତି କିଭଳି କୋପ କରୁଛି କେରଳ ବନ୍ୟା ଏହା ଜଣାଇଦେଇଛି। କିଛିବର୍ଷ ତଳକୁ ଗଲେ ସମାନ ପରିସ୍ଥିତି ଉତ୍ତରାଖଣ୍ଡରେ ଦେଖିବାକୁ ମିଳିଥିଲା। ନିର୍ମାଣ ଓ ବିକାଶକୁ ଅଗ୍ରାଧିକାର ଦିଆଯାଇ ଜଙ୍ଗଲ ଧ୍ୱଂସର ପରିଣାମ ସେଠାକାର ଲୋକଙ୍କୁ ଭୋଗିବାକୁ ପଡ଼ିଥିଲା।

କେରଳ ବନ୍ୟାରେ ରାଜ୍ୟର ୬୦ ପ୍ରତିଶତ ଅଞ୍ଚଳ ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ପ୍ରଭାବିତ କେତେକ ଅଞ୍ଚଳର ଲୋକ ଏଭଳି ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ସଚେତନ ନ ଥିବାରୁ ହେଲିକପ୍ଟରରେ ନିରାପଦ ସ୍ଥାନକୁ ଯିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଯଦିଓ ବିଭିନ୍ନ ଆଡୁ ରିଲିଫ୍ ମିଳିବାରେ ଲାଗିଛି, ତଥାପି ଉଦ୍ଧାର ଓ ଥଇଥାନ ବ୍ୟବସ୍ଥାକୁ ସହଜ କରିବା ସେତେଟା ସମ୍ଭବ ହୋଇପାରୁନାହିଁ। ଏଭଳି ସ୍ଥଳେ ମନେପଡ଼େ ଓଡ଼ିଶାରେ ୧୯୯୯ରେ ହୋଇଥିବା ମହାବାତ୍ୟା । ଅପ୍ରସ୍ତୁତ ସରକାରୀ କଳ ସେତେବେଳେ ଲୋକଙ୍କ ପାଖରେ ଖାଦ୍ୟ ପହଞ୍ଚାଇବାରେ ସକ୍ଷମ ହୋଇ ନ ଥିଲା। କେନ୍ଦ୍ର ସରକାର ଏପରିକି ଅନ୍ତର୍ଜାତୀୟ ସ୍ତରରୁ ଆସିଥିବା ଅତ୍ୟାବଶ୍ୟକ ସାମଗ୍ରୀ ଠିକ୍ ଭାବେ ବଣ୍ଟା ଯାଇପାରି ନ ଥିଲା। ଯେତେବେଳେ ଲୋକେ ଖାଦ୍ୟ ପାଇଁ ଉହଲବିକଳ ହେଉଥିଲେ, ସେତେବେଳେ ଦୁର୍ନୀତିଗ୍ରସ୍ତ ଅମଲାତନ୍ତ୍ରୀ ଟଙ୍କା ଗୋଟାଇବାରେ ବ୍ୟସ୍ତ ଥିଲେ।

କେରଳ କଥା ଦେଖିଲେ ଏହାର ରାଜଧାନୀ ଥିରୁଭାନନ୍ତପୁରମ୍ ମଧ୍ୟ ବନ୍ୟାର ଦୁର୍ଦ୍ଦଶାରୁ ବର୍ତ୍ତିପାରି ନାହିଁ। ରେଳ ଷ୍ଟେଶନ ଜଳପ୍ଲାବିତ ହୋଇଥିବାରୁ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଦେଖିବାକୁ ଗଲେ ସେହି ରାଜ୍ୟରେ ପରିସ୍ଥିତି ଅତି ସଙ୍ଗିନ୍ ହେବା ପଛରେ ଅନେକ କାରଣ ରହିଛି। ଅସଂଖ୍ୟ କୋଠାବାଡ଼ି ଓ ନିର୍ମାଣ ଶିଳ୍ପର ବିକାଶ ସବୁଜ ପରିବେଶକୁ ନଷ୍ଟ କରି ଜଙ୍ଗଲ ଧ୍ୱଂସ କରିଛି। ସେଠାକାର ନଦୀର ବନ୍ୟାଜଳ ସ୍ଥିତି ଦେଖିଲେ ୨୬ ବର୍ଷ ପରେ ବୃହତ୍ ଇଦୁକି ଡ୍ୟାମ୍ ଗେଟ୍‌କୁ ଖୋଲା କରିଦିଆଯାଇଛି। ଏଥିସହିତ ରାଜ୍ୟର ୩୫ଟି ଡ୍ୟାମ୍ ଖୋଲା ରହିଥିବା ବେଳେ ବନ୍ୟା ପରିସ୍ଥିତିକୁ ଦେଖି ମୁଲ୍ଲାପେରିୟାର ଡ୍ୟାମ୍ ଦ୍ୱାରା ଜଳ ଛଡ଼ାଯିବାର ଆଶଙ୍କା ଉପୁଜିଲାଣି। ତାହାହେଲେ ପରିସ୍ଥିତି କିଭଳି ଅସମ୍ଭାଳ ହେବ ସହଜରେ ଅନୁମେୟ। ପର୍ଯ୍ୟଟନ ଶିଳ୍ପର ବିକାଶ ଲାଗି ପମ୍ପା ନଦୀକୁ ବିଭିନ୍ନ ଆଡୁ ବିପଦ ମାଡ଼ି ଆସିଲାଣି। ଦ୍ରୁତ ସହରୀକରଣର ଅନ୍ୟତମ ଦୃଷ୍ଟାନ୍ତ ଭାବେ କୋଚି ଉଭା ହୋଇଛି। ସହରର ନିର୍ମାଣ ଓ କଳେବର ବୃଦ୍ଧି ନିଶ୍ଚିତ ବନ୍ୟାକୁ ନିମନ୍ତ୍ରଣ କରିଚାଲିଛି। ଯେଉଁ କାରଣଗୁଡ଼ିକୁ ଅଣଦେଖା କରି ମଣିଷ ବିକାଶ କରିଚାଲିଛି ବୋଲି କହୁଛି, ଚଳିତ ଋତୁର ଅସ୍ୱାଭାବିକ ବର୍ଷା ବାସ୍ତବତା କ'ଣ ତାହା ଦେଖାଇ ଦେଇଛି। ଏଭଳିସ୍ଥଳେ ପରିବେଶ ସୁରକ୍ଷା ଲାଗି ବ୍ୟାପକ ସଚେତନତା ସୃଷ୍ଟି କରାଯିବା ହେଉଛି ଏକମାତ୍ର ପନ୍ଥା। ଏଥିସହିତ ରାଜ୍ୟ ସରକାରୀ କଳ ଅଦୃଶ୍ୟ ବିପର୍ଯ୍ୟୟକୁ ସାମ୍ନା କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବା ଦରକାର। ଏପରି ବିପତ୍ତି କେବଳ ସରକାର ନୁହେଁ, ଜନସାଧାରଣଙ୍କ ପାଇଁ ଏକ ଶିକ୍ଷା ଆଣିଦେଇଛି। ତେଣୁ ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଆବଶ୍ୟକ।

କୌତୂହଳର ବିଷୟ ଯେ, କେରଳରେ ଜାତୀୟ ବିପତ୍ତି ଭଳି ପରିସ୍ଥିତି ଉପୁଜିଥିଲେ ମଧ୍ୟ କେନ୍ଦ୍ର ସରକାର ଏହା ଘୋଷଣା କରିନାହାନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ମାତ୍ର ୨୬୦ କୋଟି ଟଙ୍କା କେନ୍ଦ୍ର ତରଫରୁ ଘୋଷଣା ହୋଇଥିବା ବେଳେ ଅଗଷ୍ଟ ୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ୫୦୦ କୋଟି ଟଙ୍କା ଦିଆଯିବ ବୋଲି କହିଛନ୍ତି। ବାମପନ୍ଥୀ ଶାସନାଧୀନ ଏହି ରାଜ୍ୟରେ ବନ୍ୟାଜନିତ କ୍ଷୟକ୍ଷତି ୨୦,୦୦୦ କୋଟି ଟଙ୍କା ଟପିଥିବା ଆକଳନ କରାଯାଇଛି। ହେଲେ ମିଳିଥିବା ଏକ ସୂତ୍ରରୁ ଜଣାପଡ଼ିଛି ଯେ, ଘୋଷଣା କରାଯାଇଥିବା ଅର୍ଥ ମଧ୍ୟରୁ ମାତ୍ର ୮୦ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପାଖରେ ପହଞ୍ଚିଛି। କେନ୍ଦ୍ରରେ କ୍ଷମତାସୀନ ହେବା ପରେ ନରେନ୍ଦ୍ର ମୋଦି ଗୁଜରାଟର ସର୍ଦ୍ଦାର ସରୋବର ଡ୍ୟାମ୍ ନିକଟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ମହାରାଷ୍ଟ୍ରରେ ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅନେକ ହଜାର କୋଟି ଟଙ୍କା ଦେଇଛନ୍ତି। କେରଳରେ ଲୋକଙ୍କ ଜୀବନ ଦୁର୍ବିଷହ ହୋଇଯାଇଥିବା ବେଳେ ସେଥିପ୍ରତି କେନ୍ଦ୍ର ସରକାରଙ୍କ ବୈପିତୃକ ମନୋଭାବ ଏଥିରୁ ସ୍ପଷ୍ଟ ବାରି ହୋଇପଡ଼ିଛି। ଫଳରେ ଦେଶବାସୀ ଅନୁଭବ କଲେଣି ଯେ ମାନବୀୟ ସହାୟତାକୁ ରାଜନୀତି ବଳିଯାଇଛି। ଏଥିରୁ ବୁଝିବାକୁ ହେବ ଯେ ଭାରତର ଅଧିକାଂଶ ଲୋକଙ୍କୁ ସରକାର ରାଜନୈତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଥା'ନ୍ତି। କେଉଁ ଲୋକ ସରକାରଙ୍କଠାରୁ ସେବା ଓ ସୁରକ୍ଷା ପାଇବାକୁ ଯୋଗ୍ୟ, ତାହା ନିର୍ଭର କରିଥାଏ ସେମାନେ କାହାକୁ ଭୋଟ ଦେଇଛନ୍ତି।

ଆଜି ପ୍ରକୃତିର ରୋଷ ଦେଖିଲେ ସମସ୍ତେ ବୁଝିବା ଦରକାର ଯେ, ଅର୍ଥନୈତିକ ଅଭିବୃଦ୍ଧି ନେଇ ଅତ୍ୟଧିକ ଲୋଭରେ ପଡ଼ିଥିବା ମଣିଷ ପରିବେଶର ସନ୍ତୁଳନକୁ କିଭଳି ବିଗାଡ଼ି ଚାଲିଛନ୍ତି। ଏହା ବିଶେଷକରି ଭାରତବର୍ଷରେ ଦେଖାଯାଉଛି। ପାଶ୍ଚାତ୍ୟ ରାଷ୍ଟ୍ରରେ ପରିବେଶ ପ୍ରତି ଶ୍ରଦ୍ଧା ବଢ଼ିବାରେ ଲାଗିଲାଣି। ଏଭଳି ସ୍ଥଳେ ଭାରତରେ ସମସ୍ତେ ସରକାରଙ୍କୁ କେବଳ ସମାଲୋଚନା କରିବା ପରିବର୍ତ୍ତେ ପ୍ରକୃତି ପ୍ରତି ସଚେତନ ଓ ଯତ୍ନବାନ୍ ହେବା ଅବଶ୍ୟମ୍ଭାବୀ ହୋଇପଡ଼ିଲାଣି।

# ଓଡ଼ିଆ ବିଶ୍ୱବିଦ୍ୟାଳୟ: ଅସ୍ପଷ୍ଟ ଆଭିମୁଖ୍ୟ

ଦେବୀପ୍ରସାଦ ଦାଶ

ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ ଶୁଣି ସେ ଅଞ୍ଚଳର ଅନେକଙ୍କ ପରି ମୁଁ ବି ଉଲ୍ଲସିତ। ଏହି ଐତିହାସିକ ନିର୍ଣ୍ଣୟ ପାଇଁ ଐତିହ୍ୟ କ୍ୟାବିନେଟ୍ ନିଶ୍ଚୟ ଧନ୍ୟବାଦାର୍ହ। କିନ୍ତୁ ଏହି ବିଶ୍ୱବିଦ୍ୟାଳୟର ସମ୍ଭାବ୍ୟ ଭୂମିକା, କର୍ମପରିସର, ପ୍ରଭାବ ଓ ଉତ୍ତରଦାୟିତ୍ୱକୁ ନେଇ ମନ ଭିତରେ କେତେ ପ୍ରଶ୍ନ ଉଙ୍କି ମାରୁଛି।

ବିଶ୍ୱବିଦ୍ୟାଳୟଟିଏ ତା'ର ଆଖପାଖ ଅଞ୍ଚଳ ଉପରେ କି ପ୍ରଭାବ ପକାଇବ, ତାହା ବିଚାର୍ଯ୍ୟ। ଏହା ପ୍ରାଚୀନ ରାଜରାଜୁଡ଼ା ସଂସ୍କୃତିରେ ପରିପୁଷ୍ଟ ସାମାଜିକ ବ୍ୟବସ୍ଥାର ଅଂଶଟିଏ। ଦେଶ ସ୍ୱାଧୀନ ହେଲାଠାରୁ ସତେ ଯେମିତି ସେ ବ୍ୟବସ୍ଥାର ଚକ-ଅଖ ହୁଗୁଳି ଯାଇଛି। ଗ୍ରାମ୍ୟ ପରିବେଶଟି ବୌଦ୍ଧିକ ଓ ସାମାଜିକ ଦୃଷ୍ଟିରୁ ଅବକ୍ଷୟମୁଖୀ ହୋଇଛି। ଏବେ ବି ବଞ୍ଚିଛି କିଛି ପୁରୁଣାକାଳିଆ ବିଶ୍ୱାସ, ଜାତିଆଣ ବାଛବିଚାର, ଆର୍ଥିକ ବୈଷମ୍ୟ ଓ ସାଧାରଣ ମଣିଷର ହତାଶାଭାବ। ଅବଶ୍ୟ ନୂଆ ଯୁଗର ବିଜୁଳି, କେନାଲ ପାଣି, ଅଙ୍ଗନୱାଡ଼ି, ଢଳେଇ ରାସ୍ତା, ପକ୍କାଘର, ମୋବାଇଲ ଫୋନ ଏସବୁ ଆସିଛି। କିନ୍ତୁ ତା' ସହିତ ଆସିଛି ଠିକାଦାରି, ଭୋଟ୍ ବେପାର, ନିଶାଖୋରି, ଦାଦାଗିରି ଓ ନାନାଦି ବିଶୃଙ୍ଖଳା। ବାଟବଣା ହୋଇଛି ସାମନ୍ତବାଦୀ ପାରସ୍ପରିକତା ଉପରେ ପର୍ଯ୍ୟବସିତ ଜୀବନଧାରା। ସେଠି ଧସେଇ ପଶିଛି ଅନୁଦାନ ଉପରେ ଆଶ୍ରାକରି ଜିଇବାର ଓ ଧରାଧରି କରି ସୁବିଧା ହାସଲ କରିନେବାର ଏକ ନୂଆ ଧାରା। ଆଉ ଇଏ କ'ଣ ଖାଲି ଆମ ଗାଁର କଥା ? ଏହି ପ୍ରେକ୍ଷାପଟରେ ନୂଆ ବିଶ୍ୱବିଦ୍ୟାଳୟଟିଏ ତା'ର ବାହ୍ୟ ପରିବେଶରେ କ'ଣ ସବୁ ପରିବର୍ତ୍ତନ ଆଣିବ ? ସ୍ଥାନୀୟ ଅଞ୍ଚଳର ବୌଦ୍ଧିକ ଓ ସାମାଜିକ ଅସଙ୍ଗତିଗୁଡ଼ିକୁ ବୁଝି ସେଠାରେ ଏକ ସ୍ୱାଭିମାନୀ ସମାଜର ପୁନର୍ଗଠନ ପାଇଁ ନୂଆ ଉତ୍ସାହ ଓ ଗତିଶୀଳତା ଆଣିପାରିବ କି ?

ଏହାପରେ ଆସୁଛି ବିଶ୍ୱବିଦ୍ୟାଳୟର ଭିତିରି ଦୁନିଆ କଥା। ବିଶ୍ୱବିଦ୍ୟାଳୟ ଏକ ସ୍ୱତନ୍ତ୍ର ପ୍ରଜାତିର ସଙ୍ଗଠନ। ଅନ୍ୟ ପ୍ରଜାତିର ସଙ୍ଗଠନମାନଙ୍କ କ୍ଷେତ୍ରରୁ ସଂଗୃହୀତ ଅନୁଭୂତି ବା ଅନ୍ତର୍ଦୃଷ୍ଟିସବୁ ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଲଦି ଦିଆଯାଇ ନ ପାରେ। ବିଶ୍ୱବିଦ୍ୟାଳୟ ହେଉଛି ଶିକ୍ଷାର ଏକ ମନ୍ଦିର ଏବଂ ଆମ ପୂର୍ବସୂରୀମାନଙ୍କ ବୌଦ୍ଧିକ ସମ୍ପଦର ଗନ୍ତାଘର। ଏହା ହେଉଛି ମଣିଷଜାତିର ମହାନ ପରମ୍ପରାକୁ ପ୍ରତିଫଳିତ କରୁଥିବା କଳା, ସଂସ୍କୃତି ଓ ବିଜ୍ଞାନର ଆଧାରପାତ୍ର। ସେଥିସହ ଭବିଷ୍ୟତର ପରିକଳ୍ପନାଗୁଡ଼ିକୁ ରୂପରେଖ ଦେବା ସକାଶେ ଏହା ମଧ୍ୟ ଏକ ପ୍ରୟୋଗଶାଳା। ଏପରି ସଙ୍ଗଠନଟିଏ ପ୍ରାଚୀନ, ବର୍ତ୍ତମାନ ଓ ଭବିଷ୍ୟତ ଜଗତର ସୂତ୍ରଧର। ତେଣୁ ବିଗତ, ସ୍ଥିତ ତଥା ଅନାଗତ ମଣିଷର କର୍ମ, ଜ୍ଞାନ, ଭକ୍ତି, ଉଦ୍ୟମ, ବିଚାର, ସ୍ୱପ୍ନ, ସଂଘର୍ଷ, ଉତ୍ଥାନ, ପତନ ସବୁକିଛି ଏହାର ଧ୍ୟାନ ଆକର୍ଷଣ କରିବା କଥା। କିନ୍ତୁ ଯେହେତୁ ଐତିହ୍ୟ ଶବ୍ଦଟି ମୂଳରୁ ଏହି ନୂଆ ବିଶ୍ୱବିଦ୍ୟାଳୟର ଜନ୍ମପଞ୍ଜିକାରେ ଲାଗିଗଲାଣି, ଏଥିରୁ ପ୍ରଶ୍ନ ଉଠେ, ଆମ ନୂଆ ବିଶ୍ୱବିଦ୍ୟାଳୟ କ'ଣ କେବଳ ପ୍ରାଚୀନ ଓ ଜନମାନସରୁ ବିସ୍ମୃତ ଓଡ଼ିଆ ଭାଷା ଓ ସଂସ୍କୃତିର ଚର୍ଚ୍ଚାରେ ନିଜକୁ ନିୟୋଜିତ ରଖିବ ନା ଓଡ଼ିଶା ତଥା ଓଡ଼ିଶା ବାହାରେ ପ୍ରବହମାନ ଜୀବନ୍ତ ଓଡ଼ିଆ ସାଂସ୍କୃତିକ ଧାରାମାନଙ୍କରେ ସାମିଲ ହେବ ? ଭବିଷ୍ୟତ ନିର୍ମାଣରେ ଏହାର ସକ୍ରିୟ ଭୂମିକା କ'ଣ ରହିବ ?

ଆଜିକାଲିର ଗଣତାନ୍ତ୍ରିକ ବିଚାରଧାରାରେ, ସାର୍ବଜନିକ ଧନରେ ନିର୍ମିତ ଅନୁଷ୍ଠାନଟିଏ ଲୋକଙ୍କର କେଉଁ ଉପକାରରେ ଆସୁଛି ତାହା ଅନୁଷ୍ଠାନର କର୍ମକର୍ତ୍ତା ନିୟମିତ ଭାବରେ ସ୍ପଷ୍ଟ କରିବାକୁ ବାଧ୍ୟ। ଭାରତରେ ଔପନିବେଶିକ ସମୟରୁ ପ୍ରଚଳିତ ବିଶ୍ୱବିଦ୍ୟାଳୟ ନିୟାମକ ବ୍ୟବସ୍ଥା ସେହି ଦିଗରେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପ୍ରଚୋଦିତ କରି ନ ପାରିବାରୁ ଏବେ ଦିଲ୍ଲୀରେ ତା'ର ବିଲୟ ଓ ନବୀକରଣର କ୍ଷେତ୍ର ପ୍ରସ୍ତୁତ ହେଲାଣି। ଆମ ରାଜ୍ୟରେ ତଥା ଦେଶରେ ଅନେକ ବିଶ୍ୱବିଦ୍ୟାଳୟ ରହିଛି, ଯାହା ଲୋକଙ୍କର କେଉଁ ଉପକାର କରୁଛି ତାହା ସ୍ପଷ୍ଟ କରିବାକୁ ଅସମର୍ଥ। ଭବିଷ୍ୟତର ସରକାର ଏଭଳି ଅନୁଷ୍ଠାନରୁ ହୁଏତ ସମ୍ବଳ ପ୍ରତ୍ୟାହାର କରିନେବାକୁ ଚାହିଁବ ବା ସେଗୁଡ଼ିକୁ କିଛି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ବ୍ୟବହାର କରିବ। ଏଥିରୁ କୌଣସିଟି ମଧ୍ୟ ଏହି ଅନୁଷ୍ଠାନମାନଙ୍କ ପାଇଁ ଗୌରବମୟ ହେବନାହିଁ। ବରଂ ଏ ବିଷଚକ୍ର ଦ୍ୱାରା ଆକ୍ରାନ୍ତ ହୋଇ ଅନୁଷ୍ଠାନଟିଏ ଯେତେ ତଳକୁ ଖସିବ, ତା'ର ସମସ୍ୟା ସେତେ ବଢ଼ିଚାଲିବ। ମୂଳରୁ ଏହି ବିଷବଳୟରୁ ନିଜକୁ ମୁକ୍ତ ରଖିବାଟା ହିଁ ପ୍ରତି ନୂଆ ଅନୁଷ୍ଠାନର ଏକ ବଡ଼ ସାମାଜିକ ଦାୟିତ୍ୱ।

ତେବେ ଆମ ଓଡ଼ିଆ ବିଶ୍ୱବିଦ୍ୟାଳୟଟି ଭାଷା ଓ ସଂସ୍କୃତି କ୍ଷେତ୍ରରେ ଯେଉଁସବୁ ଅଭାବ, ଅସୁବିଧା ଓ ଅନ୍ତରାୟ ଲୋକଶକ୍ତିକୁ ହୀନମନ୍ୟ ତଥା ଦୁର୍ବଳକରି ରଖିଛି, ତାକୁ ଦୂର କରିବା ପାଇଁ ଚେଷ୍ଟା କରିବ ତ ? କୁହାଯାଉଛି ଏବକାର ଭାରତୀୟ ସ୍ନାତକମାନଙ୍କ ମଧ୍ୟରୁ ଅଧିକାଂଶ ନିଯୁକ୍ତିଯୋଗ୍ୟ ବା ଆତ୍ମନିର୍ଭରଶୀଳ ନୁହନ୍ତି। ଯଦି ଗୋଟିଏ ବିଶ୍ୱବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କୁ ନିଯୁକ୍ତିଯୋଗ୍ୟ ବା ଆତ୍ମନିର୍ଭରଶୀଳ ନ କରିବ, ତେବେ ସେଠାକୁ ନିଜ ପିଲାମାନଙ୍କୁ କିଏ କାହିଁକି ପଠାଇବ ? ଖାଲି ଶ୍ରେଣୀଗୃହରେ ନୁହେଁ ବରଂ ଆମ ଓଡ଼ିଆ ବିଶ୍ୱବିଦ୍ୟାଳୟଟି ତା'ର କର୍ମପରିସରର ପ୍ରତିଟି ବିଭାଗରେ ଦାୟିତ୍ୱବୋଧ, ସାଧୁତା ଓ ବୈଶିଷ୍ଟ୍ୟ ରକ୍ଷାକରୁ ଓ ତହିଁରୁ ଉତ୍ତରୋତ୍ତର ପ୍ରତିଷ୍ଠା ପାଉ ବୋଲି ଆମେ ଚାହିଁବା।

ମୋ: ୯୩୩୭୩ ୧୦୫୦୧

# ବିଷ ବଳୟରେ ବିଶ୍ୱାସ



ସଂଗ୍ରାମ କେଶରୀ ପୃଷ୍ଟି

ମନର ଏକ ସକାରାତ୍ମକ ଚିନ୍ତନ ହେଉଛି ବିଶ୍ୱାସ। ଯାହା ପାଇଁ ଏ ବିଶ୍ୱ ତିଷ୍ଠି ରହିଥିବା କଥା କୁହାଯାଏ। ବିଶ୍ୱାସ ଏକ ଛୋଟିଆ ଶବ୍ଦ। ଯାହାକୁ କ୍ଷଣକରେ ପଢିଦେଇ ହୁଏ। ଭାବିବାକୁ ବି ବେଶି ସମୟ ଲାଗି ନ ଥାଏ। ବୁଝିବାକୁ ଗୋଟିଏ ଦିନ ଲାଗିଥାଏ। କିନ୍ତୁ ପ୍ରମାଣ କରିବାକୁ ପୂରା ଜୀବନ ଲାଗିଯାଏ। ବିଶ୍ୱାସର ମହାନତା ଦର୍ଶାଇବାକୁ ଯାଇ ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କ 'ମାଟିର ମଣିଷ' ଉପନ୍ୟାସରେ ଲେଖିଛନ୍ତି-ବିଶ୍ୱାସରେ ବିଶ୍ୱ ଚଳୁଛି। ବିଶ୍ୱାସ ତୁଟିଗଲେ ବାପ-ପୁଅ, ସ୍ୱାମୀ-ସ୍ତ୍ରୀ, ଭାଇ-ଭାଇ, ରାଜା-ପ୍ରଜା କାହାରି ଭିତରେ କିଛି ସମ୍ବନ୍ଧ ରହିବ ନାହିଁ।

ଏ କଥାର ବାସ୍ତବତାକୁ ଅନୁଧ୍ୟାନ କଲେ ଶହ ଶହ ଉଦାହରଣ ଚାଲିଆସେ ଆମ ମନକୁ। ସମ୍ପତ୍ତି ପାଇଁ ପୁତ୍ରର ପିତାକୁ ହତ୍ୟା, ଯୌତୁକ ପାଇଁ ବଧୂହତ୍ୟା, ଚତୁର୍ଥୀ ରାତିରେ କନ୍ୟା ଫେରାର, ସମ୍ପର୍କୀୟଙ୍କ ଦ୍ୱାରା ଶିଶୁକନ୍ୟା ବଳାତ୍କାରର ଶିକାର ପରି ଅବିଶ୍ୱସନୀୟ ଓ ଅମାନବୀୟ ଘଟଣାମାନ ଆମକୁ ପ୍ରତିମୁହୂର୍ତ୍ତରେ ଆନ୍ଦୋଳିତ କରିଚାଲିଛି। ସମାଜରେ ପ୍ରତ୍ୟହ ଘଟିଚାଲୁଥିବା ଏହି ଲୋମହର୍ଷଣକାରୀ ଘଟଣା ପରିପ୍ରେକ୍ଷୀରେ ମନେହୁଏ ଏବେ ସମସ୍ତଙ୍କ ଆଖିରେ ମାଡିଯାଇଛି ଅବିଶ୍ୱାସର ପରଳଟିଏ। ସଂକୁଚିତ ହେବାରେ ଲାଗିଛି ସମ୍ପର୍କ। ଅବିଶ୍ୱାସର ବିଷବୃକ୍ଷରୁ ବିଶ୍ୱାସର ଫଳ ଖୋଜିପାଇବା ବୃଥା ପ୍ରୟାସ ନିଶ୍ଚିତ।

ଈର୍ଷା, ଦ୍ୱେଷ, ସ୍ୱାର୍ଥ, ହିଂସା ଓ ପରଶ୍ରୀକାତରତା କାରଣରୁ ମନ ଭିତରେ ଅବିଶ୍ୱାସର ବୀଜଟିଏ ଅଙ୍କୁରିତ ହୁଏ। କ୍ରମଶଃ ସେ ଶାଖାପ୍ରଶାଖା ମେଲି ବ୍ୟାପିଯାଏ ଚତୁର୍ଦ୍ଦିଗକୁ। ସକାରାତ୍ମକ ଭାବନାର ଅଭାବ ହିଁ ଅବିଶ୍ୱାସ ପାଇଁ ଖୋରାକ ଯୋଗାଇଥାଏ। ଯେଉଁଥି ପାଇଁ ଅପରିଚିତ ଲୋକଙ୍କ କଥା ତ ଛାଡ ପରିଚିତ ଲୋକ ଏପରି କି ଆତ୍ମୀୟସ୍ୱଜନମାନେ ମଧ୍ୟ ଅବିଶ୍ୱସନୀୟ ମନେହୁଅନ୍ତି। ଥରେ ଧୋକା ଖାଇଥିବା ମନ ପୁନର୍ବାର ବିଶ୍ୱାସ କରିବାକୁ ପ୍ରସ୍ତୁତ ନ ଥାଏ।

ଅନ୍ୟ ମନରେ ବିଶ୍ୱାସ ଜନ୍ମାଇବାକୁ ବେଶି ସମୟ ଲାଗେ ନାହିଁ। ସୁତରାଂ ସ୍ୱାର୍ଥାନ୍ୱେଷୀ କିଛି ମଣିଷ ଏହାର ଫାଇଦା ଉଠାଇବାକୁ ଯତ୍‌ପରୋନାସ୍ତି ଉଦ୍ୟମ କରନ୍ତି। ବିଶ୍ୱାସ ଜନ୍ମାଇ କରନ୍ତି ପ୍ରେମ, ଦିଅନ୍ତି ଧୋକା। ଲୁଟ୍ କରନ୍ତି ଟ୍ରେନଯାତ୍ରୀଙ୍କୁ। ଚାକିରି କରାଇଦେବା ନାଁରେ, ଚିଟ୍‌ଫଣ୍ଡ ନାଁରେ, ବିବାହ ନାଁରେ ଅଥବା କୌଣସି ନା କୌଣସି ସାହାଯ୍ୟଦେବା ନାଁରେ ହରିଲୁଟ୍ କରିବାକୁ ପଛାନ୍ତି ନାହିଁ। ଏକଥା ଅଙ୍ଗେ ନିଭାଇଥିବା ମଣିଷଟି ଏବେ ବିଶ୍ୱାସ ଉପରୁ ଆସ୍ଥା ହରାଇ ବସେ। ଯେଉଁଥିପାଇଁ ସାରା ଦୁନିଆର ଲୋକମାନେ ତା' ପାଇଁ ଅବିଶ୍ୱସନୀୟ ମନେହୁଅନ୍ତି। ଏ ଘଟଣା ମାନ କ୍ରମଶଃ ସମସ୍ତଙ୍କୁ କବଳିତ କରି ରଖେ। ଯେଉଁଥିପାଇଁ ସହଜରେ ଅନ୍ୟକୁ ବିଶ୍ୱାସ କରିବାକୁ ସେମାନଙ୍କ ମନ ପ୍ରସ୍ତୁତ ନ ଥାଏ।

ଅନ୍ୟକୁ ଅଧିକ ବିଶ୍ୱାସ କରିବା ହିଁ ବେଳେ ବେଳେ ବିପଦର କାରଣ ସାଜେ। ଚାଣକ୍ୟଙ୍କ ମତରେ ଅତିଶୀଘ୍ର କାହାରିକୁ ଭଲ ପାଅ ନାହିଁ। ନିଷ୍ପତ୍ତି ନିଅ ନାହିଁ। ହାରିଯାଅ ନାହିଁ କି କାହାକୁ ବିଶ୍ୱାସ ମଧ୍ୟ କର ନାହିଁ। ଅବିଶ୍ୱାସ ସମ୍ପର୍କକୁ ଦେଖେ ନାହିଁ। ଦେଖେ ସ୍ୱାର୍ଥକୁ। କୁରାଢିରେ ଲାଗିଥିବା କାଠବେଣ୍ଟର ଜନ୍ମ ଗଛର ଏକ ଡାଳରୁ କିନ୍ତୁ ସମୟ ଆସିଲେ ସେ ସମ୍ପର୍କକୁ ଭୁଲିଯାଇ ନିଜ ଜାତିଭାଇକୁ ହାଣିବାକୁ କୁଣ୍ଠାବୋଧ କରେ ନାହିଁ। ରୁଗ୍‌ଣ ମାନସିକତା କାରଣରୁ ସବୁଠୁ ନିଜର ବୋଲି ମନେହେଉଥିବା ଓ ବିଶ୍ୱାସ ରଖିଥିବା ଲୋକଟି ଦିନେ ବିଶ୍ୱାସର ସୀମା ସରହଦ ଡେଇଁ ସ୍ୱାର୍ଥ ଲାଗି ଧୋକା ଦେଇ ଚାଲିଯାଏ। ସହଜରେ ଅନ୍ୟମାନଙ୍କ ଉପରେ ବିଶ୍ୱାସ ରଖୁଥିବା ସରଳ ହୃଦୟବାନ୍ ମଣିଷକୁ ସବୁବେଳେ ଧୋକା ଖାଇବାକୁ ହିଁ ପଡିଥାଏ।

ବିଶ୍ୱାସକୁ ହତ୍ୟା କରୁଥିବା ଲୋକ ହେଉଛନ୍ତି ଗୋଟିଏ ଗୋଟିଏ ବିଶ୍ୱାସଘାତକ। ନାଗସାପକୁ କ୍ଷୀର ଦେଇ ପୋଷିବା ଯାହା, ବିଶ୍ୱାସଘାତକ ସହିତ ସମ୍ପର୍କ ରଖିବା ମଧ୍ୟ ତାହା। ଯେଉଁଠି ବିଶ୍ୱାସ, ଭଲପାଇବା, ସ୍ନେହମାନେ ବଳି ପଡିଯାନ୍ତି ସେଇଠି ସମ୍ପର୍କ ପାଲଟିଯାଏ ବୋଝ । ଅବିଶ୍ୱାସ ନାମକ ରାକ୍ଷସଟିଏ ସବୁବେଳେ ଚାରିପାଖରେ ଚକ୍କର କାଟୁଥାଏ ଯେମିତି । ଜୀବନରେ ଦୁଇଟି ଜିନିଷ ଛାଡିବା ପାଇଁ ହୋଇଥାଏ। ଗୋଟିଏ ହେଲା ନିଃଶ୍ୱାସ ଓ ଅନ୍ୟଟି ବିଶ୍ୱାସ। ନିଃଶ୍ୱାସ ଛାଡିଦେଲେ ଗୋଟିଏ ଥରରେ ମଣିଷ ମରିଯାଏ କିନ୍ତୁ ବିଶ୍ୱାସ ଛାଡିଦେଲେ ତାକୁ ବାରମ୍ବାର ମରିବାକୁ ହିଁ ପଡିଥାଏ। ବିଶ୍ୱାସ ହରାଇଥିବା ଲୋକ ଦୁନିଆ ଆଖିରେ ନିନ୍ଦିତ ହୁଏ। ତାକୁ ମୁଣ୍ଡେଇବାକୁ ହୋଇଥାଏ ଅପବାଦର ବୋଝ। ବିଶ୍ୱାସର ଏହି କାଚଘର ଥରେ ଭାଙ୍ଗିଗଲେ ଯୋଡିବା ଅସମ୍ଭବ ହୋଇପଡେ। ଏଣୁ ଅନ୍ୟର ବିଶ୍ୱାସ ଭାଙ୍ଗିବା ପୂର୍ବରୁ ଶହେ ଥର ଭାବିବା ଉଚିତ ଯେ ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କ ସହିତ ଭେଟ ହେଲେ ଆଖି ମିଳାଇ କଥା ହୋଇ ପାରିବେ ତ!

ବର୍ତ୍ତମାନର ସମୟକୁ ଅନୁଧ୍ୟାନ କଲେ ଜଣାଯାଏ, ସତେ ଯେମିତି ଅବିଶ୍ୱାସର ବିଷ ବଳୟରେ ଫସିଯାଇଛି ଏ ମଣିଷ। ବିଶ୍ୱାସ ହରାଇଥିବା ସମ୍ପର୍କ ଏବେ ମରୀଚିକା ପରି ଆଖିକୁ ଧୋକା ଦେବାରେ ଲାଗିଛି। ଇତର ପ୍ରାଣୀ କୁକୁର ତା' ବିଶ୍ୱସନୀୟତା ସବୁବେଳେ ବଜାୟ ରଖିପାରୁଥିବା ବେଳେ ଆମେ ଏ ଦିଗରେ କେତେ ଅସହାୟ ସତରେ। ପୁନଶ୍ଚ ଅନ୍ୟକୁ ଆଘାତ ଦେଇ ତା'ଠୁ ବିଶ୍ୱାସ ଆଶା କରିବା ଆମ ମୂର୍ଖତା ନୁହେଁ ତ ଆଉ କ'ଣ। ଅନେକ କ୍ଷେତ୍ରରେ ଦେଖାଯାଏ କିଛିଲୋକ ଭାଗ୍ୟ ଓ ଭଗବାନଙ୍କ ଉପରେ ଭରସା ରଖି ନିଜ ଉପରୁ ବିଶ୍ୱାସ ତୁଟାଇ ଦେଇଥାନ୍ତି। ଉଦ୍ୟମରେ ଅବହେଳା କରନ୍ତି। ଫଳତଃ ସଫଳତା ମିଳିବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ମନେହୁଏ।

ଶ୍ରୀଅରବିନ୍ଦଙ୍କ ଭାଷାରେ ବିଶ୍ୱାସ ହେଉଛି ଆମର ଇଚ୍ଛାଶକ୍ତି। ଯାହାକି ଉଚ୍ଚତର ସତ୍ୟର ଉପଲବ୍ଧି ଲାଗି ଅଭିଳାଷ ରଖିଥାଏ। ଏହି ଇଚ୍ଛାଶକ୍ତିକୁ ବଜାୟ ରଖିବା ପାଇଁ ଆମ ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସାମ୍ୟତା ରକ୍ଷା କରିବା ଆବଶ୍ୟକ। ତାହା ପୁଣି ସଂଯମତାର ସହିତ। ନକାରାତ୍ମକ ଭାବନା ସବୁକୁ ମନରୁ ପୋଛିଦେଇ ସକାରାତ୍ମକ ଭାବନାକୁ ଗ୍ରହଣ କରିପାରିଲେ ହୁଏତ ହଜିଯାଇଥିବା ବିଶ୍ୱାସ ପୁଣିଥରେ ଆମ ହାତମୁଠାକୁ ଚାଲିଆସିବ ଓ ମନରେ ଆନନ୍ଦ ଭରିଦେବ।

ରାଜକିଶୋରନଗର, ଅନୁଗୋଳ,
ମୋ-୯୪୩୭୫୪୭୧୪୬

## ଏଇ ଭାରତରେ

ଛତିଶଗଡ଼ରେ ସ୍ୱଚ୍ଛତା ପାଇଁ କାର୍ଯ୍ୟ କରିଥିବା ଜଣେ ମହିଳା ଏବେ ଭୋଟର ସଚେତନତା ପାଇଁ କାର୍ଯ୍ୟ କରିବେ। ସେ ୮୨ଟି ଗ୍ରାମପଞ୍ଚାୟତରେ ଖୋଲାରେ ମଳତ୍ୟାଗ ଦୂରକରିବା ଅଭିଯାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବର୍ତ୍ତମାନ ରାୟଗଡ଼ ଜିଲାର ଲୋକଙ୍କୁ ସେ ଭୋଟଦାନର ଗୁରୁତ୍ୱ ବୁଝାଇବା ସହିତ ଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ସଚେତନତା ସୃଷ୍ଟି କରିବେ।

ମୋନିକା ଇଜାରଦାର (୨୫) ନାମ୍ନୀ ଏହି ମହିଳାଙ୍କୁ ରାଜ୍ୟରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ସିଷ୍ଟେମେଟିକ୍ ଭୋଟର୍ସ ଏଜୁକେଶନ୍ ଆଣ୍ଡ ଇଲେକ୍‌ଟୋରାଲ୍ ପାର୍ଟିସିପେଶନ୍ (ଏସ୍‌ଭିଇଇପି) ପ୍ରୋଗ୍ରାମ୍ ନିମନ୍ତେ ରାୟଗଡ ଜିଲାର ଆଇକନ୍ ଘୋଷଣା କରାଯାଇଛି। ଏହା ହେଉଛି ନିର୍ବାଚନ କମିଶନ୍‌ଙ୍କର ଏକ କାର୍ଯ୍ୟକ୍ରମ। ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତ୍ୟେକ ଯୋଗ୍ୟ ସାବାଳକ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ସହିତ ନିର୍ବାଚନରେ ଯେପରି ମତଦାନ କରିବାର ସୁବିଧା ପାଇପାରିବେ ତାହା ସୁନିଶ୍ଚିତ କରିବା। ଇଜାରଦାରଙ୍କ ଭଳି ଜଣେ ସ୍ୱଚ୍ଛ ଚାମ୍ପିୟନ୍‌ଙ୍କ ପାଇଁ ରାୟଗଡ ଜିଲା ଗର୍ବିତ। ସେ ପରିମଳ ବିଷୟରେ ଲୋକଙ୍କୁ ବୁଝାଇବାରେ ଶତପ୍ରତିଶତ ଉଦ୍ୟମ ଜାରି ରଖିଛନ୍ତି ବୋଲି ରାୟଗଡ ଜିଲାପାଳ ଶାମି ଆବିଦି ପ୍ରକାଶ କରିଛନ୍ତି।

ସେ ମଧ୍ୟ କମ୍ୟୁନିଟି ଆପ୍ରୋଚେସ୍ ଟୁ ସାନିଟେଶନ୍ (ସିଏଏସ୍) ପ୍ରୋଗ୍ରାମ୍‌ର ଜଣେ ଦୃଢ଼ ସମର୍ଥକ। ତେଣୁ ତାଙ୍କୁ 'ସ୍ୱଚ୍ଛତା ୱାରିୟର' ଭାବରେ ବିବେଚନା କରାଯାଏ। ପୂର୍ବରୁ ସେ ଲୋକଙ୍କୁ ସ୍ୱାସ୍ଥ୍ୟରକ୍ଷା ବିଷୟରେ ସଚେତନ କରାଉଥିବାବେଳେ ଆସନ୍ତା ନିର୍ବାଚନ ପାଇଁ ସେ ଏସ୍‌ଭିଇଇପି ପ୍ରୋଗ୍ରାମ ପାଇଁ ଜିଲା ଆଇକନ୍ ଭାବରେ କାର୍ଯ୍ୟ କରିବେ। ବାସ୍ତବରେ ମୋନିକା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ କହିଲେ ଅତ୍ୟୁକ୍ତି ହେବନାହିଁ।

## ଚିରନ୍ତନୀ

ଏ ପାଉଁ ବାରତା ମୋର
ଲାଗଇ କି ସେ ବାରତା
ପଠାଏଁ ପବନେ
ତା'ର ଅପଘନେ।
(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୯୩

- ଜାପାନକୁ ୪ଟି ଦ୍ୱୀପ ଫେରାଇବା ପାଇଁ ପୂର୍ବତନ ସୋଭିଏଟ ୟୁନିୟନ ସରକାର ଜାପାନ ସହିତ ଯେଉଁ ବୁଝାମଣା କରିଥିଲା ରୁଷିଆ ତାହାକୁ ପାଳନ କରିବ ନାହିଁ ବୋଲି ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନଙ୍କ ଘୋଷଣା।
- ମଞ୍ଚଜଗତ, ବଙ୍ଗଳା ଓ ହିନ୍ଦୀ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ଉତ୍ପଳ ଦତ୍ତଙ୍କ ପରଲୋକ।

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୧୨– ନୋବେଲ ପୁରସ୍କାରବିଜେତା ଭାରତୀୟ ବଂଶୋଦ୍ଭବ ବିଦ୍ୟାଧର ସୂରଜପ୍ରସାଦ ନୈପଲଙ୍କ ୮୫ ବର୍ଷ ବୟସରେ ପରଲୋକ।

* ଜଷ୍ଟିସ୍ କଲ୍ପେଶ ସତ୍ୟେନ୍ଦ୍ର ଝାବେରୀ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ।

୧୩– ବିଶିଷ୍ଟ ସାମ୍ୟବାଦୀ ନେତା ତଥା ପୂର୍ବତନ ଲୋକସଭା ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ୮୯ ବର୍ଷ ବୟସରେ ପରଲୋକ।

୧୪– ଇଟାଲିର ଜେନୋଆ ସହରରେ ଏକ ଓଭରବ୍ରିଜ୍ ଭୁଶୁଡ଼ି ୩୫ ମୃତ।

୧୬– ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ୯୩ ବର୍ଷ ବୟସରେ ପରଲୋକ।

୧୭– ଯମୁନା ନଦୀକୂଳରେ ଥିବା ରାଷ୍ଟ୍ରୀୟ ସ୍ମୃତିସ୍ଥଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶେଷକୃତ୍ୟ ସମ୍ପନ୍ନ।

## ଆମ ସମସ୍ୟା

### ବୟସ୍କ ବ୍ୟକ୍ତିଙ୍କ ଦୁଃଖ

ମହାଶୟ,

ସପ୍ତମ ପେନ୍‌ସନ ଆୟୋଗଙ୍କ ସୁପାରିସ ଅନୁଯାୟୀ ଅବସରପ୍ରାପ୍ତ କର୍ମଚାରୀ ପୂରା ପେନ୍‌ସନ ପାଇବାକୁ ଯୋଗ୍ୟ ବିବେଚିତ ହେଲେ। କିନ୍ତୁ ଆଜିଯାଏ ୨୫ରୁ ୩୩ ବର୍ଷ ମଧ୍ୟରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀଗଣ ବର୍ଦ୍ଧିତ ପେନ୍‌ସନ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ରୋଗରେ ପଡି ଶଯ୍ୟାଶାୟୀ ହେଲେଣି। ଶେଷନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ସରକାର କାଳବିଳମ୍ବ ନ କରି ସେମାନଙ୍କୁ ବର୍ଦ୍ଧିତ ପେନ୍‌ସନ ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ।

ଗତିକୃଷ୍ଣ ମିଶ୍ର, ଗାନ୍ଧୀନଗର, ୪ର୍ଥ ଗଳି, ବ୍ରହ୍ମପୁର

### ମାଂସ ବିକ୍ରି ଅନ୍ୟତ୍ର ହେଉ

କଟକ ସହର ଉପକଣ୍ଠ କନ୍ଦରପୁର ବଜାର ମଧ୍ୟରେ ମାଂସ ଓ ଚିକେନ୍ ବିକ୍ରି କରାଯାଉଛି। ଫଳରେ ବଜାରରେ ଦୁର୍ଗନ୍ଧମୟ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେଣୁ ଏହି ମାଂସ ବଜାରକୁ କିଛି ଦୂରରେ କରାଯିବାକୁ ଦାବି ହେଉଛି।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ତଥାପି ବାସି ଅବଢ଼ା

ପ୍ରାୟ ପ୍ରତିବର୍ଷ ମଝିରେ ମଝିରେ ସପରିବାର ମୁଁ ଶ୍ରୀମନ୍ଦିର ଯାଇଥାଏ। ଜଗନ୍ନାଥ ଦର୍ଶନ ପରେ ଅବଢ଼ା ଖାଇ ଘରକୁ ଫେରିଆସେ। କିନ୍ତୁ ମନ୍ଦିରରେ କିଛିବର୍ଷ ହେବ ଠିକ୍ ସମୟରେ ଅବଢା ମିଳୁନାହିଁ। ବାସି ଅବଢ଼ା ବିକ୍ରି ହେଉଛି। ବହୁ ଭକ୍ତ ଅବଢା କିଣି ବାସି ହୋଇଥିବାରୁ ଖାଇ ନ ପାରି ଫୋପାଡି ଦେଉଛନ୍ତି। ଦୀପ ପାଇଁ ଶୁଦ୍ଧ ଘିଅ ବ୍ୟବସ୍ଥା କରିବା ଲାଗି ପ୍ରଶାସନ ନିଷ୍ପତ୍ତି ନେଲେ। ଟଙ୍କ ତୋରାଣି ବନ୍ଦ ନିଷ୍ପତ୍ତି ବିଜ୍ଞାପନ ମାଧ୍ୟମରେ ଭକ୍ତମାନଙ୍କୁ ଜଣାଇ ଦିଆଗଲା। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ବାସି ଅବଢା ବିକ୍ରିରେ ରୋକ ନ ଲଗାଗଲେ ଭକ୍ତଙ୍କ ଅସନ୍ତୋଷ ବଢ଼ିବ।

ନିର୍ଭୟ କୁମାର ପାଣି, ବିଜିଗୋଳା, କଣିହା, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | 2 | | D | E | | | | | | | | 4 |
| | | E | | 9 | | | | | 6 | 4 | 5 | 7 | 0 | D |
| | 1 | 3 | | | 0 | | | | 8 | | E | | 6 | C |
| | D | | B | E | | | 9 | | | C | | | | 1 |
| | | B | 3 | | | | | | 0 | | | | | |
| | 5 | | 7 | 1 | | 6 | | | | D | A | | 8 | |
| | | | | | 8 | | C | B | 4 | | 0 | | 5 | |
| | | 8 | | | 6 | | | 0 | 3 | | B | | | 9 |
| B | | 1 | | 0 | | | E | | | | | | 7 | |
| | 9 | | A | 4 | B | | | 3 | | | | | | |
| | | | | | | | | | | | | 5 | E | 8 |
| | 3 | 4 | | | | | | | | 7 | C | | | |
| 0 | B | | 6 | D | | | | | | | | | | 2 |
| D | | | | A | 9 | | | 2 | 5 | | | | | |
| 5 | 2 | | E | C | | 1 | D | A | | | 9 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | E | 9 | 6 | 3 | 7 | 0 | B | D | 2 | 1 | A | 4 | C | 8 |
| 3 | 4 | 8 | E | D | A | 5 | 2 | 9 | 0 | C | B | 7 | 6 | 1 |
| 7 | 1 | 2 | 0 | 9 | C | E | 6 | 8 | 3 | 5 | 4 | D | A | B |
| 6 | C | A | B | 4 | 5 | 1 | 7 | 3 | 9 | 8 | D | E | 2 | 0 |
| D | B | 0 | 2 | 8 | 1 | A | 4 | C | 7 | E | 6 | 5 | 9 | 3 |
| E | 2 | 3 | A | 1 | 0 | 6 | 8 | 4 | 5 | 9 | 7 | C | B | D |
| 8 | 6 | 7 | 9 | C | E | B | A | 5 | 1 | D | 0 | 2 | 3 | 4 |
| A | D | 1 | 4 | 7 | B | 3 | 9 | 2 | C | 6 | E | 8 | 0 | 5 |
| 0 | 5 | B | 3 | 2 | 6 | C | D | E | A | 4 | 8 | 9 | 1 | 7 |
| C | 9 | 4 | 8 | 5 | D | 7 | 1 | 0 | B | 2 | 3 | 6 | E | A |
| 9 | 3 | E | 1 | A | 4 | 2 | 5 | B | 8 | 7 | C | 0 | D | 6 |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଗତକାଲିର ଉତ୍ତର



ଦେଶର ଉନ୍ନତି ଯେବେ କର ଆଶା,
ଉଚ୍ଚ କର ତେବେ ନିଜ ମାତୃଭାଷା।
- ଗଙ୍ଗାଧର ମେହେର

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସେବା ପ୍ରତିନିଧି ପକ୍ଷରୁ ବୋଲବମ୍ ଭକ୍ତଙ୍କୁ ସହଯୋଗ, ଶ୍ରୀଲିଙ୍ଗରାଜ ମନ୍ଦିର ବେଢ଼ା, ଭୋର୍ ୪ଟାରୁ ଆରମ୍ଭ।
- ବିଶ୍ୱଶାନ୍ତି ପାଇଁ ଓଡ଼ିଶା କିନ୍ନର ଆଖଡ଼ା ଓ ସଖାର ମିଳିତ ସହଯୋଗରେ କିନ୍ନରଙ୍କ କଳସ ଯାତ୍ରା, ମାଷ୍ଟରକ୍ୟାଣ୍ଟିନ୍ ଛକ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସର୍କଲ, ଓଡ଼ିଶା ଶାଖା ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳନ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଜାତୀୟ ବୈଜ୍ଞାନିକ ଚିନ୍ତାଧାରା ଦିବସ ପାଳନ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୧ଟା।
- ଜିଡିସ୍ ଫାଉଣ୍ଡେଶନ ଟ୍ରଷ୍ଟର ଦ୍ୱିତୀୟ ଅବଦାନ ଚଳଚ୍ଚିତ୍ର 'ତୁ ମୋ ଡ୍ରିମ୍‌ଗାର୍ଲ'ର ଗ୍ରାଣ୍ଡ୍ ମହୁରତ, ମା' ଦକ୍ଷିଣକାଳୀ ମନ୍ଦିର ପ୍ରାଙ୍ଗଣ, ପ୍ରେସ୍ ଛକ ନିକଟ, ଆଚାର୍ଯ୍ୟବିହାର-ନାଲ୍‌କୋ ଛକ ରାସ୍ତା, ପୂର୍ବାହ୍ନ ୧୧ଟା ୩୦।
- ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ମଚାରୀ ସଙ୍ଗଠନ ପକ୍ଷରୁ ଗଣଧାରଣା, ବ୍ୟାଙ୍କ ମୁଖ୍ୟ ଫାଟକ ନିକଟ, ଅପରାହ୍ନ ୧ଟା।
- 'ନୀତିଶାସ୍ତ୍ର: ତତ୍ତ୍ୱ ଓ ପ୍ରୟୋଗ' ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପନ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ହଲ୍ ନଂ. ୧୦୨, ଅପରାହ୍ନ ୩ଟା ୩୦।
- ବୈଜ୍ଞାନିକ ଚିନ୍ତାଧାରା ଦିବସ ପାଳନ ଅବସରରେ ଆଲୋଚନାଚକ୍ର, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ, ଅପରାହ୍ନ ୩ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ରିଗେଲ୍', ଗ୍ୟାଲେରି ପରିସର, ପ୍ଲଟ୍ ନଂ. ୧୩୨, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।
- ଦି ଏବିଓ୍ୱାଇଏସ୍ଏସ୍ ସ୍କୁଲ ଅଫ୍ ମ୍ୟୁଜିକ୍‌ର ଆନୁଆଲ କନ୍‌ସର୍ଟ-୨୦୧୮, ରବୀନ୍ଦ୍ର ମଣ୍ଡପ, ରାତି ୭ଟା।

**କଟକ**

- ଓଡ଼ିଶା କିନ୍ନର ଆଖଡ଼ା ଓ ସଖାର ମିଳିତ ସହଯୋଗରେ କଳସ ଯାତ୍ରା, ଗଡ଼ଗଡ଼ିଆ ଘାଟ, ସକାଳ ୮ଟା।
- ଥଇଥାନ ଦାବିରେ ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ବିକ୍ଷୋଭ, ସିଏମ୍‌ସି ଅଫିସ୍ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ୨୯ତମ ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ ସମାରୋହର ତୃତୀୟ ଦିବସ, ପ୍ରତୀକ୍ଷା ପରିସର, ମହାନଦୀବିହାର, ଅପରାହ୍ନ ୪ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ କଥାଶିଳ୍ପୀ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ଭାରତୀୟ ଚତୁର୍ଦ୍ଧାମ ବେଦ ଭବନ ନ୍ୟାସ ପକ୍ଷରୁ ଅଖଣ୍ଡ ନାମଯଜ୍ଞ ଓ ରୁଦ୍ରାଭିଷେକ, ସ୍ୱର୍ଗଦ୍ୱାର, ସକାଳ ୮ଟା।
- ଏସ୍‌ସିଏସ୍ କଲେଜ ଏମ୍‌ବିଏ ବିଭାଗର କର୍ମଶାଳା ଉଦ୍‌ଯାପନ, କଲେଜ ପରିସର, ପୂର୍ବାହ୍ନ ୧୧ଟା ୩୦।
- ପୁରୀ ବେଳାଭୂମି ଫଟୋଗ୍ରାଫର ମହାସଂଘ ପକ୍ଷରୁ ଫଟୋଗ୍ରାଫି ଦିବସ ପାଳନ କାର୍ଯ୍ୟକ୍ରମ ଉଦ୍‌ଯାପନ, ପୌରସଦନ, ଅପରାହ୍ନ ୫ଟା ୩୦।
- ସମୁଦ୍ର ଆଳତି, ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମି, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦।

## ବ୍ୟବସ୍ଥାବଳୀ ଉଲ୍ଲଂଘନ
## ଚିହ୍ନଟ ୨୪ଜଣଙ୍କ ଭିତରେ ଜେଟିପି

**ପୁରୀ ଅଫିସ,୧୯।୮:** ରଥଯାତ୍ରା ବ୍ୟବସ୍ଥାବଳୀକୁ ଉଲ୍ଲଂଘନ କରିଥିବା ସେବକ, କର୍ମଚାରୀଙ୍କୁ ଚିହ୍ନଟ କରାଯାଇଛି। ସ୍ନାନଯାତ୍ରାଠୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ହୋଇଥିବା ସିସିଟିଭି ଫୁଟେଜ୍ ଯାଞ୍ଚରୁ ପ୍ରାଥମିକ ପର୍ଯ୍ୟାୟରେ ୨୪ ଜଣଙ୍କ ତାଲିକା ପ୍ରସ୍ତୁତ କରିଛି ଶ୍ରୀମନ୍ଦିର ପ୍ରଶାସନ। ଏହି ତାଲିକାରେ ଜଣେ ଜେଟିପି (ଜଗନ୍ନାଥ ଟେମ୍ପୁଲ ପୋଲିସ) ରହିଥିବା କୁହାଯାଉଛି। ତେବେ ସୁରକ୍ଷା ଦାୟିତ୍ୱରେ ଥିବା ଜେଟିପି ବ୍ୟବସ୍ଥାବଳୀ ଉଲ୍ଲଂଘନ କରିବା ଘଟଣା ମନ୍ଦିର ପ୍ରଶାସନର ଚିନ୍ତା ବଢ଼ାଇଛି। ଆଗାମୀ ଦିନରେ ପ୍ରଶାସନ କାହାକୁ ଭରସା କରିବ ବୋଲି ଚର୍ଚ୍ଚା ହେଉଛି। ଶନିବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଗଣମାଧ୍ୟମକୁ କହିଥିଲେ ଯେ, ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଯେତେସବୁ ସିସିଟିଭି ଫୁଟେଜ ନିଆଯାଇଥିଲା ତାହାର ଯାଞ୍ଚ କରାଯାଇଛି। ବ୍ୟବସ୍ଥାବଳୀକୁ ଉଲ୍ଲଂଘନ କରିଥିବା ୨୪ ଜଣ ସେବକ ଓ କର୍ମଚାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ତାଲିକା ହୋଇଛି। ସେମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେ ନେଇ କାରଣଦର୍ଶାଅ ନୋଟିସ ଜାରି କରାଯିବ। ଏଥିସହ ଏହି ଫୁଟେଜ ଆଉଥରେ ଭଲ ଭାବେ ଯାଞ୍ଚ ହେବ, ଯେଉଁମାନେ ଉଲ୍ଲଂଘନ କରିଥିବେ ସେମାନଙ୍କୁ ମଧ୍ୟ ନୋଟିସ କରାଯିବ।

# ଦେବୀ ମୁହାଣରେ ଓଲଟିଲା ଡଙ୍ଗା

**କାକଟପୁର/କୋଣାର୍କ, ୧୯।୮(ଡି.ଏନ୍.ଏ.)**

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଦେବୀ ମୁହାଣଠାରେ ରବିବାର ସନ୍ଧ୍ୟାରେ ଡଙ୍ଗା (ଟାପା) ଓଲଟି ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଥିବାବେଳେ ୯ଜଣ ଉଦ୍ଧାର ହୋଇଛନ୍ତି। ନିଖୋଜ ମତ୍ସ୍ୟଜୀବୀ ହେଲେ କାଳିଆକଣ ଗ୍ରାମର ନିରଞ୍ଜନ ବେହେରା। ନିରଞ୍ଜନଙ୍କ ସମେତ ୧୦ଜଣ ମତ୍ସ୍ୟଜୀବୀ ୩ଟି ଡଙ୍ଗାରେ ମାଛ ମାରିବାକୁ ଦେବୀ ନଦୀ ମୁହାଣ ଦେଇ ସମୁଦ୍ରକୁ ଯାଉଥିଲେ। ସେହି ସମୟରେ ସମୁଦ୍ର ଜୁଆରିଆ ଥିବାରୁ ମୁହାଣରେ ଉଚ୍ଚ ଲହଡ଼ି ସହ ପ୍ରଖର ସ୍ରୋତ ରହିଥିଲା। ନିରଞ୍ଜନ ଥିବା ଡଙ୍ଗାଟି ପ୍ରଥମେ ଓଲଟି ପଡ଼ିବାରୁ ସେଥିରେ ଥିବା ଅନ୍ୟ ୩ଜଣ ମତ୍ସ୍ୟଜୀବୀ ପରମାନନ୍ଦ ବେହେରା (୫୫), ନବଘନ ବେହେରା (୬୦), ସଞ୍ଜୟ ବେହେରା (୩୫) ବୁଡ଼ିଯାଇଥିଲେ। ଏହି ସମୟରେ ଓଲଟି ପଡ଼ିଥିବା ଡଙ୍ଗା ଅନ୍ୟ ଦୁଇ ଡଙ୍ଗା ସହ ଧକ୍କା ହେବାରୁ ସେଥିରେ ଥିବା ଅନ୍ୟ ୬ଜଣ ମତ୍ସ୍ୟଜୀବୀ ଚନ୍ଦ୍ରମଣି ବେହେରା, ଅଙ୍ଗଦ ବେହେରା, ମାଗୁ ବେହେରା, ପ୍ରଦୀପ ବେହେରା, ରମେଶ ବେହେରା ଓ ଦିଲୀପ ବେହେରା ପାଣିକୁ ଖସିପଡ଼ିଥିଲେ। ତେବେ ୯ଜଣ ମତ୍ସ୍ୟଜୀବୀ ପହଁରି ପହଁରି ବହୁ କଷ୍ଟରେ ଦୁଇଟି ଡଙ୍ଗାକୁ ଉଠି ଆସିଥିଲେ। ମାତ୍ର ନିରଞ୍ଜନ ନିଖୋଜ ହୋଇଯାଇଥିଲେ। ଉଦ୍ଧାର ପାଇଥିବା ମତ୍ସ୍ୟଜୀବୀମାନେ କୂଳକୁ ଆସି ଏ ସମ୍ପର୍କରେ ଗାଁ ଲୋକଙ୍କୁ ଖବର ଦେବା ପରେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର ଜନ୍ମେଜୟ ସାହୁ ଏବଂ ଅସ୍ତରଙ୍ଗ ବିଡିଓ ମନୋଜ ବେହେରା ପ୍ରମୁଖ ନୂଆଗଡ଼ ଜେଟୀ ନିକଟରେ ପହଞ୍ଚିଥିଲେ। ପରେ ଖବର ପାଇ କଟକରୁ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ନିରଞ୍ଜନଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳି ନ ଥିଲା। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ସାହୁ କୁହନ୍ତି, ଦୁର୍ଘଟଣା ଘଟିଥିବା ୩ଟି ଡଙ୍ଗାର କାଗଜପତ୍ର ଏବଂ ଲାଇସେନ୍ସ ଯାଞ୍ଚ କରାଯିବ। ଯଦି ମତ୍ସ୍ୟଜୀବୀମାନେ କୌଣସି ଖିଲାପ କରିଥାନ୍ତି ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

- ଜଣେ ମତ୍ସ୍ୟଜୀବୀ ନିଖୋଜ, ୯ ଉଦ୍ଧାର
- ଓଡ୍ରାଫ୍ ଟିମ୍ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି

### ଇଲିଶି ଲୋଭ କାଳ ହେଲା

ଲଘୁଚାପ ଏବଂ ପ୍ରଶାସନର ବାରଣ ସତ୍ତ୍ୱେ ଇଲିଶି ଧରିବା ଲୋଭରେ ପଡ଼ି ମତ୍ସ୍ୟଜୀବୀ ନିରଞ୍ଜନଙ୍କୁ ଏଭଳି ଦଶା ଭୋଗିବାକୁ ପଡ଼ିଛି। ଗତ ଦୁଇ ତିନିଦିନ ଧରି ଅସ୍ତରଙ୍ଗ ଓ କୋଣାର୍କ ଅଞ୍ଚଳରେ ପ୍ରଚୁର ପରିମାଣର ଇଲିଶି ମତ୍ସ୍ୟଜୀବୀମାନଙ୍କ ଜାଲରେ ପଡ଼ୁଛନ୍ତି। ବଜାରରେ ଇଲିଶି ମାଛର ଚାହିଦା ଥିବାରୁ ଅଧିକ ରୋଜଗାର ଆଶାରେ ମତ୍ସ୍ୟଜୀବୀମାନେ ଜୀବନକୁ ବାଜି ଲଗାଇ ସମୁଦ୍ର ଅଶାନ୍ତ ଥିବା ସମୟରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ପାଟସୁନ୍ଦରପୁର, ବାଲିଡ଼ିଆ, କାଳିଆକଣ, ନଗର ଓ ନୂଆଗଡ଼ ପ୍ରଭୃତି ଗ୍ରାମର ଶତାଧିକ ମତ୍ସ୍ୟଜୀବୀ ପ୍ରାୟ ୯୦ ଖଣ୍ଡ ଟାପାରେ ସମୁଦ୍ରକୁ ମାଛ ଧରିବାକୁ ଯାଉଛନ୍ତି। ମାତ୍ର ରବିବାର ମଧ୍ୟାହ୍ନରେ ଏହି ୧୦ଜଣ ମତ୍ସ୍ୟଜୀବୀ ୩ଟି ଟାପାରେ ମାଛ ଧରିବାକୁ ଯାଉଥିବାବେଳେ ଏଭଳି ଅଘଟଣ ଘଟିଥିଲା।



କଟକ ଓଡ୍ରାଫ୍ ଟିମ୍ ପକ୍ଷରୁ ଘଟଣାସ୍ଥଳରେ ଖୋଜାଖୋଜି ଚାଲିଛି।

### କାଠଯୋଡ଼ି ନଦୀରେ ବୁଡ଼ି ଛାତ୍ରୀ ନିଖୋଜ

**କଟକ ଅଫିସ, ୧୯।୮:** ରବିବାର ଅପରାହ୍ନରେ କାଠଯୋଡ଼ି ନଦୀରେ ଗାଧୋଉଥିବାବେଳେ ପାଣିରେ ବୁଡ଼ିଯାଇ ଜଣେ ଶ୍ରେଣୀ ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ମର୍କତନଗର ଥାନା ଅନ୍ତର୍ଗତ କାଠଯୋଡି ବିହାର ଅଞ୍ଚଳର ଛବି ବିଶୋୟୀ(୧୪)। ଅପରାହ୍ନ ପ୍ରାୟ ୨ଟାରେ ଛବି ତାଙ୍କ ଭାଇଙ୍କ ସହ କାଠଯୋଡି ବିହାର ତାରିଣୀଗଡା ଘାଟକୁ ଗାଧୋଇବାକୁ ଯାଇଥିଲେ। ନଦୀକୂଳରେ ଗାଧୋଉଥିବା ବେଳେ ଛବିଙ୍କ ଗୋଡ ଖସିଯିବାରୁ ସେ ପାଣି ମଧ୍ୟକୁ ଚାଲି ଯାଇଥିଲେ। ତାଙ୍କ ଭାଇ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ପାଣି ଭିତରକୁ ଯାଇ ଆସି ପାରି ନ ଥିଲେ। ସ୍ଥାନୀୟ ଲୋକ ଦେଖି ଛବିଙ୍କ ଭାଇଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ଏ ନେଇ ତାଙ୍କ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ଛବିଙ୍କ ପତ୍ତା ମିଳି ନ ଥିଲା। ଖବରପାଇ ମର୍କତନଗର ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ରିପୋର୍ଟ ଲେଖାଯିବାବେଳକୁ ଛବିଙ୍କ ପତ୍ତା ମିଳିପାରିନାହିଁ। ଛବି ସ୍ଥାନୀୟ ଏକ ହାଇସ୍କୁଲର ନବମ ଶ୍ରେଣୀରେ ଛାତ୍ରୀ।



ନାଟକ 'ଟୁ ଆଡୋରେବୁଲ୍ ଲୁଜର୍ସ'ର ଏକ ଦୃଶ୍ୟରେ ଦର୍ଶିଲ ସଫାରି (ଡାହାଣ)।

# ହସାଇଲେ ଦର୍ଶିଲ

### ଭୁବନେଶ୍ୱରରେ ମଞ୍ଚସ୍ଥ ହେଲା 'ଟୁ ଆଡୋରେବୁଲ୍ ଲୁଜର୍ସ'

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

୧୦ବର୍ଷ ପୂର୍ବେ ଫିଲ୍ମ 'ତାରେ ଜମିନ୍ ପର୍'ରେ ସମଗ୍ର ଦେଶକୁ କନ୍ଦାଇଥିଲେ ଶିଶୁ କଳାକାର ଦର୍ଶିଲ ସଫାରି। ଆଉ ଏବେ ଠିକ୍ ୧୦ବର୍ଷ ପରେ ଦର୍ଶିଲ ଜଣେ ପ୍ରତିଭାବାନ ଯୁବ କଳାକାର ଭାବେ ମଞ୍ଚରେ ନିଜ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ହସାଇ ହସାଇ ବେଦମ୍ କରିଛନ୍ତି। ପ୍ରଥମ ଥର ପାଇଁ ଏହି 'ତାରେ ଜମିନ୍ ପର୍' ଫେମ୍‌ଙ୍କ ଲାଇଭ୍ ପର୍ଫମାନ୍ସର ମଜାନେଇଛନ୍ତି ଥିଏଟରପ୍ରେମୀ। ଭୁବନେଶ୍ୱର ଥିଏଟରପ୍ରେମୀମାନଙ୍କ ପାଇଁ ଏଭଳି ଏକ ଅବସର ଆଣିଦେଇଥିଲା ସାମାଜିକ ଅନୁଷ୍ଠାନ ଜୈନ ଫାଉଣ୍ଡେଶନ। ପ୍ରଥମ ଥର ଲାଗି ଭୁବନେଶ୍ୱରର ମଞ୍ଚରେ ପରିବେଷିତ କଣ୍ଟେମ୍ପୋରାରୀ ଇଂଲିଶ କମେଡି ପ୍ଲେ 'ଟୁ ଆଡୋରେବୁଲ୍ ଲୁଜର୍ସ'ରେ ଦର୍ଶିଲଙ୍କ ଅଭିନୟ ଥିଲା ବେଶ୍ ଉଚ୍ଚକୋଟୀର। ଜୈନ ଫାଉଣ୍ଡେଶନର ବାର୍ଷିକ ଫଣ୍ଡରେଜିଂ କାର୍ଯ୍ୟକ୍ରମର ଏକ ଅଂଶସ୍ୱରୂପ ଏହି ନାଟକ ରବିବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା।

'ଟୁ ଆଡୋରେବୁଲ୍ ଲୁଜର୍ସ'ର ଲିଡ୍‌ରେ ରହିଥିଲେ ଦର୍ଶିଲ ସଫାରି। ତାଙ୍କ ସହ ମୁମ୍ବାଇ ଥିଏଟର ଜଗତରେ ଲୋକପ୍ରିୟତା ହାସଲ କରିଥିବା ଓଡ଼ିଶା ଜନ୍ମିତ ନାଟ୍ୟ ନିର୍ଦ୍ଦେଶକ, ପ୍ରଯୋଜକ, ଲେଖକ ତଥା ଅଭିନେତା ଅଭିଷେକ ପଟ୍ଟନାୟକଙ୍କୁ ଏଥିରେ ଦେଖିବାକୁ ମିଳିଥିଲା। ଅଭିଷେକ ନାଟକକୁ ପ୍ରସ୍ତୁତ କରିଥିବା ବେଳେ ଏଥିରେ ଅଭିନୟ ମଧ୍ୟ କରିଥିଲେ। ସବୁଠାରୁ ବଡ଼କଥା ହେଲା, ଏହି ନାଟକରେ ଓଡ଼ିଆ ଫ୍ଲେଭରର ଅନୁଭବ ପାଇଥିଲେ ଉପସ୍ଥିତ ଦର୍ଶକ। ମୁମ୍ବାଇରେ ରହୁଥିବା ଜଣେ ଓଡ଼ିଆ ପ୍ରଫେସର ଓ ତାଙ୍କର ଜଣେ ଛାତ୍ରଙ୍କ ଉପରେ ନାଟକଟି ଆଧାରିତ ଥିଲା। ଉଭୟେ କିଭଳି ଉଭୟଙ୍କୁ ସହାୟତା କରୁଛନ୍ତି, ତାହାକୁ କମେଡିର ତଡ଼କା ସହ ନିର୍ଦ୍ଦେଶକ ଉପସ୍ଥାପନ କରିଥିଲେ। ପୂର୍ବରୁ ଏହା ଦେଶର ବିଭିନ୍ନ ସହରରେ ମଞ୍ଚସ୍ଥ ହୋଇ ପ୍ରଶଂସିତ ହୋଇଥିବା ବେଳେ ପ୍ରଥମଥର ପାଇଁ ଭୁବନେଶ୍ୱରରେ ମଞ୍ଚସ୍ଥ ହୋଇଥିଲା। ଅଟିଜମ୍ କମ୍ୟୁନିଟି ପାଇଁ କାମ କରୁଥିବା ଜୈନ ଫାଉଣ୍ଡେଶନ ପୂର୍ବରୁ ମଧ୍ୟ ଏଭଳି ଏକାଧିକ ଫଣ୍ଡରେଜିଂ କାର୍ଯ୍ୟକ୍ରମର ଆୟୋଜନ କରିଛି। ୨୦୧୫ରେ ପ୍ରଥମଥର ପାଇଁ ସବାନା ଆଜ୍‌ମୀ ଓ ଜାଭେଦ ଅଖତରଙ୍କ ବହୁଚର୍ଚ୍ଚିତ 'କାଫିଲ୍ ଔର୍ ମେଁ, ୨୦୧୬ରେ ନାସିରୁଦ୍ଦିନ୍ ଶାହଙ୍କ 'ଆଇନ୍‌ଷ୍ଟାଇନ୍' ଏବଂ ୨୦୧୭ରେ ଶେରନାଜ୍ ପଟେଲ୍ ଓ ରଜତ କପୁରଙ୍କ 'ସିନ୍ଧୁସ୍ ଅଫ୍ ଅପର୍ ଜୁହୁ' ଭଳି ଯୁଗାନ୍ତକାରୀ ନାଟକ ଭୁବନେଶ୍ୱରକୁ ଆଣି ଚର୍ଚ୍ଚାରେ ରହିଥିଲା। ଚଳିତବର୍ଷ ଫାଉଣ୍ଡେଶନ ପକ୍ଷରୁ ପ୍ରତିଭାବାନ୍ ଯୁବ ଓଡ଼ିଆ ନାଟ୍ୟ ନିର୍ଦ୍ଦେଶକ ତଥା ପ୍ରଯୋଜକ ଅଭିଷେକଙ୍କୁ ଓଡ଼ିଶାରେ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଦେବା ଏହି କାର୍ଯ୍ୟକ୍ରମ ଆୟୋଜନର ଆଉ ଏକ ପ୍ରମୁଖ ଉଦ୍ଦେଶ୍ୟ ଥିଲା।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ।

ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନ

## ସାମିଲ ହେଲା ହୋପ ଇଜ୍ ଲାଇଫ୍

- ବଢ଼ୁଛି ଯୁବଗୋଷ୍ଠୀଙ୍କ ଆଗ୍ରହ
- ଦେଉଛନ୍ତି ସଚେତନତା ବାର୍ତ୍ତା

**ପୁରୀ ଅଫିସ,୧୯।୮**

ଦେଶରେ ପ୍ଲାଷ୍ଟିକ ଓ ପଲିଥିନଜନିତ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ପ୍ରଦୂଷଣର ମୁଖ୍ୟ କାରଣ ସାଜିଛି। ପ୍ଲାଷ୍ଟିକର ବହୁଳ ବ୍ୟବହାର ସମାଜ ଲାଗି କ୍ଷତିକାରକ ପାଲଟିଛି। ଏହାର ମାତ୍ରାଧିକ ବ୍ୟବହାର ଜୈବ ବିବିଧତାକୁ ମଧ୍ୟ ନଷ୍ଟ କରୁଛି ବୋଲି ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହରିହର ହୋତା କହିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ହୋପ ଇଜ୍ ଲାଇଫ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ 'କ୍ୟାମ୍ପସ ସଫେଇ ଏବଂ ପଲିଥିନକୁ ନା' କାର୍ଯ୍ୟକ୍ରମରେ ପ୍ରଫେସର ହୋତା ଏହା କହିଛନ୍ତି।

ରାଜ୍ୟ ସରକାର ଆସନ୍ତା ଗାନ୍ଧୀ ଜୟନ୍ତୀଠାରୁ ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାରକୁ ନିଷିଦ୍ଧ ଘୋଷଣା କରିଛନ୍ତି। ଏହା ପୂର୍ବରୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଛି ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନ। ରବିବାର ଏହି ଅଭିଯାନକୁ ସ୍ୱାଗତ ଜଣାଇ ହୋପ ଇଜ୍ ଲାଇଫର ସଦସ୍ୟଙ୍କ ସମେତ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଏନଏସଏସ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ସଫେଇ ସହିତ ପଲିଥିନ ମୁକ୍ତ କ୍ୟାମ୍ପସ ଲାଗି ବାର୍ତ୍ତା ଦେଇଥିଲେ। ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀମାନେ ଏନେଇ ସଂକଳ୍ପ ମଧ୍ୟ ନେଇଥିଲେ।

ହୋପ ଇଜ୍ ଲାଇଫର ସଭାପତି ସୁରେଶ ନନ୍ଦ, ଶଶିକଳା ନାୟକ, ନିରଞ୍ଜନ ବେହେରା, ପ୍ରିୟବ୍ରତ ମିଶ୍ର, ଶିବଶଙ୍କର ରେଡ୍ଡୀ, ସୁକାନ୍ତ ସାହୁ, ଦୀପକ ରାଉତରାୟ, ଦିବାକର ଦଳେଇଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଦେବାଶିଷ ତ୍ରିପାଠୀଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଏନଏସଏସ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା ପାଇଁ ସଚେତନ କଲା ଆଦିତ୍ୟ ବାହିନୀ

**ପୁରୀ ଅଫିସ, ୧୯।୮**

ଦିନକୁ ଦିନ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏହି ପ୍ରଦୂଷଣ ପାଇଁ ପ୍ରମୁଖ ଦାୟୀ ହେଉଛି ପ୍ଲାଷ୍ଟିକ୍ ଓ ପଲିଥିନ। ଏହାର କୁପ୍ରଭାବର ଶିକାର ହେଉଛି ମଣିଷ। ତେଣୁ ଆମକୁ ହିଁ ସଚେତନ ହେବାକୁ ପଡିବ। ପ୍ଲାଷ୍ଟିକ, ପଲିଥିନ ବ୍ୟବହାରରୁ ମୁହଁ ଫେରାଇବାକୁ ହେବ। ଏଭଳି ସଚେତନତା ବାର୍ତ୍ତା ଦେଇ ପ୍ଲାଷ୍ଟିକ, ପଲିଥିନମୁକ୍ତ ଓଡ଼ିଶା ଅଭିଯାନରେ ସାମିଲ ହୋଇଛି ଆଦିତ୍ୟ ବାହିନୀ। ରବିବାର ସକାଳେ ଗୋବର୍ଦ୍ଧନ ମଠ ତରଫରୁ ଆଦିତ୍ୟ ବାହିନୀ ପକ୍ଷରୁ ପ୍ଲାଷ୍ଟିକ, ପଲିଥିନମୁକ୍ତ ଓଡ଼ିଶା ଅଭିଯାନ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଆଦିତ୍ୟ ବାହିନୀ କର୍ମକର୍ତ୍ତାଙ୍କ ସହ ସାଧାରଣ ଜନତା ସାମିଲ ହୋଇ ପୁରୀ ସହରର ବିଭିନ୍ନ ସାହି ବସ୍ତି ପରିକ୍ରମା କରିଥିଲେ। ଶୋଭାଯାତ୍ରାକାରୀମାନେ ପ୍ଲାଷ୍ଟିକ ବ୍ୟବହାର ନ କରିବା ଲାଗି ଲୋକମାନଙ୍କୁ ସଚେତନ କରିଥିଲେ। ଏହି ଶୋଭାଯାତ୍ରାରେ ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ମୁଖପାତ୍ର ମନୋଜ ରଥ, ପୁରୀ ଆଦିତ୍ୟ ବାହିନୀ ସଭାପତି ବିଜୟକୃଷ୍ଣ ବ୍ରହ୍ମା, ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, ପୁରୀ ଜିଲା ଆଦିତ୍ୟ ବାହିନୀ ସମ୍ପାଦକ ଦେବେନ୍ଦ୍ର ମହାରଣା, ବିରଞ୍ଚି ମିଶ୍ର, ମଧୁସୂଦନ ଗଡ଼ନାୟକ, ଜଗନ୍ନାଥ ରେଡ୍ଡୀ ପ୍ରମୁଖ ସାମିଲ ଥିଲେ।




ପୁରୀ ଗୋବର୍ଦ୍ଧନ ମଠ ପକ୍ଷରୁ ଆଦିତ୍ୟ ବାହିନୀର ସଦସ୍ୟମାନେ ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନରେ ସାମିଲ ହୋଇ ସଚେତନତା ବାର୍ତ୍ତା ଦେଉଛନ୍ତି।




ହୋପ ଇଜ୍ ଲାଇଫ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ 'କ୍ୟାମ୍ପସ ସଫେଇ ଏବଂ ପଲିଥିନକୁ ନା' କାର୍ଯ୍ୟକ୍ରମ।



ଜନନୀ ଓ ଜନ୍ମଭୂମି ସରଗଠୁ ବଡ଼ ।
- ମହର୍ଷି ବାଲ୍ମିକୀ



## ସଂକ୍ଷେପରେ

### ଏସ୍‌ସିବିରେ ତୃତୀୟ ଡେଙ୍ଗୁ ମୃତ୍ୟୁ

**କଟକ ଅଫିସ,୧୯।୮:** ରବିବାର ସନ୍ଧ୍ୟାରେ ଏସ୍‌ସିବି ମେଡିକାଲରେ ଡେଙ୍ଗୁ ରୋଗରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରତିମା ସ୍ୱାଇଁ (୩୫)। ତାଙ୍କ ଘର କଟକ ଜିଲା ଟାଙ୍ଗୀ ବ୍ଲକ ହରିଅନ୍ତା ଗ୍ରାମରେ। ପ୍ରତିମା ଶନିବାର ଅପରାହ୍ଣ ୨ଟାରେ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହା ଏସ୍‌ସିବିରେ ଚଳିତବର୍ଷର ତୃତୀୟ ଡେଙ୍ଗୁ ମୃତ୍ୟୁ ଓ କଟକ ପାଇଁ ପ୍ରଥମ। ଏସ୍‌ସିବିରେ ପ୍ରଥମ ଡେଙ୍ଗୁ ମୃତ୍ୟୁ ଗତ ଜୁନ ୨୪ରେ ଘଟିଥିଲା। ମୃତକ ଥିଲେ କେନ୍ଦୁଝରର ତ୍ରୈଲୋକ୍ୟ ବାରିକ। ଦ୍ୱିତୀୟ ଡେଙ୍ଗୁ ମୃତ୍ୟୁ ଜୁଲାଇ ୯ରେ ଘଟିଥିବାବେଳେ ସେ ଥିଲେ ପୁରୀର ପ୍ରଶାନ୍ତ ମହାରଣା। ରବିବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବିରେ ୮୬ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୮୦ ଜଣ ୱାର୍ଡରେ ଥିବାବେଳେ ୬ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ରବିବାର ୫୯ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୨୦ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ରୋଗୀଙ୍କ ମଧ୍ୟରୁ କଟକରୁ ୯ ଜଣ ଥିବାବେଳେ ଜଗତ୍‌ସିଂହପୁରରୁ ୩, ବାଲେଶ୍ୱରରୁ ୨, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜରୁ ଜଣେ ଲେଖାଏ ରୋଗୀ ରହିଛନ୍ତି।

### ଗୁରୁଦିବସରୁ ଡ୍ରେସ୍ କୋଡ୍ ମାନିବେନି ଶିକ୍ଷକ

**ଭୁବନେଶ୍ୱର,୧୯।୮(ବ୍ୟୁରୋ):** ଓଡ଼ିଶା ମିଳିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ମହାସଂଘର ଏକ ଜରୁରୀ ବୈଠକ ରବିବାର ନେହେରୁ ଯୁବ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ନେତା ଲକ୍ଷ୍ମଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏଲିମେଣ୍ଟାରୀ ଟିଚି ଶିକ୍ଷକ ସଂଘ, ଅଟିବ୍ୟୁଜ୍ ସଂଘ, ଏନ୍.ପି.ଏସ୍. ସଂଘ, ବିଏଡ୍ ଶିକ୍ଷା ସହାୟକ ସଂଘ, ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ, ଓଇଷ୍ଟା ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡର) ମହାସଂଘ, ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ, ଏମ୍.ଏଲ୍.ଇ ଶିକ୍ଷା ସହାୟକ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସରକାରଙ୍କ ଶିକ୍ଷକ ବିରୋଧୀ ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଗ୍ରେଡ୍ ପେ’ ବୃଦ୍ଧି କରିବା, ସପ୍ତମ ବେତନ କମିଶନ ଲାଗୁ କରିବା ଭଳି ବିଭିନ୍ନ ଦାବି ନେଇ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ଆସନ୍ତା ଗୁରୁଦିବସ ଦିନଠାରୁ ଡ୍ରେସ୍ କୋଡ୍ ବ୍ୟବସ୍ଥାକୁ ବର୍ଜନ କରିବା ସହିତ ୬ ତାରିଖରୁ ହଜାର ହଜାର ଶିକ୍ଷୟିତ୍ରୀ ଶିକ୍ଷକ ବିଧାନସଭା ଘେରାଉ କରିବା ପାଇଁ ମହାସଂଘ ନିଷ୍ପତ୍ତି ନେଇଛି। ବୈଠକରେ ଆବାହକମଣ୍ଡଳୀ ସଭ୍ୟ ସରୋଜ କୁମାର ପଣ୍ଡା, ସଚିକାନ୍ତ ମିଶ୍ର, ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଖଣ୍ଡଗିରିରେ କିନ୍ନରଙ୍କ ଉତ୍ପାତ

# ଛାତ୍ରଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇଲେ

- ତାଡିଲେ ସାଧାରଣ ଲୋକ, କିନ୍ନରଙ୍କ ଗାଡ଼ି ପୋଡିଲେ
- ୪ କିନ୍ନର ଥାନାରେ ଅଟକ



ଘଟଣାସ୍ଥଳରେ ସୃଷ୍ଟି ହୋଇଥିବା ଉତ୍ତେଜନା।



ଲୋକେ ପୋଡ଼ିଦେଇଥିବା କିନ୍ନରଙ୍କ ଗାଡ଼ି।

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ଖଣ୍ଡଗିରିରେ ଦିନକୁ ଦିନ କିନ୍ନରଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ପୂର୍ବରୁ ନାଗାବାବାଙ୍କୁ ସର୍ବ ସମ୍ମୁଖରେ ଉଲଗ୍ନ କରି ପିଟିବା ପରେ ରବିବାର ପୁଣି ସେମାନଙ୍କର ଆତଙ୍କ ଦେଖିବାକୁ ମିଳିଛି। ଦୁଇଜଣ ଛାତ୍ରଙ୍କୁ କିନ୍ନରମାନେ ଅଟକାଇ ଗାଡ଼ି ଓ ଟଙ୍କା ଛଡାଇବା ସହ ମାଡ଼ ମାରି ସେମାନଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସ୍ଥାନୀୟ ଲୋକେ କିନ୍ନରଙ୍କ କାର୍ଯ୍ୟକଳାପକୁ ବିରୋଧ କରିବା ସହ ସେମାନଙ୍କୁ ମାଡ ମାରିଥିଲେ। ଏଥିସହ ସେମାନଙ୍କର ଗୋଟିଏ ଗାଡିକୁ ମଧ ଜାଳି ଦେଇଛନ୍ତି। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ସ୍ଥାନୀୟ ଲୋକେ କାବୁ କରିଥିବା ୪ଜଣ କିନ୍ନରଙ୍କୁ ପୋଲିସର ଜିମା ଦେଇଥିଲେ। ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି। ଏହାସହ ଲୋକଲଜ୍ଜା ଭୟରେ ଛାତ୍ର ଜଣକ ଫେରାର ହୋଇଯାଇଥିବାରୁ କିନ୍ନରଙ୍କ ବିରୋଧରେ ଅଭିଯୋଗ କରିବାକୁ କେହି ଥାନାକୁ ଆସି ନାହାନ୍ତି। ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରିବ ବୋଲି ଖଣ୍ଡଗିରି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି। ଅଟକ ଥିବା ୪ କିନ୍ନରଙ୍କ ନାମରେ ମାମଲା ରୁଜୁ କରାଯାଇ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ରାତି ପ୍ରାୟ ୮ଟା ସମୟରେ ଦୁଇ ଜଣ ଛାତ୍ର ଖଣ୍ଡଗିରି ପାଦ ଦେଶରେ ଥିବା ଓଟିଡିସି ପାର୍କିଂ ସ୍ଥଳକୁ ଆସିଥିଲେ। ସେଠାରେ ସେମାନଙ୍କର କିନ୍ନରଙ୍କ ସହ ବଚସା ହୋଇଥିଲା। ଫଳରେ କିନ୍ନରମାନେ ଉକ୍ତ ଛାତ୍ରଙ୍କ ବାଇକ୍ ଓ ଟଙ୍କା ଛଡାଇ ରଖି ସେମାନଙ୍କୁ ମାଡ଼ ମାରିଥିଲେ। କିନ୍ନରଙ୍କ ମାଡ଼ରେ ଜଣେ ଛାତ୍ରଙ୍କ ମୁଣ୍ଡ ଫାଟି ଯାଇଥିଲା। ଏ ସମ୍ପର୍କରେ ଅନ୍ୟ ଛାତ୍ରଜଣକ ତାଙ୍କ ହଷ୍ଟେଲ ପିଲାଙ୍କୁ ଫୋନ କରି ଜଣାଇଥିଲେ। ଖବରପାଇ ଘଟଣାସ୍ଥଳକୁ ୧୫ରୁ ଊର୍ଦ୍ଧ୍ୱ ଯୁବକ ବାଇକ୍‌ରେ ଆସି କିନ୍ନରଙ୍କୁ ମାଡ଼ ମାରି ସେମାନେ ଛଡାଇ ରଖିଥିବା ବାଇକକୁ ନେବା ସହ ଆହତ ଦୁଇ ଛାତ୍ରଙ୍କୁ ନେଇଯାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇଯାଇଥିଲେ। ସେମାନେ କିନ୍ନରଙ୍କୁ ମାଡ଼ ମାରିବା ସହ ୪ଜଣଙ୍କୁ କାବୁ କରିଥିଲେ। ଏହାଛଡ଼ା କିନ୍ନରଙ୍କ ଗୋଟିଏ ସ୍କୁଟିକୁ ଜାଳି ଦେଇଥିଲେ। ଏହା ଦେଖି ସେଠାରେ ଥିବା ଅନ୍ୟ କିନ୍ନରମାନେ ଫେରାର ହୋଇଯାଇଥିଲେ। ସେଠାରୁ କିନ୍ନର ହାଟକୁ ହଟାଇବା ପାଇଁ ସ୍ଥାନୀୟ ଲୋକେ ଦାବି କରି କିଛି ସମୟ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହାସହ ଲୋକମାନେ କାବୁ କରିଥିବା ୪ କିନ୍ନରଙ୍କୁ ଥାନାକୁ ନେଇ ଯାଇଥିଲେ।



ଭୁବନେଶ୍ୱର ମଡର୍ନ ଆର୍ଟ ଗ୍ୟାଲେରି ପରିସରରେ ରବିବାର ଉଦ୍‌ଘାଟିତ ହୋଇଥିବା କଳା ପ୍ରଦର୍ଶନୀ ‘ରିଗେଲ୍’କୁ ଯୁବତୀମାନେ ବୁଲି ଦେଖୁଛନ୍ତି।

## ବିଶ୍ୱ ଫଟୋଗ୍ରାଫି ଦିବସ: ଧଉଳିରେ କର୍ମଶାଳା

ପୁରୁଣା ଭୁବନେଶ୍ୱର, ୧୯।୮ (ଡି.ଏନ.ଏ.)

ପ୍ରକୃତିରୁ ସୁନ୍ଦର ଦୃଶ୍ୟକୁ ନିଜ କ୍ୟାମେରାରେ ରୂପ ଦେବା ଫଟୋଗ୍ରାଫରଙ୍କ ସୃଜନଶୀଳତା। ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଶାନ୍ତିସ୍ତୁପଠାରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଚାରିଦିନିଆ ଫଟୋଗ୍ରାଫି କର୍ମଶାଳା ଆରମ୍ଭ ହୋଇଛି। ଏହି କର୍ମଶାଳାକୁ ଫଟୋଗ୍ରାଫର ସିଦ୍ଧାର୍ଥ ଦେ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଉଦ୍‌ଘାଟନ କରିଥିଲେ। ଉତ୍ତମ ଫଟୋଚିତ୍ର ସୃଜନଶୀଳତା ଓ ସଭ୍ୟତାର ସ୍ମୃତି ବହନ କରିଥାଏ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଦେ ସ୍ଲାଇଡ ଶୋ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଫଟୋଗ୍ରାଫର ଇତିହାସ ଓ କୌଶଳ ସମ୍ପର୍କରେ କହିଥିଲେ। ବାଲୁକା ଶିଳ୍ପୀ ସୁବଳ ମହାରଣା, ଅଧ୍ୟାପକ ବିଶ୍ୱକାନ୍ତ ପଣ୍ଡା, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କର୍ମଶାଳାରେ ତାପସ ରଞ୍ଜନ ମହାଳିକ, ମନୀଷା ମହାରଣା, ଅମ୍ବିକା ପଣ୍ଡା, ଅଳକାନନ୍ଦା ଦାସ, ଜ୍ୟୋତି ରଞ୍ଜନ ସାହୁ, ସାରଥି ପଲାଇ, ବିକାଶ ରଞ୍ଜନ ସ୍ୱାଇଁ ପ୍ରମୁଖ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଧଉଳି ପାହାଡର ଆଖପାଖ ସୌନ୍ଦର୍ଯ୍ୟକୁ ନିଜ କ୍ୟାମେରାରେ ଫଟୋ ତୋଳି ଧରିବାକୁ ଚେଷ୍ଟା କରିବେ ବୋଲି ଅଧ୍ୟକ୍ଷ ସାମଲ ସୂଚନା ଦେଇଛନ୍ତି।

## କେରଳରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କଲା ଓଡ଼ିଶା ଅଗ୍ନିଶମ ବିଭାଗ

**ଭୁବନେଶ୍ୱର,୧୯।୮(ବ୍ୟୁରୋ):** ପ୍ରଳୟଙ୍କରୀ ବନ୍ୟା ପ୍ରପିଡିତ କେରଳରେ ଓଡିଶା ଅଗ୍ନିଶମ ବିଭାଗର ୨୪୦ ଜଣ ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ରବିବାର ଆଲପୁଜା ଏବଂ କୋଟାୟମ ଜିଲାରେ ବନ୍ୟା ଜଳ ଘେରରେ ଥିବା ବହୁ ବିପନ୍ନଙ୍କୁ ଉଦ୍ଧାର କରାଯାଇଛି। ଏର୍ଣ୍ଣାକୁଲମ ଜିଲାରେ ଫସି ରହିଥିବା ଗଞ୍ଜାମ ଜିଲାର ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ସେଠାରେ ପହଞ୍ଚିବାପରଠାରୁ ଓଡିଶା ଅଗ୍ନିଶମ ବିଭାଗର ଓଡ୍ରାଫ ଟିମର ଦକ୍ଷ କର୍ମଚାରୀମାନେ ସହଯୋଗର ହାତ ବଢାଇ ଚାଲିଛନ୍ତି ବୋଲି ଅଗ୍ନିଶମ ବିଭାଗ ଡିଜି ବିଜୟ କୁମାର ଶର୍ମା କହିଛନ୍ତି। ତାଙ୍କ ସୂଚନାନୁସାରେ, ଚିଫ୍ ଫାୟାର ଅଫିସର ସୁକାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ୭୫ ପାୱାର ବୋଟ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିଗତ ଦିନରେ ହୁଡ୍‌ହୁଡ୍ ବାତ୍ୟା ସମୟରେ ପଡୋଶୀ ଆନ୍ଧ୍ରପ୍ରଦେଶରେ ଓଡିଶା ଅଗ୍ନିଶମ କର୍ମଚାରୀମାନେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ବେଶ୍ ସଫଳତାର ସହ ତୁଲାଇଥିଲେ ବୋଲି ଶର୍ମା କହିଛନ୍ତି। ଅନ୍ୟପକ୍ଷରେ ଶ୍ରମ ବିଭାଗର ୪ ଜଣିଆ ଟିମ୍ ସହ ଶ୍ରମ କମିଶନର ଥିରୁଅନନ୍ତପୁରରେ ପହଞ୍ଚି ବନ୍ୟାରେ ଫସିଥିବା ଶ୍ରମିକମାନଙ୍କ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଛନ୍ତି। ପୁରୀ, ନୟାଗଡ଼, ଗଞ୍ଜାମ ଓ କନ୍ଧମାଳ ଜିଲାର ୧୪୦ରୁ ଊର୍ଦ୍ଧ୍ୱ ଓଡିଆ ଶ୍ରମିକ ତ୍ରିଭେନ୍ଦ୍ରମପୁରମ୍ ଓ କୋଚି ଅଞ୍ଚଳରେ ଥିବା ବିଭିନ୍ନ କାରଖାନରେ ଫସି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରାଯିବା ସହ ସୁରକ୍ଷିତ ଭାବେ ଓଡିଶାକୁ ପଠାଯିବ ବୋଲି ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି।

## ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍, ଝାବେରୀ ରବିବାର କୋଣାର୍କ ସୂର୍ଯ୍ୟମନ୍ଦିର ଦର୍ଶନ ସାରି ଫେରୁଛନ୍ତି।

କୋଣାର୍କ, ୧୯।୮(ଡି.ଏନ୍.ଏ.)

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ଝାବେରୀ ରବିବାର ସକାଳ ୭ଟାରେ ସୂର୍ଯ୍ୟମନ୍ଦିରରେ ପହଞ୍ଚିଥିଲେ। ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାସ ଚନ୍ଦ୍ର ମହାନ୍ତି ମୁଖ୍ୟ ବିଚାରପତିଙ୍କୁ ମନ୍ଦିରର ଐତିହ୍ୟ, କଳା, ସଂସ୍କୃତି ଓ ପ୍ରାଚୀନ ମନ୍ଦିର ସମ୍ବନ୍ଧୀୟ ଇତିହାସ ସମ୍ପର୍କରେ ବୁଝାଇଥିଲେ। ପରେ ପରେ ଚନ୍ଦ୍ରଭାଗା ବେଳାଭୂମିରେ ଚାଲି ଚାଲି ସମୁଦ୍ରର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ଶେଷରେ ସେ ଶକ୍ତିପୀଠ ରାମଚଣ୍ଡୀଠାରେ ମା’ ରାମଚଣ୍ଡୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଗସ୍ତ ସମୟରେ ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ପୁରୀ ଉପଜିଲାପାଳ ଭବତାରଣ ସାହୁ, ପୁରୀ ଜିଲାଜଜ୍ ଅମ୍ବୁଜ ମୋହନ ଦାଶ, କୋଣାର୍କ ଜେଏମ୍‌ଏଫ୍‌ସି ଦେଶପ୍ରିୟ ବାରିକ, ଗୋପ ତହସିଲଦାର ଦୁର୍ଗାଚରଣ ମୁର୍ମୁ, ନିମାପଡ଼ା ଏସ୍‌ଡିପିଓ ନିରଞ୍ଜନ ପାଢୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜ କାନ୍ତ ପ୍ରଧାନ ଓ କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ନାଟମଣ୍ଡପ ଯାଞ୍ଚ

**ପୁରୀ ଅଫିସ,୧୯।୮:** ସୋମବାର ଯାଞ୍ଚ ହେବ ନାଟମଣ୍ଡପ। ଯାଞ୍ଚରେ ସାମିଲ ବିଶେଷଜ୍ଞମାନଙ୍କୁ ନେଇ ବୁଧବାର ପର୍ଯ୍ୟନ୍ତ ନାଟମଣ୍ଡପ ସମ୍ପର୍କରେ କର୍ମଶାଳା ଚାଲିବ। ଏହି ଯାଞ୍ଚ ଏବଂ କର୍ମଶାଳାରେ ନାଟମଣ୍ଡପର ନିର୍ମାଣଶୈଳୀ, ସ୍ଥିତି, ଭିତର ପାର୍ଶ୍ୱ କାରୁକାର୍ଯ୍ୟ ଓ କଳାକୃତିର ସ୍ଥିତି, ସଂରକ୍ଷଣ ଓ ମରାମତି ଉପରେ ଆଲୋଚନା କରାଯିବ। ବିଶେଷଜ୍ଞଙ୍କ ମତକୁ ନେଇ ନାଟମଣ୍ଡପ ସଂରକ୍ଷଣ ଓ ମରାମତିର ରୂପରେଖ ଏଏସ୍‌ଆଇ ପ୍ରସ୍ତୁତ କରିବ। ଏଥିରେ ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ ପରାମର୍ଶଦାତା କୋର କମିଟିର ଅଧ୍ୟକ୍ଷ ତଥା ଖଡଗପୁର ଆଇଆଇଟିର ପ୍ରାକ୍ତନ ପ୍ରଫେସର ଆନନ୍ଦପ୍ରାଣ ଗୁପ୍ତା ଯୋଗଦେବେ। ଏଥିସହ କୋର କମିଟି ସଦସ୍ୟ ମଧ୍ୟ ଉପସ୍ଥିତ ରହିବେ।

## ■ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ ଇଏସଜେଡ୍ ଅଞ୍ଚଳ

# ସ୍ୱାମୀ ନାରାୟଣ ମନ୍ଦିର ପାଇଁ ଲୋଡ଼ାଯିବ ଅନୁମତି

ପୁରୀ ଅଫିସ, ୧୯।୮

ସ୍ୱାମୀ ନାରାୟଣ ଟେମ୍ପୁଲ ଟ୍ରଷ୍ଟ ପକ୍ଷରୁ ମନ୍ଦିର ଓ ଅନ୍ୟାନ୍ୟ କୋଠା ନିର୍ମାଣ କରାଯାଉଛି। ଏହା ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ (ଇଏସଜେଡ୍) ଇଲାକାରେ ରହିଛି। ଇଏସଜେଡ୍ ଇଲକାରେ ବିନା ଅନୁମତିରେ ନିର୍ମାଣ ଚାଲିଥିବାରୁ ପ୍ରଶାସନ ୧୪୪ଧାରା ଜାରି କରିଥିଲା। ପରବର୍ତ୍ତୀ ସମୟରେ ନିର୍ମାଣ ଲାଗି କ୍ରାକର ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର ଲିଃ ଇଏସଜେଡ୍ କମିଟିର ଅନୁମୋଦନ ଲୋଡିଥିଲା। ଏହି ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ପରିବେଶ ମନ୍ତ୍ରଣାଳୟକୁ ଜିଲା କମିଟି ସୁପାରିସ କରିଛି। ମଞ୍ଜୁରୀ ମିଳିବା ପରେ ଏହି ମନ୍ଦିର ନିର୍ମାଣ ହେବା ସ୍ପଷ୍ଟ ହୋଇଛି।

ଇଏସଜେଡ୍ ଅଞ୍ଚଳ ଲାଗି ଗଠିତ ମନଟରିଂ କମିଟିକୁ ଗୃହ ନିର୍ମାଣ ନକ୍ସା ଅନୁମୋଦନ ନିମେନ୍ତ ୯ଟି ଆବେଦନ ଆସିଥିଲା। ସେଥିମଧ୍ୟରୁ ଗୋଟିଏ ଆବେଦନକୁ କମିଟି ମଞ୍ଜୁର କରିଥିବା ବେଳେ ୮ଟିକୁ ଅଗ୍ରାହ୍ୟ କରିଛି। ଗତ ୪ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଇଏସଜେଡ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ବିବରଣୀ ପ୍ରକାଶ ପାଇବା ପରେ ଏହି ତଥ୍ୟ ପଦାକୁ ଆସିଛି।

ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ ଘରୋଇ ଲୋକଙ୍କ ଜମି ରହିଛି। ଉକ୍ତ ଜମିରେ ଶିଳ୍ପ, ବ୍ୟବସାୟିକ ଅନୁଷ୍ଠାନ, ଆପାର୍ଟମେଣ୍ଟ ଆଦି ନିର୍ମାଣ କରିବାକୁ ଅନୁମତି ମିଳିବ ନାହିଁ। କେବଳ ବାସଗୃହ ପାଇଁ ଅନୁମତି ଦିଆଯାଇପାରିବ। କିନ୍ତୁ ଜମି ମାଲିକ ଯଦି ସମ୍ପୃକ୍ତ ଅଞ୍ଚଳର ହୋଇଥିବେ, ତାଙ୍କୁ ହିଁ ବାସଗୃହ ନିର୍ମାଣ ଲାଗି ଅନୁମତି ଦେବାକୁ କମିଟି ନିଷ୍ପତ୍ତି ନେଇଛି। ଉକ୍ତ ନିଷ୍ପତ୍ତି ଅନୁଯାୟୀ ଆସିଥିବା ୮ଟି ଆବେଦନର ଜମି ମାଲିକ ସମ୍ପୃକ୍ତ ଅଞ୍ଚଳର ହୋଇ ନ ଥିବାରୁ ତାହାକୁ ଅନୁମୋଦନ ମିଳିନାହିଁ। ଗୋଟିଏ ଆବେଦନକୁ ମଞ୍ଜୁର କରାଯାଇଥିବା ବେଳେ ଉକ୍ତ ଜମି ଇଏସ୍‌ଜେଡ ଇଲାକା ମଧ୍ୟରେ ନାହିଁ। ଇଏସ୍‌ଜେଡ ଅଞ୍ଚଳରେ ଥିବା ଜମି କିଣାବିକା ଲାଗି କମିଟି ଅନୁମୋଦନର ଆବଶ୍ୟକ। ଇଏସ୍‌ଜେଡ୍ ଅଞ୍ଚଳରେ କିଣାବିକା ଆବେଦନ ଆସିଲେ ତାହା କମିଟିକୁ ପଠାଇବାକୁ ଗୋପ ଓ ପୁରୀ ସବ୍‌ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜମି କ୍ରୟ ବିକ୍ରୟ ହେଲେ ବି ଜମିର କିସମ କୌଣସି ପରିସ୍ଥିତିରେ ପରିବର୍ତ୍ତନ ହୋଇପାରିବ ନାହିଁ ବୋଲି ବୈଠକରେ ସ୍ଥିର ହୋଇଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ନୀର



@ ପିଣ୍ଟୁ



@ ଯଶୋବନ୍ତ



@ ମାମାଲି



@ ଆଲୋକ



@ ସୌମ୍ୟତ୍ର

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



କାହାରି ଅନୁଗ୍ରହ ପ୍ରାର୍ଥୀ ହେବା ଅର୍ଥ ନିଜର ସ୍ୱାଧୀନତାକୁ ବିକି ଦେବା।

-ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ଭୂମି ଅଧିକାର ପାଇଁ ଜନ ଆନ୍ଦୋଳନ

ଭୁବନେଶ୍ୱର, ୧୯।୮(ବ୍ୟୁରୋ): ଭାରତବର୍ଷର ୯୦ ଭାଗ ସମ୍ପତ୍ତି କେବଳ ୧୦ପ୍ରତିଶତ ଲୋକଙ୍କ ମାଲିକାନାରେ ରହିଛି। ବାକି ୯୦ ପ୍ରତିଶତ ଲୋକ ବିଭିନ୍ନ ଭାଗରେ ବିଭକ୍ତ ହୋଇ ସାମାଜିକ ସ୍ତରରେ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ଜୀବିକା ନିର୍ବାହ କରୁଛନ୍ତି। ଜନସଂଖ୍ୟାର ପ୍ରାୟ ଅଧା ଲୋକଙ୍କର ନିଜସ୍ୱ ବାସଗୃହ ଓ ଚାଷ ଜମି ନାହିଁ। ସେହିପରି ମାତ୍ର ୫ ପ୍ରତିଶତ ମହିଳାଙ୍କ ନିଜ ନାମରେ ଜମି ରହିଛି ଓ କୃଷି କ୍ଷେତ୍ରରେ ବହୁଳଭାବେ ମହିଳାମାନେ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କୁ କୃଷକର ମାନ୍ୟତା ମିଳିନାହିଁ। ଭୂମିହୀନଙ୍କ କ୍ଷେତ୍ରରେ ସରକାର ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। ଆଦିବାସୀଙ୍କ ଜଙ୍ଗଲ ଜମିର ଅଧିକାର କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇପାରିନାହିଁ। ଏହି ସମସ୍ୟାକୁ ନେଇ ଏକତା ପରିଷଦ ଜନ ଆନ୍ଦୋଳନ କରିବାକୁ ଯାଉଛି। ଏଥିସହିତ ହରିୟାଣାର ପଲବଲଠାରୁ ୨୫ହଜାର ଲୋକଙ୍କୁ ନେଇ ଦିଲ୍ଲୀ ପର୍ଯ୍ୟନ୍ତ ପଦଯାତ୍ରା କରାଯିବ ବୋଲି ପରିଷଦ ପକ୍ଷରୁ ରବିବାର ରେଡ଼କ୍ରସ୍ ଭବନଠାରେ ଆୟୋଜିତ ଭୂମି ଅଧିକାର ଓ ଜନ ଆନ୍ଦୋଳନକୁ ନେଇ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ସୂଚନା ଦିଆଯାଇଛି। ଆସନ୍ତା ଅକ୍ଟୋବର ୨ରୁ ଦିଲ୍ଲୀଠାରେ ହେବାକୁ ଥିବା ଜନ ସତ୍ୟାଗ୍ରହରେ ଓଡ଼ିଶାରୁ ୨ହଜାର ସତ୍ୟାଗ୍ରହୀ ଯୋଗଦେବାର ରହିଛି। ପରିଷଦ ଆବାହକ ବିଜୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ମନ୍ତ୍ରୀ ବ୍ରଜ ତ୍ରିପାଠୀ, ବିଧାୟକ ଜର୍ଜ ତିର୍କୀ, ଏକତା ପରିଷଦର ରାଷ୍ଟ୍ରୀୟ ଅଧ ରମେଶ ଶର୍ମା, ମନୋଜ ଜେନା ଉପସ୍ଥିତ ଥିଲେ।

### ଓଭରବ୍ରିଜ୍‌ରୁ ଖସି ଜଣେ ମୃତ, ଜଣେ ଗୁରୁତର

ଭୁବନେଶ୍ୱର, ୧୯।୮(ବ୍ୟୁରୋ): ଶହୀଦନଗର ଥାନା ଭିଏସ୍‌ଏସ୍ ନଗର ଓଭରବ୍ରିଜ୍‌ରୁ ରବିବାର ରାତି ପ୍ରାୟ ୧୦ଟା ୩୦ରେ ଦୁଇଜଣ ଯୁବକ ଖସିପଡ଼ିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ଜଣକୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଲେ ପୁରୀ ଜିଲା କଣାସ ଅଞ୍ଚଳର ଡାକୁଆ ସେଠୀ। ଗୁରୁତର ଜିତେନ୍ଦ୍ର ଜେନାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଡାକୁଆ ଓ ତାଙ୍କ ସାଙ୍ଗ ଜିତେନ୍ଦ୍ର ଏକ ବାଇକ୍‌ରେ ମଞ୍ଚେଶ୍ୱରରୁ ଭିଏସ୍‌ଏସ୍ ନଗର ଅଭିମୁଖେ ଦ୍ରୁତ ଗତିରେ ଯାଉଥିଲେ। ସେମାନେ ନିୟନ୍ତ୍ରଣ ହରାଇ ଓଭରବ୍ରିଜ୍‌ର ସାଇଡ୍ ଡିଭାଇଡରରେ ପିଟି ହୋଇଯାଇ ତଳକୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇ ଦେଇଥିଲେ।

### ୫ ହଜାର ଟଙ୍କା ଲାଞ୍ଚ ନେଇ ଡିସିଆଇ ପ୍ରୋଜେକ୍ଟ ମ୍ୟାନେଜର ଗିରଫ

ଭୁବନେଶ୍ୱର, ୧୯।୮(ବ୍ୟୁରୋ): ପାରାଦୀପ ବନ୍ଦର ପୋତାଶ୍ରୟ ଓ ବ୍ୟାକ୍‌ୱାଟର ଖନନ କରୁଥିବା ଡିସିଆଇ (ଡ୍ରେଜିଂ କର୍ପୋରେଶନ ଅଫ୍ ଇଣ୍ଡିଆ)ର ପ୍ରୋଜେକ୍ଟ ମ୍ୟାନେଜର (ଇନଚାର୍ଜ) ବି.ଭି.କେ. ରବିପ୍ରସାଦ ସିବିଆଇ ହାତରେ ଗିରଫ ହୋଇଛନ୍ତି। ତାଙ୍କୁ ପଚରାଉଚୁରା ପରେ ରବିବାର ଭୁବନେଶ୍ୱର ସିବିଆଇ ସିଜେଏମ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ତାଙ୍କୁ ଝାରପଡ଼ା ସ୍ଥିତ ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଠିକାଦାର ତାପସ ଚୌଧୁରୀ ଡିସିଆଇରେ ଜଣେ ସିଭିଲ ସପ୍ଲାୟର। ବିଲ୍ କରିବା ପାଇଁ ତାଙ୍କଠାରୁ ରବିପ୍ରସାଦ ମୋଟା ଅଙ୍କର କମିଶନ ଦାବି କରନ୍ତି। ଏପରି ବାରମ୍ବାର ଶୋଷଣର ଶିକାର ହେବା ପରେ ତାପସ ଗତ ୧୭ ତାରିଖରେ ଭୁବନେଶ୍ୱର ସିବିଆଇ ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଥିଲେ। ରବିପ୍ରସାଦଙ୍କୁ ଧରିବା ପାଇଁ ଏକ ୧୦ ଜଣିଆ ଟିମ୍ ଶନିବାର ପାରାଦୀପରେ ପହଞ୍ଚିଥିଲା। ଯୋଜନା ଅନୁଯାୟୀ ତାପସ ପୂର୍ବାହ୍ନ ୧୧ଟାରେ ସମୁଦ୍ରକୂଳ ରାସ୍ତା ପାର୍ଶ୍ୱରେ ଥିବା ଟ୍ରେଡ୍ ସେଣ୍ଟରରେ ରବିପ୍ରସାଦଙ୍କୁ କେମିକାଲ ବୋଳା ୫ହଜାର ଟଙ୍କା ଦେଇଥିଲେ। ସେଠାରେ ସାଦା ପୋଷାକରେ ଥିବା ସିବିଆଇ ଟିମ୍ ଚଢାଉ କରି ରବିପ୍ରସାଦଙ୍କଠାରୁ ଉକ୍ତ ଟଙ୍କା ଜବତ କରିଥିଲେ। ଏଥିସହ ଡିସିଆଇ ଅଫିସର ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ସେଥିମଧ୍ୟରୁ କେତେକ କାଗଜପତ୍ରରେ ଗୁରୁତର ତ୍ରୁଟି ରହିଥିବା ଦେଖି ସିବିଆଇ ସେଗୁଡିକ ଜବତ କରିଥିଲା।

■ ଆଇନଶୃଙ୍ଖଳା ନାଁରେ ବର୍ବରତା

# ପୋଲିସ ମାଡ଼ରେ ଦୁଇ ଟ୍ୟାକ୍ସି ଡ୍ରାଇଭରଙ୍କ ହାତ, ଗୋଡ଼ ଭାଙ୍ଗିଲା

ଭୁବନେଶ୍ୱର,୧୯।୮(ବ୍ୟୁରୋ)



ପୋଲିସ ମାଡ଼ରେ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ହାତ ଭାଙ୍ଗିଯାଇଛି।

■ ଜୀବନ ବିକଳରେ ଦୌଡ଼ିଲେ ଅନ୍ୟ ଡ୍ରାଇଭର

■ ୨ ହଜାର ପାଇବା ପରେ ଶାନ୍ତ ହେଲା ପୋଲିସ

■ ପିସିଆର୍ ଗାଡ଼ି ନଂ.୨୮ରେ ଆସିଥିଲେ

ଏୟାରପୋର୍ଟ ପାର୍କିଂ ସ୍ଥଳରେ ରବିବାର ଅପରାହ୍ନରେ ଦେଖିବାକୁ ମିଳିଥିଲା କମିଶନରେଟ ପୋଲିସର ବର୍ବରତା। କେତେଜଣ ପିସିଆର୍ ପୋଲିସ ପାଇପ୍ ଧରି ପାର୍କିଂସ୍ଥଳରେ ଥିବା ଗାଡିର ଡ୍ରାଇଭରମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟୁଥିଲେ। ପ୍ରାଣ ବିକଳରେ ଅନ୍ୟମାନେ ଦୌଡି ପଳାଇଥିବାବେଳେ ପୋଲିସ ହାବୁଡ଼ରେ ପଡିଯାଇଥିଲେ ଦୁଇଜଣ ଟ୍ୟାକ୍ସି ଡ୍ରାଇଭର। ପୋଲିସ ସେମାନଙ୍କୁ ଘେରିଯାଇ ପାଇପ୍‌ରେ ନିର୍ଘାତ ପିଟିବା ସହ ଗୋଇଠା ଓ ମୁଥ ମାରିଥିଲା। ଶେଷରେ ଟଙ୍କା ପାଇବା ପରେ ସେଠାରୁ ପଳାଇଥିଲା। ହେଲେ ସେତେବେଳକୁ ଦୁଇ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଅନ୍ୟ ଡ୍ରାଇଭରମାନେ ପହଞ୍ଚି ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ମାଡ଼ରେ ଆହତ ହୋଇଥିବା ଦୁଇ ଟ୍ୟାକ୍ସି ଡ୍ରାଇଭର ହେଲେ ସତ୍ୟବ୍ରତ ପାତ୍ର ଓ ମଳୟ ସାମଲ। ସତ୍ୟବ୍ରତଙ୍କ ଡାହାଣ ହାତ ଓ ମଳୟଙ୍କ ବାମ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡିଛି। ସକାଳେ ଜୋନ୍-୬ରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଲୋକଙ୍କ ବିଶ୍ୱାସଭାଜନ ହେବାକୁ ପୋଲିସ-ଜନତା ସମ୍ପର୍କ ଶିବିରର ଆୟୋଜନ କରିଥିଲେ। ହେଲେ ଅପରାହ୍ନରେ ଜୋନ୍-୨ ଅନ୍ତର୍ଗତ ଏୟାରଫିଲ୍ଡ ଥାନା ପୋଲିସ ଦେଖାଇଥିଲା ନିଜର ଅସଲ ରୂପ। ଏୟାରଫିଲ୍ଡ ଥାନାଞ୍ଚଳର ସତ୍ୟବ୍ରତ ଓ ମଳୟ ଟାକ୍ସି ଚଲାନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରତିଦିନ ପରି ରବିବାର ସେମାନେ ଏୟାରପୋର୍ଟ ପାର୍କିଂ ସ୍ଥଳରେ ଗାଡ଼ି ଲଗାଇଥିଲେ। ଅପରାହ୍ନ ପ୍ରାୟ ୫ଟା ୩୦ରେ ସେଠାରେ ଏୟାରଫିଲ୍ଡ ଥାନାର ପିସିଆର୍ ନଂ-୨୮ ପହଞ୍ଚିଥିଲା। ଜଣେ ଏସ୍‌ଆଇ ପିସିଆର୍ ଭ୍ୟାନ୍‌ରୁ ଓହ୍ଲାଇ କ'ଣ ପାଇଁ ଏଠାରେ ଗାଡ଼ି ଲଗାଇଛ ବୋଲି କହି ଏକ ପ୍ଲାଷ୍ଟିକ ପାଇପ୍ ଧରି ପିଟିବାକୁ ଗୋଡ଼ାଇ ଆସିଥିଲେ। ସେଠାରେ ଗାଡି ଲଗାଇଥିବା ଅନ୍ୟ ଡ୍ରାଇଭରମାନେ ଭୟରେ ଦୂରକୁ ପଳାଇଥିଲେ। ହେଲେ ହାବୁଡ଼ରେ ପଡିଯାଇଥିବା ମଳୟ ଓ ସତ୍ୟବ୍ରତଙ୍କୁ ନିର୍ଘାତ ମାଡ ମାରିଥିଲେ। ଏପରିକି ସେମାନଙ୍କର କ'ଣ ଦୋଷ ବୋଲି ପଚାରିବାକୁ ସୁଯୋଗ ଦେଇ ନ ଥିଲେ। ଟଙ୍କା କ'ଣ ପାଇଁ ଦେବୁ ବୋଲି କହିବାରୁ ସମସ୍ତେ ଘେରିଯାଇ ନିସ୍ତୁକ ମାଡ଼ ମାରିବା ପରେ ଗାଡ଼ିକୁ ଥାନାକୁ ନେବାକୁ ଧମକ ଦେଇଥିଲେ। ଟଙ୍କା ପାଇବା ପରେ ଚୁପ୍‌ଚାପ୍ ଚାଲିଯାଇଥିଲା ପିସିଆର୍ ପୋଲିସ। ରାଜଧାନୀରେ ଦାଦାବଟି ପାଇଁ ଅପରାଧ ବଢ଼ି ଚାଲିଥିବାବେଳେ ଏଠାରେ ପୋଲିସ ନିଜେ ବଟି ପାଇଁ ମାଡ଼ମାରି ଗୋଡ଼ ଭାଙ୍ଗିବା ଘଟଣା ଲୋକଙ୍କ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଦେବୀ ଶଙ୍କର ପ୍ରତାପଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ହୋଇ ନ ଥିବାରୁ କ'ଣ ହୋଇଛି ମୁଁ ଜାଣିନି। ମୁଁ ଉକ୍ତ ପିସିଆର ଭ୍ୟାନରେ ଡ୍ୟୁଟିରେ ଥିବା ସମ୍ପୃକ୍ତ ଅଫିସରକୁ ପଚାରୁଛି। ଯଦି ଘଟଣା ସତ୍ୟ ହୋଇଥାଏ ତେବେ ତାହା ସାଂଘାତିକ। ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

ଚେକିଂ ବେଳେ କାର କାଚ ଭାଙ୍ଗିଲା ପୋଲିସ

## ପୋଲିସ-କାର ଡ୍ରାଇଭର ହାତାହାତି

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ଟ୍ରାଫିକ ଯାଞ୍ଚ ବେଳେ ରବିବାର ସନ୍ଧ୍ୟାରେ ସିଆର୍‌ପି ଛକରେ ଟ୍ରାଫିକ ପୋଲିସ ଓ ଜଣେ କାର ଚାଳକ ମୁହାଁମୁହିଁ ହୋଇଛନ୍ତି। କାଗଜପତ୍ର ଯାଞ୍ଚ ବେଳେ ଜରିମାନା ଆଦାୟକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଟ୍ରାଫିକ ପୋଲିସ ଉତ୍ତେଜିତ ହୋଇ କାର କାର ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଫଳରେ ଉଭୟେ ହାତାହାତି ହୋଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ନୟାପଲ୍ଲୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର ଚାଳକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତ ଶାନ୍ତ ପଡିଥିଲା। ଏନେଇ ନୟାପଲ୍ଲୀ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେବା ପରେ ଘଟଣାର ତଦନ୍ତ କରାଯିବ।

## ପୋଲିସ ଆଗରେ କୋଚିଂ ସେଣ୍ଟର ଶିକ୍ଷକଙ୍କୁ ମାଡ଼

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ଜଣେ କୋଚିଂ ସେଣ୍ଟର ଶିକ୍ଷକଙ୍କୁ ପୋଲିସ ଉପସ୍ଥିତିରେ ଘର ମାଲିକ ମାଡ଼ ମାରି ଘରୁ ବାହାର କରିଦେଇଛନ୍ତି। ମାଡ଼ ଖାଇଥିବା ଶିକ୍ଷକ ସଂଗ୍ରାମ କେଶରୀ ସାହୁ(୪୪) ଘର ମାଲିକଙ୍କୁ ଅଗ୍ରୀମ ଟଙ୍କା ଫେରସ୍ତ ମାଗିଥିଲେ ମଧ୍ୟ ଘର ମାଲିକ ତାଙ୍କୁ ଧମକ ଚମକ ଦେଉଛନ୍ତି। ଏନେଇ ଥାନାରେ ସଂଗ୍ରାମ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ସେ କୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଏହି ଘଟଣା ବଡଗଡ ଥାନା ବିଜେବି ନଗରରେ ଘଟିଛି। ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲା ଶୁଳିଆ ଗ୍ରାମର ସଂଗ୍ରାମ ବିଜେବି ନଗରରେ ଏକ କୋଚିଂ ସେଣ୍ଟର ଖୋଲିଥିଲେ। ମାସିକ ଭଡ଼ା ୬ହଜାର ଟଙ୍କା ହୋଇଥିବା ବେଳେ ସଂଗ୍ରାମ ଦୁଇ ମାସର ଅଗ୍ରିମ ୧୨ ହଜାର ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ଘର ମାଲିକ ସ୍ତ୍ରୀଙ୍କ ଦେହ ଖରାପ କହି ୧ ଲକ୍ଷ ୪୩ ହଜାର ୫ଶହ ଟଙ୍କା ନେଇଥିଲେ। ହେଲେ ଗତ ଜୁଲାଇ ମାସରେ ଘର ଛାଡ଼ିବାକୁ କହି ନେଇଥିବା ଟଙ୍କା ଫେରାଇ ନ ଥିଲେ। ଗତ ୨୯ ତାରିଖରେ ଘର ମାଲିକ ଗୁଣ୍ଡାଶ୍ରେଣୀର ଯୁବକଙ୍କୁ ଆଣି ତାଙ୍କୁ ମାଡ଼ ମାରିଥିଲେ। ପୁଣି ଗତ ୮ ତାରିଖରେ ଘର ମାଲିକ ତାଙ୍କର କେତେଜଣ କର୍ମଚାରୀଙ୍କ ସହ ପୋଲିସ ଉପସ୍ଥିତିରେ ମାଡ଼ ମାରିଥିଲେ। ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ କହିଛନ୍ତି, ସଂଗ୍ରାମ ଘର ମାଲିକଙ୍କ ଶଳା ଓ ଶାଶୁଙ୍କୁ ଟଙ୍କା ଦେଉଥିଲେ। ନୋଟିସ ସତ୍ତ୍ୱେ ସେ ଘର ନ ଛାଡ଼ଇବାରୁ ଘର ମାଲିକ ତାଙ୍କୁ ବାହାର କରିଦେଲେ।





କେରଳ ବନ୍ୟା ପ୍ରପୀଡିତଙ୍କୁ ସହାୟତା ନେଇ ରବିବାର ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

## ନବୀନଙ୍କ ବିରୋଧରେ ପ୍ରଚାର କରି ନ ଥିଲେ କଂଗ୍ରେସ, ଭାଜପା: ଖାରବେଳ

କଟକ ଅଫିସ, ୧୯।୮

ଆସନ୍ତା ୨୦୧୯ ସାଧାରଣ ନିର୍ବାଚନରେ କଟକ ଜିଲାର ସମସ୍ତ ବିଧାନସଭା ଆସନ ଏବଂ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଦେବ ଉତ୍କଳ ଭାରତ। ରବିବାର ଏ ନେଇ ପ୍ରାଥମିକ ପ୍ରସ୍ତୁତି ନିମନ୍ତେ କଟକର କେତେଜଣ ବୁଦ୍ଧିଜୀବୀଙ୍କୁ ଭେଟି ବ୍ୟକ୍ତିଗତ ଭାବେ ଆଲୋଚନା କରିଥିବା କଥା କହିଛନ୍ତି ଉତ୍କଳ ଭାରତ ସଭାପତି ତଥା ପୂର୍ବତନ ଏମ୍‌ପି ଏମ୍.ବି. ଔର ଖାରବେଳ ସ୍ୱାଇଁ। ସ୍ୱାଇଁଙ୍କ କହିବା ଅନୁଯାୟୀ, ଖାଲି କଟକ କାହିଁକି ସାରା ରାଜ୍ୟରେ ନବୀନ ବିରୋଧୀ ସ୍ୱର ରହିଛି। ହେଲେ ଏହି ସ୍ୱରର ନେତୃତ୍ୱ ନେବାକୁ କେହି ନାହାନ୍ତି। ଉତ୍କଳ ଭାରତ କିନ୍ତୁ ଏହାର ନେତୃତ୍ୱ ନେବ। ସେ ଅଭିଯୋଗ କରିଛନ୍ତି, ଗତ ନିର୍ବାଚନ ସମୟରେ ୨ଟି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ ଏବଂ ଭାଜପା ନବୀନଙ୍କ ବିରୋଧରେ ପଚାର କରି ନ ଥିଲେ। ଭାଜପା କେବଳ କେନ୍ଦ୍ରରେ ମୋଦିଙ୍କୁ ଭୋଟ ଦେବାକୁ କହୁଥିଲାବେଳେ ପ୍ରଚାରରେ କଂଗ୍ରେସର ଗୋଷ୍ଠୀ କନ୍ଦଳ ବାରିହୋଇପଡୁଥିଲା ବୋଲି ସ୍ୱାଇଁ କହିଛନ୍ତି। ଏନେଇ ବିଜେଡି ନେତା ସୁବାସ ସିଂ କହିଛନ୍ତି, ଖାରବେଳ ସ୍ୱାଇଁ ବାସ୍ତବତାଠାରୁ ବହୁ ଦୂରରେ। ଜନକଲ୍ୟାଣ ଯୋଜନା ଆଣିବାରେ ଏବଂ ଏହାକୁ ସଫଳ କରାଇବାରେ ବିଜେଡି ସବୁଠାରୁ ଆଗରେ। ତେଣୁ ଜନମତ ନିଃସନ୍ଦେହ ବିଜେଡି ସପକ୍ଷରେ ଯିବ। ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, କୌଣସି ଦଳ ବିରୋଧରେ ଅଭିଯୋଗ କରି ନୁହେଁ, ଭାଜପା ବିକାଶର ବାର୍ତ୍ତା ନେଇ ଲୋକଙ୍କ ପାଖକୁ ଯିବ। ଖାରବେଳ ସ୍ୱାଇଁ ଯାହା କହୁଛନ୍ତି ତାହା ତାଙ୍କ ଚିନ୍ତାଧାରା। ସାଲେପୁର ବିଧାୟକ ପ୍ରକାଶ ବେହେରା କହିଛନ୍ତି ଯେ, କଂଗ୍ରେସ୍‌ରେ ଗୋଷ୍ଠୀ କନ୍ଦଳ କେବେ ଥିଲା। ଆମେ ସମସ୍ତେ ଏକଜୁଟ୍। ନବୀନ ପଟ୍ଟନାୟକଙ୍କ ବିରୋଧରେ ଆମେ ଲଢ଼ିବାକୁ ପ୍ରସ୍ତୁତ।

## ଆଧୁନିକ ବସ୍ତୁବାଦୀ ଜଗତରେ ନୀତିଶାସ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ 'ନୀତିଶାସ୍ତ୍ର: ତତ୍ତ୍ୱ ଓ ପ୍ରୟୋଗ' ସମ୍ପର୍କିତ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ନୂଆଦିଲ୍ଲୀସ୍ଥିତ ଭାରତୀୟ ସମାଜ ବିଜ୍ଞାନ ପରିଷଦ ନିର୍ଦ୍ଦେଶକ ଡ. ଉପେନ୍ଦ୍ର ଚୌଧୁରୀ ଭାରତୀୟ ଦର୍ଶନ ଏବଂ ଆଧୁନିକ ବସ୍ତୁବାଦୀ ଜଗତରେ ନୀତିଶାସ୍ତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅଶୋକ ଦାସ ବିଜ୍ଞାନ ଯୁଗରେ ପ୍ରୟୋଗାତ୍ମକ ନୀତିଶାସ୍ତ୍ରର ଗୁରୁତ୍ୱ ଉପରେ କହିଥିଲେ। ଏହି ଅବସରରେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଗଣେଶ ପ୍ରସାଦ ଦାସଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଦର୍ଶନଶାସ୍ତ୍ର ବିଭାଗୀୟ ମୁଖ୍ୟ ଡ. ହରିଶ୍ଚନ୍ଦ୍ର ସାହୁ ପରିଚାଳନା ଓ ପ୍ରଦ୍ୟୁମ୍ନ ବେହୁରା, ପ୍ରିୟଙ୍କା ଜେନା, ସନ୍ଧ୍ୟାରାଣୀ ଦାସ, ପୁଷ୍ପିତା ତ୍ରିପାଠୀ, କଲ୍ୟାଣୀ ଦାସ ସହଯୋଗ କରିଥିଲେ। କଲେଜ ଅଧ୍ୟକ୍ଷ ଡ. ପ୍ରସନ୍ନ ମହାନ୍ତି ସ୍ୱାଗତ ଭାଷଣ ଓ ଉପାଧ୍ୟକ୍ଷା ଡ. ରୀତା ପତି ଧନ୍ୟବାଦ ଦେଇଥିଲେ।

## 'ଶିକ୍ଷୟିତ୍ରୀମାନେ ଏକଜୁଟ୍ ହେବାକୁ ଆହ୍ୱାନ'





ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗଦେଇଥିବା ସଂଘ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼ରେଶନ ପକ୍ଷରୁ ଶିକ୍ଷୟିତ୍ରୀମାନଙ୍କର ରାଜ୍ୟସ୍ତରୀୟ କର୍ମଶାଳା ରବିବାର ପ୍ରାଥମିକ ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବ୍ଲକରେ ହାରାସ୍‌ମେଣ୍ଟ କମିଟି ଗଠନ କରିବା, ଗମନାଗମନର ସୁବିଧା ଥିବା ବିଦ୍ୟାଳୟରେ ନିଯୁକ୍ତି ଦେବା, ଶିକ୍ଷକମାନଙ୍କୁ ବହୁ ଭାବରେ ବିଭକ୍ତ ନ କରିବା, ଅଣ ଶିକ୍ଷାଦାନ କାର୍ଯ୍ୟରୁ ନିବୃତ୍ତ ରଖିବା, ଡ୍ରେସ୍‌କୋଡ୍‌କୁ ଉଚ୍ଛେଦ କରିବା, କର୍ମଜୀବୀ ମହିଳାମାନଙ୍କର କାର୍ଯ୍ୟ ସମୟକୁ ହ୍ରାସ କରିବା, ମହିଳାମାନଙ୍କ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାରକୁ ରୋକିବା ଓ ଏଲିମେଣ୍ଟାରୀ କ୍ୟାଡ଼ର ରୁଲ୍‌କୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କର୍ମଶାଳାରେ ଆଲୋଚନା ହୋଇଥିଲା। ଫେଡ଼େରେଶନ ସଂଯୋଜିକା ଚାରୁଲତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାରୀନେତ୍ରୀ ତଥା ସାମାଜିକ କର୍ମୀ ତାପସୀ ପ୍ରହରାଜ ଯୋଗଦେଇ କହିଲେ, ଶିକ୍ଷୟିତ୍ରୀମାନେ ଏକତ୍ରିତ ହୋଇ ସାମାଜିକ ପରିବର୍ତ୍ତନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପଡ଼ିବ। ସଙ୍ଗଠନର ଉପସଭାନେତ୍ରୀ ସଙ୍ଗୀତା ଦାସ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିବାବେଳେ ସଙ୍ଗଠିକା ସୁଚିତ୍ରା ଦାସ ଅତିଥି ପରିଚୟ ପ୍ରଦାନ କରି ସମସ୍ତ ଶିକ୍ଷୟିତ୍ରୀଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ସଙ୍ଗଠନର ଉପସଭାପତି ସୁଷମା ମାଝୀ ଧନ୍ୟବାଦ ଦେଇଥିଲେ।

## ଆମ ଭାଷା ଆମ ପରିଚୟ





ଭୁବନେଶ୍ୱର,୧୯।୮(ବ୍ୟୁରୋ)

ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ସମାଜର ସପ୍ତମ ବାର୍ଷିକ ଉତ୍ସବ ରବିବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ କବି-ଲେଖକ ସମାବେଶ ଓ କବିତା ସଙ୍କଳନ ଉନ୍ମୋଚନ କାର୍ଯ୍ୟକ୍ରମରେ ରାଜ୍ୟର ୧୮ଜଣ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗଦେଇ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆମ ପରିଚୟ ଆମ ଭାଷାର ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିବା ସହ ସରକାରୀ ଓ ବେସରକାରୀ ସ୍ତରରେ ବହୁଳ ଭାବରେ ଓଡ଼ିଆ ଭାଷାର ବ୍ୟବହାର ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ବରିଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବିଜୟ ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ଯୋଗଦେଇଥିଲେ। ଅନୁଷ୍ଠାନର କବିତା ସଙ୍କଳନ 'ସାରସ୍ୱତ ସମାଜ ଓଡ଼ିଶା ଭୁବନେଶ୍ୱର କବିତା ସଙ୍କଳନ-୨୦୧୮' ଉନ୍ମୋଚିତ ହୋଇଥିଲା।

ପଣ୍ଡିତ ଶ୍ୱେତକୁମାର ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଉପସଭାପତି ନିଖିଳ କୁମାର ବଳବନ୍ତରାୟ, ସଙ୍ଗଠନ ସମ୍ପାଦକ ଇଂ. ଭାଗୀରଥି ସେଠୀ, ମୁଖ୍ୟ ସଞ୍ଚାଳକ ନିରଞ୍ଜନ ଚନ୍ଦ୍ର ପଣ୍ଡା ପ୍ରମୁଖ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ।

■ ପୋଲିସ-ଜନତା ସମ୍ପର୍କ ଶିବିର

# ଭିତରେ ଗୁଣଗାନ, ବାହାରେ ଅସନ୍ତୋଷ

ଭୁବନେଶ୍ୱର,୧୯।୮(ବ୍ୟୁରୋ)

■ ଥାନା ଛାଡୁ ନ ଥିବା ଅଧିକାରୀଙ୍କୁ ନେଇ ଉଠିଲା ପ୍ରଶ୍ନ

■ ଅପରାଧ ବୃଦ୍ଧିକୁ ନେଇ ବରିଷ୍ଠ ନାଗରିକଙ୍କ କ୍ଷୋଭ

■ ସ୍ଥାନୀୟ ଗୁଣ୍ଡାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିବେଦନ

ଜନତା ହିଁ ସର୍ବଶ୍ରେଷ୍ଠ। ସେମାନଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। ଶୃଙ୍ଖଳା ରକ୍ଷା ହେଉ ଅବା ଅପରାଧ ନିୟନ୍ତ୍ରଣ ପ୍ରତିଟି କ୍ଷେତ୍ରରେ ସେମାନଙ୍କ ସହଯୋଗ ଓ ବିଶ୍ୱାସଭାଜନ ହେବା ଜରୁରୀ। ଏଭଳି ଭାବନା ଓ ଲକ୍ଷ୍ୟ ନେଇ ନୂଆ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ରବିବାର 'ପୋଲିସ-ଜନତା ସମ୍ପର୍କ ଶିବିର'ର ଆୟୋଜନ କରିଥିଲେ। କିଟ୍ ଅଡିଟୋରିୟମଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର କମିଶନରେଟ ପୋଲିସର ଜୋନ୍-୬ ଅଧୀନ ସମସ୍ତ ଥାନାର ବରିଷ୍ଠ ଅଧିକାରୀଙ୍କ ସମେତ ବୁଦ୍ଧିଜୀବୀ ଓ ସାଧାରଣ ନାଗରିକମାନେ ଉପସ୍ଥିତ ଥିଲେ। ସାଧାରଣ ଲୋକଙ୍କ ମୁହଁରୁ ସୁରକ୍ଷା ବ୍ୟବସ୍ଥା, ଅପରାଧ ସ୍ଥିତି ଓ ପୋଲିସର କାର୍ଯ୍ୟଧାରା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ କମିଶନର ମହାନ୍ତି। ଆଲୋଚନା ସମୟରେ ଉପସ୍ଥିତ କେତେଜଣ ଲୋକ କମିଶନରଙ୍କ ଆଗରେ ସ୍ଥାନୀୟ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶଂସା କରିଥିଲେ। ହେଲେ ବହୁ ଲୋକ ସିଧାସଳଖ ମୁହଁ ନ ଖୋଲିଲେ ବି ଚେୟାରରେ ବସି ପରସ୍ପର ସହ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା। ଏପରିକି କାର୍ଯ୍ୟକ୍ରମ ସରିବା ପରେ ବହୁ ବରିଷ୍ଠ ନାଗରିକଙ୍କ ସମେତ ସାଧାରଣ ଲୋକ ଦୀର୍ଘ ବର୍ଷ ହେବ ଥାନା ଛାଡୁ ନ ଥିବା ନିର୍ଦ୍ଦିଷ୍ଟ କେତେଜଣ ପୋଲିସ ଅଧିକାରୀଙ୍କ କାର୍ଯ୍ୟଧାରାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେମାନେ ଅପରାଧୀଙ୍କ ସହ ହାତ ମିଳାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଦାଦାବଟି, ଲୁଟ୍, ଡକାୟତି ଆଦି ବଢ଼ି ଚାଲିଛି। ଅଞ୍ଚଳବାସୀଙ୍କ ଧନଜୀବନ ସୁରକ୍ଷା ବିପନ୍ନ ହୋଇପଡିଛି। ଅପରାଧ ରୋକି ନ ପାରି ଜଣେ ଅଧେ ଅପରାଧୀଙ୍କୁ ଧରି ବାହାବା ନେବାର ମୂଲ୍ୟ କ'ଣ ଅଛି ବୋଲି ସେମାନେ କ୍ଷୋଭର ସହ ଗଣମାଧ୍ୟମ ଆଗରେ କହିଥିଲେ। ଏପରିକି କମିଶନରଙ୍କ ଆଗରେ ଗୁଣଗାନ କରିବାକୁ ସମ୍ପୃକ୍ତ ପୋଲିସ ଅଧିକାରୀମାନେ ନିଜ ଚାଟୁକାରମାନଙ୍କୁ କାର୍ଯ୍ୟକ୍ରମକୁ ଡାକିଥିବା ମଧ୍ୟ ଶୁଣିବାକୁ ମିଳିଥିଲା। କାରଣ ପ୍ରତିଦିନ ଦାଦାବଟି ପାଇଁ ଆକ୍ରମଣ ଓ ଅପରାଧ ଘଟୁଛି। ଏହି ଜୋନ୍ ଅଞ୍ଚଳରେ ସର୍ବାଧିକ ଚୋରି, ଲୁଟ୍ ଓ ଡକାୟତି ହେଉଛି। ବିଶେଷକରି ମହିଳା ଓ ବରିଷ୍ଠ ନାଗରିକଙ୍କୁ ଅପରାଧୀମାନେ ଟାର୍ଗେଟ କରୁଛନ୍ତି। ଏତେସବୁ ଘଟଣା ସତ୍ତ୍ୱେ କେହିହେଲେ କମିଶନରଙ୍କ ଆଗରେ ଏହି ପ୍ରସଙ୍ଗ ଉତ୍ଥାପନ ନ କରିବା ଓ ଟ୍ରାଫିକ୍ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଘଟଣା ପରବର୍ତ୍ତୀ ସମୟରେ ଭିନ୍ନ ଚର୍ଚ୍ଚା ଆଣିଥିଲା। ତେବେ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୋଲିସ ଓ ଜନତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଜନତାଙ୍କ ପାଇଁ ତାଙ୍କ ଦ୍ୱାର ସବୁବେଳେ ଖୋଲା ବୋଲି କମିଶନର ମହାନ୍ତି କହିବା ସହ ପୋଲିସକୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ଏପରିକି ପୋଲିସ ଚାକିରିରେ ଛୁଟି ନାହିଁ, ସବୁବେଳେ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରୁଥିବା କହି କମିଶନର ଉପସ୍ଥିତ ଅଧିକାରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଡିସିପି ଅନୁପ ସାହୁ, ଆଡିସିନାଲ ସିପି ସୟ ସିଂ, ଓପିଏସ୍ ଏଲ. ଏନ୍. ମହାପାତ୍ର, ଜୋନ-୬ ଏସିପି ରବୀନ୍ଦ୍ର ନାଥ ଶତପଥୀ, ଇନ୍‌ଫୋସିଟି ଥାନା ଅଧିକାରୀ ବନିତା ମହାରଣା, ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଦୀପକ ମିଶ୍ରଙ୍କ ସମେତ ଅନ୍ୟ ଥାନାଧିକାରୀ ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।



"୨୦୧୪ ପରଠୁ କେନ୍ଦ୍ରର ପରିବେଶ ମନ୍ତ୍ରୀମାନେ 'ଅନୁମୋଦନ' ମନ୍ତ୍ରୀ ପାଲଟିଯାଇଛନ୍ତି। ପରିବେଶ ମନ୍ତ୍ରୀ ପ୍ରସ୍ତାବଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିବା ଅପେକ୍ଷା ପରିବେଶ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ।

-ଜୟରାମ ରମେଶ, କଂଗ୍ରେସ ନେତା

# ଆକାଶମାର୍ଗରୁ ଦେବଦୂତ ଭରସା

**କୋଚି,୧୯।୮(ପି.ଟି.)**

୧୨ ଦିନର ଲଗାଣ ବର୍ଷାରେ ଜଳାର୍ଣ୍ଣବ ହୋଇଯାଇଛି ସମଗ୍ର କେରଳ। ମୁଣ୍ଡ ଉପରେ ବର୍ଷା ଜଳ ଏବଂ ପାଦତଳେ ବନ୍ୟା ଜଳ ମଧ୍ୟରେ ଫସି ରହିଛନ୍ତି ହଜାର ହଜାର କେରଳବାସୀ। ଉଚ୍ଚସ୍ଥାନ ଏବଂ ଛାତ ଉପର ପାଲଟିଛି ବିପନ୍ନଙ୍କ ଏକମାତ୍ର ଭରସା। ଏଭଳି ସ୍ଥିତିରେ ସହଯୋଗ ଆଶାରେ ଆକାଶମାର୍ଗକୁ ଚାତକ ପରି ଚାହିଁ ରହିବା ଛଡ଼ା ବିପନ୍ନଙ୍କ ନିକଟରେ ଆଉ କିଛି ଉପାୟ ନ ଥିଲା। ଏଭଳି ସମୟରେ ଦେବଦୂତ ସାଜି ଲୋକଙ୍କୁ ଉଦ୍ଧାର କରିବା ଲାଗି ଆକାଶମାର୍ଗରୁ ଜଳବନ୍ଦୀଙ୍କ ନିକଟରେ ପହଞ୍ଚିଥିଲେ ଭାରତୀୟ ଯବାନ। ତିନିସେନା, ଏନ୍‌ଡିଆର୍‌ଏଫ୍, ତଟରକ୍ଷୀ ବାହିନୀ, ସମୁଦ୍ର ବୁଡ଼ାଳିମାନେ ଜୀବନକୁ ବାଜି ଲଗାଇ ଜଳବନ୍ଦୀଙ୍କୁ ଉଦ୍ଧାର କରିଛନ୍ତି। କେଉଁଠି ଧସି ଯାଇଥିବା ପୋଲ ସଜାଡୁଛନ୍ତି ତ ଆଉ କେଉଁଠି କାନ୍ଧରେ ପିଲାଙ୍କୁ ବସାଇ ଜଳଭିତରୁ ଉଦ୍ଧାର କରୁଛନ୍ତି। ଏପରି କି କୋଚି ଅଞ୍ଚଳରେ ଉଦ୍ଧାରକାରୀ ଦଳର ଜଣେ ସଦସ୍ୟ ବିପନ୍ନଙ୍କୁ ବୋଟ୍ ଉପରକୁ ଉଠାଇବା ଲାଗି ପାହାଚ ସାଜିଥିଲେ। ତାଙ୍କ ପିଠି ଉପରେ ଦେଇ ଲୋକେ ବୋଟ୍ ଉପରକୁ ଚଢୁଥିବା ବେଳର ଏକ ଭିଡିଓ ଅନେକଙ୍କୁ ପ୍ରଭାବିତ କରିଛି। ଭାରତୀୟ ଯବାନଙ୍କ ଏଭଳି ସାହସ ଏବଂ ମାନବିକତାର ଅନେକ ନଜିର ସେଠାରେ ଦେଖିବାକୁ ମିଳିଛି। କୋଚିରୁ ଜଣେ ଆସନ୍ନ ପ୍ରସବା ମହିଳାଙ୍କୁ ନୌସେନା ଯବାନମାନେ ଦଉଡ଼ିରେ ହେଲିକପ୍ଟର ଉପରକୁ ଉଠାଇବା ଘଟଣା ଅନେକଙ୍କୁ ବିଚଳିତ କରି ଦେଇଥିଲା।

ଉଦ୍ଧାରକାର୍ଯ୍ୟରେ ନୌସେନାର ୪୨ ଟିମ୍, ବାୟୁସେନା ୧୬, ଏନ୍‌ଡିଆର୍‌ଏଫ୍‌ର ୩୯ ଏବଂ ତଟରକ୍ଷୀ ବାହିନୀର ୨୮ ଟିମ୍ ମୁତୟନ ରହିଛନ୍ତି। ଏହାସହ ୬୭ ହେଲିକପ୍ଟର, ୨୪ ବିମାନ ଏବଂ ୫୪୮ ମୋଟର ବୋଟ୍ ମଧ୍ୟ ବ୍ୟବହାର କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ୫,୬୪୫ ରିଲିଫ୍ କ୍ୟାମ୍ପରେ ୭,୨୪,୬୪୯ ଲୋକ ଆଶ୍ରୟ ନେଇଛନ୍ତି। ତଟରକ୍ଷୀ ବାହିନୀର 'ଅପରେଶନ୍ ୱାଟ୍ ବେବି' ବେଶ୍ ଚମତ୍କାର ଥିଲା। ଇଡ୍ଡୁକି ଡ୍ୟାମ୍ ତଳିଆ ଅଞ୍ଚଳରେ ମଞ୍ଜୁମାଳା ଗ୍ରାମ ଏବଂ ଏହାର ଆଖପାଖ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଶେଷ କରିବା ପରେ ଅତି ବିଚ୍ଛିନ୍ନ ଅଞ୍ଚଳରେ ଏକ ପରିବାର ଫସି ରହିଥିବା ସେମାନେ ଜାଣିବାକୁ ପାଇଥିଲେ। ପରିବାରର ଜଣେ ମହିଳା ସନ୍ତାନ ଜନ୍ମ ଦେଇଥିବାରୁ ସେମାନେ ବାହାରି ପାରି ନ ଥିବା ଗ୍ରାମବାସୀ ଜଣାଇଥିଲେ। ଏହାପରେ ବନ୍ୟା ଜଳ ଏବଂ ଦୁର୍ଗମ ଅଞ୍ଚଳକୁ ଖାତିର ନ କରି 'ଅପରେଶନ୍ ୱାଟର୍ ବେବି' ପାଇଁ ତୁରନ୍ତ ବାହାରି ପଡ଼ିଥିଲେ ଟିମ୍। ପରିବାରକୁ ସେଠାରୁ ଉଦ୍ଧାର କରିବା ପରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୁଅ ବଡ଼ହେଲେ ସେନାରେ ଯୋଗଦେବ ବୋଲି ମହିଳା ଜଣକ ରାସ୍ତାରେ କହିଥିବା ଅପରେଶନ୍‌ର କମାଣ୍ଡର ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ୱାଘ୍‌ମୋଡେ ପ୍ରକାଶ କରିଛନ୍ତି।

## ରିଲିଫ୍ ଶିବିରରେ ବାହାଘର

**ଥିରୁଭାନନ୍ତପୁରମ,୧୯।୮(ପି.ଟି.)** କେରଳରେ ପ୍ରଳୟଙ୍କରୀ ବନ୍ୟା ଯୋଗୁ ଲକ୍ଷ ଲକ୍ଷ ଲୋକ ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି। ତେବେ ଉତ୍ତର ମାଲାପୁରମ୍ ଜିଲାର ଏକ ରିଲିଫ ଶିବିରରେ ଆୟୋଜିତ ଏକ ବାହାଘର ଅନ୍ତେବାସୀଙ୍କୁ ଖୁସି କରାଇଛି। ୨୪ବର୍ଷ ବୟସ୍କା ଅଞ୍ଜୁ ତାଙ୍କ ପରିବାର ସହିତ ଏକ ନିମ୍ନ ପ୍ରାଥମିକ ସ୍କୁଲ୍‌ରେ ୩ ଦିନ ହେଲା ଆଶ୍ରୟ ନେଇଛନ୍ତି। ଜଳପ୍ରଳୟ ଯୋଗୁ ପୂର୍ବ ନିର୍ଦ୍ଧାରିତ ବାହାଘର ସ୍ଥଗିତ ରଖିବା ପାଇଁ ତାଙ୍କ ପରିବାର ଇଚ୍ଛା କରିଥିଲେ ହେଁ ଶିବିରର ଅନ୍ତେବାସୀମାନେ ବାହାଘର ପାଇଁ ଉତ୍ସାହିତ କରିଥିଲେ। ନିରାଡମ୍ବର ଭାବରେ ନିକଟବର୍ତ୍ତୀ ମନ୍ଦିରରେ ବାହାଘର ଆୟୋଜିତ ହୋଇଥିଲା। ବର ଶାଇଜୁଙ୍କ ପରିବାର ଏଥିରେ କୌଣସି ଆପତ୍ତି କରି ନ ଥିଲେ। ପାରମ୍ପରିକ ଲାଲ୍ ସିଲ୍କ ଶାଢ଼ି ଓ ଅଳଙ୍କାର ପରିଧାନ କରି ଅଞ୍ଜୁ ବଧୂବେଶରେ ସଜେଇ ହୋଇଥିଲେ। ରବିବାର ମନ୍ଦିରରେ ଶୁଭ ପରିଣୟ ଅନୁଷ୍ଠିତ ହୋଇଥିଲା।



ଥିରୁଭାନନ୍ତପୁରମ୍ ନିକଟ ଜଳବନ୍ଦୀ ଅଞ୍ଚଳରେ ଯବାନମାନେ ପିଲାଙ୍କୁ ଉଦ୍ଧାର କରୁଛନ୍ତି।



କୋଚିର ପାରାଭୁର୍ ଅଞ୍ଚଳରେ ହେଲିକପ୍ଟର ଯୋଗେ ଉଦ୍ଧାର କାର୍ଯ୍ୟ ଚାଲିଛି।

# ଗଙ୍ଗାରେ ବିଲୀନ ଅଟଳଙ୍କ ଚିତାଭସ୍ମ



**ହରିଦ୍ୱାର,୧୯।୮(ପି.ଟି.)**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ ଗଙ୍ଗାନଦୀରେ ବିଲୀନ ହୋଇଛି। ବାଜପେୟୀଙ୍କ ପରିବାର ସଦସ୍ୟମାନେ ରବିବାର ହରିଦ୍ୱାରର ହର୍ କୀ ପୌଡ଼ିସ୍ଥିତ ଗଙ୍ଗାକୂଳରେ ବୈଦିକ ମନ୍ତ୍ରୋଚ୍ଚାରଣ ସହ ଚିତାଭସ୍ମକୁ ବିସର୍ଜନ କରିଛନ୍ତି।

ନୂଆଦିଲ୍ଲୀସ୍ଥିତ ଏମ୍ସରେ ଗୁରୁବାର ବାଜପେୟୀଙ୍କ ପରଲୋକ ହୋଇଥିଲା। ଶୁକ୍ରବାର ସ୍ମୃତିସ୍ଥଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ରବିବାର ଏକ ସ୍ୱତନ୍ତ୍ର ଯାନରେ ତାଙ୍କର ଚିତାଭସ୍ମ ଓ ଅସ୍ଥିକୁ ହରିଦ୍ୱାର ଅଣାଯାଇଥିଲା। ଭାଲ୍ଲା କଲେଜ ପଡ଼ିଆରୁ ୨ କି.ମି. ଯାତ୍ରା କରିବା ପରେ ପୁଷ୍ପ ସଜ୍ଜିତ ଯାନ ହର୍ କୀ ପୌଡ଼ିରେ ପହଞ୍ଚିଥିଲା। ତୀର୍ଥ ପୁରୋହିତ ଅଖିଳେଶ ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହିନ୍ଦୁ ରୀତିନୀତି ଅନୁସାରେ ସମସ୍ତ ବୈଦିକ କର୍ମ କରାଯାଇଥିଲା। ମନ୍ତ୍ରୋଚ୍ଚାରଣ ଓ 'ଅଟଳଜୀ ଅମର ରହେ' ସ୍ଲୋଗାନ ମଧ୍ୟରେ ବାଜପେୟୀଙ୍କ ପାଳିତା କନ୍ୟା ନମିତା କୌଲ ଭଟ୍ଟାଚାର୍ଯ୍ୟ ଅସ୍ଥି କଳସରୁ ଚିତାଭସ୍ମ ବିସର୍ଜନ କରିଥିଲେ। ନମିତାଙ୍କ ସହ ସ୍ୱାମୀ ରଞ୍ଜନ ଭଟ୍ଟାଚାର୍ଯ୍ୟ ମଧ୍ୟ ଏଥିରେ ସାମିଲ ଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍‌ଙ୍କ ସମେତ ଅନେକ ନେତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

# ଇଣ୍ଡୋନେସିଆରେ ଶକ୍ତିଶାଳୀ ଭୂକମ୍ପ

**ଲୋମ୍ବୋକ୍,୧୯।୮(ପି.ଟି.)** ଇଣ୍ଡୋନେସିଆର ଲୋମ୍ବୋକ୍ ଅଞ୍ଚଳରେ ରବିବାର ପୁଣିଥରେ ଶକ୍ତିଶାଳୀ ଭୂକମ୍ପ ସଂଘଟିତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୯ ରହିଥିଲା। ଭୂକମ୍ପ ପରବର୍ତ୍ତୀ ଝଟ୍‌କା ମଧ୍ୟ ଶକ୍ତିଶାଳୀ ଥିଲା। ୬.୩ ଏବଂ ୫.୯ ତୀବ୍ରତା ବିଶିଷ୍ଟ ଆଫ୍ଟରଶକ୍ ଅନୁଭୂତ ହୋଇଥିଲା। ଫଳରେ ଘରଦ୍ୱାର ଭାଙ୍ଗିଯିବା ସହ କେତେକ ସ୍ଥାନରେ ଭୂସ୍ଖଳନ ଘଟିଛି। ପ୍ରାଥମିକ ସ୍ତରରେ କ୍ଷୟକ୍ଷତି ବିଷୟରେ କିଛି ସୂଚନା ମିଳିପାରି ନାହିଁ।

# 'ନେତାଜୀଙ୍କ ଅବଶେଷ ଅଣାଯାଉ'

**ନୂଆଦିଲ୍ଲୀ,୧୯।୮(ପି.ଟି.)**

ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅବଶେଷ ଭାରତ ଫେରାଇ ଆଣିବାକୁ ତାଙ୍କ ଝିଅ ଅନୀତା ବୋଷ ପିଫାଫ୍ ରବିବାର ଦାବି ଦୋହରାଇଛନ୍ତି। ଏଥିସହ ଦେହାବଶେଷର ଡିଏନ୍‌ଏ ପରୀକ୍ଷା କରାଗଲେ ବାପାଙ୍କ ମୃତ୍ୟୁକୁ ନେଇ ରହିଥିବା ରହସ୍ୟ ଉପରୁ ପରଦା ହଟିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ନେତାଜୀଙ୍କ ୭୩ତମ ଶ୍ରାଦ୍ଧଦିବସରେ ଅନୀତା କହିଛନ୍ତି, ୧୯୪୫ ଅଗଷ୍ଟ ୧୮ରେ ତାଇୱାନରେ ବିମାନ ଦୁର୍ଘଟଣାରେ ବାପା ପ୍ରାଣ ହରାଇଥିଲେ। ସେହିବର୍ଷ ସେପ୍ଟେମ୍ବରରୁ ଟୋକିଓର ରେଙ୍କୋଜୀ ମନ୍ଦିରରେ ତାଙ୍କ ଦେହାବଶେଷକୁ ସଂରକ୍ଷିତ କରି ରଖାଯାଇଛି। ସେଠାରୁ ସ୍ୱଦେଶକୁ ଦେହାବଶେଷ ଫେରାଇ ଆଣିବାକୁ ସେ ଭାରତ ଓ ଜାପାନ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଯବାନ ଶହୀଦ, ଆତଙ୍କବାଦୀ ନିହତ

**ଶ୍ରୀନଗର,୧୯।୮(ପି.ଟି.):** ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ର ଗୁଲାବ ପୋଷ୍ଟରେ ଶନିବାର ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଅନ୍ୟପକ୍ଷରେ ବାରାମୁଲ୍ଲା ଜିଲାରେ ଜଣେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି ସେନା। କସ୍ତୁରୀ ନାର ଦେଇ ଆତଙ୍କବାଦୀ ଜଣକ ଅନୁପ୍ରବେଶ କରୁଥିବାବେଳେ ଯବାନଙ୍କ ଗୁଳିରେ ନିହତ ହୋଇଥିବା ପ୍ରତିରକ୍ଷା ମୁଖପାତ୍ର ରାଜେଶ କାଲିଆ ସୂଚନା ଦେଇଛନ୍ତି।

### ଆଇଏସ୍ ଲିଙ୍କ୍ କଶ୍ମୀରୀ ଇଞ୍ଜିନିୟରଙ୍କୁ ପ୍ରତ୍ୟର୍ପଣ କଲା ୟୁଏଇ



**ଶ୍ରୀନଗର,୧୯।୮(ପି.ଟି.):** ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସହ ସମ୍ପର୍କ ଥିବା ଅଭିଯୋଗରେ ଜମ୍ମୁ-କଶ୍ମୀରର ଜଣେ ଯୁବ ଇଞ୍ଜିନିୟରଙ୍କୁ ନିକଟରେ ଭାରତକୁ ପ୍ରତ୍ୟର୍ପଣ କରିଛି ୟୁନାଇଟେଡ୍ ଆରବ୍ ଏମିରେଟ୍ସ (ୟୁଏଇ)। ଶ୍ରୀନଗର ନିକଟସ୍ଥ ଛତାବଲ୍ ଅଞ୍ଚଳର ବାସିନ୍ଦା ୩୬ ବର୍ଷୀୟ ଅହମ୍ମଦ ଜାର୍‌ଗରଙ୍କୁ ଦୁବାଇ ପୋଲିସ ଏପ୍ରିଲ ୨୮ରେ ଗିରଫ କରିଥିଲା। ଉପସାଗରୀୟ ଦେଶରୁ ଗତ ୧୪ ତାରିଖରେ ତାଙ୍କୁ ଭାରତକୁ ଅଣାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଜାର୍‌ଗରଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ସମେତ କେତେକ ସୁରକ୍ଷା ସଂସ୍ଥା ଜେରା କରିବେ। ସିରିଆରେ ଆଇଏସ୍‌ର କାର୍ଯ୍ୟକଳାପକୁ ସୋସିଆଲ ମିଡିଆରେ ସେ ବହୁଳ ଭାବେ ପସନ୍ଦ କରୁଥିଲେ ବୋଲି ଜଣାପଡ଼ିଛି।

### ପାକିସ୍ତାନୀ ବୋଟ୍ ଜବତ, ୯ ଗିରଫ

**ଅହମ୍ମଦାବାଦ,୧୯।୮(ପି.ଟି.):** ଆରବ ମହାସାଗରର ଗୁଜରାଟ ଉପକୂଳରୁ ପାକିସ୍ତାନର ଏକ ମାଛଧରା ବୋଟ୍‌କୁ ଭାରତୀୟ ତଟରକ୍ଷା ବାହିନୀ ଜବତ କରିଛି। ଏଥିସହ ୯ ପାକିସ୍ତାନୀଙ୍କୁ ଗିରଫ କରାଯାଇଛି। ପାକିସ୍ତାନୀ ବୋଟ୍ ଶନିବାର ସନ୍ଧ୍ୟାରେ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମାରେଖା ଅତିକ୍ରମ କରି ଭାରତ ପଟକୁ ଆସୁଥିବା ମୀରା ବେହନ୍ ନାମକ ତଟରକ୍ଷା ଜାହାଜ ଜାଣିବାକୁ ପାଇଥିଲା। ଅଲ୍ ଆଶା ନାମକ ପାକିସ୍ତାନୀ ବୋଟ୍‌ରେ ୯ ଜଣ ଥିଲେ। ବୋଟ୍ ସହ ସେମାନଙ୍କୁ ଗିରଫ କରାଯାଇ ଦ୍ୱାରକା ଜିଲା ଓଖା ବନ୍ଦରକୁ ନିଆଯିବା ପରେ ସ୍ଥାନୀୟ ସାମୁଦ୍ରିକ ପୋଲିସକୁ ହସ୍ତାନ୍ତର କରାଯାଇଥିବା ତଟରକ୍ଷୀ ବାହିନୀ ସୂଚନା ଦେଇଛି।

### ହଜ୍‌ଯାତ୍ରା ଆରମ୍ଭ

**ମକ୍କା,୧୯।୮(ପି.ଟି.):** ଆରମ୍ଭ ହେଲା ପବିତ୍ର ହଜ୍ ଯାତ୍ରା। ଇସ୍‌ଲାମ ଧର୍ମାବଲମ୍ବୀଙ୍କ ଏହି ପବିତ୍ର ତୀର୍ଥଯାତ୍ରା ପାଇଁ ବିଶ୍ୱର କୋଣ ଅନୁକୋଣରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସୌଦିଆରବର ମକ୍କା ସହରରେ ରବିବାର ରୁଣ୍ଡ ହୋଇଛନ୍ତି। ୬ ଦିନିଆ ତୀର୍ଥଯାତ୍ରା ସୁଗମ ଢଙ୍ଗରେ ସମ୍ପନ୍ନ କରିବା ଲାଗି ସୌଦିଆରବ ସରକାରଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

### ଫିଜିରେ ଭୂକମ୍ପ

**ସିଡ୍‌ନୀ,୧୯।୮(ପି.ଟି.):** ପ୍ରଶାନ୍ତ ମହାସାଗରୀୟ ଦେଶ ଫିଜିଠାରେ ରବିବାର ଶକ୍ତିଶାଳୀ ଭୂକମ୍ପ ସଂଘଟିତ ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୮.୨ ରହିଥିବା ଆମେରିକା ଜିଓଲୋଜିକାଲ୍ ସର୍ଭେ ସୂଚନା ଦେଇଛି। ସ୍ଥାନୀୟ ସମୟ ମଧ୍ୟାହ୍ନ ୧୨ଟା ୩୦ ମିନିଟ୍‌ରେ ରାଜଧାନୀ ସୁଭାଠାରୁ ୩୬୧ କିଲୋମିଟର ଦୂର ପ୍ରଶାନ୍ତ ମହାସାଗରରେ ଭୂକମ୍ପ ସୃଷ୍ଟି ହୋଇଛି। ଏହା ୫୫୯ କିଲୋମିଟର ଗଭୀର ଥିଲା। ପ୍ରଥମେ ସୁନାମି ସତର୍କ ସୂଚନା ଜାରି କରାଯାଇଥିଲା ଏବଂ ପରେ ଏହାକୁ ହଟାଇ ନିଆଯାଇଥିଲା।

# କେରଳ ପରେ କର୍ନାଟକ, ତାମିଲନାଡୁ

**ବାଙ୍ଗାଲୋର/ଚେନ୍ନାଇ, ୧୯।୮ (ପି.ଟି.)**

**କର୍ନାଟକ ବର୍ଷାରେ ୯ ମୃତ**

କେରଳରୁ ବନ୍ୟା ସ୍ଥିତି ସୁଧୁରି ନ ଥିବାବେଳେ କର୍ନାଟକ ଏବଂ ତାମିଲନାଡୁରେ ମଧ୍ୟ ରବିବାର ବନ୍ୟା ସ୍ଥିତି ଜଟିଳ ରୂପ ଧାରଣ କରିଛି। ପ୍ରବଳ ବର୍ଷା ଯୋଗୁ କର୍ନାଟକର କୋଡାଗୁ ଜିଲାରେ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ଜିଲାରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ୯ ଜଣ ପ୍ରାଣ ହରାଇଛନ୍ତି। ୩୫୦୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ରବିବାର ବନ୍ୟାଞ୍ଚଳ ପରିଦର୍ଶନ କରି ଉକ୍ତ ଅଞ୍ଚଳରେ ହିଁ କ୍ୟାମ୍ପ୍ କରି ରହିଛନ୍ତି। ସ୍ଥିତିର ଗମ୍ଭୀରତା ବିଷୟରେ ଜାଣିବା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କୁ ଫୋନ୍ କରି ସ୍ଥିତି ସମୀକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ରାଜ୍ୟକୁ ସବୁସମ୍ଭବ ସହଯୋଗ ଯୋଗାଇ ଦିଆଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁ ତାମିଲନାଡୁର ମେଟ୍ଟୁର ଏବଂ ଭବାନୀସାଗର ଡ୍ୟାମ୍‌ରୁ ବନ୍ୟାଜଳ ଛଡ଼ାଯିବା ପରେ ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏରୋଡ୍ ଜିଲା ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ମାତ୍ରାରେ ଫସଲ ନଷ୍ଟ ହୋଇଛି। ମୁଖ୍ୟମନ୍ତ୍ରୀ କେ. ପାଲାନିସାମୀ ରବିବାର ବନ୍ୟାଞ୍ଚଳ ପରିଦର୍ଶନ କରି ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ ଦିଆଯିବ ବୋଲି କୃଷକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

■ ୧୦ ଯୁଗ୍ମ ସଚିବ ପଦବୀ ପାଇଁ ଲାଟେରାଲ ଏଣ୍ଟ୍ରି

# ଘରୋଇ କ୍ଷେତ୍ରରୁ ୬,୦୭୭ ଆବେଦନକାରୀ

**ନୂଆଦିଲ୍ଲୀ,୧୯।୮(ପି.ଟି.)**

କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଅଧୀନରେ ୧୦ ଯୁଗ୍ମ ସଚିବ ପଦବୀରେ ନିଯୁକ୍ତି ପାଇଁ ଘରୋଇ କ୍ଷେତ୍ରରୁ ୬ ହଜାରରୁ ଊର୍ଦ୍ଧ୍ୱ ବିଶେଷଜ୍ଞ ଆବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀ ରବିବାର ଏହି ସୂଚନା ଦେଇଛନ୍ତି। ଅମଲାତନ୍ତ୍ରକୁ ନୂଆ ପ୍ରତିଭାଙ୍କୁ ଆଣିବା ପାଇଁ ମୋଦି ସରକାର ଏକ ଅଭିନବ ଉଦ୍ୟମ ଚଳାଇଥିବା କେନ୍ଦ୍ର ପକ୍ଷରୁ କୁହାଯାଉଛି। ପ୍ରସ୍ତାବ ଅନୁଯାୟୀ, ନିକଟରେ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସରକାରଙ୍କ କେତେକ ବିଭାଗରେ ୧୦ ଯୁଗ୍ମ ସଚିବ ପଦବୀରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ଘରୋଇ କ୍ଷେତ୍ରରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଆବେଦନର ଶେଷ ତାରିଖ ଥିଲା ଜୁଲାଇ ୩୦। ଉକ୍ତ ପଦବୀଗୁଡ଼ିକରେ ନିଯୁକ୍ତି ପାଇବା ଲାଗି ୬,୦୭୭ ଜଣ ଆବେଦନକାରୀଙ୍କ ଦରଖାସ୍ତ ଗ୍ରହଣ କରାଯାଇଥିବା ଅଧିକାରୀ ଜଣକ କହିଛନ୍ତି। ରାଜସ୍ୱ, ଅର୍ଥନୈତିକ, କୃଷି ଓ କୃଷକ ମଙ୍ଗଳ, ରାସ୍ତା, ପରିବହନ ଓ ଜାତୀୟ ରାଜପଥ, ଜାହାଜ ଚଳାଚଳ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ, ନବୀକରଣୀୟ ଶକ୍ତି, ବେସାମରିକ ବିମାନ ଚଳାଚଳ ଓ ବାଣିଜ୍ୟ ଆଦି ବିଭାଗରେ ଏହି ନିଯୁକ୍ତି ଦିଆଯିବ। ଏଥିପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୋଟିଏ ପଦବୀ ପାଇଁ ସର୍ବାଧିକ ୧,୧୦୦ ଆବେଦନ କରିଥିବାବେଳେ ଅନ୍ୟ ଏକ ପଦବୀ ଲାଗି ସର୍ବନିମ୍ନ ୨୯୦ ଜଣ ଦରଖାସ୍ତ ଦେଇଛନ୍ତି। ପ୍ରକାଶ ଯେ, ଯୁଗ୍ମ ସଚିବ ପଦବୀରେ ନିଯୁକ୍ତି ପାଇବା ପାଇଁ କେନ୍ଦ୍ରୀୟ ଲୋକସେବା ଆୟୋଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜରୁରୀ। କିନ୍ତୁ ମୋଦି ସରକାର ଅମଲାତନ୍ତ୍ରରେ ଆର୍‌ଏସ୍‌ଏସ୍ ଲୋକଙ୍କୁ ଥଇଥାନ କରିବା ପାଇଁ ପଛଦ୍ୱାରରୁ ନିଯୁକ୍ତି ବ୍ୟବସ୍ଥା କରିଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।



■ ଆଲିଙ୍ଗନ ପରେ ସଫେଇ

# ବହୁତ ସ୍ନେହ ଦେଇଛି ପାକିସ୍ତାନ

**ଚଣ୍ଡିଗଡ଼/ଲାହୋର,୧୯।୮**



**ଭାରତ ଫେରିଲେ ସିଦ୍ଧୁ**

■ କ୍ଷମତା ପାଇଁ ଦେଶକୁ ମଧ ବିକିଦେବ କଂଗ୍ରେସ: ସ୍ୱାମୀ

■ ଯବାନମାନେ ଶହୀଦ ହେଉଥିବାବେଳେ ପାକ୍ ସେନାମୁଖ୍ୟଙ୍କୁ ଆଲିଙ୍ଗନ କରିବା ଅଶୋଭନୀୟ: ଅମରିନ୍ଦର

ପାକିସ୍ତାନର ସ୍ଥଳସେନା ମୁଖ୍ୟ ଜେନେରାଲ କମର ଜାଭେଦ୍ ବାଜ୍‌ୱାଙ୍କୁ ଆଲିଙ୍ଗନ କରିବା କଂଗ୍ରେସ ନେତା ତଥା ପଞ୍ଜାବର କ୍ୟାବିନେଟ୍ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁଙ୍କୁ ମହଙ୍ଗା ପଡ଼ିଛି। ଭାରତ ନ ଫେରୁଣୁ ତାଙ୍କୁ ଚାରିଆଡେ ସମାଲୋଚନା କରାଯାଉଛି। ଏପରି କି ଖୋଦ୍ ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ ଅମରିନ୍ଦର ସିଂ ମଧ୍ୟ ସିଦ୍ଧୁଙ୍କ ଏଭଳି ଆଚରଣକୁ ନିନ୍ଦା କରିଛନ୍ତି। ପାକିସ୍ତାନରେ ବହୁତ ସ୍ନେହ ମିଳିଛି ବୋଲି ଫେରିବା ପରେ ସିଦ୍ଧୁ ପ୍ରତିକ୍ରିୟା ରଖିଛନ୍ତି। ପିଟିଆଇ ଅଧ୍ୟକ୍ଷ ଇମ୍ରାନ ଖାନ୍ ଶନିବାର ପାକିସ୍ତାନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ରାଷ୍ଟ୍ରପତି ଭବନରେ ଶପଥଗ୍ରହଣ ଉତ୍ସବରେ ପୂର୍ବତନ କ୍ରିକେଟର ସିଦ୍ଧୁ ଜଣେ ମାତ୍ର ଭାରତୀୟ ଅତିଥି ଭାବେ ଯୋଗଦେଇଥିଲେ। ସେଠାରେ ସେ ପାକିସ୍ତାନୀ ସେନା ମୁଖ୍ୟ ବାଜ୍‌ୱାଙ୍କୁ ଆଲିଙ୍ଗନ କରୁଥିବା ଫଟୋ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିସହ ପାକ୍-ଅଧିକୃତ କଶ୍ମୀର (ପିଓକେ) ରାଷ୍ଟ୍ରପତି ମାସୁଦ୍ ଖାନ୍‌ଙ୍କ ନିକଟରେ ସିଦ୍ଧୁ ବସିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଭାଜପା ପକ୍ଷରୁ କଂଗ୍ରେସକୁ ଟାର୍ଗେଟ କରାଯାଇଛି। ସିଦ୍ଧୁଙ୍କ ଜଘନ୍ୟ ଅପରାଧ ପାଇଁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କ୍ଷମାମାଗନ୍ତୁ ବୋଲି ଭାଜପା ମୁଖପାତ୍ର ସମ୍ବିତ ପାତ୍ର ଦାବି କରିଛନ୍ତି। କେବଳ ସିଦ୍ଧୁ ନୁହନ୍ତି, କଂଗ୍ରେସ ମଧ୍ୟ ଏକ ବିଶ୍ୱାସଘାତକ। ଏମାନେ କ୍ଷମତା ପାଇଁ ନିଜ ଦେଶକୁ ବି ବିକିଦେବେ ବୋଲି ଭାଜପା ଏମ୍‌ପି ସୁବ୍ରମଣ୍ୟମ୍ ସ୍ୱାମୀ ସମାଲୋଚନା କରିଛନ୍ତି। ସେପଟେ ୨୦୧୩ରେ ପାକିସ୍ତାନ ଜେଲରେ ପ୍ରାଣ ହରାଇଥିବା ସରବଜିତ୍ ସିଂଙ୍କ ଭଉଣୀ ଦଲବୀର କୌର କହିଛନ୍ତି, ସିଦ୍ଧୁ ଶପଥଗ୍ରହଣ ଉତ୍ସବକୁ ଯାଇ ନିଜ ଦେଶ ଅପେକ୍ଷା ବନ୍ଧୁତ୍ୱକୁ ଗୁରୁତ୍ୱ ଦେଇଛନ୍ତି। ନିୟନ୍ତ୍ରଣରେଖାରେ ପାକିସ୍ତାନ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବାବେଳେ ସେହି ଦେଶର ସେନାମୁଖ୍ୟଙ୍କୁ ଆଲିଙ୍ଗନ କରିବା ଲଜ୍ଜାଜନକ। ସେହିପରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର କହିଛନ୍ତି, ସୀମାରେ ପାକିସ୍ତାନୀ ସେନାର ଆକ୍ରମଣରେ ପ୍ରତିଦିନ ଆମ ଯବାନମାନେ ଶହୀଦ ହେଉଛନ୍ତି। ଏଭଳି ସମୟରେ ସିଦ୍ଧୁ ବାଜ୍‌ୱାଙ୍କୁ ଆଲିଙ୍ଗନ କରିବା ଦୁର୍ଭାଗ୍ୟଜନକ। ବାଜ୍‌ୱାଙ୍କୁ ସେ ଏତେ ସ୍ନେହ ଦେଖାଇବା ଉଚିତ ନ ଥିଲା ବୋଲି ଅମରିନ୍ଦର ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ସିଦ୍ଧୁ ରବିବାର ୱାଘା-ଅଟ୍ଟାରି ସୀମା ଦେଇ ପାକିସ୍ତାନରୁ ଭାରତକୁ ଫେରିଛନ୍ତି। ଏହି ଅବସରରେ ସେ ସଫେଇ ଦେଇ କହିଛନ୍ତି, ପାକିସ୍ତାନରେ ତାଙ୍କୁ ବହୁତ ସ୍ନେହ ମିଳିଛି। ଭାରତରେ ସାରା ଜୀବନରେ ଯାହା ମିଳିଲା ନାହିଁ ସେ ୨ ଦିନରେ ପାକିସ୍ତାନରେ ତାହା ପାଇଛନ୍ତି। ତାଙ୍କ ଇସ୍‌ଲାମାବାଦ ଗସ୍ତ ପରେ ଭାରତ-ପାକିସ୍ତାନ ସମ୍ପର୍କରେ ସୁଧାର ଆସିବ ଓ ଶାନ୍ତି ଫେରିବ। ଜଣେ ଯଦି ନିଜକୁ ଆମେ ତୁମ ସଂସ୍କୃତିର ବୋଲି କହିବ, ତେବେ ତାକୁ କ'ଣ ବିରୋଧ କରାଯିବ ବୋଲି ଆଲିଙ୍ଗନ ପ୍ରସଙ୍ଗରେ ସେ ପ୍ରଶ୍ନ କରିଛନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତସିଂହପୁର ଅଫିସ-(06724)224030, 8763968203, ନୟାଗଡ଼ଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ମହାକାଶରେ ଦାନ୍ତଘଷା



କମଳାକାନ୍ତ ଜେନା

"ସେ ମୋ ପାଖକୁ ଉଡି ଉଡି ଆସିଗଲେ । ହସି ହସି କହିଲେ, 'ମହାକାଶ ଉପରେ ଲେଖିଥିବା ପ୍ରବନ୍ଧ ତୁମର ମନେ ପଡୁନି କି। ଆଚ୍ଛା ଠିକ୍ ଅଛି, ବ୍ୟସ୍ତ ହେବା ଦରକାର ନାହିଁ। ମୁଁ ଏବେ ବ୍ରଶ୍ କରିବାର ଅଛି। ତୁମେ ଦେଖ। ତା'ପରେ ନିଜେ କରିବ।' ମୁଁ କହିଲି, 'ହଁ, ଦୟାକରି ତୁମେ କର। ମୁଁ ଦେଖିବି।''





ମହାକାଶକୁ ଯିବା କଥା ଅନେକ ଥର ଭାବିଛି । କିନ୍ତୁ ମୋର ସବୁ ସ୍ୱପ୍ନ କେବଳ ସ୍ୱପ୍ନରେ ରହିଯାଇଥିଲା । ହେଲେ ସେଦିନ ଆଇ.ଏସ୍.ଏସ୍. ମହାକାଶ-ଗବେଷଣାକେନ୍ଦ୍ର ଭିତରେ ଶୋଇଥିବା ଅବସ୍ଥାରେ ନିଜକୁ ଯେତେବେଳେ ଆବିଷ୍କାର କଲି, ବିଶ୍ୱାସ କରିପାରିଲି ନାହିଁ। ମୁଁ କେବେ ମହାକାଶକୁ ଯିବାର ତାଲିମ ନେଇ ନଥିଲି କିମ୍ବା ମହାକାଶ ଉପରେ ମୋର ସେମିତି କୌଣସି ମୌଳିକ ଗବେଷଣା ବି ନଥିଲା । କେବଳ ଜଣେ ପଦାର୍ଥ ବିଜ୍ଞାନୀ ଭାବରେ ମହାକାଶ ସମ୍ପର୍କରେ ଅଳ୍ପ କିଛି ଜ୍ଞାନ ଥିଲା । ତେଣୁ ମୁଁ କେମିତି ହଠାତ୍ ମହାକାଶ ଷ୍ଟେଶନ୍‌କୁ ଆସିଗଲି, ସେହି କଥା ଭାବୁଥିଲି । କାନ୍ଥ ସହିତ ବନ୍ଧା ହୋଇଥିବା ଗୋଟିଏ ପ୍ଲାଷ୍ଟିକ୍ ଖୋଳ ଭିତରେ ମୁଁ ଶୋଇଥିଲି । ମୁହଁଟା କେବଳ ବାହାରକୁ ଥିଲା । ଆଖି ଖୋଲିଲା ବେଳକୁ ମୋ ଆଗରେ ଜଣେ ଗୋରା ଲୋକ ମୋ ଆଡ଼କୁ ଚାହିଁ ଓଠ ଚିପି ଚିପି ହସୁଥିବାର ଦେଖିଲି । ପରେ ଜାଣିଲି ସେ ଥିଲେ କାନାଡାର ଏୟାର-ମାର୍ଶାଲ ଜିମ୍ କ୍ୟୁରେଟୋ । ମୁଁ ନିଦରୁ ଉଠିବାର ଦେଖି ସେ ପଚାରିଲେ, 'କିଛି ଅସୁବିଧା ହେଉନାହିଁ ତ, ଅଧ୍ୟାପକ ।'

ମୁଁ କହିଲି, 'ନା, ଗୋରାଭାଇ । ମୁଁ ଠିକ୍ ଅଛି । ହେଲେ ମୁଁ କେମିତି ଏଠାକୁ ଆସିଲି ଜାଣି ପାରୁନାହିଁ ।' ସେ ହସି ହସି କହିଲେ, ଚମତ୍କାର । ଭାରତୀୟମାନଙ୍କର 'ଭାଇ' ଡାକ ମତେ ଭଲ ଲାଗେ । ହଁ, କ'ଣ କହିଲ, 'ଗୋରା ଭାଇ' । ଆରେ ତୁମେ ତ ଖାଣ୍ଟି ଭାରତୀୟ । ତା' ପରେ ଜୋର ହସିଲେ । ମୁଁ କହିଲି, 'ତୁମ ନାଁ ଜାଣିନାହିଁ। ତେଣୁ ଗୋରାଭାଇ ଡାକିଦେଲି ।' ସେ କହିଲେ, ଚମତ୍କାର ସମ୍ବୋଧନ । ମୁଁ ଖୁସି । ତୁମେ ମତେ ସବୁବେଳେ 'ଗୋରା ଭାଇ' ବୋଲି ଡାକିବ। କିଛି ସମୟ ରହିଯାଇ ପୁଣି କହିଲେ, ''ଆରେ ହଁ, ମହାକାଶକୁ ନେଇ ତୁମେ ଅନେକ ଜନପ୍ରିୟ ବିଜ୍ଞାନ ପ୍ରବନ୍ଧ ଲେଖିଛ । ତୁମର ମହାକାଶ ଭ୍ରମଣ ଇଚ୍ଛା ବିଷୟରେ ବି ଅନେକ ଥର ଟୁଇଟରରେ ଲେଖିଛ । ତେଣୁ ଆମ ଦେଶ ତୁମ ପରି ଜଣେ ଆଗ୍ରହୀ ଲେଖକକୁ ମହାକାଶ ଭ୍ରମଣର ସୁଯୋଗ ଦେଇଛି। ବ୍ୟସ୍ତ ହୁଅନା। ଆମେ ଏଠି ଛଅ ଜଣ ଅଛୁ । ତୁମର କିଛି ଅସୁବିଧା ହେବନି ।'' ମୁଁ ପଚାରିଲି, 'ଏ ଖୋଳ ଭିତରୁ କେମିତି ବାହାରିବି?' ଗୋରାଭାଇ ବୁଝେଇଦେଲେ, 'ସିମ୍ପଲ, ଭାବିଦିଅ ତୁମେ ପାଣିରେ ବେଲୁନ୍ ପରି ଭାସୁଛ । କାହିଁକି ନା, ତୁମେ ତ ଜାଣିଛ, ତୁମ ଶରୀର ଉପରେ ଶୂନ ମାଧ୍ୟାକର୍ଷଣ ବଳ ପଡୁଛି । ତେଣୁ ତଳେ କଚାଡି ହେଇ ପଡିବାର ସମ୍ଭାବନା ନାହିଁ । ଏବେ ଜ୍ୟାକେଟ୍‌ର ଚେନ୍ ଖୋଲିଦିଅ । ତା' ପରେ ଉଡି ଉଡି ମୋ ପାଖକୁ ଚାଲିଆସ ।'

ମୁଁ ସେଇଆ କଲି । ଖୋଳ ଭିତରୁ ବାହାରି ଉଡି ଉଡି ଗୋରାଭାଇଙ୍କ ପାଖକୁ ଚାଲିଗଲି । ଅଜବ ଲାଗୁଥିଲା । ମହାକାଶରେ ଜୀବନ ସମ୍ପର୍କରେ ଅନେକ ଲେଖିଥିଲି । କିନ୍ତୁ ବାସ୍ତବ ଅନୁଭୂତିର ମୁହୂର୍ତ୍ତଗୁଡିକ ବେଶ୍ ରୋମାଞ୍ଚକର ମନେ ହେଉଥିଲା । ଗୋରାଭାଇ କହିଲେ, 'ବାଃ, ବହୁତ ଚାଲାକ୍ ଅଛ । ନୂଆ ହେଲେ ବି ସୁନ୍ଦର ଭାବରେ ମହାକାଶଯାନ ଭିତରେ ଗତି କରିପାରୁଛ । ତଥାପି ଜଗିରହି କାନ୍ଥ ଧରି ଧରି ଗତି କରିବ । ନଚେତ୍ କୋଉଠି ମୁଣ୍ଡ ବାଡେଇ ହୋଇଯାଇପାରେ ।' ମୁଁ ମୁଣ୍ଡ ହଲେଇ ସମ୍ମତି ଜଣେଇଲି । ଗୋରାଭାଇ ପଚାରିଲେ, 'ତୁମେ ଏବେ ଦାନ୍ତ ଘଷିବ ?' ମୁଁ ହଁ କହିଲି । ସେ କହିଲେ, 'ଠିକ୍ ଅଛି । ତୁମେ ସାମନା ଗାଧୁଆଘର ଭିତରକୁ ଚାଲିଯାଅ । ସେଇଠି ବ୍ରଶ୍ ଓ ପେଷ୍ଟ ଅଛି ।' ମୁଁ ଆଗ୍ରହର ସହିତ ଭାସି ଭାସି ଗାଧୁଆଘର ଭିତରକୁ ପଶିଲି । ଆରେ, ମୋର ଭୁଲ ହେଇଗଲା । ସେଇଟା ଗାଧୁଆଘର ନଥିଲା। ନା ପାଣି ଟ୍ୟାପ୍ ଥିଲା, ନା ବେସିନ୍, ନା ବାଲଟି । ସାବୁନ୍ ବି ନଥିଲା । ମୁଁ ପଚାରିଲି, 'ଗୋରାଭାଇ, ଗାଧୁଆଘର ପାଉନାହିଁ ।' ଉତ୍ତର ଆସିଲା, 'ଅଧ୍ୟାପକ, ତୁମେ ମୋ ସହିତ ମଜା କରୁନ ତ ?' କହିଲି, 'ଆରେ, ନା ଭାଇ । ଗାଧୁଆଘରକୁ ଯିବା ପାଇଁ ରାସ୍ତା କୁହ ।' ଉତ୍ତର ଆସିଲା, 'ତୁମେ ଠିକ୍ ଜାଗାରେ ଅଛ । ସେଇଟା ହିଁ ଗାଧୁଆଘର । ଅପେକ୍ଷା କର । ମୁଁ ଯାଉଛି ।' ସେ ମୋ ପାଖକୁ ଉଡି ଉଡି ଆସିଗଲେ । ହସି ହସି କହିଲେ, 'ମହାକାଶ ଉପରେ ଲେଖିଥିବା ପ୍ରବନ୍ଧ ତୁମର ମନେ ପଡୁନି କି। ଆଚ୍ଛା ଠିକ୍ ଅଛି, ବ୍ୟସ୍ତ ହେବା ଦରକାର ନାହିଁ । ମୁଁ ଏବେ ବ୍ରଶ୍ କରିବାର ଅଛି । ତୁମେ ଦେଖ । ତା'ପରେ ନିଜେ କରିବ ।' ମୁଁ କହିଲି, ହଁ, ଦୟାକରି ତୁମେ କର । ମୁଁ ଦେଖିବି ।'

ଗାଧୁଆଘର କାନ୍ଥରେ ଲାଗିଥିବା ମୁଣିରୁ ସେ ତାଙ୍କ ବ୍ରଶ୍ ଓ ପେଷ୍ଟ ବାହାର କରି ବ୍ରଶ୍‌ରେ ପେଷ୍ଟ ଲଗେଇଲେ । ପେଷ୍ଟ ଲାଗିଥିବା ବ୍ରଶ୍‌କୁ ସେଇଠି ଛାଡିଦେଇ ପେଷ୍ଟକୁ ପୁଣି ମୁଣି ଭିତରେ ଥୋଇଦେଲେ । ବ୍ରଶ୍ ତଳେ ନପଡି ଶୂନ୍ୟରେ ସେମିତି ଭାସୁଥିଲା । ଗୋରାଭାଇ ଟିକିଏ ପଛକୁ ଯାଇ ଲମ୍ବା ଟ୍ୟୁବ୍ ଲାଗିଥିବା ପତଳା ପାଣି ପାଉଚ୍ ଧରି ଆସିଲେ । ଟ୍ୟୁବ୍ ମୁହଁ ଖୋଲି ପାଉଚ୍‌କୁ ଆସ୍ତେ ଚିପିଲେ । ପାଣି ଧୀରେ ଧୀରେ ବାହାରି ଟ୍ୟୁବ୍ ଅଗରେ ଗୋଟିଏ କୁନି ଗୋଲକ ଆକାର ଧାରଣ କଲା । ସେ ପାଉଚ୍ ବନ୍ଦକରି ପଛ ପଟେ ଖୋପରେ ରଖିଲେ । ବଡ ଜେଲିବଲ ପରି ଦିଶୁଥିବା ପାଣିର ସେଇ କୁନି ଗୋଲକଟି ସେଇଠି ଭାସୁଥିଲା । ମତେ ତ ସବୁ ଜାଦୁ ପରି ମନେ ହେଉଥିଲା । ସେ କହିଲେ, 'ବାସ୍, ମୁଁ ଏବେ ଦାନ୍ତଘଷା ଆରମ୍ଭ କରିବି।' ଏତିକି କହି ପାଖରେ ଭାସୁଥିବା ବ୍ରଶ୍‌କୁ ଧରିନେଲେ ଓ ବଡ ଆଁ କରି ଶୂନ୍ୟରେ ଭାସୁଥିବା ପାଣି-ବଲକୁ ପାଟି ଭିତରକୁ ନେଲେ । ବ୍ରଶ୍ ଓ ପେଷ୍ଟକୁ ଓଦା କରିବା ପାଇଁ ଯେତିକି ପାଣି ଦରକାର, ଅନୁମାନ କରି ସେତିକି ପାଣି ପାଟିରେ ରଖି ବାକିତକ ପାଣି ଢୋକିଦେଲେ। ପାଟି ଭିତରେ ବ୍ରଶ୍ ପୂରେଇ ଦୁଇ ମିନିଟ୍ ଏପଟ ସେପଟ କରିବା ପରେ କହିଲେ, 'ଏଠି ତ ବେସିନ୍ ଭିତରେ ଛେପ ପକେଇ ହାତମୁହଁ ଧୋଇବାର ବ୍ୟବସ୍ଥା ନାହିଁ। ଏବେ ମୋ ପାଖରେ ଦୁଇଟା ବାଟ । ପାଟିରେ ଥିବା ଦାନ୍ତଘଷା ଫେଣକୁ ଖାଇଦେଇ ପାରିବି, ଅଥବା ବାହାର କରି କାଗଜ-ତଉଲିଆରେ ପକେଇ ପାରିବି । କିନ୍ତୁ, କାଗଜ-ତଉଲିଆ ନଷ୍ଟ କରିବାକୁ ଚାହୁଁନି। ଭଲ ହେବ, ଖାଇଦେବି । ଆଇ ଲଭ୍ ଇଟ୍।' ଏତିକି କହୁ କହୁ ଗନ୍ଧିଆ ଛେପକୁ ସିଧା ଢୋକିଦେଲେ । ଇସ୍, ମତେ ତ ପୂରା ବାନ୍ତି ଲାଗୁଥିଲା । ହେଲେ ପରିସ୍ଥିତିରେ ପଡି ସେମିତି ଅଭ୍ୟାସ କରିଛନ୍ତି ବୋଲି ପରେ ବୁଝିଲି । ବାହାରେ କାଗଜ-ତଉଲିଆରେ ଛେପ ପକେଇବା ବଦଳରେ ଖାଇ ଦେଲେ ଆବର୍ଜନା କମିଯିବ । ଶରୀରକୁ ମଧ୍ୟ ଛେପ ରୂପରେ ଟୋପାଏ ଜଳ ମିଳିଯିବ। ସତରେ, ମହାକାଶଚାରୀମାନଙ୍କର ଜଳର ସୁଚାରୁ ବିନିଯୋଗ ଏବଂ ଆବର୍ଜନା ସୃଷ୍ଟି ନ କରିବାର ସଚେତନତା ଆଗରେ ମୋର ମୁଣ୍ଡ ନଇଁ ଯାଉଥିଲା । ମହାକାଶରେ ନିଜର ଛଅ ମାସ ରହଣି ଭିତରେ ସେମାନେ ଅଳ୍ପରେ ଚଳିବା ସହିତ କଠିନ ଗବେଷଣାରେ ମନ ଦେଉଥିଲେ । ଗୋରାଭାଇ କହିଲେ, 'ଅଧ୍ୟାପକ, ଏବେ ତୁମେ ବ୍ରଶ୍ କରିପାର ।' ସେ ଗାଧୁଆଘରୁ ବାହାରକୁ ବାହାରିଯାଇ ନିଜ କାମରେ ବ୍ୟସ୍ତ ରହିଲେ । ମୁଁ ତାଙ୍କ ଷ୍ଟାଇଲରେ ଡାହାଣ ହାତରେ ବ୍ରଶ୍ ଧରି ଦାନ୍ତ ଘଷିବା ଆରମ୍ଭ କଲି । ହଠାତ୍ ଗୋରାଭାଇ ମୋ ପାଖକୁ ଉଡି ଆସି ପଚାରିଲେ, 'ତୁମ ବାମ ହାତ ଦେଖେଇଲ ।' ମୁଁ ପଛରେ ଲୁଚେଇଥିବା ବାମହାତକୁ ଆଗକୁ ଆଣିଲି। ବାମ ହାତରେ ଦୁଇଟା କାଗଜ-ତଉଲିଆ ଧରିଥିଲି । କହିଲି, 'ଭାଇ, ମୁଁ ଦୁଃଖିତ । ଦାନ୍ତଘଷା ଫେଣକୁ ମୁଁ ଢୋକି ପାରିବିନି । ମୋର ବାନ୍ତି ହେଇଯିବ । 'ସେ କହିଲେ, 'ନା, ସେମିତି କେମିତି ହେବ ? ତୁମେ ଯଦି ସବୁ ଦିନ ଏତେ ଏତେ ତଉଲିଆ ବ୍ୟବହାର କରିବ, ଆମେ ସମସ୍ତେ ଚଳିବା କେମିତି ? ତୁମକୁ ଛେପ ଢୋକିବାକୁ ହେବ । ତଉଲିଆ ମତେ ଦେଇଦିଅ ।' ମୁଁ କହିଲି, 'ନା, ମୁଁ ଢୋକି ପାରିବିନି । 'ସେ ଟିକିଏ ରାଗିଯାଇ କହିଲେ, 'ତୁମକୁ ଢୋକିବାକୁ ହେବ ।'ମୁଁ ବି ରାଗିଯାଇ ଜୋରରେ କହିଲି, 'ନା, ମୁଁ ଛେପ ଢୋକି ପାରିବିନି ।'

ହଠାତ୍ ମୋ ନିଦ ଭାଙ୍ଗିଗଲା । ଝିଅ ମୋ ବିଛଣା ପାଖରେ ଛିଡା ହୋଇ ପଚାରୁଥିଲା, 'ବାପା, କ'ଣ ହେଲା ? ଛେପ ଢୋକିବା କଥା କାହାକୁ କହୁଥିଲ ? କି ଛେପ ? 'ମୁଁ ହସି ଦେଇ ପଚାରିଲି, 'ଝିଅ, ତୁ ବଡ ହେଲେ ମହାକାଶଚାରୀ ହେବୁ ବୋଲି ସବୁବେଳେ କହୁଛୁ । ତୁ କ'ଣ ମହାକାଶରେ ଦାନ୍ତ ଘଷି ସାରି ସେଇ ଛେପକୁ ଢୋକିପାରିବୁ ?' ଝିଅ ଖୁସିରେ ଉତ୍ତର ଦେଲା, 'ହଁ, ମହାକାଶଚାରୀ ହେବା ପାଇଁ ମୁଁ ସବୁ କରିପାରିବି । ମୁଁ ତ ପେଷ୍ଟ ଖାଇବାକୁ ଭଲପାଏ ।' ମୁଁ କହିଲି, 'ବହୁତ୍ ଭଲ କଥା । ମୋ ତଉଲିଆ ଆଣ। ଗାଧୁଆଘରକୁ ଯିବି ।' ଝିଅ ତଉଲିଆ ଆଣିବାକୁ ଚାଲିଗଲା । ମୁଁ ଗୋରାଭାଇଙ୍କର ଦାନ୍ତଘଷା କଥା ଭାବୁଥିଲି ।

-ସହକାରୀ ପ୍ରଫେସର (ଫିଜିକ୍ସ),
ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ,
ମୋ : ୯୪୩୯୫୦୧୬୫୧



# ଖାଇବା ଥାଳିରେ ବିଦେଶୀ ଖାଦ୍ୟ



ଡା. ନିତ୍ୟାନନ୍ଦ ସ୍ୱାଇଁ

ଆପଣଙ୍କ ରାତି ଖାଇବା ନିମନ୍ତେ ଥାଳିରେ ବଢ଼ା ହୋଇଛି ରୁଟି, ମଟର ଆଳୁ ଓ ବନ୍ଧାକୋବି ତରକାରି, ଟମାଟୋ, ପିଆଜ ଓ ଗାଜର ସାଲାଡ ; ଫାଳେ ପାଚିଲା ଅମୃତଭଣ୍ଡା ଏବଂ ଖାଇସାରିବା ପରେ କପେ କଫି। ଖାଇବା ଆରମ୍ଭ କରିବା ଆଗରୁ ଆପଣ ଏହି ଭୋଜନ ସାମଗ୍ରୀଗୁଡ଼ିକୁ ଟିକିଏ ନିରେଖି ଲକ୍ଷ୍ୟ କରନ୍ତୁ ଏବଂ କହନ୍ତୁ ତ, ଏଗୁଡ଼ିକ ଭିତରୁ କେଉଁ ଦ୍ରବ୍ୟଟିର ଆଦି ଜନ୍ମଭୂମି ଭାରତ ? ମାତ୍ର ଏହି ଗହମ, ଯାହାର ଅଟାରୁ ତିଆରି ହୋଇଛି ରୁଟି, ମଟର, ଆଳୁ, ବନ୍ଧାକୋବି, ଟମାଟୋ, ପିଆଜ, ଗାଜର, ଅମୃତଭଣ୍ଡା ଓ କଫି କୌଣସି ଗୋଟିଏ ହେଲେ ବି ଭାରତରେ ଭୂମିଷ୍ଠ ହୋଇ ନ ଥିଲା । ବନ୍ଧାକୋବି ତରକାରିରେ ପଡ଼ିଥିବା ଲଙ୍କା, ରସୁଣ, ସୋରିଷ ଓ ସୋରିଷ ତେଲ ମଧ୍ୟ ଜନ୍ମ ନେଇ ନ ଥିଲା ଭାରତରେ । ଏଗୁଡ଼ିକ ସର୍ବପ୍ରଥମେ ଜନ୍ମ ନେଇଥିଲେ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳରେ । ଅନେକ ବର୍ଷ ପରେ ଏଗୁଡ଼ିକ ଆସି ଆମ ଦେଶରେ ପଦାର୍ପଣ କରି ପାଲଟି ଗଲେ ଆମ ଦେଶର ବାସିନ୍ଦା !

ଉଦାହରଣ ସ୍ୱରୂପ ପାଖାପାଖି ୮୦୦୦ ବର୍ଷ ତଳେ ଗହମ ଚାଷ ଆରମ୍ଭ ହୋଇଥିଲା ଆଫଗାନିସ୍ତାନରେ। ପରେ ଏହା ଆସି ପହଞ୍ଚିଲା ହରପ୍ପାରେ। ପିଆଜ, ମଟର, ଗାଜର, ପଶ୍ଚିମଏସିଆ ଅଞ୍ଚଳରୁ ଏବଂ ବନ୍ଧାକୋବି ପୂର୍ବ ଏସିଆ ଅଞ୍ଚଳରୁ ଆମ ଦେଶକୁ ଆସିଛି। ଲଙ୍କା ଓ ଅମୃତଭଣ୍ଡା କେନ୍ଦ୍ରୀୟ ଆମେରିକାରୁ, ଆଳୁ ଓ ଟମାଟୋ ଦକ୍ଷିଣ ଆମେରିକାରୁ, ସୋରିଷ ଭୂମଧ୍ୟସାଗରୀୟ ଅଞ୍ଚଳରୁ, ରସୁଣ କେନ୍ଦ୍ରୀୟ ଏସିଆ ଅଞ୍ଚଳରୁ ଏବଂ କଫି ଆଫ୍ରିକାରୁ ଆସି ଆସ୍ଥାନ ଜମେଇଲେ ଭାରତରେ। ଏବେ ଏମାନେ ବିଦେଶାଗତ ହୋଇମଧ୍ୟ ସମ୍ପୂର୍ଣ୍ଣ ଭାରତୀୟ।

ସମ୍ପ୍ରତି ବଜାରରେ ଦେଖିବାପାଇଁ ମିଳୁଛି ଏପରି କେତେକ ପରିବାପତ୍ର ଓ ଫଳ, ଯେଉଁଗୁଡ଼ିକୁ ଆମେ ନୂଆ ଦେଖିବା ପାଇଁ ପାଉଛେ। ଏଗୁଡ଼ିକ ସହ ଆଗରୁ ଆମର ପରିଚୟ ନ ଥିଲା। ଆମେ ତ କ୍ୟାପ୍‌ସିକମ୍ ଦେଖି ନ ଥିଲେ। ଦେଖି ନ ଥିଲେ ବ୍ରୋକୋଲି, ଦେଖି ନ ଥିଲେ କି ଖାଇ ନଥିଲେ ଆଲୋକାଡୋ କି ଡ୍ରାଗନ୍‌ଫ୍ରୁଟ। ହେଲେ ଏଗୁଡ଼ିକ ଆମ ପରିବା ଦୋକାନ ଫଳ ଦୋକାନରେ ମିଳିଲାଣି ଓ ବାଜିଲାଣି ଆମ ପାଟିରେ, ହେଉପଛେ ତାହା କଦବା କେମିତି।

> "ଆମେ ଭାରତୀୟମାନେ ଯେଉଁ ସମସ୍ତ ଖାଦ୍ୟଶସ୍ୟ, ପନିପରିବା ଓ ଫଳ ଚାଷ କରିଥାଉ ଓ ଖାଇଥାଉ, ଏହାର ପାଖାପାଖି ଏକ ତୃତୀୟାଂଶ ସର୍ବାପ୍ରଥମେ ବିଦେଶ ଭୂଇଁରୁ ଭାରତକୁ ଆସିଥିଲା। ଭାରତରେ ଆମେ ସମୁଦାୟ ଯେତେ ପରିମାଣର କ୍ୟାଲୋରୀ ବା ଶକ୍ତି ଖାଦ୍ୟରୁ ଆହରଣ କରିଥାଉ, ତା'ର ମୋଟାମୋଟି ୪୫ ପ୍ରତିଶତ ଆମେ ପାଇଥାଉ ବିଦେଶାଗତ ଖାଦ୍ୟଦ୍ରବ୍ୟରୁ। ସେହିପରି ଭାରତରେ ଉତ୍ପାଦିତ ବିଭିନ୍ନ ଖାଦ୍ୟଦ୍ରବ୍ୟର ଶତକଡା ୩୫ ଭାଗର ମୂଳ ମାତୃଭୂମି କୌଣସି ନା କୌଣସି ବିଦେଶୀ ଅଞ୍ଚଳ।"

ଗ୍ରୀଷ୍ମମଣ୍ଡଳୀୟ କୃଷି ସମ୍ପର୍କରେ ଅନୁଧ୍ୟାନ କରୁଥିବା ଅନ୍ତର୍ଜାତୀୟ କେନ୍ଦ୍ର ବା ଇଣ୍ଟରନ୍ୟାଶନାଲ୍ ସେଣ୍ଟର ଫର୍ ଟ୍ରପିକାଲ ଏଗ୍ରିକଲଚରର ବୈଜ୍ଞାନିକମାନେ ୧୭୭ଟି ଦେଶର ୧୩୨ଟି ଭିନ୍ନଭିନ୍ନ ପ୍ରକାରର ଫଳ ଓ ପନିପରିବା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରି ସେଗୁଡିକୁ ବିଶ୍ଳେଷଣ କରିଛନ୍ତି। ସେହି ତଥ୍ୟକୁ ଅନୁଶୀଳନ କଲେ ପୃଥିବୀର ରାଷ୍ଟ୍ରସମୂହ ନିଜ ଖାଦ୍ୟଦ୍ରବ୍ୟ ବିଷୟରେ କିପରି ପରସ୍ପରର ନିର୍ଭରଶୀଳ ଏହା ସ୍ପଷ୍ଟ ଭାବରେ ଜଣାପଡେ।

ଆମେ ଭାରତୀୟମାନେ ଯେଉଁ ସମସ୍ତ ଖାଦ୍ୟଶସ୍ୟ, ପନିପରିବା ଓ ଫଳ ଚାଷ କରିଥାଉ ଓ ଖାଇଥାଉ, ଏହାର ପାଖାପାଖି ଏକ ତୃତୀୟାଂଶ ସର୍ବପ୍ରଥମେ ବିଦେଶ ଭୂଇଁରୁ ଭାରତକୁ ଆସିଥିଲା । ଭାରତରେ ଆମେ ସମୁଦାୟ ଯେତେ ପରିମାଣର କ୍ୟାଲୋରୀ ବା ଶକ୍ତି ଖାଦ୍ୟରୁ ଆହରଣ କରିଥାଉ, ତା'ର ମୋଟାମୋଟି ୪୫ ପ୍ରତିଶତ ଆମେ ପାଇଥାଉ ବିଦେଶାଗତ ଖାଦ୍ୟଦ୍ରବ୍ୟରୁ। ସେହିପରି ଭାରତରେ ଉତ୍ପାଦିତ



ବିଭିନ୍ନ ଖାଦ୍ୟଦ୍ରବ୍ୟର ଶତକଡା ୩୫ ଭାଗର ମୂଳ ମାତୃଭୂମି କୌଣସି ନା କୌଣସି ବିଦେଶୀ ଅଞ୍ଚଳ। ବିଶ୍ୱସ୍ତରରେ ଦେଖିଲେ ସମଗ୍ର ବିଶ୍ୱବାସୀ ମୋଟ ଯେତେ କ୍ୟାଲୋରୀର ଖାଦ୍ୟ ଖାଇଥାନ୍ତି, ତା'ର ଶତକଡା ୬୬ ଭାଗ କ୍ୟାଲୋରୀ ଯୋଗାଉଥିବା ଖାଦ୍ୟଦ୍ରବ୍ୟର ଉତ୍ସ ବିଦେଶୀରାଷ୍ଟ୍ର ଏବଂ ଉତ୍ପାଦିତ ଖାଦ୍ୟଦ୍ରବ୍ୟର ଶତକଡା ୭୧ ଭାଗ ଖାଦ୍ୟଦ୍ରବ୍ୟ ବହନ କରିଛି ବିଦେଶୀ ଛାପ। ଏଭଳି ଏକ ଅନୁସନ୍ଧାନମୂଳକ ଅନୁଶୀଳନ କରିଥିବା ଅନୁଧ୍ୟାନକାରୀଙ୍କ ମୁଖ୍ୟ ଥିଲେ କୋଲିନ ଖୋଉରି। ତେବେ ଭାରତୀୟ ଉପମହାଦେଶ ହେଉଛି ସମ୍ଭବତଃ ସର୍ବାଧିକ ଖାଦ୍ୟଦ୍ରବ୍ୟର ମୂଳଉତ୍ସ। ଧାନ, ମାଣ୍ଡିଆ, ଡାଲି, ଆଖୁ, କଦଳୀ, ଆମ୍ବ, ଲେମ୍ବୁ, ଦେଶୀଆଳୁ, ଓଲୁଅ, କଲରା, ବାଇଗଣ, ନଡ଼ିଆ, ସାରୁ, କାକୁଡ଼ି, ଅଦା, କୋଳଥ, ଖଜୁର, ତରଭୁଜ, ପୋଟଳ, କଖାରୁ, ସାଗଫଳ, ତେଜପତ୍ର, ହଳଦୀ, ଡାଳଚିନି ଇତ୍ୟାଦି ହିଁ ବିଶ୍ୱବାସୀଙ୍କ ରୋଷେଇଶାଳକୁ ଭାରତର ଦାନ। ଏପରିକି ଲେଉଟିଆ ଶାଗ ଦକ୍ଷିଣ ଆମେରିକାରୁ ଆସିଥିବାବେଳେ ପାଳଙ୍ଗ ଓ ଅଙ୍ଗୁର ପଶ୍ଚିମ ଏସିଆ, ଆପଲ କେନ୍ଦ୍ର ଏସିଆ ଏବଂ କମଳା ପୂର୍ବ ଏସିଆରୁ ଆସିଛି ଭାରତକୁ, ଲାଉ, ଗୁଆଁର ଓ ତିନ୍ତୁଳି ଆଦିର ବାସସ୍ଥାନ ଆଫ୍ରିକା ହୋଇଥିବା ବେଳେ କାଜୁର ବାସସ୍ଥାନ ଥିଲା ବ୍ରାଜିଲ। ପୁଣି ପିଜୁଳି, ସପୁରି, ପଣସ, ଡାଳିମ୍ବ କି ଆମର ଅତି ପରିଚିତ ଭେଣ୍ଡି ମଧ୍ୟ ନ ଥିଲା ଭାରତ ମାଟିର ସନ୍ତାନ। ଦକ୍ଷିଣ ଆମେରିକାର ପେରୁରୁ ପିଜୁଳି, ସପୁରି, ମାଲୟେସିଆରୁ ପଣସ, ଇରାନ୍‌ରୁ ଡାଳିମ୍ବ ଏବଂ ଆଫ୍ରିକାରୁ ଭେଣ୍ଡି ଆସିଥିଲା ଭାରତକୁ। ବିଭିନ୍ନ ଉଦ୍ଭିଦର ମୂଳ ଉତ୍ସ ରୂପେ ଖୋଉରି ପୃଥିବୀର ୨୩ଟି ଅଞ୍ଚଳକୁ ଚିହ୍ନଟ କରିଛନ୍ତି।

ସୁତରାଂ କୌଣସି ନା କୌଣସି ରାଷ୍ଟ୍ରରେ ଖାଦ୍ୟପାଇଁ ଯାହା ସବୁ ଚାଷ ହୋଇଥାଏ, ସବୁଯାକର ମୂଳଉତ୍ସ ସେହି ନିର୍ଦ୍ଦିଷ୍ଟ ରାଷ୍ଟ୍ରଟି ନୁହେଁ। ଏଥିରେ ରହିଛି ଅନ୍ୟ ଅନେକ ରାଷ୍ଟ୍ରର ଅବଦାନ। ଏହି ପରିପ୍ରେକ୍ଷୀରେ ଦେଖିଲେ ଆମେ ପ୍ରତିଦିନ ଯେତିକି କିଲୋ କ୍ୟାଲୋରୀ ବିଶିଷ୍ଟ ଖାଦ୍ୟ ଖାଉଛେ, ତା'ର କିଛି ଅଂଶ ହେଉଛି ଆମ ଭାରତ ଭୂଇଁରେ ପ୍ରଥମେ ଅଙ୍କୁରିତ ହୋଇଥିବା ଖାଦ୍ୟ-ଉଦ୍ଭିଦର ଅବଦାନ ତ ଅବଶିଷ୍ଟ କାଲୋରୀତକ ଆମେ ପାଉଛୁ ବିଦେଶୀ ରାଷ୍ଟ୍ରରେ ପରେ ଆମ ଭାରତରେ ଚାଷ ହେଉଥିବା ଖାଦ୍ୟ ଉଦ୍ଭିଦରୁ।

-ଅଭୀପ୍ସା, ସେକ୍ଟର-୬, ପ୍ଲଟ ନଂ-୯ ୧୧୩୧, ଅଭିନବ ବିଡ଼ାନାସୀ,
କଟକ ,ମୋ : ୯୯୩୭୭୬୬୧୧୭

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଞ୍ଚା ଲଙ୍କା



କଞ୍ଚା ଲଙ୍କା ଖାଇବାକୁ ରାଗ ଲାଗେ । ଏଥିପାଇଁ ଅନେକେ ଏହାକୁ ଖାଇବାକୁ ପସନ୍ଦ କରି ନ ଥାନ୍ତି। ହେଲେ ଏଥିରେ କେତେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଅଳ୍ପ ପରିମାଣରେ କଞ୍ଚା ଲଙ୍କା ଖାଆନ୍ତି ତେବେ ତାହା ତାଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । କେବଳ ସେତିକି ନୁହେଁ, ଏହାକୁ ଖାଇବା ଦ୍ୱାରା ଶରୀରେ ଥିବା ବିଷାକ୍ତ ତତ୍ତ୍ୱକୁ ନିଷ୍କାସନ କରିବାରେ ସାହାଯ୍ୟ କରିଥାଏ । କଞ୍ଚାଲଙ୍କାରେ ଭିଟାମିନ୍ 'ଏ', 'ବି-୬', ଆଇରନ୍, ପୋଟାସିୟମ ଏବଂ କାର୍ବୋହାଇଡ୍ରେଡ ଭରି ରହିଛି ।

## ବ୍ଲଡପ୍ରେସରକୁ ସନ୍ତୁଳିତ ରଖେ ଅଳେଇଚ

ସାଧାରଣତଃ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିବା ସମୟରେ ଅଳେଇଚ ବ୍ୟବହାର କରାଯାଇଥାଏ । ଏହା ଚା'କୁ ଆହୁରି ସ୍ୱାଦିଷ୍ଟ କରିଥାଏ । ତେବେ ଏଥିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ବିଶେଷଭାବରେ ଜଣେ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଅଳେଇଚ ବରଦାନ ସଦୃଶ । ଏହାକୁ ପ୍ରତିଦିନ ଖାଇଲେ ବ୍ଲଡପ୍ରେସର ସନ୍ତୁଳିତ ରହିଥାଏ । ଅଳେଇଚ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ ଏବଂ ପଲ୍‌ସ ରେଟ୍ ଠିକ ରହିଥାଏ । କିଡ୍‌ନୀକୁ ସୁରକ୍ଷା ଦେବାରେ ଏହା କେତେକାଂଶରେ ସହାୟକ ହୋଇଥାଏ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡିଛି । ମ୍ୟାଗ୍ନେସିୟମ ଏବଂ କ୍ୟାଲସିୟମର ଅନ୍ୟତମ ଉତ୍ସ ହେଲା ଅଳେଇଚ ।

## ମାସ୍ ସ୍ପେକ୍ଟ୍ରୋଗ୍ରାଫ୍‌ର ଉଦ୍ଭାବକ

ବିଶିଷ୍ଟ ବୈଜ୍ଞାନିକ

ଫ୍ରାନ୍‌ସିସ ୱିଲିୟମ ଅଷ୍ଟନ



ଅଦମ୍ୟ ଚେଷ୍ଟା ସଫଳତାର ଶୀର୍ଷରେ ପହଞ୍ଚାଇବାକୁ ଅନେକାଂଶରେ ସହାୟକ ହୋଇଥାଏ। ଏହାର ଉଦାହରଣ ଭାବରେ ବିଶିଷ୍ଟ ରସାୟନବିତ୍ ତଥା ନୋବେଲ ପୁରସ୍କାର ବିଜେତା ଫ୍ରାନସିସ ଅଷ୍ଟନଙ୍କୁ ନିଆଯାଇପାରେ। ରସାୟନ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ଇଂଲଣ୍ଡର ବର୍ମିଂହାମସ୍ଥିତ ହାରବୋର୍ଣ୍ଣଠାରେ ସେ ୧୮୭୭ ସେପ୍ଟେମ୍ବର ୧ରେ ଜନ୍ମଗ୍ରହଣ କରିଥିଲେ। ପିତା ୱିଲିୟମ ଅଷ୍ଟନ ଏବଂ ମା' ଚାର୍ଲୋଟି ହୋଲିସଙ୍କର ଫ୍ରାନସିସ୍ ଥିଲେ ତୃତୀୟ ସନ୍ତାନ। ପ୍ରଥମେ ହାରବୋର୍ଣ୍ଣ ଭିକାରେଜ ସ୍କୁଲ ଏବଂ ପରେ ମ୍ୟାସନ କଲେଜରେ ତାଙ୍କର ଛାତ୍ର ଜୀବନ କଟିଥିଲା। ମ୍ୟାସନ ୟୁନିଭର୍ସିଟି (ବର୍ତ୍ତମାନର ବର୍ମିଂହାମ ୟୁନିଭର୍ସିଟି)ରେ ସେ ଜନ୍ ହେନେରି ପଣ୍ଟିଂଙ୍କ ତତ୍ତ୍ୱାବଧାନରେ ପଦାର୍ଥ ବିଜ୍ଞାନରେ ଗବେଷଣା ଆରମ୍ଭ କରିଥିଲେ। ହେଲେ ଧୀରେ ଧୀରେ ସେ ରସାୟନ ବିଜ୍ଞାନ ପ୍ରତି ଆକର୍ଷିତ ହେଲେ। ଅର୍ଗାନିକ କେମେଷ୍ଟ୍ରି ଉପରେ ତାଙ୍କର ଗବେଷଣା ଏହି ରାସ୍ତାକୁ ଆହୁରି ପ୍ରଶସ୍ତ କରିଦେଇଥିଲା। ଗବେଷଣା ସହ ସେ ଶିକ୍ଷାଦାନରେ ନିଜକୁ ନିୟୋଜିତ ରଖିଥିଲେ। ନିଜର ସ୍ୱତନ୍ତ୍ର ଶିକ୍ଷାଦାନ ଶୈଳୀ ତାଙ୍କୁ ଛାତ୍ରୀଛାତ୍ରଙ୍କ ନିକଟରେ ବେଶ ପରିଚିତ କରାଇପାରିଥିଲା। 'ମାସ୍ ସ୍ପେକ୍ଟ୍ରୋଗ୍ରାଫ' ଉଦ୍ଭାବନ କରି ସେ ରସାୟନ ବିଜ୍ଞାନରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲେ। ଏଭଳି ଗବେଷଣା ପାଇଁ ତାଙ୍କୁ ୧୯୨୦ରେ ସମ୍ମାନଜନକ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଫ୍ରାଙ୍କଲିନ୍ କେବଳ ଜଣେ ରାସାୟନ ବିଜ୍ଞାନୀ ନ ଥିଲେ, ଜଣେ ସ୍କେଟିଂ ଖେଳାଳି ଭାବରେ ସେ ପରିଚିତ ଥିଲେ । ଫଟୋଗ୍ରାଫି ପ୍ରତି ମଧ୍ୟ ତାଙ୍କର ରୁଚି ରହିଥିଲା । ନିଜର ଗବେଷଣା ଜୀବନକୁ ଆଗେଇ ନେବାପାଇଁ ସେ ନିଜକୁ ଚିର ଅବିବାହିତ ରଖିବାକୁ ନିଷ୍ପତ୍ତି ନେଇଥିଲେ । ଫ୍ରାଙ୍କଲିନ୍‌ଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା ୧୯୪୫ ନଭେମ୍ବର ୨୦ରେ । ୬୮ ବର୍ଷ ବୟସରେ ସେ ଆରପାରିକୁ ଚାଲିଯାଇଥିଲେ ।

## ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରାଏ ଭିଟାମିନ୍ 'ଡି'

ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ମସ୍ତିଷ୍କ । ଏହା ଯଦି ଠିକ୍ ଭାବରେ କାମ ନ କରେ, ତେବେ ସବୁକିଛି ଓଲଟପାଲଟ ହୋଇଯାଇଥାଏ । ତେଣୁ ଏହା କିପରି ସୁସ୍ଥ ରହିବ ଏବଂ ଉପଯୁକ୍ତ ଭାବରେ କାମ କରିବ, ସେଥିପାଇଁ ଆମେ ସତର୍କ ରହିବା ଆବଶ୍ୟକ । ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରିବା ପଛରେ ଭିଟାମିନ୍ 'ଡି'ର ପ୍ରମୁଖ ଭୂମିକା ରହିଛି ବୋଲି ମତପୋଷଣ କରିଛନ୍ତି ୟୁନିଭର୍ସିଟି ଅଫ କାଲିଫର୍ନିଆର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ । ସେମାନେ କହିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ବ୍ୟାୟାମ କରନ୍ତି ଏବଂ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଖାଆନ୍ତି, ତେବେ ତାଙ୍କ ମସ୍ତିଷ୍କରେ 'ସେରୋଟୋନିନ' ନାମକ ତତ୍ତ୍ୱ ସନ୍ତୁଳିତ ରହିଥାଏ । ଫଳରେ ମସ୍ତିଷ୍କ ପୂର୍ବ ପରି ସତେଜ ରହେ ଏବଂ ଏହାର କାର୍ଯ୍ୟଧାରା ପ୍ରଭାବିତ ହୋଇ ନ ଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି ।



“ଅଭିବୃଦ୍ଧି ପାଇଁ ଉପା ସରକାର ଅମଳରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ବଡ଼ ଅସ୍ଥିରତାର କାରଣ ପାଲଟିଥିଲା।
– ଅରୁଣ ଜେଟ୍‌ଲୀ, କେନ୍ଦ୍ର ମନ୍ତ୍ରୀ



“ଅନାଦାୟ ଋଣ ଯୋଗୁ ଉପୁଜିଥିବା ବିଭିନ୍ନ ସମସ୍ୟାର ସମାଧାନ ପରେ ଏକ ଉତ୍ତରଦାୟୀ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଆଣିବାର ସୁଯୋଗ ରହିଛି।
– ରାଜୀବ କୁମାର, ଅର୍ଥ ସେବା ସଚିବ



## ସଂକ୍ଷେପରେ

### ୭.୫%ରୁ ଅଧିକ ରହିବ ଅଭିବୃଦ୍ଧି

ନୂଆଦିଲ୍ଲୀ,୧୯-୮(ପି.ଟି.): ଘରୋଇ ବଜାରର ଅର୍ଥନୈତିକ ଅଭିବୃଦ୍ଧିରେ ସୁଧାର ଆସୁଛି। ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୭.୫%ରୁ ଅଧିକ ରହିବ। ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ବୀରମଣି ରବିବାର ଏହା କହିଛନ୍ତି। ଆମେରିକା ଏବଂ ଚାଇନା ମଧ୍ୟରେ ବର୍ତ୍ତମାନ ଟାରିଫ୍‌କୁ ନେଇ ଯୁଦ୍ଧ ଚାଲିଥିବା ବେଳେ ଏହା ଭାରତ ପାଇଁ ଏକ ସୁଯୋଗ । ଏହି ସମୟରେ ରପ୍ତାନି ବୃଦ୍ଧି ଦ୍ୱାରା ଭାରତ ଲାଭବାନ ହୋଇ ପାରିବ ବୋଲି ସେ କହିଛନ୍ତି। ଗତ ୭ ବର୍ଷ ଧରି ଅର୍ଥନୀତିରେ ବିଭିନ୍ନ ଅସୁବିଧା ଆସିଥିବା ବେଳେ ବର୍ତ୍ତମାନ ଏଥିରେ ସୁଧାର ଆସୁଛି। ସରକାରୀ ସ୍ତରରେ ନିବେଶ, ବିତ୍ତୀୟ ଧାରାକୁ ଠିକ୍ ରଖିବା ଲାଗି ବିଭିନ୍ନ ପଦକ୍ଷେପ ବଜାର ଉପରେ ଭଲ ପ୍ରଭାବ ପକାଉଛି। ଏହି ଧାରା ଜାରି ରହିଲେ ଅଭିବୃଦ୍ଧି ୭.୫%ରୁ ଉନ୍ନତ ହେବ ବୋଲି ବୀରମଣି କହିଛନ୍ତି। ତୈଳ ଦର ବୃଦ୍ଧି ବଜାର ଲାଗି ଏକ ଚ୍ୟାଲେଞ୍ଜ ରହିବ। ଆମେରିକା ଏବଂ ଚାଇନା ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ସାମୟିକ ଲାଗି ବଜାର ଉପରେ ପ୍ରଭାବ ପକାଇବ। ମାତ୍ର ଭାରତ ଏହାଦ୍ୱାରା ଫାଇଦା ଉଠାଇ ପାରିବ ବୋଲି ସେ କହିଛନ୍ତି। ୨୦୩୫ ବେଳକୁ ଭାରତ ଏକ ଶକ୍ତିଶାଳୀ ଅର୍ଥନୀତି ପାଲଟିବ ବୋଲି ସେ ମତ ରଖିଛନ୍ତି। ୨୦୧୮-୧୯ରେ ଅଭିବୃଦ୍ଧି ୭.୫% ଛୁଇଁବ ବୋଲି ନିକଟରେ ନୀତି ଆୟୋଗ ଉପାଧକ୍ଷ ରାଜୀବ କୁମାର କହିଥିଲେ।

### ଜିଡିପିର ୨.୮% ଛୁଇଁବ ସିଏଡି



ନୂଆଦିଲ୍ଲୀ,୧୯-୮: ୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ମୋଟ ଜିଡିପିର ୨.୮% ଛୁଇଁବ। ଜାପାନର ଫାଇନାନ୍ସିଆଲ୍ ହୋଲଡିଂ କମ୍ପାନୀ ନୋମୁରା ପକ୍ଷରୁ ଏଭଳି ଆକଳନ କରାଯାଇଛି। ଅଶୋଧିତ ତୈଳ ଦର ବୃଦ୍ଧି, ଟଙ୍କା ମୂଲ୍ୟରେ ହ୍ରାସ, ଶେୟାର ବଜାରରୁ ପୁଞ୍ଜି ପ୍ରତ୍ୟାଗମନ ଭଳି ବିଭିନ୍ନ ପ୍ରମୁଖ କାରଣ ଯୋଗୁ ସିଏଡିରେ ଏଭଳି ପରିବର୍ତ୍ତନ ଆସିପାରେ ବୋଲି ନୋମୁରା ପକ୍ଷରୁ ଆସିଥିବା ରିପୋର୍ଟରେ ଏହା ପ୍ରକାଶ ପାଇଛି। ଗତ ବର୍ଷ ସିଏଡି ୧.୯% ସ୍ତରରେ ରହିଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାର ଉପରେ ବିଭିନ୍ନ ବାହ୍ୟ ପ୍ରଭାବ ରହିଥିବା ଯୋଗୁ ଏହା ୨.୮% ସ୍ତର ଛୁଇଁବ ବୋଲି ପ୍ରକାଶ କରିଛି। ୨୦୧୬-୧୭ ଆର୍ଥିକ ବର୍ଷ ତୁଳନାରେ ୨୦୧୭-୧୮ ଆର୍ଥିକ ବର୍ଷ ସିଏଡି ୦.୬% ଅଧିକ ରହିଛି। ଜୁଲାଇରେ ଘରୋଇ ବଜାରର ବାଣିଜ୍ୟ ନିଅଣ୍ଟ ୧୮ ବିଲିୟନ ଡଲାର ରହିଥିଲା। ଏହା ୫ ବର୍ଷର ସର୍ବୋଚ୍ଚ ସ୍ତର ବୋଲି ଜଣାଯାଇଛି।

### ପ୍ରକାଶିତ ଜିଡିପି ତଥ୍ୟ ସରକାରୀ ଆକଳନ ନୁହେଁ

ନୂଆଦିଲ୍ଲୀ,୧୯-୮: ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ସମ୍ପର୍କିତ ଯେଉଁ ତଥ୍ୟ ନିକଟରେ ପ୍ରକାଶ ପାଇଛି ତାହା ସରକାରୀ ଆକଳନ ନୁହେଁ। କେନ୍ଦ୍ର ସରକାର ରବିବାର ଏଭଳି ସ୍ପଷ୍ଟୀକରଣ ଦେଇଥିବା ବେଳେ ଜାତୀୟ ପରିସଂଖ୍ୟାନ ଆୟୋଗ(ଏନ୍‌ଏସ୍‌ସି) କହିଛି, ଜିଡିପି ଆକଳନ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଛି। ଏନ୍‌ଏସ୍‌ସି ଦ୍ୱାରା ଗଠିତ କମିଟି ଗତ ସପ୍ତାହରେ ଏହାକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲା। ଏହି ରିପୋର୍ଟରେ କୁହାଯାଇଥିଲା ଯେ, ଉପା ସରକାର ସମୟରେ ଦେଶର ଜିଡିପି ଅଭିବୃଦ୍ଧି ପରିମାଣ ଅଧିକ ଥିଲା। ଏହାକୁ ନେଇ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ୍ ମୋଦି ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଉପା ସରକାର ଯେଉଁ ଅଭିବୃଦ୍ଧି ରେକର୍ଡ ହାସଲ କରିଛି ମୋଦି ସରକାର ତାହା କରି ଦେଖାଉ।

ଏହାକୁ ଭିତ୍ତିକରି ଏନ୍‌ଏସ୍‌ସି କମିଟି ରିପୋର୍ଟକୁ ପୁନର୍ବାର ପରିସଂଖ୍ୟାନ ମନ୍ତ୍ରଣାଳୟ ତର୍ଜମା କରିବ। ଖାଲି ସେତିକି ନୁହେଁ, ଏ କ୍ଷେତ୍ରରେ ଯେଉଁମାନେ ଅଭିଜ୍ଞ ସେମାନଙ୍କୁ ଏହାର ତର୍ଜମା ଦାୟିତ୍ୱ ଦିଆଯିବ। ସରକାରଙ୍କ ପକ୍ଷରୁ ରବିବାର ଏଭଳି ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାନୁସାରେ ବର୍ତ୍ତମାନ ଯେଉଁ ରିପୋର୍ଟ ପ୍ରକାଶ ପାଇଛି, ତାହା ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ୍ ପଲିସି(ଏନ୍‌ଆଇପିଏଫ୍‌ପି)ର ପ୍ରାଧ୍ୟାପକ ଏନ୍.ଆର୍. ଭାନୁମୂର୍ତ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ସବ୍ କମିଟି ଆକଳନ କରିଛି।

## ନିର୍ଦ୍ଦେଶନାମା ଜାରିକଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

# ରାତି ୯ଟା ପରେ ଏଟିଏମ୍‌କୁ ଯିବନି ଟଙ୍କା

ନୂଆଦିଲ୍ଲୀ,୧୯-୮(ପି.ଟି.)

- ଆସନ୍ତା ବର୍ଷରୁ ହେବ କାର୍ଯ୍ୟକାରୀ
- ଗ୍ରାମାଞ୍ଚଳରେ ୬ଟା ପୂର୍ବରୁ ଭର୍ତ୍ତି ହେବ
- ମାଓବାଦୀପ୍ରବଣ ଅଞ୍ଚଳରେ ଅପରାହ୍ନ ୪ଟା ଡେଡ୍‌ଲାଇନ୍
- ଥରକେ ୫ କୋଟିରୁ ଅଧିକ ପରିବହନ ହେବ ନାହିଁ
- କ୍ୟାଶ୍‌ଭ୍ୟାନ୍‌ରେ ରହିବ ସିସିଟିଭି, ଅଗ୍ନି ନିର୍ବାପକ ଓ ସତର୍କ ଘଣ୍ଟି





ସହରାଞ୍ଚଳରେ ରହିଥିବା ଅଟୋମେଟେଡ୍ ଟେଲର ମେଶିନ୍(ଏଟିଏମ୍)ରେ ରାତି ୯ଟା ପରେ ଆଉ ଟଙ୍କା ଭର୍ତ୍ତି କରାଯିବ ନାହିଁ। ଗ୍ରାମାଞ୍ଚଳରେ ଥିବା ଏଟିଏମ୍‌ଗୁଡ଼ିକରେ ସନ୍ଧ୍ୟା ୬ ଟା ପୂର୍ବରୁ ଟଙ୍କା ଭର୍ତ୍ତି କରାଯିବ। ସେହିପରି ଯେଉଁ ଅଞ୍ଚଳଗୁଡ଼ିକ ମାଓବାଦୀପ୍ରବଣ ସେଠାରେ ଥିବା ଏଟିଏମ୍‌ଗୁଡ଼ିକରେ ଅପରାହ୍ନ ୪ଟା ପୂର୍ବରୁ ଟଙ୍କା ଭର୍ତ୍ତି କରାଯିବ। ୨୦୧୯ ଫେବୃୟାରୀ ୮ରୁ ଏହି ନିୟମ କାର୍ଯ୍ୟକାରୀ ହେବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମାରେ ଏହା କୁହାଯାଇଛି।

ବ୍ୟାଙ୍କରୁ ଟଙ୍କା ନେଇ ଏଟିଏମ୍‌ରେ ଭର୍ତ୍ତି କରିବା ପାଇଁ ଯେଉଁ ଘରୋଇ ଏଜେନ୍ସିଗୁଡ଼ିକ ଦାୟିତ୍ୱ ଗ୍ରହଣ କରିଛନ୍ତି ସେମାନେ ଏହି ନିୟମକୁ କଡ଼ାକଡ଼ିଭାବେ ପାଳନ କରିବେ। ବନ୍ଧୁକଧାରୀ ସୁରକ୍ଷାକର୍ମୀ କ୍ୟାଶ୍ ଭ୍ୟାନ୍‌ରେ ସକ୍ରିୟ ରହିଲେ ମଧ୍ୟ ଟଙ୍କା ଭର୍ତ୍ତି ପାଇଁ ଯେଉଁ ସଂଶୋଧିତ ସମୟ ଧାର୍ଯ୍ୟ କରାଯାଇଛି ତାହାକୁ ଅତିକ୍ରମ କରାଯିବ ନାହିଁ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

ଏହି ବ୍ୟବସ୍ଥାକୁ ସହଜ କରିବା ପାଇଁ ଏଜେନ୍ସିଗୁଡ଼ିକ ମଧ୍ୟାହ୍ନଭୋଜନ ବିରତି ପୂର୍ବରୁ ବ୍ୟାଙ୍କରୁ ଟଙ୍କା ସଂଗ୍ରହ କରିବେ। ମନ୍ତ୍ରଣାଳୟ ଜାରିକରିଥିବା ନୂତନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିୟୋରସ୍ (ଏସ୍‌ଓପିଏସ୍) ଅନୁସାରେ କ୍ୟାଶ୍‌ଭ୍ୟାନ ଉପରେ ଆକ୍ରମଣ, ଏଟିଏମ୍‌ରୁ ଟଙ୍କା ଚୋରି ଭଳି କେତେକ ସମସ୍ୟାକୁ ଦୂର କରିବା ପାଇଁ ଏହି ନୂତନ ବ୍ୟବସ୍ଥା କରାଯାଇଛି।

ସୂଚନା ଅନୁସାରେ ବର୍ତ୍ତମାନ ଦେଶରେ ପ୍ରାୟ ୮୦୦୦ ପ୍ରାଇଭେଟ୍ କ୍ୟାଶ୍ ଭ୍ୟାନ୍ ଅପରେଟିଂ ଏଜେନ୍ସି ସକ୍ରିୟ ଅଛନ୍ତି। ଏଗୁଡ଼ିକୁ ନନ୍-ବ୍ୟାଙ୍କିଙ୍ଗ୍ ପ୍ରାଇଭେଟ୍ ଏଜେନ୍ସି କୁହାଯାଉଥିବା ବେଳେ ଦୈନିକ ପ୍ରାୟ ୧୫,୦୦୦ କୋଟି ଟଙ୍କା ବ୍ୟାଙ୍କରୁ ଏଟିଏମ୍‌କୁ ପରିବହନ କରୁଛନ୍ତି।

ମନ୍ତ୍ରଣାଳୟର ନିଷ୍ପତ୍ତି ଅନୁସାରେ, ପ୍ରତି କ୍ୟାଶ୍‌ଭ୍ୟାନ୍‌ରେ ଡ୍ରାଇଭର ସମେତ ଦୁଇଜଣ ସଶସ୍ତ୍ର ସୁରକ୍ଷା କର୍ମୀ ଓ ଦୁଇଜଣ ଏଟିଏମ୍ ଅଧିକାରୀ ରହିବେ। ଜଣେ ସୁରକ୍ଷା କର୍ମୀ ଡ୍ରାଇଭର ପାଖରେ ସତର୍କ ରହିବେ ଏବଂ ଅନ୍ୟ ଜଣେ ଟଙ୍କା ରଖାଯାଇଥିବା ସ୍ଥାନରେ ଜଗି ବସିବେ।

କ୍ୟାଶ୍ ଲୋଡିଂ ଏବଂ ଅନ୍‌ଲୋଡିଂ ସମୟରେ ଯଦି ଜଣେ ସୁରକ୍ଷା କର୍ମୀଙ୍କୁ ଶୌଚାଳୟ ଯିବାକୁ ହୁଏ ତେବେ ଅନ୍ୟଜଣେ କ୍ୟାଶ୍ ଭ୍ୟାନ୍ ପାଖରେ ରହିବେ। ଚା'ପାନ ବା ଜଳଖିଆ ପାଇଁ ଜଣକ ପରେ ଜଣେ ଯିବେ। ଏହି କ୍ୟାଶ୍ ଭ୍ୟାନ୍‌ଗୁଡ଼ିକରେ ଜିପିଏସ୍ ବ୍ୟବସ୍ଥା ରହିବ। ଫଳରେ ଉକ୍ତ ଭ୍ୟାନ୍ କେଉଁ ସ୍ଥାନରେ ରହିଛି ତାହା ମୋବାଇଲ୍ ମାଧ୍ୟମରେ ଜାଣି ହେବ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

## କଟକରେ କୋବ୍‌ର ସ୍ୱତନ୍ତ୍ର ଷ୍ଟୋର




କଟକ,୧୯-୮

ପ୍ରମୁଖ ପୁରୁଷ ଫ୍ୟାଶନ ବ୍ରାଣ୍ଡ କୋବ୍ ପକ୍ଷରୁ କଟକର ବକ୍ସି ବଜାରସ୍ଥିତ ଜିପିଓ ସାମ୍ନାରେ ଏକ ସ୍ୱତନ୍ତ୍ର ଷ୍ଟୋର ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋରକୁ ସମାଜସେବୀ ଡି. ପ୍ରକାଶ ରାଓ ଉଦ୍‌ଘାଟନ କରିଥିଲେ। ଓଡିଶାରେ ଏହା କମ୍ପାନୀର ଦ୍ୱିତୀୟ ଷ୍ଟୋର। କମ୍ପାନୀ ପୁରୀରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ କରିଥିଲା। ଶୋରୁମ ଶୁଭାରମ୍ଭ ଅବସରରେ ଓପନିଂ ଧମାକା ସେଲ ଆରମ୍ଭ ହୋଇଛି। ଏଥିରେ ଗ୍ରାହକଙ୍କ ପାଇଁ ବାଏ ୨ ଗେଟ୍ ୬ ଅଫର ରହିଛି। ପରିବର୍ତ୍ତିତ ଫ୍ୟାଶନ ଟ୍ରେଣ୍ଡକୁ ଚିହ୍ନଟ କରିବା ସହ ଏଥି ସଂକ୍ରାନ୍ତ ବିଭିନ୍ନ ବ୍ୟବସ୍ଥା ଗ୍ରହଣ ଉପରେ ଧ୍ୟାନ କେନ୍ଦ୍ରିତ କରୁଛୁ ବୋଲି କମ୍ପାନୀର ଡାଇରେକ୍ଟର ଜେନେରାଲ ମାର୍କେଟିଂ (ଭାରତ) ମହସିନ ଶେଖ୍ କହିଛନ୍ତି। ଆସନ୍ତା ଗୋଟିଏ ବର୍ଷ ମଧ୍ୟରେ ୫୦ ଷ୍ଟୋର ଖୋଲିବାକୁ ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି।

ଭୁବନେଶ୍ୱରର ପାଲହାଇଟ୍ସଠାରେ ନୂଆ ଷ୍ଟୋର ଖୋଲିବାକୁ ଯୋଜନା ରହିଥିବା ସେ କହିଛନ୍ତି। ଅନ୍ୟ ଷ୍ଟୋରଗୁଡିକ ଯାଜପୁର, ଅନୁଗୋଳ, ତାଳଚେର ଓ ଝାରସୁଗୁଡା ଭଳି ସହରରେ ସ୍ଥାପନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଘରୋଇ ବଜାରରେ କମ୍ପାନୀର ୨୦୦ରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟଲେଟ ଏବଂ ୭୫ ମଲ୍ଟି ବ୍ରାଣ୍ଡ ଆଉଟଲେଟ ରହିଛି। ଗ୍ରାହକଙ୍କୁ ଡିଜାଇନ ପ୍ରେରିତ ପ୍ରଡକ୍ଟ ଯୋଗାଣ ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। କମ୍ପାନୀର ଷ୍ଟୋରଗୁଡିକରେ ସାର୍ଟ, ଟ୍ରାଉଜର, ଡେନିମ୍, ଡେନିମ୍, ଟିସାର୍ଟ, ବ୍ଲେଜର ଉପଲବ୍ଧ ହେଉଛି। ଏହି ଅବସରରେ ମାଷ୍ଟର ଫ୍ରାଞ୍ଚାଇଜି ଶ୍ରଦ୍ଧାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କେରଳକୁ ରିଲିଫ୍ ପଠାଇଲେ ରେଳଭଡ଼ା ଛାଡ଼

ଭୁବନେଶ୍ୱର, ୧୯-୮

କେରଳରେ ଲାଗି ରହିଥିବା ବନ୍ୟାରୁ ସ୍ଥାନୀୟ ଲୋକଙ୍କୁ ଉଦ୍ଧାର କରିବା ତଥା ବିଭିନ୍ନ ରିଲିଫ୍ ସାମଗ୍ରୀ ପ୍ରେରଣ ପାଇଁ ଭାରତୀୟ ରେଳ ମାଗଣା ପରିବହନ ସେବା ଯୋଗାଇବ। ସମସ୍ତ ସରକାରୀ ଓ ବେସରକାରୀ ସଂଗଠନ ଏହାର ସୁଯୋଗ ନେଇ ପାରିବେ। ରେଳ ଯୋଗେ ଯେଉଁ ସବୁ ଜରୁରୀ ରିଲିଫ୍ ସାମଗ୍ରୀମାନ ପଠାଯିବ ସେଥି ବାବଦ କୌଣସି ପରିବହନ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ। ଭାରତୀୟ ରେଳ ପକ୍ଷରୁ ଜାରି ଏକ ବିବୃତିରେ ଏହା କୁହାଯାଇଛି। ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି ସେବା ଜାରି ରହିବ। ଦରକାର ପଡିଲେ ଏହି ସମୟକୁ ବଢ଼ାଇ ଦିଆଯିବ ବୋଲି ବିବୃତିରେ କୁହାଯାଇଛି।

ସେହିପରି ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଖୋର୍ଦ୍ଧାରୋଡ୍ ଡିଭିଜନ ଅନ୍ତର୍ଗତ କୌଣସି ସଂସ୍ଥା ଯଦି କେରଳକୁ ରେଳଯୋଗେ ଜରୁରୀ ସାମଗ୍ରୀ ପଠାଇବା ପାଇଁ ଆଗ୍ରହୀ ସେମାନେ ସେଠାକାର ସିନିୟର ଡିଭିଜନ କମର୍ସିଆଲ୍ ମ୍ୟାନେଜରଙ୍କୁ ୮୪୫୫୮୮୭୯୫୦ ନମ୍ବରରେ ଯୋଗାଯୋଗ କରିପାରିବେ। ସେହିପରି ସମ୍ବଲପୁର ରେଳ ଡିଭିଜନ ପାଇଁ ୮୪୫୫୮୮୬୯୫୦ରେ ଯୋଗାଯୋଗ କରିହେବ ବୋଲି ପୂର୍ବତଟ ରେଳପଥ ସୂଚନା ଦେଇଛି।

ଅନ୍ୟପକ୍ଷରେ ସେଠାରେ ଫସି ରହିଥିବା ଓଡିଆଙ୍କୁ ସ୍ଥାନାନ୍ତର କରିବା ପାଇଁ ରବିବାର ଏର୍ନାକୁଲମ୍‌ରୁ ଦୁଇଟି ସ୍ପେଶିଆଲ୍ ଟ୍ରେନ୍ ବାହାରିଛି। ଏହି ଦୁଇ ଟ୍ରେନ୍ ସାନ୍ତ୍ରାଗାଛି ପର୍ଯ୍ୟନ୍ତ ଯାତ୍ରାକରିବାକୁ ଥିବା ବେଳେ ଆସନ୍ତା ବୁଧବାର ଦିନ ୭ ଟାରୁ ୧୧ଟା ୩୦ ମଧ୍ୟରେ ଭୁବନେଶ୍ୱର ଷ୍ଟେଶନରେ ପହଞ୍ଚିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ।

## ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ଆୟ କରିଛି ଭାରତୀୟ ରେଳ

ନୂଆଦିଲ୍ଲୀ,୧୯-୮

ଚଳିତ ଆର୍ଥିକବର୍ଷର ପ୍ରଥମ ଚାରି ମାସରେ ଭାରତୀୟ ରେଳ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ଆୟ କରିଛି। ସୂଚନା ଅନୁସାରେ ଚଳିତବର୍ଷ ଏପ୍ରିଲ୍‌ରୁ ଜୁଲାଇ ମଧ୍ୟରେ ମୋଟ ୬୧ ହଜାର ୯୦୨ କୋଟି ଟଙ୍କା ଆୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଏହି ସମୟରେ ଭାରତୀୟ ରେଳ ୫୬ହଜାର ୭୧୮ କୋଟି ଟଙ୍କା ଆୟ କରିଛି। ସେହିପରି ଏହାର ପରିଚାଳନା ଖର୍ଚ୍ଚ ୫୦ହଜାର ୪୮୭ କୋଟି ଟଙ୍କା ମଧ୍ୟରେ ସୀମିତ ରଖିବା ପାଇଁ ଯୋଜନା କରିଥିବା ବେଳେ ୫୨ ହଜାର ୫୧୮ କୋଟି ଟଙ୍କା ଖର୍ଚ୍ଚ କରିଛି।

## ‘ଉପା ଅମଳର ଉଚ୍ଚ ଅଭିବୃଦ୍ଧିରୁ ଭୁଶୁଡ଼ିଥିଲା ଅର୍ଥନୀତି’

ନୂଆଦିଲ୍ଲୀ,୧୯-୮(ପି.ଟି.)

ପୂର୍ବର ୟୁପିଏ ସରକାରଙ୍କ ସମୟରେ ଉଚ୍ଚ ସ୍ତରର ଅଭିବୃଦ୍ଧି ଯୋଗୁ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିଥିଲା। ଅନିୟନ୍ତ୍ରିତ ବିତ୍ତୀୟ ନିଅଣ୍ଟ ଓ ବ୍ୟାଙ୍କଗୁଡିକ ପକ୍ଷରୁ ବେପାରୁଆ ଭାବେ ଋଣ ପ୍ରଦାନ ଯୋଗୁ ଅର୍ଥନୀତି ଭୁଶୁଡିଥିଲା ବୋଲି ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ସୂଚନା ଦେଇଛି। ରାଜୀବ ଗାନ୍ଧୀଙ୍କ ସମୟର ୧୦% ଅଭିବୃଦ୍ଧି ବିଶେଷ ଭାବେ ଉଚ୍ଚ ଋଣ ପ୍ରଦାନ ଦ୍ୱାରା ହୋଇଥିବାରୁ ୧୯୯୦-୯୨ରେ ଭାରତର ଅର୍ଥବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ନୀତି ଆୟୋଗ ଉପାଧକ୍ଷ ରାଜୀବ କୁମାର କହିଛନ୍ତି। ଏହି ଭଳି ଅସୁବିଧା ପାଇଁ ଉକ୍ତ ସମୟରେ ଭାରତକୁ ଗୋଲ୍ଡ ରିଜର୍ଭକୁ ବିଦେଶ ସ୍ଥାନାନ୍ତର କରିବାକୁ ପଡ଼ିଥିଲା। ଋଣ ସେବା ଖିଲାପ ଭୟକୁ ଏଡ଼ାଇବା ଲାଗି ଭାରତ ଏଭଳି ପଦକ୍ଷେପ ଗ୍ରହଣ କରିଥିଲା ବୋଲି କୁମାର କହିଛନ୍ତି।

ୟୁପିଏ ସମୟରେ ଅଭିବୃଦ୍ଧି ସର୍ବାଧିକ ବୋଲି ନ୍ୟାଶନାଲ ଷ୍ଟାଟିଷ୍ଟିକାଲ କମିଶନ (ଏନଏସ୍‌ସି)ର ସବ୍‌କମିଟି ନିକଟରେ ଆକଳନ କରିଥିଲା। ୨୦୧୧-୧୨ ଜିଡିପି ଅଭିବୃଦ୍ଧି ସିରିଜକୁ ନେଇ କମିଟି ଏଭଳି ଆକଳନ କରିଥିଲା। ଗଣମାଧ୍ୟମରେ ଏ ନେଇ ଆସିଥିବା ରିପୋର୍ଟ ଉପରେ ପ୍ରତିକ୍ରିୟା ରଖି କୁମାର ଏହା କହିଛନ୍ତି। ବ୍ୟାକ ସିରିଜ ଡାଟା ମୁତାବକ ୨୦୦୬-୦୭ରେ ମନମୋହନ ସିଂଙ୍କ ସରକାର ସମୟରେ ଦେଶର ଜିଡିପି ଅଭିବୃଦ୍ଧି ୧୦.୦୮% ରହିଥିଲା। ଏହା ୧୯୯୧ ପରର ଉଦାରୀକରଣ ପରଠାରୁ ସର୍ବୋଚ୍ଚ ସ୍ତର ବୋଲି ରିପୋର୍ଟରେ ଉଲ୍ଲେଖ ରହିଥିଲା। ଅପରପକ୍ଷରେ ମୋଦି ସରକାରଙ୍କ ସମୟରେ ଅଭିବୃଦ୍ଧି ୟୁପିଏ ସରକାରର ଶେଷ ୪ ବର୍ଷର ଅଭିବୃଦ୍ଧିଠାରୁ ଅଧିକ ବୋଲି କୁମାର ଟ୍ୱିଟ ଯୋଗେ କହିଛନ୍ତି। ଏନ୍‌ଏସ୍‌ସିର ସବକମିଟି ଦେଇଥିବା ତଥ୍ୟ ବର୍ତ୍ତମାନ ସୁଦ୍ଧା ଅଫିସିଆଲ ନୁହେଁ ବୋଲି କୁମାର କହିଛନ୍ତି।

**ନୀତି ଆୟୋଗ ଉପାଧକ୍ଷଙ୍କ ପ୍ରତିକ୍ରିୟା**

## ରାଜନଙ୍କୁ ସଂସଦୀୟ କମିଟିର ଡାକରା

ନୂଆଦିଲ୍ଲୀ,୧୯-୮(ପି.ଟି.)

**ଏନ୍‌ପିଏ ଚିନ୍ତା**



- ଏଷ୍ଟିମେଟ୍ କମିଟିକୁ ଭେଟିବେ ରାଜନ୍
- ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ ହୋଇଛି ଜେରା

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ବର୍ତ୍ତମାନ ଅନାଦାୟ ଋଣ(ଏନ୍‌ପିଏ) ଏକ ସମସ୍ୟା ଭାବେ ଉଭା ହୋଇଛି। ଏହା ଉଭୟ ସରକାର ଓ ବ୍ୟାଙ୍କଗୁଡିକ ଲାଗି ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏନ୍‌ପିଏ ବୃଦ୍ଧିକୁ ଧ୍ୟାନରେ ରଖି ସଂସଦୀୟ କମିଟି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କୁ ହାଜର ହେବା ଲାଗି କହିଛି। ଏନ୍‌ପିଏ ସମସ୍ୟାକୁ ନେଇ ରାଜନ କମିଟି ସାମ୍ନାରେ ନିଜର ମତ ରଖିବେ। ସଂସଦୀୟ ଏଷ୍ଟିମେଟ କମିଟର ମୁଖ୍ୟ ଭାବେ ଭାଜପା ନେତା ମୁରଲୀ ମନୋହର ଜୋଷୀ କାର୍ଯ୍ୟ କରୁଛନ୍ତି। ଏନ୍‌ପିଏ ସମସ୍ୟାର ଚିହ୍ନଟ ତଥା ଏହାର ସମାଧାନ ଉପରେ କମିଟି କାର୍ଯ୍ୟ କରୁଛି। ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଅରବିନ୍ଦ ସୁବ୍ରମଣ୍ୟନ ରାଜନଙ୍କୁ କମିଟି ସାମ୍ନାରେ ପ୍ରଶଂସା କରିଥିଲେ। ଏହା ପରେ ରାଜନଙ୍କୁ ହାଜର ହେବା ଲାଗି କମିଟି କହିଥିବା ଜଣାଯାଇଛି।

ଏହି ପ୍ରସଙ୍ଗ ଉପରେ ମତ ରଖିବା ଲାଗି କମିଟି ସାମ୍ନାରେ ହାଜର ହେବାକୁ ଜୋଷୀ ରାଜନଙ୍କୁ ଏକ ଚିଠି ଲେଖିଥିବା ଜଣାଯାଇଛି। ରଘୁରାମ ରାଜନ ଆର୍‌ବିଆଇରେ ୩ ବର୍ଷ ଗଭର୍ନର ଦାୟିତ୍ୱ ଭାର ସମ୍ଭାଳି ଥିଲେ। ୨୦୧୬ ସେପ୍ଟେମ୍ବର ଯାଏ ସେ ଆର୍‌ବିଆଇରେ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସେ ଶିକାଗୋ ବୁଥ ସ୍କୁଲ ଅଫ୍ ବିଜନେସରେ ଫାଇନାନ୍ସ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଏନ୍‌ପିଏ ସମସ୍ୟାକୁ ନେଇ ସିଇଏ ସଂସଦୀୟ କମିଟି ସାମ୍ନାରେ ହାଜର ହେବା ସହ ନିଜର ମତ ରଖିଛନ୍ତି। ଏନ୍‌ପିଏ ସମାଧାନ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ମତ ରଖିବା ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ବୃହତ୍ ଋଣ ଯୋଗୁ ଏପରି ସ୍ଥିତି ଆସିଥିବା ସେ କହିଛନ୍ତି। ବୃହତ୍ ପରିମାଣର ଋଣ ପ୍ରଭାବ ପକାଇ ମଞ୍ଜୁରୀ କରାଯାଇଥିବା ସୁବ୍ରମଣ୍ୟନ କହିଛନ୍ତି।

ବର୍ତ୍ତମାନ ସ୍ଥିତି ଜଟିଳ ଥିବା ବେଳେ ବ୍ୟାଙ୍କରମାନେ ରିଟେଲ ବାଦ୍ ଅନ୍ୟାନ୍ୟ ଋଣ ପ୍ରଦାନ କରିବାକୁ ବିଶେଷ ଭାବେ ଆଗ୍ରହୀ ହେଉ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ସଂସଦୀୟ କମିଟି ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ ମଧ୍ୟ ଏ ପ୍ରସଙ୍ଗରେ ପ୍ରଶ୍ନ କରି ସାରିଛି। ଏହା ମଧ୍ୟରେ ଅର୍ଥ ସଚିବ ହସମୁଖ ଆଧିଆ ମଧ୍ୟ ରହିଛନ୍ତି।

## ୧୫ ଦିନରେ ମିଳିବ ଆଇଟିଆର୍ ରିଫଣ୍ଡ

ନୂଆଦିଲ୍ଲୀ,୧୯-୮




- ପୂର୍ବରୁ ଲାଗୁଥିଲା ୨ରୁ ୩ ମାସ
- ଇ-ଯାଞ୍ଚ ହୋଇଥିଲେ ପ୍ରାଥମିକତା

ଆୟକର ରିଟର୍ନ ଭରୁଥିବା ଟିକସଦାତାଙ୍କ ପାଇଁ ଖୁସି ଖବର। ଆୟକର ରିଟର୍ନର ରିଫଣ୍ଡ ତ୍ୱରିତ ହେବ ବୋଲି ଜଣାଯାଇଛି। ୧୫ ଦିନ ମଧ୍ୟରେ ଟିକସଦାତାଙ୍କୁ ରିଫଣ୍ଡ ମିଳିବ। ଯଦି କୌଣସି ଟିକସଦାତା ଆୟକର ରିଟର୍ନ ଫାଇଲ କରନ୍ତି ତେବେ ତାଙ୍କୁ ୧୫ ଦିନ ମଧ୍ୟରେ ରିଫଣ୍ଡ ମିଳିଯିବ। ରିଫଣ୍ଡ ଲାଗି ଲୋକଙ୍କୁ ପୂର୍ବରୁ ୨ରୁ ୩ ମାସ ସମୟ ଲାଗୁ ଥିଲା। ଯେଉଁ ଟିକସଦାତାଙ୍କ ଇନକମ୍ ଟାକ୍ସ ଫାଇଲିଂ ହେବା ସହ ଇ-ଯାଞ୍ଚ ହୋଇଛି ଉକ୍ତ କ୍ଷେତ୍ରରେ ରିଫଣ୍ଡ ୧୦ରୁ ୧୨ ଦିନ ମଧ୍ୟରେ ଆସିଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ରିଫଣ୍ଡ ପ୍ରଦାନ ଲାଗି ଆୟକର ବିଭାଗ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ରିଫଣ୍ଡ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଯେଉଁ ଟିକସଦାତାଙ୍କ ଇ-ଯାଞ୍ଚ ହୋଇ ନାହିଁ ଉକ୍ତ କ୍ଷେତ୍ରରେ ରିଫଣ୍ଡ ମିଳିବା ବିଳମ୍ବ ହୋଇଥାଏ ବୋଲି ଅଧିକାରୀ ଜଣକ କହିଛନ୍ତି। ଏପରି ସ୍ଥିତିରେ ଶୀଘ୍ର ଇ-ଯାଞ୍ଚ କରାଇବା ଲାଗି ଆୟକର ବିଭାଗ ପକ୍ଷରୁ ଟିକସଦାତାଙ୍କୁ ସୂଚନା ରହିଛି। ୨୦୧୭-୧୮ ଆର୍ଥିକ ବର୍ଷ ଲାଗି ଆୟକର ରିଟର୍ନ ଭରିବା ଲାଗି ଶେଷ ତାରିଖ ୩୧ ଅଗଷ୍ଟ ରହିଛି। ଧାର୍ଯ୍ୟ ସୀମା ମଧ୍ୟରେ ଆୟକର ରିଟର୍ନ ଫାଇଲ ନ କରିଲେ ୫,୦୦୦ ଟଙ୍କାର ଜରିମାନା ପ୍ରଦାନ କରିବାକୁ ପଡିବ ବୋଲି ଜଣାପଡ଼ିଛି।

## ଘରେ ପହଞ୍ଚିବ ବ୍ୟାଙ୍କ ସେବା

ନୂଆଦିଲ୍ଲୀ,୧୯-୮



- ପୋଷ୍ଟମ୍ୟାନ ହେବେ ବ୍ୟାଙ୍କର
- ୨୧ରେ ଆଇପିପିବି ଶୁଭାରମ୍ଭ
- ସୁଗମ ହେବ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା

ଘରେ ଘରେ ପହଞ୍ଚିବ ବ୍ୟାଙ୍କ ସେବା। ଭାରତୀୟ ଡାକ ବିଭାଗ ପକ୍ଷରୁ ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ(ଆଇପିପିବି) ଚଳିତ ମାସ ୨୧ ତାରିଖ ଠାରୁ ଶୁଭାରମ୍ଭ ହେବାକୁ ଥିବା ବେଳେ ଏହା ଦ୍ୱାରା ବ୍ୟାଙ୍କ ଘରେ ଘରେ ପହଞ୍ଚିବ। ଡାକ ବିଭାଗର ବ୍ୟାଙ୍କ ସେବାକୁ ଡାକବାଲା ଲୋକଙ୍କ ନିକଟରେ ପହଞ୍ଚାଇବେ ବୋଲି ଜଣାଯାଇଛି। ଡିଜିଟାଲ ବ୍ୟାଙ୍କିଙ୍ଗ ଆପ୍ ଦ୍ୱାରା ଡାକବାଲାମାନେ ବ୍ୟାଙ୍କସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବେ। ସାଧାରଣ ଲୋକଙ୍କ ପାଇଁ ବ୍ୟାଙ୍କ ସେବାକୁ ସୁଗମ କରାଇବାକୁ ଡାକ ବିଭାଗ ପକ୍ଷରୁ ଏଭଳିଏକ ପଦକ୍ଷେପ ଗ୍ରହଣ କରାଯାଇଛି। ୬୫୦ ଶାଖା ଦ୍ୱାରା ଏହି ସେବା ଉପଲବ୍ଧ ହେବ। ସେହିଭଳି ଉକ୍ତ ବ୍ୟାଙ୍କର ୩୨୫୦ ଆକସେସ୍ ପଏଣ୍ଟ ରହିବ। ସେବା ସହ ୧୧,୫୦୦ ପୋଷ୍ଟମ୍ୟାନ ଯୋଡି ହେବେ। ଅପରପକ୍ଷରେ ସେବା ସହ ୧୭ କୋଟି ପୋଷ୍ଟାଲ ଜମା ଖାତାକୁ ଯୋଡିବା ଲାଗି ସୁବିଧା କରାଯିବ।

ସେହିଭଳି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧.୫୫ ଲକ୍ଷ ଡାକଘରକୁ ଆଇପିପିବି ସହ ଯୋଡିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଅନ୍ୟ ବ୍ୟାଙ୍କ ଭଳି ବିଭିନ୍ନ ବ୍ୟାଙ୍କ ସେବା ଏଠାରେ ଉପଲବ୍ଧ ଥିବା ବେଳେ ବ୍ୟାଙ୍କରେ କ୍ରେଡିଟ୍ ରିସ୍କ ଉପଲବ୍ଧ ହେବ ନାହିଁ। ଏହା କ୍ରେଡିଟ୍ କାର୍ଡ କିମ୍ବା ଅଗ୍ରୀମ ଋଣ ପ୍ରଦାନ କରିବ ନାହିଁ। ବ୍ୟାଙ୍କରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା କରାଯାଇପାରିବ। ସେହିଭଳି ମୋବାଇଲ ପେମେଣ୍ଟ, ଟ୍ରାନ୍ସଫର, କ୍ରୟ ଏବଂ ଏଟିଏମ୍ ସୁବିଧା ଉପଲବ୍ଧ ହେବ। ନୂଆ ବ୍ୟାଙ୍କିଙ୍ଗ ସେବାର ବିସ୍ତାର ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ନୂଆ ଆକାଉଣ୍ଟ, କ୍ୟାଶ ଜମା, ଟଙ୍କା ଉଠାଣ, ମନି ଟ୍ରାନ୍ସଫର, ରିଚାର୍ଜ, ବିଲ୍ ପେମେଣ୍ଟ, ବୀମା ଏବଂ ନିବେଶ ଭଳି ସୁବିଧା ଘରେ ଘରେ ଉପଲବ୍ଧ ହେବ।

ଏହି ଭଳି ସେବାଗୁଡିକୁ ଡାକବାଲା ଲୋକଙ୍କ ନିକଟରେ ପହଞ୍ଚାଇବେ। ମୋବାଇଲ ଏବଂ ଏସ୍‌ଏମ୍‌ଏସ୍ ବ୍ୟାଙ୍କିଂ ବାଦ୍, କ୍ୟୁଆର କାର୍ଡର ସୁବିଧା ମଧ୍ୟ କରାଯିବ। ଏହାଦ୍ୱାରା ବ୍ୟାଙ୍କ ସେବା ଉପଲବ୍ଧ ହେବ। ସମସ୍ତ ପ୍ରକାରର ନେଣଦେଣ ବାୟୋମେଟ୍ରିକ ବ୍ୟବହାର ଦ୍ୱାରା ହେବ। କାର୍ଡ ହଜିଗଲେ ମଧ୍ୟ ଗ୍ରାହକଙ୍କ ଆକାଉଣ୍ଟ ସୁରକ୍ଷିତ ରହିବ। ଯଦି କୌଣସି ବ୍ୟକ୍ତି ପୂର୍ବରୁ ଡାକଘରେ ଖାତା ଖୋଲିଥାନ୍ତି ତେବେ ଏହାକୁ ଆଇପିପିବି ସହ ଯୋଡି ପାରିବେ। ୧ ଲକ୍ଷରୁ ଅଧିକ ବାଲାନ୍ସ ରହିଥିବା ଆକାଉଣ୍ଟଗୁଡିକୁ ସଞ୍ଚୟ ଖାତାରେ ରୂପାନ୍ତରିତ କରାଯାଇପାରେ। ଏଥିରେ ମାସିକ ସର୍ବନିମ୍ନ ଜମା ରଖିବାର କୌଣସି ନିୟମ ନାହିଁ। ସେହିଭଳି ମାସିକ ଉଠାଣ ଏବଂ ଜମାର ସୀମା ମଧ୍ୟ ଧାର୍ଯ୍ୟ ହୋଇ ନ ଥିବା ଜଣାଯାଇଛି।





## ଚାଇନାର ସୁନଙ୍କୁ ପ୍ରଥମ ସ୍ୱର୍ଣ୍ଣ

**ଜାକର୍ତ୍ତା,୧୯।୮(ଏଏଫ୍‌ପି):** ଚାଇନିଜ୍ ଉଶୁ ଆଥ୍‌ଲେଟ୍ ସୁନ ପେୟୁଆନ ଚଳିତ ଏସିଆନ୍ ଗେମ୍ସର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୮ ବର୍ଷୀୟ ସୁନ ଚାଙ୍ଗକୁଆନ କାଟଗୋରୀରେ ଆୟୋଜକ ଇଣ୍ଡୋନେସିଆ ଆଥ୍‌ଲେଟ ଜାଭିଅର ମାର୍ଭେଲୋଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଚାଇନିଜ୍ ଆଥ୍‌ଲେଟ ସର୍ବାଧିକ ୯.୭୫ ସ୍କୋର କରିଥିଲେ। ଏହି ଇଭେଣ୍ଟରେ ଚାଇନିଜ୍ ତାଇପେ ସାଇ ସେମିନ ପ୍ରଥମ ବ୍ରୋଞ୍ଜ ପଦକ ନେଇଛନ୍ତି। ଉଲ୍ଲେଖଥାଉ କି, ଇଞ୍ଚନଠାରେ ଅନୁଷ୍ଠିତ ୨୦୧୪ ଏସିଆନ୍ ଗେମ୍ସରେ ଚାଇନା ସର୍ବାଧିକ ୧୫୧ ସ୍ୱର୍ଣ୍ଣ ପଦକ ଜିତିଥିଲା। ଆଞ୍ଚଳିକ ତଥା ଏସିଆନ ଅଲିମ୍ପିକ୍ସ ଭାବେ ପରିଚିତ ଏସିଆନ୍ ଗେମ୍ସରେ ୧୯୮୨ଠାରୁ ଚାଇନା ପଦକ ତାଲିକାର ଶୀର୍ଷରେ ରହି ଆସୁଛି।

ଏସିଆନ ଗେମ୍ସ

## ଭାରତର କାର୍ଯ୍ୟସୂଚୀ (ସୋମବାର)

**ବ୍ୟାଡ୍‌ମିଣ୍ଟନ:**
ମହିଳା ଟିମ୍ ଇଭେଣ୍ଟ: ସକାଳ ୮ଟା (ଭାରତ ବନାମ ଜାପାନ)।
ପୁରୁଷ ଟିମ୍ କ୍ୱାର୍ଟରଫାଇନାଲ: ଅପରାହ୍ନ ୧ଟା (ଭାରତ ବନାମ ଇଣ୍ଡୋନେସିଆ)।

**ହ୍ୟାଣ୍ଡବଲ୍:**
ପୁରୁଷ ହ୍ୟାଣ୍ଡବଲ୍: ସକାଳ ୧୦ଟା (ଭାରତ ବନାମ ମାଲେସିଆ)।

**ହକି:** ପୁରୁଷ ପୁଲ୍ ମ୍ୟାଚ୍: ସନ୍ଧ୍ୟା ୭ଟା

**କବାଡ଼ି:** ମହିଳା ଟିମ୍ ଇଭେଣ୍ଟ, ସକାଳ ୮ଟା ୪୦ (ଭାରତ ବନାମ ଥାଇଲାଣ୍ଡ)।
ପୁରୁଷ ଟିମ୍ ଇଭେଣ୍ଟ, ଅପରାହ୍ନ ୩ଟା (ଭାରତ ବନାମ ଦକ୍ଷିଣ କୋରିଆ)।

**ଶୁଟିଂ:** ମହିଳା ଟ୍ରାପ୍ ଇଭେଣ୍ଟ କ୍ୱାଲିଫିକେଶନ ଦ୍ୱିତୀୟ ଦିବସ: ସକାଳ ୭ଟା (ଶ୍ରେୟାସୀ ସିଂ, ସୀମା ତୋମାର)।
ପୁରୁଷ ୧୦ ମିଟର ଏୟାର ରାଇଫଲ କ୍ୱାଲିଫିକେଶନ, ସକାଳ ୬ଟା ୩୦ (ରବିକୁମାର ଓ ଦୀପକ କୁମାର)
ପୁରୁଷ ଟ୍ରାପ୍ କ୍ୱାଲିଫିକେଶନ, ସକାଳ ୮ଟା (ମାନବଜିତ୍ ସିଂ ସାନ୍ଧୁ)।
ମହିଳା ୧୦ ମିଟର ଏୟାର ରାଇଫଲ କ୍ୱାଲିଫିକେଶନ, ସକାଳ ୮ଟା ୩୦ (ଇଲାଭେନିଲ ଭାଲାରିଭାନ, ଅପୂର୍ବୀ ଚାଣ୍ଡିଲା)।

**ଟେନିସ:** ସକାଳ ୯ଟାରୁ ଆରମ୍ଭ
**ପୁରୁଷ ସିଙ୍ଗଲ୍ସ:** ପ୍ରାଜନେଶ ଗୁଣେଶ୍ୱରନ ବନାମଏମ୍.ରିଫିକ୍‌ଫିତ୍ରିଆଡି।ରାମକୁମାର ରାମନାଥନ ବନାମ କିଟ୍ ହଙ୍ଗ ଓଙ୍ଗ୍।
**ମହିଳା ସିଙ୍ଗଲ୍ସ:**
ଅଙ୍କିତା ରାଇନା ବନାମ ବିଟ୍ରିସ ଗୁମୁଲ୍ୟା। କର୍ମନ କୌର ଥାଣ୍ଡି ବନାମ ଜାର୍ଗାଲ ଅଲ୍‌ଟାନ୍‌ସାରନାଇ।
**ମିକ୍ସଡ ଡବଲ୍ସ:** ରୋହନ ବୋପାନ୍ନା/ ପ୍ରାର୍ଥନା ଥୋମ୍ବାରେ।
**ମହିଳା ଡବଲ୍ସ :** ଅଙ୍କିତା ରାଇନା/ ପ୍ରାର୍ଥନା ଥୋମ୍ବାରେ ବନାମ ଏସ୍‌ଏମ୍ ଖାଁ/ ୟୁ. ସୁହେଲ।

**ଭଲିବଲ୍ ପ୍ରିଲିମିନାରୀ:** ଅପରାହ୍ନ ୨ଟା୩୦ (ଭାରତ ବନାମ ହଂକଂ)।
ରେସ୍‌ଲିଂ ଆରମ୍ଭ: ଅପରାହ୍ନ ୧୨ଟା
ପୁରୁଷ: ସୁମିତ୍ (୧୨୫ କେଜି), ମହିଳା: ଭିନେଶ ଫୋଗଟ୍ (୫୦ କେଜି), ପିଙ୍କି (୫୩ କେଜି), ପୂଜା ଧାନ୍ଧି (୫୭ କେଜି), ସାକ୍ଷୀ ମଲିକ (୬୨କେଜି)।

## ଇଣ୍ଡିଆ ରେଡ୍- ଇଣ୍ଡିଆ ବ୍ଲୁ ଫାଇନାଲ

**ବେଙ୍ଗାଲୁରୁ, ୧୯।୮:** ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ବ୍ଲୁ ମଧ୍ୟରେ ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ରବିବାର ଅନୁଷ୍ଠିତ ଅନ୍ତିମ ରାଉଣ୍ଡ ରବିନ୍ ମ୍ୟାଚ୍‌ରେ ଇଣ୍ଡିଆ ରେଡ୍ ୯ ଉଇକେଟ୍‌ରେ ଇଣ୍ଡିଆ ଗ୍ରୀନ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ ଗ୍ରୀନ୍ ୧୮.୪ ଓଭରରେ ମାତ୍ର ୫୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ସଜୀବନ ସାଜନ (୧୧) ଓ ସି. ପ୍ରତ୍ୟୁଷା (୧୪) ଦୁଇ ଅଙ୍କ ସ୍କୋର କରିଥିଲେ। ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳି ସୁଶ୍ରୀ ପ୍ରଧାନ ଓପନିଂ କରିବାକୁ ଆସି ୮ଟି ବଲ୍ ଖେଳି ମାତ୍ର ୧ ରନ୍ କରିଥିଲେ। ଇଣ୍ଡିଆ ରେଡ୍ ପକ୍ଷରୁ ରୀମା ଲକ୍ଷ୍ମୀ ଏକ୍କା ୩ଟି ଓ ଶିଖା ପାଣ୍ଡେ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଇଣ୍ଡିଆ ରେଡ୍ ୯.୨ ଓଭରରେ ଗୋଟିଏ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପୁନମ ରାଉତ ୨୬ ଓ ହରିନ ଦେଓ୍ୱଲ ୨୪ ରନ୍ କରି ଅପରାଜିତ ରହିଥିଲେ।

# ଅପୂର୍ବୀ-ରବି ଖାତା ଖୋଲିଲେ



୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟ ଶୁଟିଂ ଅବସରରେ ଭାରତର ରବି କୁମାର ଓ ଅପୂର୍ବୀ ଚାଣ୍ଡିଲା।



ସ୍ୱର୍ଣ୍ଣ ପଦକ ଜିତିବା ପରେ ତ୍ରିରଙ୍ଗା ସହ ରେସଲର୍ ବଜରଙ୍ଗ ପୁନିଆ (ମଝି)।

**ପାଲେମବାଙ୍ଗ, ୧୯।୮(ପି.ଟି.)**

ଏସିଆନ୍ ଗେମ୍ସର ୧୮ତମ ସଂସ୍କରଣର ପ୍ରଥମ ଦିନରେ ଭାରତ ପଦକ ତାଲିକାରେ ଖାତା ଖୋଲିଛି। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟ ଶୁଟିଂରେ ଭାରତର ଅପୂର୍ବୀ ଚାଣ୍ଡିଲା ଓ ରବି କୁମାର ବ୍ରୋଞ୍ଜ ଜିତି ଭାରତ ପାଇଁ ପ୍ରଥମ ପଦକ ହାସଲ କରିଛନ୍ତି। ୪୮ ଶଟ୍ ଫାଇନାଲରେ ଭାରତର ଏହି ଦୁଇ ଶୁଟର ୪୨ ଶଟ୍‌ରେ ଏଗ୍ରିଗେଟ୍ ୪୨୯.୯ ସ୍କୋର କରିଥିଲେ। ଚାଇନା ଯୋଡ଼ି ରୁଓଝୁ ଝାଓ ଓ ହାଓରାନ ୟାଙ୍ଗ୍ ୪୯୨.୫ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଚାଇନିଜ ତାଇପେଇ ଯୋଡି ୟିଙ୍ଗଶିନ୍ ଲିନ୍ ଓ ଶାଓଚୁଆନ ଲୁ ୪୯୪.୧ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କୋରିଆ ଓ ମଙ୍ଗୋଲିଆ ଶୁଟରମାନେ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ତାରକା ରେସ୍‌ଲର ବଜରଙ୍ଗ ପୁନିଆ ପୁରୁଷ ଫ୍ରି ଷ୍ଟାଇଲ ୬୫ କେଜି ବର୍ଗ ପ୍ରତିଯୋଗିତାରେ ବାଜି ମାରି ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଇଭେଣ୍ଟର ପ୍ରଥମ ସିରିଜ ପରେ ୧୦୨.୯ ପଏଣ୍ଟ ପାଇ ଭାରତ ଦ୍ୱିତୀୟ ଓ କୋରିଆ ୧୦୩.୪ ପଏଣ୍ଟ ପାଇଁ ପ୍ରଥମ ସ୍ଥାନରେ ଥିଲେ। ତୃତୀୟ ସିରିଜ୍ ପର୍ଯ୍ୟନ୍ତ ଭାରତ ଅବଶ୍ୟ ତା' ସ୍ଥାନ ବଜାୟ ରଖିଥିଲା। କିନ୍ତୁ ଶେଷରେ ଚାଇନା ଯୋଡି ଉନ୍ନତ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ନେଇଥିଲା। ମଙ୍ଗୋଲିଆ ପ୍ରଥମେ ଓ ପରେ କୋରିଆ ପ୍ରତିଯୋଗିତାରୁ ବାଦ୍ ପଡିଥିଲା। ଏହା ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ଅପୂର୍ବୀ ଓ ରବି ୮୩୫.୩ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ୫୦ ମିନିଟର ଏହି ସେସନରେ ଉଭୟ ୪୦ଟି ଶଟ୍ ଫାୟାର କରିଥିଲେ। ଏଥିରେ ଦକ୍ଷିଣ କୋରିଆ ଯୋଡି ହେଓନଜୁନ କିମ ଓ ଇଉନହି ଜୁଙ୍ଗ ଶୀର୍ଷରେ ରହିଥିଲେ। ମଙ୍ଗୋଲିଆ ତୃତୀୟ, ଚାଇନା ଚତୁର୍ଥ ଓ ତାଇପେଇ ପଞ୍ଚମ ଏବଂ ଫାଇନାଲ କ୍ୱାଲିଫିକେଶନ ସ୍ଥାନରେ ରହିଥିଲେ। ଏଥିସହ ଚାଣ୍ଡିଲା ପ୍ରଥମଥର ପାଇଁ ଏସିଆନ ଗେମ୍ସ ପଦକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଏବେ ସେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଆହୁରି ଭଲ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ ଲକ୍ଷ୍ୟରେ ରହିଛନ୍ତି। ଚାଣ୍ଡିଲା ପୂର୍ବରୁ ଏକାଧିକ ବାର ବିଶ୍ୱକପ୍ ବିଜୟିନୀ ସାବ୍ୟସ୍ତ ହୋଇଛନ୍ତି। ସେ ମଧ୍ୟ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ବିଶ୍ୱକପ୍ ବ୍ରୋଞ୍ଜ ପଦକ ବିଜେତା ରବି ଗତ ଇଞ୍ଚିଅନ ଏସିଆନ ଗେମ୍ସରେ ପୁରୁଷ ୧୦ ମିଟର ରାଇଫଲ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ।

ପ୍ରଥମ ଏସିଆନ ଗେମ୍ସ ପଦକ ହାସଲ କରିଥିବାରୁ ଚାଣ୍ଡିଲା ତାଙ୍କ ପ୍ରଦର୍ଶନ ନେଇ ବେଶ୍ ସନ୍ତୋଷ ପ୍ରକଟ କରିଛନ୍ତି। ଏହା ପୂର୍ବରୁ ବିଶ୍ୱକପ୍‌ରେ ଆମେ ଚତୁର୍ଥ ସ୍ଥାନରେ ରହି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲୁ ଓ ଏବେ ଏଥିରେ ଉନ୍ନତି ଆଣି ପଦକ ହାସଲ କରିଛୁ। ଭାରତ ପାଇଁ ମୋର ଏହା ପ୍ରଥମ ପଦକ। ଏବେ ସୋମବାର ଖେଳାଯିବାକୁ ଥିବା ୧୦ ମିଟର ରାଇଫଲ ଇଭେଣ୍ଟ ଉପରେ ମନୋନିବେଶ କରୁଛି ବୋଲି ଚାଣ୍ଡିଲା କହିଛନ୍ତି। ଫାଇନାଲରେ ଦ୍ୱିତୀୟରୁ ତୃତୀୟ ସ୍ଥାନକୁ ଖସିବା ନେଇ ସେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଶୁଟିଂ ଏପରି ହୋଇଥାଏ ବୋଲି ସେ କହିଛନ୍ତି। ଅନ୍ୟପଟେ ଯୋଗ୍ୟତା ପର୍ଯ୍ୟାୟରେ ଆମେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଫାଇନାଲରେ ଭଲ ସ୍କୋର କରିପାରି ନ ଥିଲୁ ଓ ଅପୂର୍ବୀଙ୍କ ପାଇଁ ବ୍ରୋଞ୍ଜ୍ ଜିତିଲୁ ବୋଲି ରବି କହିଛନ୍ତି। ପୂର୍ବରୁ ଆମେ ସାଥୀ ହୋଇ ଏକାଠି ପ୍ରଶିକ୍ଷଣ ନେବାର ସୁଯୋଗ ପାଇ ନ ଥିଲୁ ବୋଲି ସେ କହିଛନ୍ତି। ତେବେ ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତୀୟ ଶୁଟରମାନେ ନିରାଶ କରିଛନ୍ତି। ଟିନ୍ ସେନ୍‌ସେସନ ମନୁ ଭାକର ଓ ଅଭିଷେକ ବର୍ମା ଫାଇନାଲକୁ କ୍ୱାଲିଫାଏ କରିପାରି ନ ଥିଲେ। ମନୁ ନିଜ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଅଭିଷେକଙ୍କ ପ୍ରଦର୍ଶନ ମଧ୍ୟ ଆଶାନୁରୂପ ହୋଇପାରି ନ ଥିଲା।

ଅନ୍ୟପଟେ ପୁରୁଷ ଟ୍ରାପ୍ କ୍ୱାଲିଫିକେଶନରେ ଅଭିଜ୍ଞ ମାନବଜିତ୍ ସିଂ ସାନ୍ଧୁ ୭୫ରୁ ୭୨ ସ୍କୋର କରି ଶୀର୍ଷରେ ରହିଛନ୍ତି। ସେହିପରି ଲକ୍ଷ୍ୟ ସୋରେନ ୭୧ ସ୍କୋର କରି ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ମହିଳା ଟ୍ରାପ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀ ଶ୍ରେୟାସି ସିଂ ୭୫ରୁ ୭୧ ସ୍କୋର କରି ଦ୍ୱିତୀୟ ଓ ସୀମା ତୋମାର ୭୧ ସ୍କୋର କରି ଚତୁର୍ଥ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ଶ୍ରେଷ୍ଠ ୬ଟି ସ୍ଥାନରେ ରହିଥିବା ଶୁଟରମାନେ ସୋମବାର ଖେଳାଯିବାକୁ ଥିବା ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

**ନୂଆଦିଲ୍ଲୀ, ୧୯।୮(ପି.ଟି.)**

ଜାକର୍ତ୍ତାରେ ଆରମ୍ଭ ହୋଇଥିବା ୧୮ତମ ଏସିଆ ଗେମ୍ସରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ତାରକା ରେସଲର୍ ବଜରଙ୍ଗ ପୁନିଆ ଓ ପ୍ରଥମ ପଦକ ଜିତି ଖାତା ଖୋଲିଥିବା ଦୁଇ ଶୁଟର ଅପୂର୍ବୀ ଚାଣ୍ଡିଲା ଓ ରବି କୁମାରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ଏହି ଦୁଇ ଶୁଟର ଯୋଡି ୧୦ ମିଟର ଏୟାର ରାଇଫଲ ମିକ୍ସ ଟିମ୍ ଶୁଟିଂ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ସେହିପରି ବଜରଙ୍ଗ ପୁରୁଷ ଫ୍ରି ଷ୍ଟାଇଲ ୬୫ କେଜି ବର୍ଗରେ ବାଜି ମାରିଥିଲେ। ଆଗକୁ ଏମାନେ ଆହୁରି ପଦକ ହାସଲ କରିବେ ବୋଲି ସେ ଟୁଇଟ୍ କରି ଆଶାପ୍ରକାଶ କରିଛନ୍ତି।

## ପ୍ରଥମ ରାଉଣ୍ଡରୁ ସୁଶୀଲ ବିଦା



ଭାରତୀୟ ଅଭିଜ୍ଞ ରେସ୍‌ଲର ତଥା ଡବଲ ଅଲିମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାର ଏସିଆନ ଗେମ୍ସ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଫଳରେ ତାଙ୍କ କ୍ୟାରିୟର ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୭୪ କେ.ଜି. ବର୍ଗ ରେସ୍‌ଲିଂରେ ସେ ବାହାରିନ୍‌ର ଆଡାମ ବାଟିରୋଭ୍‌ଙ୍କଠାରୁ ପ୍ରଥମ ରାଉଣ୍ଡରେ ୩-୫ରେ ପରାଜୟ ବରଣ କରି ବିଦାୟ ନେଇଛନ୍ତି। ୨୦୦୮ ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ଓ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ୩୫ ବର୍ଷୀୟ ସୁଶୀଲ କିନ୍ତୁ ଆଗକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜୋର୍ ଦେଇ କହିଛନ୍ତି। ଏହି ପରାଜୟ ମୁଁ ଆଶା କରି ନ ଥିଲି ବୋଲି ସେ କହିଛନ୍ତି। ଏହା ପୂର୍ବରୁ ସୁଶୀଲ ଗତ ୪ ବର୍ଷ ମଧ୍ୟରେ ତାଙ୍କର ପ୍ରଥମ ବାଉଟ୍‌ରେ ପରାଜୟ ବରଣ କରିଥିଲେ। ସେ ଗତ ମାସ ଟିବିଲିସ୍ ଗ୍ରାଣ୍ଡ ପ୍ରିକ୍ସରେ ପରାସ୍ତ ହୋଇଥିଲେ। ସେ ମଧ୍ୟ ଶ୍ରେଷ୍ଠ ଫର୍ମରେ ନ ଥିବା ନେଇ ଚର୍ଚ୍ଚା ହେଉଥିଲା।

## କବାଡ଼ିରେ ବିଜୟ ଅଭିଯାନ



ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଏସିଆନ ଗେମ୍ସରେ ଗତଥର ଚାମ୍ପିୟନ ଭାରତୀୟ ପୁରୁଷ ଓ ମହିଳା କବାଡ଼ି ଦଳ ଏଥର ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ରବିବାର ମହିଳା ଦଳ ଜାପାନକୁ ହରାଇଥିବା ବେଳେ ପୁରୁଷ ଦଳ ବାଂଲାଦେଶକୁ ପରାସ୍ତ କରିଛି। ଭାରତୀୟ ପୁରୁଷ ଦଳ ଗ୍ରୁପ୍ ଏ'ର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୫୦-୨୧ରେ ହରାଇବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୪୪-୨୮ରେ ହରାଇଥିଲା।

ଅନ୍ୟପଟେ ଭାରତୀୟ ମହିଳା ଦଳ ଗ୍ରୁପ୍ ଏ'ରେ ତା'ର ପ୍ରଥମ ମ୍ୟାଚ୍‌ରେ ଜାପାନକୁ ୪୩-୧୨ରେ ହରାଇଥିଲା। ସୋମବାର ମହିଳା ଦଳ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଥାଇଲାଣ୍ଡକୁ ଭେଟିବ। ସେହିପରି ପୁରୁଷ ଦଳ ଦକ୍ଷିଣ କୋରିଆ ବିପକ୍ଷ ମୁକାବିଲାରେ ଅବତୀର୍ଣ୍ଣ ହେବ। ଉଭୟ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା ଓ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ।

## ସୁଇମିଂ: ସଜନ, ଶ୍ରୀହରିଙ୍କ ଅଭିଯାନ ଶେଷ

ଦୁଇ ଭାରତୀୟ ସନ୍ତରଣକାରୀ ସଜନ ପ୍ରକାଶ ଓ ଶ୍ରୀହରି ନଟରାଜ ଯଥାକ୍ରମେ ପଞ୍ଚମ ଓ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ପୁରୁଷ ୨୦୦ ମିଟର ବଟରଫ୍ଲାଏରେ ସଜନ ପଞ୍ଚମ ଓ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟରେ ଶ୍ରୀହରି ସପ୍ତମ ସ୍ଥାନରେ ରହି ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ୨୦୦ ମିଟର ବଟରଫ୍ଲାଏ ଫାଇନାଲରେ ସାଜନ ୧:୫୭.୭୫ ସେକେଣ୍ଡ ସମୟ ନେଇଥିଲେ। ଜାପାନର ସେଟୋ ଡାଇୟା ୧:୫୪.୫୩ ସେକେଣ୍ଡ ସମୟ ନେଇ ବିଜୟୀ ହୋଇଥିଲେ। ସଜନ ହିଟ୍ସରେ ତୃତୀୟ ଦ୍ରୁତତମ ସନ୍ତରଣକାରୀ ଭାବେ ଯୋଗ୍ୟତା ହାସଲ କରିଥିଲେ। ସେହିପରି ୧୦୦ ମି. ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ଶ୍ରୀହରି ୫୬.୧୯ ସେକେଣ୍ଡ ନେଇଥିଲେ। ତାଙ୍କର କ୍ୱାଲିଫିକେଶନ ଟାଇମ୍ ଥିଲା ୫୫.୮୬। ୮ ଜଣ ଫାଇନାଲିଙ୍କ ମଧ୍ୟରେ ସେ ସବୁଠାରୁ ମନ୍ଥର ଥିଲେ। ପୂର୍ବରୁ ରବିବାର ଅନ୍ୟତମ ଭାରତୀୟ ସନ୍ତରଣକାରୀ ସୌରଭ ସାଙ୍ଗଭେକର ୨୦୦ ମିଟର ଫ୍ରି ଷ୍ଟାଇଲ ଇଭେଣ୍ଟରେ ୧:୫୪.୮୭ ସେକେଣ୍ଡ ସମୟ ନେଇ ବିଦାୟ ନେଇଥିଲେ।

# ମହିଳା ହକିରେ ଭାରତର ବୃହତ୍ ବିଜୟ

**ଜାକର୍ତ୍ତା,୧୯।୮(ପି.ଟି.)**

ଡ୍ରାଗ୍ ଫ୍ଲିକର ଗୁରଜିତ୍ କୌରଙ୍କ ହ୍ୟାଟ୍ରିକ୍ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ଏସିଆନ ଗେମ୍ସରେ ଏକ ଦମ୍‌ଦାର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଭାରତ ରବିବାର ପୁଲ୍ ବି'ରେ ତା'ର ପ୍ରଥମ ମ୍ୟାଚରେ ୮-୦ ଗୋଲରେ ଆୟୋଜକ ଇଣ୍ଡୋନେସିଆକୁ ପରାସ୍ତ କରିଛି। ଏହି ମ୍ୟାଚରେ ଭାରତ ସମ୍ପୂର୍ଣ୍ଣରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଏଫ୍‌ଆଇଏଚ୍ ର୍ୟାଙ୍କିଙ୍ଗ୍ ଚାର୍ଟରେ ସ୍ଥାନ ପାଇ ନ ଥିବା ଇଣ୍ଡୋନେସିଆ ଅଭିଜ୍ଞତାର ଅଭାବ କାରଣରୁ ଏକପ୍ରକାର ଆତ୍ମସମର୍ପଣ କରିଥିଲା। ଅନ୍ୟପଟେ ଏଫ୍‌ଆଇଏଚ୍ ର୍ୟାଙ୍କିଙ୍ଗ୍‌ର ନବମ ସ୍ଥାନରେ ଥିବା ଭାରତ ଘରୋଇ ଦଳକୁ କୌଣସି



ଗୋଲ ସ୍କୋର ପରେ ଗୁରଜିତ୍ କୌର (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ଗୁରଜିତଙ୍କ ହ୍ୟାଟ୍ରିକ୍

ସୁଯୋଗ ଦେଇ ନ ଥିଲା। ଗୁରଜିତ ୧୬, ୨୨ ଓ ୫୭ତମ ମିନିଟରେ ୩ଟି ଗୋଲ ଦେଇଥିଲେ। ସେହିପରି ବନ୍ଦନା କାଟାରିୟା ୧୩ ଓ ୨୭ତମ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ। ଉଦିତା ଷଷ୍ଠ, ଲାଲରେମସିଆମି ୨୪ ଓ ନବନୀତ କୌର ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ। ଭାରତ ଇଣ୍ଡୋନେସିଆ ଗୋଲପୋଷ୍ଟକୁ ୩୧ଥର ଶଟ୍ ମାରିଥିଲା। ଭାରତ ମଧ୍ୟ ଏହି ମ୍ୟାଚ୍‌ରେ ୧୯ଟି ପେନାଲ୍ଟି କର୍ନର ପାଇଥିଲା। ତେବେ ଭାରତ ମାତ୍ର ୩ଟିକୁ ଗୋଲରେ ପରିଣତ କରିବାକୁ ସକ୍ଷମ ହୋଇଥିଲା ଓ ଏଗୁଡିକ ଗୁରଜିତଙ୍କ ମାଧ୍ୟମରେ ସଫଳ ହୋଇଥିଲା। ଉଲ୍ଲେଖଥାଉ କି, ୨୦୧୪ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତ ତା'ର ପରବର୍ତ୍ତୀ ମ୍ୟାଚରେ କାଜାଖସ୍ତାନକୁ ଭେଟିବ।

## ପଦକ ତାଲିକା

| ର୍ୟାଙ୍କ୍ | ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
|---|---|---|---|---|---|
| ୧ | ଚାଇନା | ୭ | ୫ | ୪ | ୧୬ |
| ୨ | ଜାପାନ | ୩ | ୬ | ୫ | ୧୪ |
| ୩ | କୋରିଆ | ୨ | ୩ | ୬ | ୧୧ |
| ୪ | ଇରାନ | ୨ | ୨ | ୧ | ୫ |
| ୫ | କାଜାକସ୍ତାନ | ୧ | ୧ | ୨ | ୪ |
| ୬ | ଇଣ୍ଡୋନେସିଆ | ୧ | ୧ | ୦ | ୨ |
| ୭ | ଚାଇନିଜ ତାଇପେ | ୧ | ୦ | ୩ | ୪ |
| ୮ | ଉଜବେକିସ୍ତାନ | ୧ | ୦ | ୨ | ୩ |
| ୯ | ଭାରତ | ୧ | ୦ | ୧ | ୨ |
| ୯ | ମଙ୍ଗୋଲିଆ | ୧ | ୦ | ୧ | ୨ |
| ୯ | ଥାଇଲାଣ୍ଡ | ୧ | ୦ | ୧ | ୨ |

## ଚାଇନିଜ୍ ତାଇପେଠାରୁ ହାରିଲା ଭାରତ

**ଜାକର୍ତ୍ତା,୧୯।୮(ପି.ଟି.)**

ଭାରତୀୟ ମହିଳା ବାସ୍କେଟବଲ ଦଳର କ୍ରମାଗତ ୨ୟ ପରାଜୟ ଯୋଗୁ ଏସିଆନ୍ ଗେମ୍ସରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଯାଇଛି। ଭାରତୀୟ ଦଳକୁ ୬୧-୮୪ ବ୍ୟବଧାନରେ ଚାଇନିଜ ତାଇପେ ପରାସ୍ତ କରିଛି। ଏଥିପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଭାରତ ୬୧-୭୯ ପଏଣ୍ଟରେ କାଜାକସ୍ତାନଠାରୁ ପରାସ୍ତ ହୋଇଥିଲା।

> ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି କ୍ରିକେଟ ଟେଷ୍ଟରେ ଲଜ୍ଜାଜନକ ପରାଜୟ ଦ୍ୱାରା ଆମ ଖେଳାଳିମାନେ ଚାପରେ ରହିଛନ୍ତି ।
> –ସଞ୍ଜୟ ବାଙ୍ଗର, ଭାରତର ସହକାରୀ କୋଚ୍



> ତୃତୀୟ ଟେଷ୍ଟରେ ଟସ୍ ଜିତିବା ପରେ ଆମେ ଭାରତକୁ ଶୀଘ୍ର ଆଉଟ୍ କରି ଚାପ ସୃଷ୍ଟି କରିବାକୁ ଚାହିଁଥିଲୁ, କିନ୍ତୁ ସେମାନେ ଭଲ ଖେଳିଲେ ।
> –କ୍ରିସ୍ ଓକ୍ସ, ଇଂଲଣ୍ଡ ପେସ୍ ବୋଲର



# ଭାରତ ସ୍ଥିତି ସୁଦୃଢ଼

**ନଟିଂହାମ୍, ୧୯।୮**

ସ୍ଥାନୀୟ ଟ୍ରେଣ୍ଟବ୍ରିଜ୍‌ଠାରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ପ୍ରଥମ ଇନିଂସରେ ଅଗ୍ରଣୀ ଲାଭ କରିଛି । ଟସ୍ ହାରି ପ୍ରଥମେ ଭଲ ବ୍ୟାଟିଂ କରିବା ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୫ ଉଇକେଟ ସଫଳତା ଯୋଗୁ ଦଳ ଇଂଲଣ୍ଡକୁ ୩୮.୨ ଓଭରରେ ୧୬୧ ରନ କରି ଅଲଆଉଟ କରିଦେଇଛି । ଫଳରେ ଭାରତ ୧୬୮ରନରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିପାରିଛି । ଘରୋଇ ଦଳର ଟପ୍ ସ୍କୋରର ଜୋସ୍ ବଟଲର ମାତ୍ର ୩୯ ରନ କରିଥିବାବେଳେ ଆଲିଷ୍ଟର କୁକ୍ ୨୯ ଓ କିଟନ ଜେନିଙ୍ଗ୍ସ ୨୦ ରନ କରିଥିଲେ । ପାଣ୍ଡ୍ୟା ୬ ଓଭର ବୋଲିଂ କରି ୧ ମେଡେନ ସହ ୨୮ ରନ ବିନିମୟରେ ୫ଟି ଉଇକେଟ ଅକ୍ତିଆର କରିଥିଲେ । ଯଶପ୍ରୀତ ବୁମରା ଓ ଈଶାନ୍ତ ଶର୍ମା ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିବାବେଳେ ମହମ୍ମଦ ଶାମି ଗୋଟିଏ ଉଇକେଟ ନେଇଥିଲେ । ଜବାବରେ ଭାରତ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଏହାର ଦ୍ୱିତୀୟ ଇନିଂସରେ ୨ ଉଇକେଟ ବିନିମୟରେ ୧୨୪ ରନ କରିଛି । ହାତରେ ଆଉ ୮ ଉଇକେଟ ରହିଥିବାବେଳେ ମୋଟ ଉପରେ ୨୯୨ ରନ ଅଗ୍ରଣୀ ଲାଭ କରି ମ୍ୟାଚରେ ନିଜ ସ୍ଥିତିକୁ ସୁଦୃଢ଼ କରିନେଇଛି । ଲୋକେଶ ରାହୁଲ ୩୬ ଓ ଶିଖର ଧାୱନ ୪୪ରନ କରି ଆଉଟ ହୋଇଯାଇଥିବା ବେଳେ ଚେତେଶ୍ୱର ପୂଜାରା ୩୩ ଓ ଅଧିନାୟକ ବିରାଟ କୋହଲି ୮ରନ କରି ଅପରାଜିତ ରହିଛନ୍ତି । ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍ସ ଓ ଆଡିଲ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି ।

ରବିବାର ସକାଳେ ଭାରତ ପୂର୍ବଦିନର ଅସମାପ୍ତ ସ୍କୋର ୩୦୭/୬ ସ୍କୋରରୁ ଖେଳ ଆରମ୍ଭ କରିଥିଲା । ଟେଲ୍ ଏଣ୍ଡରଙ୍କ ବିଫଳତା ପାଇଁ ଦଳ ୭.୫ ଓଭରରେ ଆଉ ମାତ୍ର ୨୨ ରନ ଯୋଗ କରି ୩୨୯ ରନରେ ଅଲଆଉଟ ହୋଇଯାଇଥିଲା । ୯୪.୫ ଓଭରରେ ଭାରତର ପ୍ରଥମ ଇନିଂସ ଶେଷ ହୋଇଥିଲା । ଭ୍ରମଣକାରୀ ଦଳର ଟପ୍ ସ୍କୋର ରହିଥିଲେ ଅଧିନାୟକ ବିରାଟ କୋହଲି । ସେ ୯୭ ରନ କରିଥିବାବେଳେ ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ଥିଲେ ଅଜିଙ୍କ୍ୟ ରାହାନେ ୮୧ ରନ କରିଥିଲେ । ଇଂଲଣ୍ଡ ପକ୍ଷରୁ ଜେମ୍ସ ଆଣ୍ଡରସନ (୩/୬୪), ଷ୍ଟୁଆର୍ଟ ବ୍ରଡ୍ (୩/୭୨) ଓ କ୍ରିସ୍ ଓକ୍ସ (୩/୭୫) ତିନୋଟି ଲେଖାଏଁ ଉଇକେଟ ନେଇଥିଲେ ।

ବର୍ଷାଯୋଗୁ ରବିବାର ଦ୍ୱିତୀୟ ଦିବସ ଖେଳ ୩୦ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା । ସମସ୍ତଙ୍କ ନଜର ଯୁବ ଖେଳାଳି ରିଷଭ ପନ୍ତ (୨୪ରନ)ଙ୍କ ଉପରେ ରହିଥିଲା । ସେ ତାଙ୍କ ପୂର୍ବଦିନ ସ୍କୋରରେ କେବଳ ୨ରନ ଯୋଗ କରିପାରିଥିଲେ । ବ୍ରଡ୍ ତାଙ୍କୁ ବୋଲ୍ଡ କରିଦେଇଥିଲେ । ପନ୍ତଙ୍କ ପରେ ଅନ୍ୟ ବ୍ୟାଟ୍ସମ୍ୟାନମାନେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ । ରବିଚନ୍ଦ୍ରନ ଅଶ୍ୱିନ ୧୪ ରନ କରି ବ୍ରଡ୍‌ଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ । ମହମ୍ମଦ ଶାମି (୩) ଓ ଯଶପ୍ରୀତ ବୁମ୍‌ରା (୦)ଙ୍କୁ ଜେମ୍ସ ଆଣ୍ଡରସନ ତାଙ୍କର ଲଗାତର ଦୁଇଟି ବଲ୍‌ରେ ଆଉଟ କରିଦେଇଥିଲେ । ଏଥିସହିତ ସେ ଭାରତୀୟ ଇନିଂସରେ ପରିସମାପ୍ତି ଘଟାଇଥିଲେ ।



୫ ଉଇକେଟ ହାସଲ କରିବା ପରେ ସାଥୀ ଖେଳାଳିଙ୍କ ସହ ପ୍ୟାଭିଲିୟନକୁ ଫେରୁଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ: ୩୨୯/ଅଲଆଉଟ** (କୋହଲି–୯୭, ରାହାନେ–୮୧, କ୍ରିସ୍ ଓକ୍ସ–୩/୭୫, ଷ୍ଟୁଆର୍ଟ ବ୍ରଡ୍–୩/୭୨, ଆଡିଲ ରସିଦ–୧/୪୬, ଜେମ୍ସ ଆଣ୍ଡରସନ–୩/୬୪) ।

**ଇଂଲଣ୍ଡ ପ୍ରଥମ ଇନିଂସ: ୩୮.୨ ଓଭରରେ ୧୬୧/ଅଲଆଉଟ** (ଜୋସ୍ ବଟଲର–୩୯, ଆଲିଷ୍ଟର କୁକ୍–୨୯, କିଟନ ଜେନିଙ୍ଗ୍ସ–୨୦ ; ହାର୍ଦ୍ଦିକ ପାଣ୍ଡ୍ୟା–୫/୨୮, ଈଶାନ୍ତ ଶର୍ମା–୨/୩୨, ଯଶପ୍ରୀତ ବୁମ୍‌ରା–୨/୩୭, ମହମ୍ମଦ ଶାମି–୧/୫୬) ।

**ଭାରତ ଦ୍ୱିତୀୟ ଇନିଂସ: ୩୧ ଓଭରରେ ୧୨୪/୨** (ଧାୱନ–୪୪, ରାହୁଲ–୩୬, ପୂଜାରା–୩୩*, କୋହଲି–୮* ; ଷ୍ଟୋକ୍ସ–୧/୩୦, ରସିଦ୍–୧/୨୩) ।

# ପଦାର୍ପଣରେ ପନ୍ତଙ୍କୁ ବିରଳ ସଫଳତା

**ନଟିଂହାମ, ୧୯।୮(ପି.ଟି.)**

ଭାରତୀୟ ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଏକ ବିରଳ ସଫଳତା ହାସଲ କରିଛନ୍ତି । ପଦାର୍ପଣ ଟେଷ୍ଟରେ ସେ ଚତୁର୍ଥ ଭାରତୀୟ ଉଇକେଟ କିପର ଭାବେ ୫ଟି କ୍ୟାଚ୍ ନେଇ ଏକ ଏଲିଟ କ୍ଲବ୍‌ରେ ଯୋଗ ଦେଇଛନ୍ତି । ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଦିନରେ ପ୍ରଥମ ଇନିଂସରେ ସେ ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ନେଇ ୫ଜଣ ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ଫେରାଇବାରେ ବୋଲରମାନଙ୍କୁ ସହଯୋଗ କରିଥିଲେ । ପୂର୍ବରୁ ୧୯୯୫ରେ ପାକିସ୍ତାନ ବିପକ୍ଷରେ ନାରେନ ତହ୍ମାନେ, ୧୯୮୬ରେ ଇଂଲଣ୍ଡ ବିପକ୍ଷରେ କିରଣ ମୋରେ, ୨୦୧୫ରେ ଶ୍ରୀଲଙ୍କା ବିପକ୍ଷରେ ନମନ ଓଝା ପଦାର୍ପଣରେ ୫ଟି କ୍ୟାଚ ନେଇଥିଲେ । ଭାରତର ୨୯୧ତମ ଟେଷ୍ଟ ଖେଳାଳି ଭାବେ ପନ୍ତ ଏହି ମ୍ୟାଚରେ ପଦାର୍ପଣ କରିଥିଲେ । ସେ ଆଲିଷ୍ଟର କୁକ୍, କିଟନ ଜେନିଙ୍ଗ୍ସ, ଓଲି ପୋପ୍, କ୍ରିସ ୱକ୍ସ ଓ ଆଡିଲ ରସିଦଙ୍କ କ୍ୟାଚ ନେଇଥିଲେ । ଏଥି ସହ ଟେଷ୍ଟ ଡେବ୍ୟୁରେ ପନ୍ତ ପ୍ରଥମ ଏସୀୟ ଉଇକେଟ କିପର ଭାବେ ଗୋଟିଏ ଇନିଂସରେ ୫ଟି କ୍ୟାଚ୍ ନେଇ ରେକର୍ଡ କରିଛନ୍ତି । ଦୀନେଶ କାର୍ତ୍ତିକଙ୍କ ବଦଳରେ ପନ୍ତଙ୍କୁ ଅନ୍ତିମ ଏକାଦଶରେ ସ୍ଥାନ ମିଳିଥିଲା । ନିଜ ଇନିଂସର ଦ୍ୱିତୀୟ ବଲରେ ପନ୍ତ ଆଡିଲ ରସିଦଙ୍କୁ ଛକା ମାରି ପୂରା ଢଙ୍ଗରେ ବ୍ୟାଟିଂ ଆରମ୍ଭ କରିଥିଲେ । ଡେବ୍ୟୁରେ ଛକା ମାରି ଇନିଂସ ଆରମ୍ଭ କରିବାରେ ପନ୍ତ ହେଉଛନ୍ତି ପ୍ରଥମ ଭାରତୀୟ ବ୍ୟାଟ୍ସମ୍ୟାନ । ତେବେ ଏହି କ୍ରମରେ ଦେଖିବାକୁ ଗଲେ ସେ ବିଶ୍ୱର ଦ୍ୱାଦଶ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି । ପନ୍ତ ପ୍ରଥମ ଇନିଂସରେ ୫୧ଟି ବଲର ସମ୍ମୁଖୀନ ହୋଇ ୨୪ ରନ କରି ଆଉଟ ହୋଇଥିଲେ ଓ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲେ ।

## ସଂକ୍ଷେପରେ

### କ୍ରିକେଟରୁ ଜନ୍‌ସନଙ୍କ ଅବସର



**ସିଡ୍‌ନୀ, ୧୯।୮(ଏଏଫ୍‌ପି):** ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଜନ୍‌ସନ ରବିବାର କ୍ରିକେଟର ସମସ୍ତ ପ୍ରକାର ଫର୍ମାଟରୁ ଅବସର ଘୋଷଣା କରିଛନ୍ତି । ପୂର୍ବରୁ ୩୬ ବର୍ଷୀୟ ଜନସନ ୨୦୧୫ରେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଇସାରିଥିଲେ । କିନ୍ତୁ ଏହାପରେ ସେ ଟି୨୦ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ପର୍ଥ ସ୍କଚର୍ସ ଏବଂ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଅଂଶଗ୍ରହଣ କରିଆସୁଥିଲେ । 'ବିଶ୍ୱର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଟି୨୦ ଲିଗ୍ ଆସନ୍ତାବର୍ଷ ପର୍ଯ୍ୟନ୍ତ ଖେଳିବାକୁ ଚାହୁଁଥିଲି । କିନ୍ତୁ ମୋ ଶରୀର ସହାୟତା ନ କରିବାରୁ ଅବସର ନେବାକୁ ନିଷ୍ପତ୍ତି ନେଲି' ବୋଲି ସେ କହିଛନ୍ତି । ନିଜର ଘାତକ ବୋଲିଂ ପାଇଁ ବେଶ୍ ଜଣାଶୁଣା ଥିବା ବାମହାତୀ ବୋଲର ଜନ୍‌ସନ ୭୩ଟି ଟେଷ୍ଟ ଓ ୧୫୩ଟି ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୩୧୩ ଓ ୨୩୯ଟି ଉଇକେଟ୍ ଅକ୍ତିଆର କରିଛନ୍ତି । ସେହିଭଳି ୩୦ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରୁ ୩୮ଟି ଉଇକେଟ୍ ନେଇଛନ୍ତି । ଆଇପିଏଲ୍‌ରେ ସେ ମୁମ୍ବାଇ ଇଣ୍ଡିଆନ୍ସ, କୋଲକାତା ନାଇଟ୍ ରାଇଡର୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି ।

### ଅରବିନ୍ଦ-କେନ୍ଦ୍ରୀୟ ବିଦ୍ୟାଳୟ ମ୍ୟାଚ୍ ଡ୍ର

**ଭୁବନେଶ୍ୱର, ୧୯।୮(ସ୍ପୋର୍ଟ୍ସ ବ୍ୟୁରୋ):** ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଅରବିନ୍ଦ ହାଇସ୍କୁଲ (ଗଣ୍ଡରପୁର) ଓ କେନ୍ଦ୍ରୀୟ ବିଦ୍ୟାଳୟ ମଧରେ ଅନୁଷ୍ଠିତ ମ୍ୟାଚ୍ ବିନା ହାର୍‌ଜିତ୍‌ରେ ଶେଷ ହୋଇଛି । ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିବାରୁ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା । ଅରବିନ୍ଦ ସ୍କୁଲ ପକ୍ଷରୁ ଦେବେନ୍ଦ୍ର ସାମଲ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଓମ୍ ଆଶୀର୍ବାଦ ଖୁଣ୍ଟିଆ ଗୋଟିଏ ଲେଖାଏ ଗୋଲ କରିଥିଲେ । ପୂର୍ବତନ ଆଥ୍‌ଲେଟ୍ ପ୍ରଣତୀ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଅରବିନ୍ଦ ସ୍କୁଲର ବିକାଶ ପଡ଼ିହାରୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଆସାମ ସୁପର କପ୍ ଖେଳିବାକୁ ପ୍ରମୋଦଙ୍କୁ ନିମନ୍ତ୍ରଣ



**କଟକ ଅଫିସ,୧୯।୮**

ସେପ୍ଟେମ୍ବର ୨୧ରେ ଆସାମରେ ହେବାକୁ ଥିବା ବାହୁ କୁସ୍ତି ଚାମ୍ପିୟନଶିପ୍ ସୁପର କପ୍ ଖେଳିବାକୁ ରାଜ୍ୟର ପ୍ରତିଭାବାନ୍ ବାହୁକୁସ୍ତି ଖେଳାଳି ପ୍ରମୋଦ ମୁଖୀଙ୍କୁ ନିମନ୍ତ୍ରଣ କରାଯାଇଛି । ଗତ ମେ'ରେ ଲକ୍ଷ୍ନୌର ରବିନ୍ଦ୍ରାଳୟ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ୪୨ତମ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାରେ ପ୍ରମୋଦ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ଚାମ୍ପିୟନ ଅଫ୍ ଚାମ୍ପିୟନ ଟାଇଟଲ ବିଜୟୀ ହୋଇଥିଲେ । ଦେଶର ଚାମ୍ପିୟନ ଅଫ୍ ଚାମ୍ପିୟନ ଟାଇଟଲ ବିଜେତା ହୋଇଥିବାରୁ ଆସାମ ବାହୁକୁସ୍ତି ସଂଘ ଗତ ଦୁଇଦିନ ତଳେ ସ୍ୱତନ୍ତ୍ର ଭାବେ ମୋତେ ଏହି ନିମନ୍ତ୍ରଣ କରିଛି ବୋଲି ପ୍ରମୋଦ ସୂଚନା ଦେଇଛନ୍ତି । ସୁପର କପ୍‌ରେ ଆସାମର ଶ୍ରେଷ୍ଠ ୫ଜଣ ପ୍ରତିଯୋଗୀଙ୍କ ସହ ପ୍ରାଥମିକ ପର୍ଯ୍ୟାୟରେ ମୁକାବିଲା ହେବ । ପରେ ଦେଶର ଅନ୍ୟ ପ୍ରତିଭାମାନଙ୍କୁ ନେଇ ସେ ମ୍ୟାଚ୍ ଖେଳିବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ କଟକ ଅଲିସା ବଜାରର ପ୍ରମୋଦ ଅକ୍ଟୋବର ୧୩ରୁ ତୁର୍କୀର ଆଣ୍ଟାଲ୍ୟା ସହରରେ ହେବାକୁ ଥିବା ୪୦ତମ ବିଶ୍ୱ ଚାମ୍ପିୟନଶିପ୍ ନିମନ୍ତେ ମଧ ପ୍ରସ୍ତୁତି ଜୋର୍‌ଦାର ଚଳାଇଥିବା କହିଛନ୍ତି । ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରମୋଦ ସିନିୟର ପୁରୁଷ ୯୦ କେଜି ବର୍ଗରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ । ଉକ୍ତ ଚାମ୍ପିୟନଶିପ୍ ନିମନ୍ତେ ସେ ଆର୍ଥିକ ସଙ୍କଟ ମଧରେ ରହିଥିଲେ । ତାଙ୍କୁ ମୋଟ୍ ୧ଲକ୍ଷ ୫୪ହଜାର ଟଙ୍କା ଭାରତୀୟ ବାହୁକୁସ୍ତି ମହାସଂଘ ନିକଟରେ ପୈଠ କରିବାକୁ ହେବ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା । ଗତ ମାସରେ କଟକ ଜିଲାପାଳ ସୁଶାନ୍ତ ମହାପାତ୍ରଙ୍କ ଦ୍ୱାରା ଏକ ଘରୋଇ ସଂସ୍ଥା ୫୧ହଜାର ଟଙ୍କା ପ୍ରମୋଦଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା ।

## ଫେରିଲେ ସ୍ୱର୍ଣ୍ଣ ବିଜୟିନୀ ୪ ଓଡ଼ିଆ ଖେଳାଳି

**କଟକ ଅଫିସ, ୧୯।୮**

ଜାତୀୟ ଦଳରୁ ପ୍ରତିନିଧିତ୍ୱ କରି ସାଫ୍ ୧୫ବର୍ଷରୁ କମ୍ ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତକୁ ଚାମ୍ପିୟନ କରାଇବା ସହ ସ୍ୱର୍ଣ୍ଣ ପଦକ ଜିତିଥିବା ୪ ଓଡ଼ିଆ ଝିଅ ରବିବାର ଓଡ଼ିଶା ଫେରିଛନ୍ତି । ଏହି ୪ ପ୍ରତିଭା ହେଲେ କଟକ ସାଇ ହଷ୍ଟେଲର ଜ୍ୟୋତି କୁମାରୀ, ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲର ମଞ୍ଜୁ ଗଞ୍ଜୁ, ସରିତା ସୋରେଙ୍ଗ ଓ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲର ସଙ୍ଗୀତା ଦାସ । ଭୁବନେଶ୍ୱର ଏୟାରପୋର୍ଟରେ ୪ଜଣ ଯାକ ସନ୍ଧ୍ୟା ୬.୧୦ରେ ପହଞ୍ଚିଥିଲେ । ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଯୁଗ୍ମ ସମ୍ପାଦିକା ସଙ୍ଗୀତା ଶର୍ମା ସେମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ । ସୂଚନା ଥାଉକି, ଭୁଟାନ ଠାରେ ଖେଳାଯାଉଥିବା ଏହି ଚାମ୍ପିୟନଶିପ୍‌ର ଫାଇନାଲ ମୁକାବିଲାରେ ଭାରତ ୧–୦ ଗୋଲରେ ବାଂଲାଦେଶକୁ ହରାଇ ଚାମ୍ପିୟନ ହୋଇଥିଲା ।



ଫାଓ ଯୁଗ୍ମ ସମ୍ପାଦିକା ସଙ୍ଗୀତା ଶର୍ମାଙ୍କ ସହ ୪ ଓଡ଼ିଆ ବାଳିକା ଫୁଟବଲ ଖେଳାଳି ।

## ରୋଭର୍ସ କ୍ଲବ ବିଜୟୀ

**କଟକ ଅଫିସ,୧୯।୮**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ରବିବାର ୨ଟି ମ୍ୟାଚ୍ ଖେଳାଯାଇଥିଲା । ଲାଲ୍‌ବାଗ କ୍ଲବ ଓ ୱେଷ୍ଟର୍ନ ମହାବୀର କ୍ଲବ ମଧରେ ଅନୁଷ୍ଠିତ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା । ଅନ୍ୟ ଏକ ମ୍ୟାଚ୍‌ରେ ରୋଭର୍ସ କ୍ଲବ ୨–୦ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ପରାସ୍ତ କରିଛି । ପ୍ରଥମାର୍ଦ୍ଧରେ ରୋଭର୍ସ କ୍ଲବ ପକ୍ଷରୁ ଉକ୍ତ ୨ଟି ଯାକ ଗୋଲ ସ୍କୋର ହୋଇଥିଲା । ବିଜୟ ମୁଖୀ ୧୦ମ ମିନିଟ୍‌ରେ ଓ ଅନ୍ତର୍ଯ୍ୟାମୀ ନାୟକ ୧୩ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇ ରୋଭର୍ସ କ୍ଲବକୁ ବିଜୟୀ କରାଇଥିଲେ ।




# ବିଟ୍‌କଏନ୍ ନାଁରେ ଲକ୍ଷାଧିକ ଠକେଇ

କଟକ ଅଫିସ, ୧୯।୮

- ପ୍ରମାଣ ନାହିଁ କହି ପୋଲିସ ଚୁପ୍
- ବିଦେଶୀ କମ୍ପାନୀ ଆରଏଚ୍‌ଏଫ୍‌ରେ ଅର୍ଥ ନିବେଶ କରି ହତାଶ ହୋଇଛନ୍ତି ୬ଜଣ
- ସମାନ ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ଦିଲ୍ଲୀ କ୍ରାଇମ୍‌ବ୍ରାଞ୍ଚ

ଇଲେକ୍ଟ୍ରୋନିକ୍ କ୍ୟାଶ ବା ଡିଜିଟାଲ ମୁଦ୍ରା(କ୍ରାପ୍ଟୋ କରେନ୍ସି) ଭାବେ ପରିଚିତ ବିଟ୍‌କଏନ ନାଁରେ ଲକ୍ଷାଧିକ ଟଙ୍କାର ଠକେଇ ଅଭିଯୋଗ। ଭାରତରେ ବିଟ୍‌କଏନ କାରବାର ଅବୈଧ ସତ୍ତ୍ୱେ ବଡ଼ଧରଣର ଠକେଇ ଚାଲିଛି। ଏଭଳି ଠକେଇର ଶିକାର ହୋଇଥିବା ରଞ୍ଜନ ପରିଡା, ଅମ୍ଳାନ ମହାନ୍ତି, ଋଷଭ ପ୍ରସାଦ, ମନଜିତ ସାହୁ, ରୀନାଲତା ପରିଡା, ଅବଦୁଲ କୟୁମ ଖାନ ଗତ ଜୁଲାଇ ୭ରୁ ଚାଉଳିଆଗଞ୍ଜ ଫାଣ୍ଡିରେ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ସେମାନଙ୍କୁ ପୋଲିସ ଏତଲା କପି ଦେଉ ନ ଥିବା ସେମାନେ କହିଛନ୍ତି।

କଟକ ମହାନଦୀବିହାର ଗଣ୍ଡରପୁର ଅଞ୍ଚଳର ଦେବାଶିଷ ନାମକ ଯୁବକ ୨୦୧୭ ଅକ୍ଟୋବର ୧୨ରେ ବିଦେଶୀ କମ୍ପାନୀ ଆରଏଚ୍‌ଏଫ୍‌ରେ ଅର୍ଥ ନିବେଶ କଲେ ବିଟ୍‌କଏନ୍ ଜରିଆରେ ଲକ୍ଷାଧିକ ଟଙ୍କା ଆକାଉଣ୍ଟକୁ ଆସିବ ବୋଲି କହି ପ୍ରଲୋଭିତ କରିଥିଲେ। ଫଳରେ ମହାନଦୀବିହାର ଅଞ୍ଚଳର ରଞ୍ଜନ କୁମାର ପରିଡା ଟଙ୍କା ନିବେଶ କରିଥିଲେ। ରଞ୍ଜନଙ୍କ ପରି ତାଙ୍କ ଅନ୍ୟ ସାଙ୍ଗମାନେ ମଧ୍ୟ ଦେବାଶିଷ କଥାରେ ବିଶ୍ୱାସ କରି ପାଖାପାଖି ୨୨ଲକ୍ଷ ଟଙ୍କା ଆକାଉଣ୍ଟ ଡିପୋଜିଟ ଜରିଆରେ ନିବେଶ କରିଥିଲେ। ହେଲେ ଟଙ୍କା ନିବେଶର ଦୁଇରୁ ତିନି ମାସ ଅଳ୍ପ କିଛି ଟଙ୍କା ଆକାଉଣ୍ଟରେ ପାଇବା ପରେ ଆଉ ଟଙ୍କା ମିଳି ନ ଥିଲା। ଏ ସମ୍ପର୍କରେ ପଚାରିବାରୁ ଦେବାଶିଷ ଦେଖୁଛି ବୋଲି କହି ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ରଞ୍ଜନ ଓ ଅନ୍ୟ ୫ ଜଣ ଦେବାଶିଷ ମହାନ୍ତିଙ୍କ ବିରୋଧରେ ଚାଉଳିଆଗଞ୍ଜ ଫାଣ୍ଡିରେ ଅଭିଯୋଗ କରିଥିଲେ। ଦାୟିତ୍ୱରେ ଥିବା ଅଧିକାରୀ କହିଥିଲେ ଆସନ୍ତାକାଲି ତୁମକୁ ଏତଲା କପି ଦେବୁ। ହେଲେ ତା' ପରଦିନ ସେମାନେ ଫାଣ୍ଡିକୁ ଯିବାରୁ ସମ୍ପୃକ୍ତ ଅଧିକାରୀ ତଦନ୍ତ କରୁଥିବା କହିଥିଲେ। ଏହାପରେ ରଞ୍ଜନ ଚାଉଳିଆଗଞ୍ଜ ଥାନା ଅଧିକାରୀଙ୍କୁ ଅବଗତ କରାଇଥିଲେ। ହେଲେ ଏଯାଏ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି ରଞ୍ଜନ। ଏ ସମ୍ପର୍କରେ ଚାଉଳିଆଗଞ୍ଜ ଥାନା ଅଧିକାରୀ ଅଜୟ କୁମାର ଦାଶ କୁହନ୍ତି, ସେମାନେ କିଛି ପ୍ରମାଣ ଦେଖାଇ ପାରୁନାହାନ୍ତି। ତେଣୁ ସେମାନଙ୍କ ଅଭିଯୋଗ ଆଧାରରେ ପୋଲିସ କୌଣସି ମାମଲା ରୁଜୁ କରିନାହିଁ। ରଞ୍ଜନ କହିଛନ୍ତି ଯେ, ୨୦୧୮ ଫେବୃୟାରୀ ୯ରେ ଆର୍‌ଏଚଏଫ କମ୍ପାନୀରେ ଟଙ୍କା ନିବେଶ କରିବାକୁ ପ୍ରଲୋଭିତ କରି ଦୁଇଜଣ ଦିଲ୍ଲୀର କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିଲେ। ଏ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେଣୁ ଚାଉଳିଆଗଞ୍ଜ ପୋଲିସ ଏହି ଆଧାରରେ ତଦନ୍ତ କରୁ।

# କେରଳ ବନ୍ୟାରେ ଫସିରହିଛନ୍ତି ବ୍ରହ୍ମଗିରିର ୫୦ରୁ ଊର୍ଦ୍ଧ୍ୱ ଯୁବକ

ବ୍ରହ୍ମଗିରି, ୧୯।୮(ଡି.ଏନ୍.ଏ.)

କେରଳରେ ହୋଇଥିବା ଭୟଙ୍କର ବନ୍ୟାରେ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଯୁବକ ଫସିରହିଛନ୍ତି। ଖାଇବାକୁ ନ ପାଇ ସେମାନେ ଦୁଃଖରେ ଦିନ କାଟୁଛନ୍ତି। ସ୍ଥାନୀୟ ପ୍ରଶାସନ କିମ୍ବା କାମ କରିବାକୁ ଯାଇଥିବା ଠିକାଦାର କାହାରି ସହାୟତା ପାଇନାହାନ୍ତି। ଖବର ନେବାରେ ଜଣାପଡ଼ିଛି କୁଶୁପୁର ଗ୍ରାମର ତୋଫାନ ସାହୁ(୨୧), ତ୍ରିନାଥ ଭୂୟାଁ(୧୮), ଆଲୋକ ଭୋଇ(୨୨), ତପନ ବେହେରା(୨୩), ପୁଅ ପର୍ଶୁରାମ(୨୭), ଭରତ ଭୋଇ(୨୬), ରେବଣା ନୂଆଗାଁ ପୁଅ ପ୍ରକାଶ ସାହୁ(୨୦), ଜୟରାମ ପଲାଇ(୨୬)ଙ୍କ ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯୁବକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। କେରଳର ଏର୍ନାକୁଲମ୍ ଓ କାକାନାଡାର ଏଡ୍‌ଥିରା ଅଞ୍ଚଳରେ ସ୍କାଏଲାଇନ୍ ଓଲିଭ୍ ବିଲ୍ଡର୍ସରେ ସିମେଣ୍ଟ ଢଳେଇ କାମ କରିବା ପାଇଁ ଯାଇଥିଲେ। ଲଗାଣ ବର୍ଷା ସାଙ୍ଗକୁ ଗତ ୧୬ ତାରିଖରେ ବନ୍ୟା ହୋଇ ବିଲ୍ଡିଂରେ ପାଣି ପଶିବା ସହିତ ରାସ୍ତାଘାଟ, ରେଲଲାଇନ୍ ଇତ୍ୟାଦି ବନ୍ୟାଜଳରେ ବୁଡ଼ିଯିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ସେହି ଦିନଠାରୁ ଯୁବକମାନେ ରହିଥିବା ଘରୁ ବାହାରକୁ ବାହାରି ପାରୁନାହାନ୍ତି। ଖାଇବା ପାଇଁ କିଛି ନାହିଁ। ପାଖରେ ପଇସା ନ ଥିବା ବେଳେ ଠିକାଦାରଙ୍କର ମଧ୍ୟ ଦେଖାନାହିଁ। ନିତ୍ୟବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ଆକାଶଛୁଆଁ। ଏ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ ତରଫରୁ ସହାୟତା କିମ୍ବା ରିଲିଫ୍ ମିଳି ନ ଥିବା କେରଳରେ ଥିବା ବ୍ରହ୍ମଗିରି କୁଶୁପୁରର ତ୍ରିନାଥ ଜଣାଇଛନ୍ତି।








251 CITIES COVERED 433 SALES & SERVICE OUTLETS | FORD CREDIT | FORD ASSURED Certified Pre - Owned Cars | Search for Ford SUV

AUTHORISED FORD DEALERS: BHUBANESHWAR: Mancheswar Indusrial Estate, Capital Ford: ☎: 9022917371. • ANGUL: NH 42, Karadagadia, Capital Ford, ☎: 9022920332. • BALANGIR: Koshal Chowk, Minerva Ford, ☎: 9619051495.• BALASORE: Near Januganj Golai, Basanti Ford, ☎: 9619049873. • BERHAMPORE (WB): Near Bhakuri 2 Gram Panchayat, Ganges Ford, ☎: 9022917375. • CUTTACK: Pratap Nagari, Odisha Ford, ☎: 9022909587. • DURGAPUR: Bhiringi More, GT Road (East), Banerjee Ford, ☎: 9022916571. • GANGTOK: Tadong Word, Saharsh Ford, ☎: 9022909744. • JAMSHEDPUR: Adityapur, Jayshree Ford, ☎: 9022903793. • KHARAGPUR: OT Road Inda, Zaara Ford, ☎: 9022910705. • KOLKATA: Adjacent to Vishwakarma Building, Topsia, Ganges Ford, ☎: 9022920416. Opp. Baguihati Big Bazar, Kaikan Ford, ☎: 9022909440. Across RDB Cinema, Sector V, Saini Ford, ☎: 9022909960. • HOWRAH: Lal Bari Bus Stop, Kaikan Ford, ☎: 9022920274. • PORT BLAIR: Aberdeen Bazaar, Mohan Ford, ☎: 9022914002. • RANCHI: By Pass, Dibdih Overbridge, Diara Ford, ☎: 9022920353. • ROURKELA: Beldihi Chowk, Veda Ford, ☎: 9022910684. • SHILLONG: Mawiong RIM, Nikton Ford, ☎: 9022909581. • SILIGURI: NH-31, Gosaipur, Bagdogra, Gateway Ford, ☎: 9022920367.

*Terms and conditions apply. All prices shown are ex-showroom for Ford EcoSport 1.5l Petrol Ambiente MT, Ford Freestyle 1.2P Ambiente and Ford Endeavour 2.2l Trend 4x2 AT respectively. Colours are indicative only and may vary due to printing constraints. Ford India Private Limited ("Ford") reserves the right, subject to all applicable laws, at any time, at its discretion, and without notice, to discontinue or change the features, designs, materials, colours and other specifications and the prices of its products, and to either permanently or temporarily withdraw any such products from the market without incurring any liability to any prospective purchaser or purchasers. Features & specifications may vary from model to model. Always consult an authorised Ford dealer for the latest information about the vehicle.




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



"କାହାରି ଅନୁଗ୍ରହ ପ୍ରାର୍ଥୀ ହେବା ଅର୍ଥ ନିଜର ସ୍ୱାଧୀନତାକୁ ବିକି ଦେବା।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବଜ୍ରପାତରେ ମହିଳା ଗୁରୁତର

ନରସିଂହପୁର,୧୯।୮(ଡି.ଏନ.ଏ.): ବଜ୍ରପାତ ଘଟି ରବିବାର ନରସିଂହପୁର ତହସିଲ ଅଧୀନ ଅଢ଼େଇଗୁଣ୍ଡି ପଞ୍ଚାୟତ ଜେମାଦେଇପୁରୁ ଗ୍ରାମରେ ଏକ ବଳଦର ମୃତ୍ୟୁ ଘଟିଥିବାବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ କାନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ହେଲେ ଗ୍ରାମର ମାନସ ରଞ୍ଜନ ସାହୁଙ୍କ ସ୍ତ୍ରୀ ରୋଜାଲିନ ସାହୁ(୪୪)। ଘର ପଛପଟେ ବନ୍ଧା ହୋଇଥିବା ବଳଦକୁ ଖାଇବାକୁ ଦେଉଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ବଳଦର ମୃତ୍ୟୁ ହୋଇ ଯାଇଥିଲା ବେଳେ ରୋଜାଲିନଙ୍କ ଶରୀରର ପ୍ରାୟ ୫୦ ପ୍ରତିଶତ ପୋଡ଼ି ଯାଇଥିଲା। ଏହି ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା

ବାଙ୍କୀ,୧୯।୮(ବି.ପ୍ର.): ଡମପଡ଼ା ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟ ପରିସରରେ ରବିବାର ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ପୁରୀସ୍ଥିତ ଚାରଣ ଗୋଷ୍ଠୀ ମୁଖ୍ୟ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ବାଙ୍କୀ ସଂଗଠକ ଅଶୋକ ଗିରିଙ୍କ ତତ୍ତ୍ୱାବଧାନରେ ସଞ୍ଚାଳିତ ବୌଦ୍ଧିକ କାର୍ଯ୍ୟକ୍ରମରେ ଅଧାପକ ସୁଶାନ୍ତ ତ୍ରିପାଠୀ, ଅଧକ୍ଷ ସଚିଦାନନ୍ଦ ସାମଲ, ରାଜୁ ରାଉତ ଓ ଛାତ୍ର ସଂଯୋଜକ ରାକେଶ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି କେନ୍ଦ୍ରରେ ୩୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜଣାପଡିଛି। ସେହିପରି ରାଣୀଶୁକ ଦେଈ ମହିଳା ମହାବିଦ୍ୟାଳୟ ପରିସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଛି। କେନ୍ଦ୍ରକୁ ଦଳପତି ନକୁଳ ବେହେରା ଓ ଲକ୍ଷ୍ମୀଧର ନାୟକ ସଞ୍ଚାଳନ କରିଥିଲେ। ଏହି କେନ୍ଦ୍ରରେ ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀ ପରୀକ୍ଷା ଦେଇଛନ୍ତି।

### ବାଙ୍କୀ କଲେଜରେ ଖୋଲିଲା ରୋଭର୍ ଓ ରେଞ୍ଜର୍ ୟୁନିଟ୍

ବାଙ୍କୀ,୧୯।୮(ସ୍ୱ.ପ୍ର.): ବାଙ୍କୀ କଲେଜରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଅଧୀନରେ ରୋଭର ଓ ରେଞ୍ଜର ୟୁନିଟ୍ ଖୋଲାଯାଇଛି। ଏହା ସ୍ୱାଧୀନତା ଦିବସଠାରୁ କାର୍ଯ୍ୟକ୍ଷମ ହୋଇଛି। ଫଳରେ ଛାତ୍ରୀଛାତ୍ରଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ପ୍ରତ୍ୟେକ ୟୁନିଟ୍ ପିଛା ୨୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବା ପାଇଁ ସ୍ଥିରିକୃତ ହୋଇଛି। ରୋଭର୍ ଲିଡର୍ (ବାଳକ ବିଭାଗ) ଭୂପତି ଭୂଷଣ ପ୍ରଧାନ, ରେଞ୍ଜର୍ ଲିଡର୍ (ବାଳିକା ବିଭାଗ) ଲୋପାମୁଦ୍ରା ସାମନ୍ତରାୟ ଅଧକ୍ଷ ଦାୟିତ୍ୱରେ ଅଛନ୍ତି। ଉକ୍ତ ୟୁନିଟ୍ ଅଧକ୍ଷ ଡ. ବାବାଜୀ ଚରଣ ଶତପଥୀଙ୍କ ପ୍ରଚେଷ୍ଟାରେ ଏହାର କାର୍ଯ୍ୟକାରୀ କରାଯାଇଛି। ନୂତନ ୟୁନିଟ୍ ଆରମ୍ଭ ଯୋଗୁ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରଭାତ କୁମାର ତ୍ରିପାଠୀ କଲେଜ ଅଧକ୍ଷ ଡ. ଶତପଥୀ ଏବଂ ବିଭାଗୀୟ ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

### ଆଇନ ସଚେତନତା ଶିବିର

ଆଠଗଡ଼,୧୯।୮(ସ୍ୱ.ପ୍ର.): ଆଠଗଡ଼ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ମଞ୍ଜେଶ୍ୱର ଗ୍ରାମର ଧବଳେଶ୍ୱର ବିଦ୍ୟାପୀଠରେ ରବିବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ସମାଜ ମଙ୍ଗଳ ପାଇଁ ବିଭିନ୍ନ ଯୋଜନା, ସାପକାମୁଡ଼ା ସମ୍ବନ୍ଧୀୟ ସାବଧାନତା ଓ ସାପକାମୁଡ଼ା ପରେ ଆବଶ୍ୟକ ପଦକ୍ଷେପ ନେବା ଉପରେ ଆଲୋଚନା କରାଯାଇଥିଲା। ସମିତି ସଭାପତି ତଥା ଆଠଗଡ ଅତିରିକ୍ତ ଜିଲା ଦୌରାଜଜ ଅମୃତ ରଞ୍ଜନ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ଜିଲା ରେଜିଷ୍ଟ୍ରାର ବିଭୁପ୍ରସାଦ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବରିଷ୍ଠ ଦେୱାନୀ ଜଜ୍ ଶରତ କୁମାର ଜେନା, ଉପଖଣ୍ଡ ବିଚାର ବିଭାଗ ମାଜିଷ୍ଟ୍ରେଟ ଶାଶ୍ୱତୀ ମିଶ୍ର, ଉପଜିଲାପାଳ ଅମିୟ କୁମାର ସାହୁ, ତହସିଲଦାର ବିନୋଦ କୁମାର ଜେନା, ବିଡିଓ ହେମନ୍ତ କୁମାର ସ୍ୱାଇଁ, ଆଠଗଡ ଉପଖଣ୍ଡ ଡାକ୍ତର ଖାନାର ଭେଷଜ ବିଶେଷଜ୍ଞ ଡା. ରଞ୍ଜନ କୁମାର ରାଜ, ଆଠଗଡ ପ୍ରାଣୀଧନ ଅଧିକାରୀ ସୁଶାନ୍ତ କୁମାର ବେହେରା, ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ରତ୍ନାକର ଦାସ, ଉପବନାଞ୍ଚଳ ଅଧିକାରୀ ତ୍ରିଲୋଚନ ବେହେରା, ସ୍ଥାନୀୟ ସରପଞ୍ଚ ପ୍ରିୟବ୍ରତ ସାହୁ, ସମିତିସଭ୍ୟ ଅଶୋକ କୁମାର ଖଟୁଆ, ଆଇନଜୀବୀ ପ୍ରାଣକୃଷ୍ଣ ଦାସ, ପ୍ରସନ୍ନ କୁମାର ରାଉତ ଓ ଆଠଗଡ଼ ଓକିଲ ସଂଘ ସଭାପତି ସତ୍ୟେନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ବିଷ୍ଣୁପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତାଲୁକ ଆଇନସେବା ସମିତିର ସହାୟିକା ରାଜଶ୍ରୀ ମହଲା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

■ ଆଇନଶୃଙ୍ଖଳା ନାଁରେ ବର୍ବରତା

# ପୋଲିସ ମାଡ଼ରେ ଦୁଇ ଟ୍ୟାକ୍ସି ଡ୍ରାଇଭରଙ୍କ ହାତ, ଗୋଡ଼ ଭାଙ୍ଗିଲା

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ଏୟାରପୋର୍ଟ ପାର୍କିଂ ସ୍ଥଳରେ ରବିବାର ଅପରାହ୍ନରେ ଦେଖିବାକୁ ମିଳିଥିଲା କମିଶନରେଟ ପୋଲିସର ବର୍ବରତା। କେତେଜଣ ପିସିଆର୍ ପୋଲିସ ପାଇପ୍ ଧରି ପାର୍କିଂସ୍ଥଳରେ ଥିବା ଗାଡିର ଡ୍ରାଇଭରମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟୁଥିଲେ। ପ୍ରାଣ ବିକଳରେ ଅନ୍ୟମାନେ ଦୌଡି ପଳାଇଥିବାବେଳେ ପୋଲିସ ହାବୁଡ଼ରେ ପଡିଯାଇଥିଲେ ଦୁଇଜଣ ଟ୍ୟାକ୍ସି ଡ୍ରାଇଭର। ପୋଲିସ ସେମାନଙ୍କୁ ଘେରିଯାଇ ପାଇପ୍‌ରେ ନିର୍ଘାତ ପିଟିବା ସହ ଗୋଇଠା ଓ ମୁଥ ମାରିଥିଲା। ଶେଷରେ ଟଙ୍କା ପାଇବା ପରେ ସେଠାରୁ ପଳାଇଥିଲା। ହେଲେ ସେତେବେଳକୁ ଦୁଇ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଅନ୍ୟ ଡ୍ରାଇଭରମାନେ ପହଞ୍ଚି ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲାରେ ଭର୍ତ୍ତି କରିଥିଲେ। ପୋଲିସ ମାଡ଼ରେ ଆହତ ହୋଇଥିବା ଦୁଇ ଟ୍ୟାକ୍ସି ଡ୍ରାଇଭର ହେଲେ ସତ୍ୟବ୍ରତ ପାତ୍ର ଓ ମଳୟ ସାମଲ। ସତ୍ୟବ୍ରତଙ୍କ ଡାହାଣ ହାତ ଓ ମଳୟଙ୍କ ବାମ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡିଛି। ସକାଳେ ଜୋନ୍-୬ରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଲୋକଙ୍କ ବିଶ୍ୱାସଭାଜନ ହେବାକୁ ପୋଲିସ-ଜନତା ସମ୍ପର୍କ ଶିବିରର ଆୟୋଜନ କରିଥିଲେ। ହେଲେ ଅପରାହ୍ନରେ ଜୋନ୍-୨ ଅନ୍ତର୍ଗତ ଏୟାରଫିଲ୍ଡ ଥାନା ପୋଲିସ ଦେଖାଇଥିଲା ନିଜର ଅସଲ ରୂପ।

ଏୟାଫିଲ୍ଡ ଥାନାଞ୍ଚଳର ସତ୍ୟବ୍ରତ ଓ ମଳୟ ଟାକ୍ସି ଚଳାନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରତିଦିନ ପରି ରବିବାର ସେମାନେ ଏୟାରପୋର୍ଟ ପାର୍କିଂ ସ୍ଥଳରେ ଗାଡ଼ି ଲଗାଇଥିଲେ। ଅପରାହ୍ନ ପ୍ରାୟ ୫ଟା ୩୦ରେ ସେଠାରେ ଏୟାରଫିଲ୍ଡ ଥାନାର ପିସିଆର୍ ନଂ-୨୮ ପହଞ୍ଚିଥିଲା। ଜଣେ ଏସ୍‌ଆଇ ପିସିଆର୍ ଭ୍ୟାନ୍‌ରୁ ଓହ୍ଲାଇ କ'ଣ ପାଇଁ ଏଠାରେ ଗାଡ଼ି ଲଗାଇଛ ବୋଲି କହି ଏକ ପ୍ଲାଷ୍ଟିକ ପାଇପ୍ ଧରି ପିଟିବାକୁ ଗୋଡ଼ାଇ ଆସିଥିଲେ। ସେଠାରେ ଗାଡି ଲଗାଇଥିବା ଅନ୍ୟ ଡ୍ରାଇଭରମାନେ ଭୟରେ ଦୂରକୁ ପଳାଇଥିଲେ। ହେଲେ ହାବୁଡ଼ରେ ପଡିଯାଇଥିବା ମଳୟ ଓ ସତ୍ୟବ୍ରତଙ୍କୁ ନିର୍ଘାତ ମାଡ ମାରିଥିଲେ। ଏପରିକି ସେମାନଙ୍କର କ'ଣ ଦୋଷ ବୋଲି ପଚାରିବାକୁ ସୁଯୋଗ ଦେଇ ନ ଥିଲେ। ଟଙ୍କା କ'ଣ ପାଇଁ ଦେବୁ ବୋଲି କହିବାରୁ ସମସ୍ତେ ଘେରିଯାଇ ନିସ୍ତୁକ ମାଡ଼ ମାରିବା ପରେ ଗାଡ଼ିକୁ ଥାନାକୁ ନେବାକୁ ଧମକ ଦେଇଥିଲେ। ଟଙ୍କା ପାଇବା ପରେ ଚୁପ୍‌ଚାପ୍ ଚାଲିଯାଇଥିଲା ପିସିଆର୍ ପୋଲିସ। ରାଜଧାନୀରେ ଦାଦାବଟି ପାଇଁ ଅପରାଧ ବଢ଼ି ଚାଲିଥିବାବେଳେ ଏଠାରେ ପୋଲିସ ନିଜେ ବଟି ପାଇଁ ମାଡ଼ମାରି ଗୋଡ଼ ଭାଙ୍ଗିବା ଘଟଣା ଲୋକଙ୍କ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଘଟଣା ସମ୍ପର୍କରେ ଥାନା ଅଧିକାରୀ ଦେବୀ ଶଙ୍କର ପ୍ରତାପଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ହୋଇ ନ ଥିବାରୁ କ'ଣ ହୋଇଛି ମୁଁ ଜାଣିନି। ମୁଁ ଉକ୍ତ ପିସିଆର ଭ୍ୟାନରେ ଡ୍ୟୁଟିରେ ଥିବା ସମ୍ପୃକ୍ତ ଅଫିସରକୁ ପଚାରୁଛି। ଯଦି ଘଟଣା ସତ୍ୟ ହୋଇଥାଏ ତେବେ ତାହା ସାଂଘାତିକ। ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।



ପୋଲିସ ମାଡ଼ରେ ଆହତ ହୋଇଥିବା ଟ୍ୟାକ୍ସି ଡ୍ରାଇଭର।

■ ଜୀବନ ବିକଳରେ ଦୌଡ଼ିଲେ ଅନ୍ୟ ଡ୍ରାଇଭର

■ ୨ ହଜାର ପାଇବା ପରେ ଶାନ୍ତ ହେଲା ପୋଲିସ

■ ପିସିଆର୍ ଗାଡ଼ି ନଂ.୨୮ରେ ଆସିଥିଲେ

# ନବୀନଙ୍କ ବିରୋଧରେ ପ୍ରଚାର କରି ନ ଥିଲେ କଂଗ୍ରେସ, ଭାଜପା: ଖାରବେଳ

କଟକ ଅଫିସ, ୧୯।୮

ଆସନ୍ତା ୨୦୧୯ ସାଧାରଣ ନିର୍ବାଚନରେ କଟକ ଜିଲାର ସମସ୍ତ ବିଧାନସଭା ଆସନ ଏବଂ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଦେବ ଉତ୍କଳ ଭାରତ। ରବିବାର ଏ ନେଇ ପ୍ରାଥମିକ ପ୍ରସ୍ତୁତି ନିମନ୍ତେ କଟକର କେତେଜଣ ବୁଦ୍ଧିଜୀବୀଙ୍କୁ ଭେଟି ବ୍ୟକ୍ତିଗତ ଭାବେ ଆଲୋଚନା କରିଥିବା କଥା କହିଛନ୍ତି ଉତ୍କଳ ଭାରତ ସଭାପତି ତଥା ପୂର୍ବତନ ଏମ୍‌ପି ଏମ୍.ବି. ଐର ଖାରବେଳ ସ୍ୱାଇଁ। ସ୍ୱାଇଁଙ୍କ କହିବା ଅନୁଯାୟୀ, ଖାଲି କଟକ କାହିଁକି ସାରା ରାଜ୍ୟରେ ନବୀନ ବିରୋଧୀ ସ୍ୱର ରହିଛି। ହେଲେ ଏହି ସ୍ୱରର ନେତୃତ୍ୱ ନେବାକୁ କେହି ନାହାନ୍ତି। ଉତ୍କଳ ଭାରତ କିନ୍ତୁ ଏହାର ନେତୃତ୍ୱ ନେବ। ସେ ଅଭିଯୋଗ କରିଛନ୍ତି, ଗତ ନିର୍ବାଚନ ସମୟରେ ୨ଟି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ ଏବଂ ଭାଜପା ନବୀନଙ୍କ ବିରୋଧରେ ପଚାର କରି ନ ଥିଲେ। ଭାଜପା କେବଳ କେନ୍ଦ୍ରରେ ମୋଦିଙ୍କୁ ଭୋଟ ଦେବାକୁ କହୁଥିଲାବେଳେ ପ୍ରଚାରରେ କଂଗ୍ରେସର ଗୋଷ୍ଠୀ କନ୍ଦଳ ସ୍ପଷ୍ଟ ବାରିହୋଇପଡୁଥିଲା ବୋଲି ସ୍ୱାଇଁ କହିଛନ୍ତି। ଏନେଇ ବିଜେଡି ନେତା ସୁବାସ ସିଂ କହିଛନ୍ତି, ପୂର୍ବତନ ଏମ୍‌ପି ହୋଇଥିଲେ ମଧ ଖାରବେଳ ସ୍ୱାଇଁ ବାସ୍ତବତାଠାରୁ ବହୁ ଦୂରରେ। ଜନକଲ୍ୟାଣ ଯୋଜନା ଆଣିବାରେ ଏବଂ ଏହାକୁ ସଫଳ କରାଇବାରେ ବିଜେଡି ସବୁଠାରୁ ଆଗରେ। ତେଣୁ ଜନମତ ନିଃସନ୍ଦେହ ବିଜେଡି ସପକ୍ଷରେ ଯିବ। ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, କୌଣସି ଦଳ ବିରୋଧରେ ଅଭିଯୋଗ କରି ନୁହେଁ, ଭାଜପା ବିକାଶର ବାର୍ତ୍ତା ନେଇ ନିର୍ବାଚନବେଳେ ଲୋକଙ୍କ ପାଖକୁ ଯିବ। ଖାରବେଳ ସ୍ୱାଇଁ ଯାହା କହୁଛନ୍ତି ତାହା ତାଙ୍କ ଚିନ୍ତାଧାରା। ସାଲେପୁର ବିଧାୟକ ପ୍ରକାଶ ବେହେରା କହିଛନ୍ତି ଯେ, କଂଗ୍ରେସ୍‌ରେ ଗୋଷ୍ଠୀ କନ୍ଦଳ କେବେ ଥିଲା। ହେଲେ ଏବେ ଆମେ ସମସ୍ତେ ଏକଜୁଟ୍। ନବୀନ ପଟ୍ଟନାୟକଙ୍କ ବିରୋଧରେ ଆମେ ଲଢ଼ିବାକୁ ପ୍ରସ୍ତୁତ।

ଦିଲ୍ଲୀରେ ଓଡ଼ିଆ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ

ନରସିଂହପୁର, ୧୯।୮ (ଡି.ଏନ.ଏ./ ସ୍ୱ.ପ୍ର.)

କଟକ ଜିଲା ନରସିଂହପୁର ବ୍ଲକ ଅଧୀନ ବାଲିଝରି ଗ୍ରାମର ଯବାନ ବିଜୟ କୁମାର କଟକିଆ(୪୫)ଙ୍କ ଦିଲ୍ଲୀର ମିରଟ ସହରରେ ଶୁକ୍ରବାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସେ ଆର୍ମି ବିଭାଗର ଏଏସ୍‌ସି ବାଟାଲିୟନରେ ହାବିଲଦାର ଭାବେ କାର୍ଯ୍ୟ କରୁଥିଲେ। ରବିବାର ମୃତଦେହ ଗାଁରେ ପହଞ୍ଚିବାପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇଛି। ବିଜୟ ସାଥୀମାନଙ୍କ ସହ ଡ୍ୟୁଟି ସାରି ବସାକୁ ଫେରିବା ପରେ ଖାଇଥିଲେ। ଏହାପରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ସାଙ୍ଗମାନେ ତାଙ୍କୁ ସଙ୍ଗେସଙ୍ଗେ ଆର୍ମି ହସ୍‌ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ୧୨୦ ବାଟାଲିୟନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ମୃତଦେହ ଗାଁରେ ପହଞ୍ଚିଥିଲା। ବିଧାୟକ ଦେବୀପ୍ରସାଦ ମିଶ୍ର, ଭାଜପା ନେତା ବିଭୁଦତ୍ତ ପଟ୍ଟନାୟକ, ବିଜୟ କୁମାର ଦଳ ବେହେରା, ଶିକ୍ଷାବିତ ସନାତନ ସ୍ୱାଇଁ, ବାଲିଝରି ସରପଞ୍ଚ ମନମୋହନ ନାୟକ ଓ କଂଗ୍ରେସ ନେତା ବିଜୟ କୁମାର ମହାରଣାଙ୍କ ସମେତ ଶତାଧିକ ଗ୍ରାମବାସୀ ବିଜୟଙ୍କ ଘରକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ୨ ବର୍ଷର ପୁଅ ରୁଦ୍ରମାଧବ ମୁଖାଗ୍ନି ଦେଇଥିଲେ। ବିଜୟଙ୍କ ଅକାଳ ବିୟୋଗରେ ନରସିଂହପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମାହାଙ୍ଗାରେ ଆଇନ ସଚେତନତା ଶିବିର



ଆଇନ୍ ସଚେତନତା ଶିବିରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ମାହାଙ୍ଗା,୧୯।୮(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ କୋଠପଦାସ୍ଥିତ ରଘୁନାଥଜୀଉ ନୋଡାଲ ବିଦ୍ୟାଳୟ ପରିସରରେ ସାଲେପୁର ତାଲୁକ ଆଇନ ସେବା କମିଟି ଓ ସାଲେପୁର ଓକିଲ ସଂଘ ପକ୍ଷରୁ ଏକ ଆଇନ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବାର ଆସୋସିଏଶନ ସଭାପତି ବିଜୟ କେତନ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ କଟକ ଜିଲା ଦୌରାଜଜ୍ ସତ୍ୟ ନାରାୟଣ ମିଶ୍ର ଯୋଗଦେଇ ସାପ କାମୁଡ଼ା ଓ ବଜ୍ରପାତ ଭଳି ଦୁର୍ବିପାକର କିପରି ସତର୍କତା ଅବଲମ୍ବନ କରାଯିବ ଓ ଏଥିରେ କ୍ଷତିଗ୍ରସ୍ତଙ୍କୁ କିଭଳି ସରକାରୀ ସହାୟତା ମିଳିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଅତିରିକ୍ତ ସବ ଜଜ୍ ପ୍ରଦୀପ ସାମଲ, ସମ୍ମାନିତ ଅତିଥି ସିଭିଲ ଜଜ୍ ପୃଥ୍ୱୀରାଜ ପ୍ରଧାନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୈଳାସ ଚନ୍ଦ୍ର ସାହୁ, ସାଲେପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା, ସମ୍ପାଦକ କ୍ଷୀରୋଦ ବେହେରା ଓ ଉପସଭାପତି ଭାସ୍କର ବେହେରା ଯୋଗଦେଇ ସମାଜରେ ଗରିବ, ମହିଳା, ଶିଶୁ ଓ ଦଳିତ ବ୍ୟକ୍ତିଙ୍କୁ କିପରି ସହଜ ଏବଂ ସୁବିଧାରେ ଆଇନ ସହାୟତା ମିଳିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଆଇନଜୀବୀ ଦୀପକ କୁମାର ମହାନ୍ତି ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆଇନଜୀବୀ ଜିତେନ୍ଦ୍ର ମହାନ୍ତି, ପ୍ରଦୀପ୍ତ ନନ୍ଦ, ପଦ୍ମଲାଭ ସିଂହ, ମାନସ ସ୍ୱାଇଁ, ସସ୍ମିତା ମହାନ୍ତି, ରେଖା ରାଉତରାୟ, କମଳାକାନ୍ତ ଦାଶ ଓ ରଶ୍ମିରେଖା ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଛାତ୍ରୀଛାତ୍ର, ଆଇନଜୀବୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

କୋଣାର୍କ, ୧୯।୮(ଡି.ଏନ୍.ଏ.)

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ଏହା ସହ ପର୍ଯ୍ୟଟନସ୍ଥଳୀ ରାମଚଣ୍ଡୀ ଓ ଚନ୍ଦ୍ରଭାଗା ବେଳାଭୂମିକୁ ବୁଲି ଦେଖିଥିଲେ। ମୁଖ୍ୟ ବିଚାରପତି ଜଷ୍ଟିସ୍ ଝାବେରୀ ରବିବାର ସକାଳ ୭ଟାରେ ସୂର୍ଯ୍ୟମନ୍ଦିରରେ ପହଞ୍ଚିଥିଲେ। ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାସ ଚନ୍ଦ୍ର ମହାନ୍ତି ମୁଖ୍ୟ ବିଚାରପତିଙ୍କୁ ମନ୍ଦିରର ଐତିହ୍ୟ, କଳା, ସଂସ୍କୃତି ଓ ପ୍ରାଚୀନ ମନ୍ଦିର ସମ୍ବନ୍ଧୀୟ ଇତିହାସ ସମ୍ପର୍କରେ ବୁଝାଇଥିଲେ। ପରେ ପରେ ଚନ୍ଦ୍ରଭାଗା ବେଳାଭୂମିରେ ଚାଲି ଚାଲି ସମୁଦ୍ରର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ଶେଷରେ ସେ ଶକ୍ତିପୀଠ ରାମଚଣ୍ଡୀଠାରେ ମା' ରାମଚଣ୍ଡୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଗସ୍ତ ସମୟରେ ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ପୁରୀ ଉପଜିଲାପାଳ ଭବତାରଣ ସାହୁ, ପୁରୀ ଜିଲାଜଜ୍ ଅମ୍ବୁଜ ମୋହନ ଦାଶ, କୋଣାର୍କ ଜେଏମ୍‌ଏଫ୍‌ସି ଦେଶପ୍ରିୟ ବାରିକ, ଗୋପ ତହସିଲଦାର ଦୁର୍ଗାଚରଣ ମୁର୍ମୁ, ନିମାପଡ଼ା ଏସ୍‌ଡିପିଓ ନିରଞ୍ଜନ ପାଢୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜ କାନ୍ତ ପ୍ରଧାନ ଓ କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରିମ୍‌ସରେ ଜାତୀୟ ଆଲୋଚନାଚକ୍ର

କଟକ ଅଫିସ, ୧୯।୮

ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ସିଭିଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର କ୍ୟାମ୍ପସ ପରିସରରେ ଥିବା ରାଣୀଦେବୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ସିଭିଲ ଇଞ୍ଜିନିୟରିଂ ଗବେଷଣା କ୍ଷେତ୍ରରେ ନୂତନ ଧାରା ବିଷୟବସ୍ତୁ ଉପରେ ଆୟୋଜିତ ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟବାହାର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧାପିକାଅଧାପକ ଏବଂ ଗବେଷକମାନେ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ଡ. ରାଜେନ୍ଦ୍ର କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରାଧାପକ ଡ. କୀର୍ତ୍ତିକାନ୍ତ ସାହୁ ଓ ପ୍ରଫେସର ସଙ୍କେତ ନାୟକ ଯୋଗଦେଇ ସମ୍ପ୍ରତି ସିଭିଲ ଇଞ୍ଜିନିୟରିଂର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଏ କ୍ଷେତ୍ରରେ ଗବେଷଣାର ଧାରା ମଧ ଅଧିକ ବ୍ୟାପକ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧାପକ ଏସ୍.ଜେଡ ଖାନ ସ୍ୱାଗତ ଭାଷଣ ପ୍ରଦାନ ଓ ପ୍ରାଧାପକ ବିପିନ ବିହାରୀ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧାପିକା ତପତୀ ତପସ୍ୱିତା ବାରିକ, ସୌରସ୍ନିଗ୍ଧା ମହାପାତ୍ର, ବିଶ୍ୱଜିତ୍ ଜେନା ପ୍ରମୁଖ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ସମେତ ବିଭିନ୍ନ ବିଭାଗର ଅଧାପିକାଅଧାପକ ଉପସ୍ଥିତ ଥିଲେ।

# ମଣ୍ଡଳସ୍ତରୀୟ ଫୁଟବଲ ପ୍ରତିଯୋଗିତା

ବାଙ୍କୀ,୧୯।୮(ସ୍ୱ.ପ୍ର.)

ବାଙ୍କୀ-ଡମପଡ଼ା ବ୍ଲକ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ବାଙ୍କୀ କଚେରି ପଡ଼ିଆଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ବାଙ୍କୀ ଡମପଡ଼ା ବ୍ଲକର ମଣ୍ଡଳ ଶିକ୍ଷା ଅଧିକାରୀ ଅଶୋକ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ଜେନା ଓ ବ୍ଲକ କ୍ରୀଡ଼ା ସମ୍ପାଦକ ଦୟାନିଧି ମହାପାତ୍ର ଉପସ୍ଥିତ ରହି କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ, ଶିମିଳିପୁର-ହରିରାଜପୁର ବିଦ୍ୟାପୀଠ, ଡଁସର କୃଷକ ହାଇସ୍କୁଲ, ତୁଳସୀପୁର ହାଇସ୍କୁଲ, ସିଂହନାଥଦେବ ବିଦ୍ୟାପୀଠ ପାଟପୁର, ବେବର୍ତ୍ତା ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ ଓ ନରଗାଙ୍ଗ ହାଇସ୍କୁଲ୍‌ର ମୋଟ୍ ୬୩ଜଣ କ୍ରୀଡ଼ାବିତ୍ ଭାଗ ନେଇଥିଲେ। ପ୍ରତିଯୋଗିତାକୁ କୃପାସିନ୍ଧୁ ପ୍ରଧାନ ପରିଚାଳନା କରିଥିଲେ। ଦିଲୀପ କୁମାର ସାହୁ, ନିରଞ୍ଜନ ମହାନ୍ତି, ଦାଶରଥୀ ସାହୁ ଓ ଶ୍ରଦ୍ଧାଞ୍ଜଳି ସେଠୀ ସହଯୋଗ କରିଥିଲେ। ଏଥିରେ ଯୋଗ୍ୟ ବିବେଚିତ ହୋଇଥିବା ପ୍ରତିଯୋଗୀ ଆସନ୍ତା ୨୪ ତାରିଖରେ ବିଡ଼ାନାସିଠାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।



ମଣ୍ଡଳସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

# ନିର୍ମାଣ ଶ୍ରମିକଙ୍କୁ ସଚେତନତା ଭିତ୍ତିକ ତାଲିମ

ରଘୁନାଥପୁର, ୧୯।୮ ( ଡି.ଏନ.ଏ.)

ରଘୁନାଥପୁର ବ୍ଲକ ତାରପୁର ସ୍ଥିତ ମା' ନାରାୟଣୀ ପୀଠରେ ଓଡ଼ିଶା ନିର୍ମାଣ ଶ୍ରମିକ ତାରପୁର ଆଞ୍ଚଳିକ କମିଟି ପକ୍ଷରୁ ରବିବାର ୭୦ ଜଣ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ସଚେତନତା ଭିତ୍ତିକ ତାଲିମ ପ୍ରଦାନ କରାଯାଇଛି। ଗୁପ୍ତା ଆଣ୍ଡ ଗୁପ୍ତା ସ୍କିଲ ଡେଭଲପ କମ୍ପାନୀ ପକ୍ଷରୁ ଟ୍ରେନ୍‌ର ସୁନୀଲ କୁମାର ନାୟକ ଓ ସମରଜିତ୍ ପ୍ରଧାନ ବିଶେଷ କରି ରାଜମିସ୍ତ୍ରିଙ୍କୁ କାର୍ଯ୍ୟ କରିବା ସମୟରେ ସଚେତନତା ଓ ଅଣକୁଶଳୀ ଶ୍ରମିକମାନେ କିପରି କୁଶଳୀ ହୋଇପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ବଡ ଘର ନିର୍ମାଣ ସମୟରେ ଉଚ୍ଚ ସ୍ଥାନରେ କାମ କରୁଥିବା ଶ୍ରମିକମାନେ ବାଧତାମୂଳକ ଭାବେ ମୁଣ୍ଡରେ ହେଲମେଣ୍ଟ ପରିଧାନ କରିବାକୁ ପରାମର୍ଶ ଦେଇଥିଲେ। ଏହାଛଡା ପ୍ରବଳ ଖରା ଓ ବଜ୍ରପାତ ମାରିବା ସମୟରେ ଉପଯୁକ୍ତ ସ୍ଥାନକୁ ଚାଲି ଆସିବା ପାଇଁ ସଚେତନ କରାଇଥିଲେ। ରାଜ୍ୟ ନିର୍ମାଣ ଶ୍ରମିକ ସଂଘର ଉପସଭାପତି ତଥା ଜିଲା ସଭାପତି ଲୋଭାକାନ୍ତ ସ୍ୱାଇଁ, ନିର୍ମାଣ ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟରେ ଅସାବଧାନତା ବଶତଃ ଅତି ଉଚ୍ଚ ସ୍ଥାନରୁ ତଳେ ପଡି ମୃତ୍ୟୁମୁଖରେ ପଡୁଛନ୍ତି। ଏଭଳିସ୍ଥିତିରେ ନିଜକୁ ସୁରକ୍ଷା ଦେବା ପାଇଁ, ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସୁରକ୍ଷା କବଚ ପରିଧାନ କରିବା ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ। ସେହିପରି ଜିଲା ଉପସଭାପତି ତଥା ତାରପୁର ଆଞ୍ଚଳିକ କମିଟିର ସଭାପତି ବିନ୍ଦୁସାଗର ଓଝା ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କର୍ମକର୍ତ୍ତା ଧନେଶ୍ୱର ରାଉତ, ପୂର୍ଣ୍ଣଚନ୍ଦ୍ର ବେହେରା, ଯୁଗଳ ବାରିକ, ରବୀନ୍ଦ୍ରନାଥ ସାହୁ, ଧନେଶ୍ୱର ସାହୁ, ଶିବ ମହାରଣା ଓ କଳ୍ପନା ପରିଡା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ନିର୍ମାଣ ଶ୍ରମିକ।



ଜନନୀ ଓ ଜନ୍ମଭୂମି ସରଗଠୁ ବଡ଼ା
- ମହର୍ଷି ବାଲ୍ମିକୀ



# ବଦଳିବ କଟକ ଚେହେରା

କଟକ ଅଫିସ, ୧୯।୮

କଟକ ସହରର ଚେହେରା ବଦଳିବ। ଅସରାଏ ବର୍ଷାରେ କଟକ ଉବୁଟୁବୁ ହେବନି କି ଡ୍ରେନ ପାଣି ଲୋକଙ୍କ ଘରେ ପଶିବନି। ବର୍ଷାଜଳ ଯେପରି ଠିକ୍ ଭାବେ ନିଷ୍କାସିତ ହୋଇପାରିବ ଓ ଡ୍ରେନ ପାଣି ଚଳାଚଳରେ ବାଧା ନ ଉପୁଜିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଜବରଦଖଲ ଥିବା ରାସ୍ତାକୁ ମୁକ୍ତ କରାଯିବ। ରାସ୍ତାଗୁଡ଼ିକୁ ଓସାରିଆ କରାଯିବ। ପ୍ରତି ମଙ୍ଗଳବାର ସିଏମ୍‌ସି, ଜାଇକା, ବିଏସ୍‌ଏନ୍‌ଏଲ୍, ବିଦ୍ୟୁତ୍, ପୂର୍ତ୍ତ ଆଦି ବିଭାଗଗୁଡ଼ିକର ଅଧିକାରୀମାନଙ୍କ ସହ ଜିଲାପାଳ ସମୀକ୍ଷା କରିବେ। ଗୋଟିଏ ବର୍ଷ ମଧ୍ୟରେ ଯେପରି କଟକ ନୂଆ ରୂପ ନେବ ସେ ନେଇ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ପ୍ରସ୍ତୁତ କରିଛନ୍ତି ଦୀର୍ଘମିଆଦୀ ଆକ୍ସନ ପ୍ଲାନ।

ରବିବାର ଜିଲାପାଳ ଅଗ୍ରୱାଲ କଟକ ମାତୃଭବନ ଓ ଖାନନଗରସ୍ଥିତ ଜଳ ନିଷ୍କାସନ ସ୍ଥଳ (ୱାଟର ଡିସ୍‌ଚାର୍ଜ ପଏଣ୍ଟ) ବୁଲି ଦେଖିଥିଲେ। ଏହି ସମୟରେ ତାଙ୍କ ସହ ସିଏମ୍‌ସି, ଜାଇକା, ଓପିଟିସିଏଲ୍ ଏବଂ ବିଏସ୍‌ଏନ୍‌ଏଲ୍‌ର ପଦାଧିକାରୀମାନେ ସାମିଲ ଥିଲେ। ସହରରେ ବର୍ଷା ସମୟରେ ଜଳ ନିଷ୍କାସନ ନେଇ ହେଉଥିବା ସମସ୍ୟା ସମାଧାନ ପାଇଁ ୭ ଦିନ ମଧ୍ୟରେ ପଙ୍କ ଉଦ୍ଧାର କାମ ଶେଷ କରିବାକୁ ସିଏମସିକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ଏଥିସହ ସହରର ପ୍ରତ୍ୟେକ ଡ୍ରେନଗୁଡିକର ବର୍ଷା ସମୟରେ ଜଳଧାରଣର କ୍ଷମତା କେତେ ରହିଛି, ତାହା ସୋମବାର ସୁଦ୍ଧା ଜଣାଇବାକୁ ସିଏମ୍‌ସିକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଜଳଧାରଣର କ୍ଷମତା କମିଥିବ ତେବେ କାହିଁକି କମିଛି ସେନେଇ ମଧ୍ୟ ଜବାବ ଦେବାକୁ ସିଏମସିକୁ କୁହାଯାଇଛି । ପୂର୍ତ୍ତ ବିଭାଗକୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ଯେଉଁସବୁ ସ୍ଥାନରେ ରାସ୍ତା ସମ୍ପ୍ରସାରିତ ହୋଇପାରିବ ସେ ସବୁକୁ ଚିହ୍ନଟ କରି ତାହାର ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଗୁରୁବାର ବସିବାକୁ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପୂର୍ତ୍ତ, ବିଏସ୍‌ଏନ୍‌ଏଲ୍, ଜାଇକା, ସିଏମ୍‌ସିର ଅଧିକାରୀମାନେ ଉପସ୍ଥିତ ରହିବେ।

ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ହେଲା ଯେଉଁ ରାସ୍ତାରେ ବିଭିନ୍ନ ବିଭାଗର କାମ ରହିଛି ସେଠାରେ ଏକ ସଙ୍ଗେ ସମସ୍ତ କାମ ଶେଷ କରାଯିବ। ପୂର୍ବ ଭଳି ଗୋଟିଏ ରାସ୍ତାରେ ବିଭିନ୍ନ ବିଭାଗ ଭିନ୍ନ ଭିନ୍ନ ସମୟରେ କାର୍ଯ୍ୟ କରିପାରିବେ ନାହିଁ। ପୂର୍ବରୁ ତାହା ହେଉଥିବାରୁ ରାସ୍ତା ଏକପ୍ରକାର ବନ୍ଦ ହୋଇ ଲୋକମାନଙ୍କ ଅସୁବିଧାର କାରଣ ପାଲଟୁଛି। ତେଣୁ ଯେପରି ସାଧାରଣ ଲୋକଙ୍କ ଯାତାୟାତରେ ସମସ୍ୟା ନ ଉପୁଜେ ସେଥିପ୍ରତି ଧ୍ୟାନ ଦେବାକୁ ଜିଲାପାଳ ବିଭାଗୀୟ ମୁଖ୍ୟମାନଙ୍କୁ ତାଗିଦ କରିଛନ୍ତି। ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଥିବା ଶ୍ରୀବିହାର କଲୋନୀରେ ଅର୍ଦ୍ଧନିର୍ମିତ ସ୍ୱେରେଜ ପ୍ଲାନକୁ ମଧ୍ୟ ଜିଲାପାଳ ବୁଲି ଦେଖିଛନ୍ତି। ଏହି ସ୍ୱେରେଜ ପ୍ଲାଣ୍ଟର କାର୍ଯ୍ୟ ଯେପରି ଯୁଦ୍ଧକାଳୀନ ଭିତ୍ତିରେ ଶେଷ ହେବ ସେଥିପ୍ରତି ମାଷ୍ଟର ପ୍ଲାଣ୍ଟ ପ୍ରସ୍ତୁତ କରିବାକୁ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



ମାତୃଭବନ ନିକଟରେ ଜଳ ନିଷ୍କାସନସ୍ଥଳ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅନୁଧ୍ୟାନ କରିବା ସହ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

- ଯୁଦ୍ଧକାଳୀନ ଭିତ୍ତିରେ ହେବ ଡ୍ରେନ ପୁନରୁଦ୍ଧାର
- ଉଦ୍‌ବୃତ୍ତ ବର୍ଷାଜଳ ସମସ୍ୟା ଉପରେ ଗୁରୁତ୍ୱ
- ପ୍ରତି ମଙ୍ଗଳବାର ଜିଲାପାଳ କରିବେ ସମୀକ୍ଷା

## ସଂକ୍ଷେପରେ

### ଏସ୍‌ସିବିରେ ତୃତୀୟ ଡେଙ୍ଗୁ ମୃତ୍ୟୁ

କଟକ ଅଫିସ, ୧୯।୮: ରବିବାର ସନ୍ଧ୍ୟାରେ ଏସ୍‌ସିବି ମେଡିକାଲରେ ଡେଙ୍ଗୁ ରୋଗରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରତିମା ସ୍ୱାଇଁ (୩୫)। ତାଙ୍କ ଘର କଟକ ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ହରିଅନ୍ତା ଗ୍ରାମରେ। ପ୍ରତିମା ଶନିବାର ଅପରାହ୍ନ ୨ଟାରେ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ରବିବାର ସନ୍ଧ୍ୟା ୬ଟାରେ ତାଙ୍କର ମୃତ୍ୟୁ ଘଟିଛି। ଏହା ଏସ୍‌ସିବିରେ ଚଳିତବର୍ଷର ତୃତୀୟ ଡେଙ୍ଗୁ ମୃତ୍ୟୁ ଓ କଟକ ପାଇଁ ପ୍ରଥମ। ଏସ୍‌ସିବିରେ ପ୍ରଥମ ଡେଙ୍ଗୁ ମୃତ୍ୟୁ ଗତ ଜୁନ ୨୪ରେ ଘଟିଥିଲା। ମୃତକ ଥିଲେ କେନ୍ଦୁଝର ଜିଲାର ତ୍ରୈଲୋକ୍ୟ ବାରିକ। ଦ୍ୱିତୀୟ ଡେଙ୍ଗୁ ମୃତ୍ୟୁ ଜୁଲାଇ ୯ରେ ଘଟିଥିବାବେଳେ ସେ ଥିଲେ ପୁରୀ ଜିଲାର ପ୍ରଶାନ୍ତ ମହାରଣା।

ରବିବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ୮୬ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୮୦ ଜଣ ୱାର୍ଡରେ ଥିବାବେଳେ ୬ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ରବିବାର ୫୯ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୨୦ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରୁ କଟକରୁ ୯ ଜଣ ଥିବାବେଳେ ଜଗତ୍‌ସିଂହପୁରରୁ ୩, ବାଲେଶ୍ୱରରୁ ୨, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜ ଜିଲାରୁ ଜଣେ ଲେଖାଏ ରୋଗୀ ରହିଛନ୍ତି। ସେହିପରି ବିହାରର ଜଣେ ରୋଗୀଙ୍କ ନମୁନାରୁ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି।

### ସଂଘବଦ୍ଧ ଆକ୍ରମଣ: ବ୍ୟବସାୟୀ ଆହତ

କଟକ ଅଫିସ, ୧୯।୮: ରବିବାର ରାତିରେ କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ କେତେଜଣ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ସମ୍ପୃକ୍ତ ବ୍ୟବସାୟୀଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ଚିକିତ୍ସାଲାଗି କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେ ଲାଲ୍‌ବାଗ୍ ଦେୱାନ ବଜାର ତନ୍ତିସାହି ଅଞ୍ଚଳର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଆହତ ବ୍ୟବସାୟୀଙ୍କ କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ଏକ ଜଳଖିଆ ଦୋକାନ ରହିଛି। ଏହା ପାଖରେ ଅନ୍ୟଏକ ଦୋକାନ ରହିଛି। ହେଲେ ଉକ୍ତ ଦୋକାନୀ ପ୍ରତିଦିନ ଆହତ ବ୍ୟବସାୟୀଙ୍କ ଦୋକାନ ସମ୍ମୁଖରେ ଅଳିଆ ପକାନ୍ତି। ରବିବାର ସନ୍ଧ୍ୟାରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ସ୍ଥାନୀୟ ଲୋକ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ରାତିରେ ବ୍ୟବସାୟୀ ଜଣଙ୍କ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ଦେୱାନ ବଜାର ପାଖରେ ତାଙ୍କୁ କେତେଜଣ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକ ଦେଖି ଆହତଙ୍କୁ ମେଡିକାଲ ନେଇଥିଲେ। ଏହି ଅଳିଆ ପକାକୁ କେନ୍ଦ୍ର କରି ଆକ୍ରମଣ ହୋଇଥିବା ଅନୁମାନ କରାଯାଉଛି। ଖବରପାଇ ଲାଲବାଗ୍ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଶିବିରରେ ରକ୍ତଦାନ କଲେ ପୋଲିସ କମିଶନର



କଟକ ଅଫିସ, ୧୯।୮: କମିଶନରେଟ୍ ପୋଲିସ ଏବଂ ଦ ହଷ୍ଟେଲ୍ସ ଆସୋସିଏଶନ୍ ଅଫ୍ ଇଣ୍ଡିଆ କଟକ ୟୁନିଟ୍‌ର ମିଳିତ ସହଯୋଗରେ ରବିବାର ରକ୍ତଦାନ ଶିବିର ସ୍ଥାନୀୟ ବାରବାଟୀ ଅଞ୍ଚଳରେ ଥିବା ଏକ ଘରୋଇ ମେଡିକାଲ ସେଣ୍ଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଉଦ୍‌ଘାଟନ କରି କହିଲେ, କମିଶନରେଟ ପୋଲିସ ପକ୍ଷରୁ ଚଳିତବର୍ଷ ମୋଟ ୭୬୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କଟକ-ଭୁବନେଶ୍ୱରରେ ଥିବା ବିଭିନ୍ନ ସାମାଜିକ ଅନୁଷ୍ଠାନ, କ୍ଲବ, କଲେଜଗୁଡିକର ସହଯୋଗରେ ଏହା ସମ୍ଭବ ହୋଇପାରିଛି। କମିଶନର ଏହି ଶିବିରରେ ରକ୍ତଦାନ କରିଥିଲେ। ଏହି ଶିବିରରୁ ମୋଟ୍ ୮୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ସୂଚନା ମିଳିଛି।

# ଆପ୍ ସଂଖ୍ୟାଲଘୁ ବିଭାଗର କର୍ମୀ ସମ୍ମିଳନୀ





ଗାନ୍ଧୀଭବନଠାରେ ଅନୁଷ୍ଠିତ ସମ୍ମିଳନୀରେ ଯୋଗ ଦେଇଥିବା ନେତୃବୃନ୍ଦ।

କଟକ ଅଫିସ, ୧୯।୮

ଆମ୍ ଆଦମୀ ପାର୍ଟି (ଆପ୍) ଓଡିଶା ସଂଖ୍ୟାଲଘୁ ବିଭାଗର କର୍ମୀ ସମ୍ମିଳନୀ ଗାନ୍ଧୀଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ରାଜ୍ୟ ଆବାହକ ସେକ୍ ମୁନ୍ତାକିମ୍ ବକ୍ସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲାରୁ ସଂଖ୍ୟାଲଘୁ, ଖ୍ରୀଷ୍ଟିଆନ୍, ମୁସ୍‌ଲିମ୍, ପଞ୍ଜାବୀ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଦୀର୍ଘ ବର୍ଷ ଧରି ଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟମାନଙ୍କୁ ବିଭିନ୍ନ ରାଜନୈତିକ ଦଳ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରି ଆସୁଛନ୍ତି। ସଂଖ୍ୟାଲଘୁଙ୍କୁ ଟାର୍ଗେଟ୍ କରି ବିଭିନ୍ନ ମୌଳବାଦୀ ସଂଗଠନ ଦ୍ୱାରା ଜୀବନରୁ ମାରି ଦିଆଯାଉଛି । ଧନଜୀବନ ସମ୍ପତ୍ତି ନଷ୍ଟ କରି ଦିଆଯାଉଛି । ଆମ୍ ଆଦମୀ ପାର୍ଟି ଜାତି, ଧର୍ମ, ବର୍ଣ୍ଣ ଓ ଦଳଗତ ନିର୍ବିଶେଷରେ କେବଳ ସାଧାରଣ ଜନତାଙ୍କ ଦୁଃଖ, ଦୁର୍ଦ୍ଦଶା ଦୂର କରି ପ୍ରକୃତ ମନୁଷ୍ୟ ସେବା କରିବା ପାଇଁ ରହିଛି ବୋଲି କୁହାଯାଇଛି। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ ଅବଦୁର୍ ରହମାନ୍, କୋଷାଧ୍ୟକ୍ଷ ମହମ୍ମଦ୍ ସନାଉଲ୍ଲା, ସମ୍ପାଦକ ମହଫୁଜ୍ ଆଲାମ୍, ମହମ୍ମଦ୍ ଅଖତର୍, ନୁରୁଲ୍ ଇସଲାମ୍, ମିର୍ଜା ଲୋକମାନମ, ଆବ୍ରାହାମ ଦାସ, ରାଜ୍ୟ ସଂଖ୍ୟାଲଘୁ ମହିଳା ସଭାପତି ରେଶମା ଖାନମ୍, ନଗର ଆବାହକ ଇସ୍ତେହାଜ୍ ସରୋଜ୍, ରାଜ୍ୟ ଯୁବ ଉପସଭାପତି ସନ୍ଦୀପ ରଥ, ମୌଲାନା ନୌସାଦ୍ ଆଲମ୍ ମିସ୍‌ବାହୀ, ପାଦ୍ରି ନାଥନ୍ କୁମାର ପାଣି, ସୁରଜିତ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ପ୍ରସ୍ତୁତି ବୈଠକ

କଟକ ଅଫିସ, ୧୯।୮

ଖାନ୍‌ନଗରସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତି ସମାରୋହ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାନଗର ପ୍ରମୁଖ ମନୋହର ମହନ୍ତଙ୍କ ପୌରୋହିତ୍ୟ କରିଥିଲେ। ଆସନ୍ତା ୨୩ ତାରିଖରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ସ୍ମୃତି ସମାରୋହ ପାଳନ କରାଯିବା ପାଇଁ ବୈଠକରେ ମତପ୍ରକାଶ ପାଇଛି। ଏହି ସମାରୋହରେ ରାଜ୍ୟ ତଥା ଜାତୀୟସ୍ତରର ବକ୍ତା, ସାଧୁସନ୍ଥ, ବୁଦ୍ଧିଜୀବି, ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରସ୍ତୁତି ବୈଠକରେ ଧର୍ମ ଜାଗରଣ ସମନ୍ୱୟର କ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁ, ପୂର୍ବ ପ୍ରାନ୍ତ ପ୍ରମୁଖ ଆଲୋକ କୁମାର ଖଟୁଆ, ପ୍ରାନ୍ତ ସହସଂଯୋଜକ ଚନ୍ଦ୍ରକାନ୍ତ ପ୍ରଧାନ, କଟକ ଜିଲା ନଗର ପ୍ରମୁଖ ମନୋହର ମହନ୍ତ, ଆଶିଷ କୁମାର ସାହୁ, ଅମରେନ୍ଦ୍ର ମହାନ୍ତି, ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସିବିଆଇ ଜାଲରେ ଡିସିଆଇ ପ୍ରୋଜେକ୍ଟ ମ୍ୟାନେଜର

**୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଗିରଫ**

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ପାରାଦୀପ ବନ୍ଦର ପୋତାଶ୍ରୟ ଓ ବ୍ୟାକ୍‌ୱାଟର ଖନନ କରୁଥିବା ଡିସିଆଇ (ଡ୍ରେଜିଂ କର୍ପୋରେଶନ ଅଫ୍ ଇଣ୍ଡିଆ)ର ପ୍ରୋଜେକ୍ଟ ମ୍ୟାନେଜର (ଇନଚାର୍ଜ) ବି.ଭି.କେ. ରବିପ୍ରସାଦ ସିବିଆଇ ହାତରେ ଗିରଫ ହୋଇଛନ୍ତି। ତାଙ୍କୁ ପଚରାଉଚୁରା ପରେ ରବିବାର ଭୁବନେଶ୍ୱର ସିବିଆଇ ସିଜେଏମ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ତାଙ୍କୁ ଝାରପଡ଼ା ସ୍ଥିତ ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଠିକାଦାର ତାପସ ଚୌଧୁରୀ ଡିସିଆଇରେ ଜଣେ ସିଭିଲ ସପ୍ଲାୟର। ବିଲ୍ କରିବା ପାଇଁ ତାଙ୍କଠାରୁ ରବିପ୍ରସାଦ ମୋଟା ଅଙ୍କର କମିଶନ ଦାବି କରନ୍ତି। ଏପରି ବାରମ୍ବାର ଶୋଷଣର ଶିକାର ହେବା ପରେ ତାପସ ଗତ ୧୭ ତାରିଖରେ ଭୁବନେଶ୍ୱର ସିବିଆଇ ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଥିଲେ। ରବିପ୍ରସାଦଙ୍କୁ ଧରିବା ପାଇଁ ଏକ ୧୦ ଜଣିଆ ଟିମ୍ ଶନିବାର ପାରାଦୀପରେ ପହଞ୍ଚିଥିଲା। ଯୋଜନା ଅନୁଯାୟୀ ତାପସ ପୂର୍ବାହ୍ନ ୧୧ଟାରେ ସମୁଦ୍ରକୂଳ ରାସ୍ତା ପାର୍ଶ୍ୱରେ ଥିବା ଟ୍ରେଡ୍ ସେଣ୍ଟରରେ ରବିପ୍ରସାଦଙ୍କୁ କେମିକାଲ ବୋଳା ୫ହଜାର ଟଙ୍କା ଦେଇଥିଲେ। ସେଠାରେ ସାଦା ପୋଷାକରେ ଥିବା ସିବିଆଇ ଟିମ୍ ଚଢାଉ କରି ରବିପ୍ରସାଦଙ୍କଠାରୁ ଉକ୍ତ ଟଙ୍କା ଜବତ କରିଥିଲେ। ଏଥିସହ ଡିସିଆଇ ଅଫିସର ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ସେଥିମଧ୍ୟରୁ କେତେକ କାଗଜପତ୍ରରେ ଗୁରୁତର ତ୍ରୁଟି ରହିଥିବା ଦେଖି ସିବିଆଇ ସେଗୁଡିକ ଜବତ କରିଥିଲା।

■ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

ନିଆଳି, ୧୯।୮(ଡି.ଏନ୍.ଏ.)

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନିଆଳି ଥାନା ଅଧୀନ ପୂର୍ବଖଣ୍ଡ ଗ୍ରାମର ଅନନ୍ତ ଭୋଇ(୩୪)ଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ତୁରନ୍ତ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ମୃତକଙ୍କ ସ୍ତ୍ରୀ ଓ ସମ୍ପର୍କୀୟମାନେ ନିଆଳି-ଫୁଲନଖରା ରାସ୍ତାର ନିଆଳି ବଜାରଠାରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଫଳରେ ଏହି ବାଟ ଦେଇ ଯାତାୟାତ କରୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରି କି ରାସ୍ତାରୋକୋ କରିଥିବା ଲୋକମାନେ ମାନବିକତା ଭୁଲିଯାଇ ରୋଗୀ ଆଣିବା ପାଇଁ ଯାଉଥିବା ଏକ ଆମ୍ବୁଲାନ୍ସ (ନଂ. ଓଡି୦୨ଇ-୫୭୧୩)କୁ ମଧ୍ୟ ଛାଡି ନଥିଲେ। ଫଳରେ ଉକ୍ତ ଆମ୍ବୁଲାନ୍ସ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ନିକଟରେ ଅଟକି ରହିଥିଲା। ଖବରପାଇ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଏଥିରୁ ହଟି ନ ଥିଲେ। ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ସରପଞ୍ଚ ପ୍ରଶାନ୍ତ ସିଂହ, ତହସିଲଦାର ରଞ୍ଜନ କୁମାର ଜେନା, ଏସ୍‌ଡିପିଓ ଜିତେନ୍ଦ୍ର କୁମାର ଦଳାଇ, ନିଆଳି ଥାନା ଆଇଆଇସି ଶ୍ରବଣ କୁମାର ମହାରଣା, ବିଦ୍ୟୁତ୍ ବିଭାଗର ଜନୈକ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ୧୦ ହଜାର ଟଙ୍କା ଓ ହରିଶଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯିବା ସହ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ରାତି ସାଢେ ୭ଟାରେ ରାସ୍ତାରୋକୋ ହଟିଥିଲା। ଏହାପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ସକାଳେ ଅନନ୍ତ ଗ୍ରାମ ନିକଟ ଆଖୁଆବାରି ଗହୀରକୁ ମାଛ ଧରିବାକୁ ଯାଇଥିଲେ। ସେହି ସମୟରେ ଉକ୍ତ ଗହୀର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ପାଣିରେ ପଡିଥିଲା। ଫଳରେ ଏହି ତାର ସଂସ୍ପର୍ଶରେ ଆସି ଅନନ୍ତଙ୍କ ମୃତ୍ୟୁ ଘଟିଥିଲା।



କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

- ଭୁଲିଗଲେ ମାନବିକତା
- ରୋଗୀ ଆଣିବାକୁ ଯାଉଥିବା ଆମ୍ବୁଲାନ୍ସକୁ ଛାଡିଲେନି

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।









@ ନୀର



@ ପିଣ୍ଟୁ



@ ଯଶୋବନ୍ତ



@ ମାମାଲି



@ ଆଲୋକ



@ ସୌମ୍ୟତ୍ର

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



କାହାରି ଅନୁଗ୍ରହ ପ୍ରାର୍ଥୀ ହେବା ଅର୍ଥ ନିଜର ସ୍ୱାଧୀନତାକୁ ବିକି ଦେବା।

- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ପଞ୍ଚାୟତରୁ ମଦ ଦୋକାନ ବନ୍ଦ ଦାବି : ଆଜିଠୁ ଅନଶନ

**ଖୁଣ୍ଟୁଣୀ, ୧୯।୮ (ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କଖଡି ପଞ୍ଚାୟତରେ ସରକାରୀ ମଦ ଦୋକାନ ବନ୍ଦ ନ ହେଲେ ୨୦ ତାରିଖ ପୂର୍ବାହ୍ନ ୧୦ଟାରୁ ସ୍ଥାନୀୟ ସରପଞ୍ଚ ଶାନ୍ତିପ୍ରିୟା ମହାନ୍ତି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଅନଶନରେ ବସିବେ। ଏ ନେଇ ଗତ ୧୨ ତାରିଖରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଚିଠି ଲେଖିଥିଲେ। ଉକ୍ତ ଚିଠିରେ ଉଲ୍ଲେଖ ରହିଥିଲା ଯେ, ରାସ୍ତାପାର୍ଶ୍ୱରେ ମଦ ଦୋକାନ ହେବା ଦ୍ୱାରା ନିକଟରେ ମନ୍ଦିର, ହାଇସ୍କୁଲ, କଲେଜକୁ ଯାଉଥିବା ଶ୍ରଦ୍ଧାଳୁ ଓ ଛାତ୍ରୀଛାତ୍ରମାନେ ନିଶାସକ୍ତ ବ୍ୟକ୍ତିଙ୍କ ଆକ୍ରୋଶ ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ଏହା ପୁରୁଣା କଟକ-ସମ୍ବଲପୁର ରାସ୍ତା ହୋଇଥିବାରୁ ବହୁ ଦୁର୍ଘଟଣା ଘଟି ଜୀବନହାନି ଘଟୁଛି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀ, ବିଧାୟକ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଓ କଟକ ଜିଲାପାଳଙ୍କୁ ବାରମ୍ବାର ଜଣାଇ କୌଣସି ପ୍ରତିଶ୍ରୁତି ନ ପାଇବାରୁ ବାଧ ହୋଇ ଅହିଂସା ଉପାୟରେ ଅନଶନ କରିବେ ବୋଲି ଚରମବାଣୀ ଶୁଣାଇଛନ୍ତି।

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସ୍ଥାପନା ଦିବସ

**କଟକ ଅଫିସ, ୧୯।୮:** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓଡିଶାର ୪୬ତମ ସ୍ଥାପନା ଦିବସ ଝାଞ୍ଜିରୀମଙ୍ଗଳାସ୍ଥିତ ସେବାକେନ୍ଦ୍ରରେ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅହମ୍ମଦାବାଦର ରାଜଯୋଗିନୀ ଶାରଦା ଯୋଗଦେଇଥିଲେ। ରାଜଯୋଗିନୀ କମଲେଶ ଓଡିଶାରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନାର ଦିବ୍ୟ ଅନୁଭବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଦେବବ୍ରତ ସ୍ୱାଇଁ, ଅରୁଣ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଜୀବନବିନ୍ଦୁ କାର୍ଯ୍ୟକ୍ରମ

**ଖୁଣ୍ଟୁଣୀ, ୧୯।୮ (ଡି.ଏନ୍.ଏ.):** କଣ୍ଡରେଇ ପଞ୍ଚାୟତ ହାଇସ୍କୁଲରେ ରବିବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୮୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କଣ୍ଡରେଇ ପଞ୍ଚାୟତ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରୋଜାଲିନ୍ ବେହେରା, ସମିତିସଭ୍ୟ ପୁଷ୍ପାଞ୍ଜଳି ଦାସ, ଜ୍ଞାନରଞ୍ଜନ ଦାସ ଓ ଅଜୟ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ମୋତିଆବିନ୍ଦୁ ଚିହ୍ନଟ ଶିବିର

**କଟକ ସଦର, ୧୯।୮ (ଡି.ଏନ୍.ଏ.):** ୪୨ ମୌଜା ଅନ୍ତର୍ଗତ ସୁଦର୍ଶନ ମହାବିଦ୍ୟାଳୟରେ ରବିବାର ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋଟାରୀ କ୍ଲବର ଚକ୍ଷୁ ବିଶେଷଜ୍ଞମାନେ ୩୯ ଜଣ ରୋଗୀଙ୍କୁ ଚିହ୍ନଟ କରିଥିଲେ। ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପରିଡା ଓ ପ୍ରୋଗ୍ରାମ ଅଫିସର ସ୍ୱାଧୀନ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସୋମବାର ଚିହ୍ନଟ ବ୍ୟକ୍ତିଙ୍କ କଟକ ରୋଟାରୀ ଚକ୍ଷୁ ଶିବିରରେ ଅସ୍ତ୍ରୋପଚାର କରାଯିବାର କାର୍ଯ୍ୟକ୍ରମ ରହିଛି।

■ ଆଇନଶୃଙ୍ଖଳା ନାଁରେ ବର୍ବରତା

# ପୋଲିସ ମାଡ଼ରେ ଦୁଇ ଟ୍ୟାକ୍ସି ଡ୍ରାଇଭରଙ୍କ ହାତ, ଗୋଡ଼ ଭାଙ୍ଗିଲା

**ଭୁବନେଶ୍ୱର, ୧୯।୮ (ବ୍ୟୁରୋ)**




ମାଡ଼ରେ ହାତ ଭାଙ୍ଗିଥିବା ଡ୍ରାଇଭର।

■ ଜୀବନ ବିକଳରେ ଦୌଡ଼ିଲେ ଅନ୍ୟ ଡ୍ରାଇଭର

■ ୨ ହଜାର ପାଇବା ପରେ ଶାନ୍ତ ହେଲା ପୋଲିସ

■ ପିସିଆର୍ ଗାଡ଼ି ନଂ.୨୮ରେ ଆସିଥିଲେ

ଏୟାରପୋର୍ଟ ପାର୍କିଂ ସ୍ଥଳରେ ରବିବାର ଅପରାହ୍ନରେ ଦେଖିବାକୁ ମିଳିଥିଲା କମିଶନରେଟ ପୋଲିସର ବର୍ବରତା। କେତେଜଣ ପିସିଆର୍ ପୋଲିସ ପାଇପ୍ ଧରି ପାର୍କିଂସ୍ଥଳରେ ଥିବା ଗାଡିର ଡ୍ରାଇଭରମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟୁଥିଲେ। ପ୍ରାଣ ବିକଳରେ ଅନ୍ୟମାନେ ଦୌଡି ପଳାଇଥିବାବେଳେ ପୋଲିସ ହାବୁଡ଼ରେ ପଡିଯାଇଥିଲେ ଦୁଇଜଣ ଟ୍ୟାକ୍ସି ଡ୍ରାଇଭର। ପୋଲିସ ସେମାନଙ୍କୁ ଘେରିଯାଇ ପାଇପ୍‌ରେ ନିର୍ଘାତ ପିଟିବା ସହ ଗୋଇଠା ଓ ମୁଥ ମାରିଥିଲା। ଶେଷରେ ଟଙ୍କା ପାଇବା ପରେ ସେଠାରୁ ପଳାଇଥିଲା। ହେଲେ ସେତେବେଳକୁ ଦୁଇ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଅନ୍ୟ ଡ୍ରାଇଭରମାନେ ପହଞ୍ଚି ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ମାଡ଼ରେ ଆହତ ହୋଇଥିବା ଦୁଇ ଟ୍ୟାକ୍ସି ଡ୍ରାଇଭର ହେଲେ ସତ୍ୟବ୍ରତ ପାତ୍ର ଓ ମଳୟ ସାମଲ। ସତ୍ୟବ୍ରତଙ୍କ ଡାହାଣ ହାତ ଓ ମଳୟଙ୍କ ବାମ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡିଛି। ସକାଳେ ଜୋନ୍-୬ରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଲୋକଙ୍କ ବିଶ୍ୱାସଭାଜନ ହେବାକୁ ପୋଲିସ-ଜନତା ସମ୍ପର୍କ ଶିବିରର ଆୟୋଜନ କରିଥିଲେ। ହେଲେ ଅପରାହ୍ନରେ ଜୋନ୍-୨ ଅନ୍ତର୍ଗତ ଏୟାରଫିଲ୍ଡ ଥାନା ପୋଲିସ ଦେଖାଇଥିଲା ନିଜର ଅସଲ ରୂପ।

ଏୟାରଫିଲ୍ଡ ଥାନାଞ୍ଚଳର ସତ୍ୟବ୍ରତ ଓ ମଳୟ ଟାକ୍ସି ଚଳାନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରତିଦିନ ପରି ରବିବାର ସେମାନେ ଏୟାରପୋର୍ଟ ପାର୍କିଂ ସ୍ଥଳରେ ଗାଡ଼ି ଲଗାଇଥିଲେ। ଅପରାହ୍ନ ପ୍ରାୟ ୫ଟା ୩୦ରେ ସେଠାରେ ଏୟାରଫିଲ୍ଡ ଥାନାର ପିସିଆର୍ ନଂ-୨୮ ପହଞ୍ଚିଥିଲା। ଜଣେ ଏସ୍‌ଆଇ ପିସିଆର୍ ଭ୍ୟାନ୍‌ରୁ ଓହ୍ଲାଇ କ'ଣ ପାଇଁ ଏଠାରେ ଗାଡ଼ି ଲଗାଇଛ ବୋଲି କହି ଏକ ପ୍ଲାଷ୍ଟିକ ପାଇପ୍ ଧରି ପିଟିବାକୁ ଗୋଡ଼ାଇ ଆସିଥିଲେ। ସେଠାରେ ଗାଡି ଲଗାଇଥିବା ଅନ୍ୟ ଡ୍ରାଇଭରମାନେ ଭୟରେ ଦୂରକୁ ପଳାଇଥିଲେ। ହେଲେ ହାବୁଡ଼ରେ ପଡିଯାଇଥିବା ମଳୟ ଓ ସତ୍ୟବ୍ରତଙ୍କୁ ନିର୍ଘାତ ମାଡ ମାରିଥିଲେ। ଏପରିକି ସେମାନଙ୍କର କ'ଣ ଦୋଷ ବୋଲି ପଚାରିବାକୁ ସୁଯୋଗ ଦେଇ ନ ଥିଲେ। ଟଙ୍କା କ'ଣ ପାଇଁ ଦେବୁ ବୋଲି କହିବାରୁ ସମସ୍ତେ ଘେରିଯାଇ ନିସ୍ତୁକ ମାଡ଼ ମାରିବା ପରେ ଗାଡ଼ିକୁ ଥାନାକୁ ନେବାକୁ ଧମକ ଦେଇଥିଲେ। ଟଙ୍କା ପାଇବା ପରେ ଚୁପ୍‌ଚାପ୍ ଚାଲିଯାଇଥିଲା ପିସିଆର୍ ପୋଲିସ। ରାଜଧାନୀରେ ଦାଦାବଟି ପାଇଁ ଅପରାଧ ବଢ଼ି ଚାଲିଥିବାବେଳେ ଏଠାରେ ପୋଲିସ ନିଜେ ବଟି ପାଇଁ ମାଡ଼ମାରି ଗୋଡ଼ ଭାଙ୍ଗିବା ଘଟଣା ଲୋକଙ୍କ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଦେବୀ ଶଙ୍କର ପ୍ରତାପଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ହୋଇ ନ ଥିବାରୁ କ'ଣ ହୋଇଛି ମୁଁ ଜାଣିନି। ମୁଁ ଉକ୍ତ ପିସିଆର ଭ୍ୟାନରେ ଡ୍ୟୁଟିରେ ଥିବା ସମ୍ପୃକ୍ତ ଅଫିସରକୁ ପଚାରୁଛି। ଯଦି ଘଟଣା ସତ୍ୟ ହୋଇଥାଏ ତେବେ ତାହା ସାଂଘାତିକ। ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



ହାଇକୋର୍ଟର ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ଫେରୁଛନ୍ତି।

**କୋଣାର୍କ, ୧୯।୮ (ଡି.ଏନ୍.ଏ.)**

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ଏହା ସହ ପର୍ଯ୍ୟଟନସ୍ଥଳୀ ରାମଚଣ୍ଡୀ ଓ ଚନ୍ଦ୍ରଭାଗା ବେଳାଭୂମିକୁ ବୁଲି ଦେଖିଥିଲେ। ମୁଖ୍ୟ ବିଚାରପତି ଜଷ୍ଟିସ୍ ଝାବେରୀ ରବିବାର ସକାଳ ୭ଟାରେ ସୂର୍ଯ୍ୟମନ୍ଦିରରେ ପହଞ୍ଚିଥିଲେ। ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାସ ଚନ୍ଦ୍ର ମହାନ୍ତି ମୁଖ୍ୟ ବିଚାରପତିଙ୍କୁ ମନ୍ଦିରର ଐତିହ୍ୟ, କଳା, ସଂସ୍କୃତି ଓ ପ୍ରାଚୀନ ମନ୍ଦିର ସମ୍ବନ୍ଧୀୟ ଇତିହାସ ସମ୍ପର୍କରେ ବୁଝାଇଥିଲେ। ପରେ ପରେ ଚନ୍ଦ୍ରଭାଗା ବେଳାଭୂମିରେ ଚାଲି ଚାଲି ସମୁଦ୍ରର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ଶେଷରେ ସେ ଶକ୍ତିପୀଠ ରାମଚଣ୍ଡୀଠାରେ ମା' ରାମଚଣ୍ଡୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଗସ୍ତ ସମୟରେ ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ପୁରୀ ଜିଲାଜଜ୍ ଅମ୍ବୁଜ ମୋହନ ଦାଶ, କୋଣାର୍କ ଜେଏମ୍‌ଏଫ୍‌ସି ଦେଶପ୍ରିୟ ବାରିକ, ଗୋପ ତହସିଲଦାର ଦୁର୍ଗାଚରଣ ମୁର୍ମୁ, ନିମାପଡ଼ା ଏସ୍‌ଡିପିଓ ନିରଞ୍ଜନ ପାଢୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜ କାନ୍ତ ପ୍ରଧାନ ଓ କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




କେରଳ ବନ୍ୟା ବିଭୀଷିକାଙ୍କୁ ନେଇ ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ନବୀନଙ୍କ ବିରୋଧରେ ପ୍ରଚାର କରି ନ ଥିଲେ କଂଗ୍ରେସ, ଭାଜପା: ଖାରବେଳ

**କଟକ ଅଫିସ, ୧୯।୮**

ଆସନ୍ତା ୨୦୧୯ ସାଧାରଣ ନିର୍ବାଚନରେ କଟକ ଜିଲାର ସମସ୍ତ ବିଧାନସଭା ଆସନ ଏବଂ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଦେବ ଉତ୍କଳ ଭାରତ। ରବିବାର ଏ ନେଇ ପ୍ରାଥମିକ ପ୍ରସ୍ତୁତି ନିମନ୍ତେ କଟକର କେତେଜଣ ବୁଦ୍ଧିଜୀବୀଙ୍କୁ ଭେଟି ବ୍ୟକ୍ତିଗତ ଭାବେ ଆଲୋଚନା କରିଥିବା କଥା କହିଛନ୍ତି ଉତ୍କଳ ଭାରତ ସଭାପତି ତଥା ପୂର୍ବତନ ଏମ୍‌ପି ଏମ୍.ବି. ଐର ଖାରବେଳ ସ୍ୱାଇଁ। ସ୍ୱାଇଁଙ୍କ କହିବା ଅନୁଯାୟୀ, ଖାଲି କଟକ କାହିଁକି ସାରା ରାଜ୍ୟରେ ନବୀନ ବିରୋଧୀ ସ୍ୱର ରହିଛି। ହେଲେ ଏହି ସ୍ୱରର ନେତୃତ୍ୱ ନେବାକୁ କେହି ନାହାନ୍ତି। ଉତ୍କଳ ଭାରତ କିନ୍ତୁ ଏହାର ନେତୃତ୍ୱ ନେବ। ସେ ଅଭିଯୋଗ କରିଛନ୍ତି, ଗତ ନିର୍ବାଚନ ସମୟରେ ୨ଟି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ ଏବଂ ଭାଜପା ନବୀନଙ୍କ ବିରୋଧରେ ପଚାର କରି ନ ଥିଲେ। ଭାଜପା କେବଳ କେନ୍ଦ୍ରରେ ମୋଦିଙ୍କୁ ଭୋଟ ଦେବାକୁ କହୁଥିଲାବେଳେ ପ୍ରଚାରରେ କଂଗ୍ରେସର ଗୋଷ୍ଠୀ କନ୍ଦଳ ସ୍ପଷ୍ଟ ବାରିହୋଇପଡୁଥିଲା ବୋଲି ସ୍ୱାଇଁ କହିଛନ୍ତି। ଏନେଇ ବିଜେଡି ନେତା ସୁବାସ ସିଂ କହିଛନ୍ତି, ପୂର୍ବତନ ଏମ୍‌ପି ହୋଇଥିଲେ ମଧ୍ୟ ଖାରବେଳ ସ୍ୱାଇଁ ବାସ୍ତବତାଠାରୁ ବହୁ ଦୂରରେ। ଜନକଲ୍ୟାଣ ଯୋଜନା ଆଣିବାରେ ଏବଂ ଏହାକୁ ସଫଳ କରାଇବାରେ ବିଜେଡି ସବୁଠାରୁ ଆଗରେ। ତେଣୁ ଜନମତ ନିଃସନ୍ଦେହ ବିଜେଡି ସପକ୍ଷରେ ଯିବ। ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, କୌଣସି ଦଳ ବିରୋଧରେ ଅଭିଯୋଗ କରି ନୁହେଁ, ଭାଜପା ବିକାଶର ବାର୍ତ୍ତା ନେଇ ନିର୍ବାଚନବେଳେ ଲୋକଙ୍କ ପାଖକୁ ଯିବ। ଖାରବେଳ ସ୍ୱାଇଁ ଯାହା କହୁଛନ୍ତି ତାହା ତାଙ୍କ ଚିନ୍ତାଧାରା। ସାଲେପୁର ବିଧାୟକ ପ୍ରକାଶ ବେହେରା କହିଛନ୍ତି ଯେ, କଂଗ୍ରେସ୍‌ରେ ଗୋଷ୍ଠୀ କନ୍ଦଳ କେବେ ଥିଲା। ହେଲେ ଏବେ ଆମେ ସମସ୍ତେ ଏକଜୁଟ୍। ନବୀନ ପଟ୍ଟନାୟକଙ୍କ ବିରୋଧରେ ଆମେ ଲଢ଼ିବାକୁ ପ୍ରସ୍ତୁତ।

## ଓଭରବ୍ରିଜ୍ ତଳେ ବସ୍ ଚଳାଚଳ କରିବାକୁ ଦାବି

**ଟକ ଅଫିସ, ୧୯।୮**

**ବରିଷ୍ଠ ନାଗରିକ ବୈଠକ**

ଜିଲା ଆଇନ ସେବା ପ୍ରାଧିକରଣ ଓ ସିନିୟର ସିଟିଜେନ୍ ସିକ୍ୟୁରିଟି ସେଲ୍ ଏବଂ ଜଗତ୍‌ପୁର ପୋଲିସର ମିଳିତ ସହଯୋଗରେ ରବିବାର ଜଗତ୍‌ପୁରଠାରେ ଥିବା ଶିଳ୍ପସଂଘ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକଙ୍କ ସହ ଆଲୋଚନା ଓ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ କଟକ ଜିଲା ଜଜ୍ ସତ୍ୟ ନାରାୟଣ ମିଶ୍ର, କଟକ ଡିସିପି ଅଖିଳେଶ୍ୱର ସିଂ, ସ୍ଥାନୀୟ ଏସିପି ତ୍ରିନାଥ ମିଶ୍ର ଯୋଗଦେଇ ଲୋକମାନଙ୍କର ଅଭିଯୋଗ ଶୁଣିଥିଲେ। ଜଗତ୍‌ପୁର ଓଭର ବ୍ରିଜ୍ ଦେଇ ବସ୍‌ଗୁଡିକ ଚଳାଚଳ କରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଥିଲେ। ଫଳରେ ସ୍ଥାନୀୟ ଲୋକେ କୌଣସି ସ୍ଥାନକୁ ଯିବା ପାଇଁ ହେଲେ ବ୍ରିଜ୍ ଆରମ୍ଭ ହୋଇଥିବା ସ୍ଥାନକୁ ଯିବାକୁ ପଡୁଛି। ଏଥିଯୋଗୁ ସମସ୍ୟା ହେଉଛି। ତେଣୁ ଓଭର ବ୍ରିଜ୍ ତଳେ ବସ୍ ଚଳାଚଳ କରିବାକୁ ଦାବି ସେମାନେ ଦାବି କରିଥିଲେ। ଏଥିସହିତ ଜଗତ୍‌ପୁର ଛକରେ ରାତି ହେଲେ ଅସାମାଜିକ ଲୋକମାନଙ୍କର ଭିଡ ଜମୁଥିବା ମଧ୍ୟ ଅଭିଯୋଗ ହୋଇଥିଲା। ହସ୍ପିଟାଲ, ରେଳ ଷ୍ଟେଶନ, ବ୍ୟାଙ୍କ ଭଳି ସ୍ଥାନରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ନ ଥିବା ନେଇ କେତେଜଣ ବୟସ୍କ ବ୍ୟକ୍ତି ଅଭିଯୋଗ କରିଥିଲେ। ତେବେ ଏହି ସମସ୍ତ ଅଭିଯୋଗ ଶୁଣିବା ପରେ ଡିସିପି ଏବଂ ଜଜ୍ ସମସ୍ୟାର ସମାଧାନ କରିବା ପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଜଗତ୍‌ପୁର ଥାନାଧିକାରୀ ବିରଞ୍ଚି ନାରାୟଣ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଅଞ୍ଚଳର ବୟସ୍କ ବ୍ୟକ୍ତି ଓ ଶତାଧିକ ଜନସାଧାରଣ ଯୋଗଦେଇଥିଲେ।

### ଇଦ୍-ଉଲ୍-ଜୁହା ପାଳନ ପ୍ରସ୍ତୁତି ବୈଠକ

**କଟକ ଅଫିସ, ୧୯।୮**

ଆସନ୍ତା ୨୨ ତାରିଖରେ ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ପାଳନ କରାଯିବ। ଏହି ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ କଟକ କମିଶନରେଟ ପୋଲିସ ପକ୍ଷରୁ ପ୍ରସ୍ତୁତିଆରମ୍ଭ ହୋଇଛି। ଏଥିପାଇଁ କଟକର ସମସ୍ତ ଥାନା ଅଧିକାରୀ, ଏସିପି ଏବଂ ଡିସିପି ଅଖିଳେଶ୍ୱର ସିଂଙ୍କୁ ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବ ପାଳନ ପରିପ୍ରେକ୍ଷୀରେ ମୋଟ୍ ୧୭ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ପାଇଁ ନିଷ୍ପତ୍ତି ନିଆଯାଇଛି। କଟକରେ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ଥିବାବେଳେ ଆଉ ୧୨ ପ୍ଲାଟୁନ୍ ଫୋର୍ସ ଯୋଗାଇ ଦେବାକୁ ଡିଜିପିଙ୍କୁ ଡିସିପି ସିଂ ଚିଠି ଲେଖିଛନ୍ତି।

### ଡ୍ରିମ୍‌ସରେ ଜାତୀୟ ଆଲୋଚନାଚକ୍ର

**କଟକ ଅଫିସ, ୧୯।୮**

ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ସିଭିଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର କ୍ୟାମ୍ପସ ପରିସରରେ ଥିବା ରାଣୀଦେବୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ସିଭିଲ ଇଞ୍ଜିନିୟରିଂ ଗବେଷଣା କ୍ଷେତ୍ରରେ ନୂତନ ଧାରା ବିଷୟବସ୍ତୁ ଉପରେ ଆୟୋଜିତ ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟବାହାର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଏବଂ ଗବେଷକମାନେ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରାଧ୍ୟାପକ ଡ. କୀର୍ତ୍ତିକାନ୍ତ ସାହୁ ଓ ପ୍ରଫେସର ସଙ୍କେତ ନାୟକ ଯୋଗଦେଇ ସମ୍ପ୍ରତି ସିଭିଲ ଇଞ୍ଜିନିୟରିଂର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଏ କ୍ଷେତ୍ରରେ ଗବେଷଣାର ଧାରା ମଧ୍ୟ ଅଧିକ ବ୍ୟାପକ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଏସ୍.ଜେଡ ଖାନ ସ୍ୱାଗତ ଭାଷଣ ପ୍ରଦାନ ଓ ପ୍ରାଧ୍ୟାପକ ବିପିନ ବିହାରୀ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧ୍ୟାପିକା ତପତୀ ତପସ୍ୱିତା ବାରିକ, ସୌରସ୍ନିଗ୍ଧା ମହାପାତ୍ର, ବିଶ୍ୱଜିତ୍ ଜେନା ପ୍ରମୁଖ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ।

■ ସମସ୍ୟା ଘେରରେ ମୂଳିଆକଲୋନୀ ବାସିନ୍ଦା

# ସର୍ତ୍ତ ପୂରଣରେ ସିଏମ୍‌ସିର ପଛଘୁଞ୍ଚା, ଆନ୍ଦୋଳନ ଚେତାବନୀ

**କଟକ ଅଫିସ, ୧୯।୮**

କଟକ ମହାନଗର ନିଗମ (ସିଏମ୍‌ସି)ର ୩୬ ନମ୍ବର ୱାର୍ଡରେ ରହିଛି ମୂଳିଆକଲୋନୀ। ଏହି କଲୋନୀ ବାସିନ୍ଦା ଏବେ ସିଏମ୍‌ସି ପକ୍ଷରୁ ଅବହେଳାର ଶିକାର ହୋଇଆସୁଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଜୋର ଧରିଛି। ମିଳିଥିବା ସୂଚନା ଅନୁଯାୟୀ, କଲୋନୀ ପକ୍ଷରୁ ବିନାଶୁଳ୍କରେ ସିଏମ୍‌ସିକୁ କିଛି ଜମି ପ୍ରଦାନ କରାଯାଇଥିଲା। ଏହା ବଦଳରେ ସିଏମ୍‌ସି ସମସ୍ତ ପ୍ରକାର ମୌଳିକ ସୁବିଧାସୁଯୋଗ କଲୋନୀ ବାସିନ୍ଦାଙ୍କୁ ଯୋଗାଇ ଦେବ ବୋଲି ସର୍ତ୍ତ ରଖାଯାଇଥିଲା। ଏହି ସର୍ତ୍ତରେ ସିଏମ୍‌ସି କର୍ତ୍ତୃପକ୍ଷ ରାଜି ହୋଇଥିଲେ। ହେଲେ ଏହି ସର୍ତ୍ତ ପାଳନ କରିବାରେ ସିଏମ୍‌ସି କର୍ତ୍ତୃପକ୍ଷ ପଛଘୁଞ୍ଚା ଦେଉଛନ୍ତି। ସିଏମ୍‌ସି ସୁବିଧାସୁଯୋଗ ଯୋଗାଇ ଦେବା ତ ଦୂରର କଥା ଦୀର୍ଘମାସ ଧରି କଲୋନୀ ବାସିନ୍ଦା ନର୍ଦ୍ଦମା ଜଳରେ ଘାଣ୍ଟି ହେଉଥିଲେ ମଧ୍ୟ ଏ ଦିଗରେ ଦୃଷ୍ଟି ଦେଉନାହିଁ। ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇ କଲୋନୀ ବାସିନ୍ଦାଙ୍କ ପକ୍ଷରୁ ରବିବାର ପୂର୍ବାହ୍ନରେ ଉକ୍ତ କଲୋନୀରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

ମୂଳିଆକଲୋନୀ ସମେତ ନିକଟସ୍ଥ ନମୁନାଲେନ୍, ମିନି ନମୁନାଲେନ୍ ଓ ରକ୍ସିଲେନ୍‌ରେ ପ୍ରାୟ ୫ହଜାର ଜନସାଧାରଣ ରୁହନ୍ତି। କିଛିବର୍ଷ ପୂର୍ବେ ଘର ତିଆରି ହୋଇ ନ ଥିବାରୁ ଏକ ବିରାଟ ନାଳ ଦେଇ ଉକ୍ତ ଅଞ୍ଚଳଗୁଡ଼ିକର ନର୍ଦ୍ଦମା ପାଣି ନିଷ୍କାସନ ହେଉଥିଲା। ପରେ ସିଏମ୍‌ସି ପକ୍ଷରୁ ସିମେଣ୍ଟରେ ଏକ ନାଳ ତିଆରି କରାଯାଇଥିଲା। ହେଲେ ଏହି ନାଳକୁ ନିକଟରେ ଥିବା ମୁଖ୍ୟନାଳ ସହ ସଂଯୋଗ ନ କରାଯିବାରୁ ପାଣି ଠିକ୍ ଭାବେ ନିଷ୍କାସନ ହୋଇନାରୁନାହିଁ। ଫଳରେ କଲୋନୀ ସମେତ ନିକଟରେ ଥିବା ଅନ୍ୟ ସ୍ଥାନଗୁଡ଼ିକରେ ନଳାପାଣି ଜମା ହୋଇ ରହୁଛି। ବର୍ଷା ହେଲେ ଲୋକମାନେ ନାଳପାଣି ଜନିତ ସମସ୍ୟାରେ ଘାଣ୍ଟି ହେଉଛନ୍ତି। ପୂର୍ବରୁ ଜିଲାପାଳ, ତହସିଲଦାର, ସିଏମ୍‌ସି ଡେପୁଟି ମେୟରଙ୍କ ସମେତ ସିଏମ୍‌ସିର ବରିଷ୍ଠ ଅଧିକାରୀମାନେ ଉକ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ହେଲେ ଏପର୍ଯ୍ୟନ୍ତ କଲୋନୀ ବାସିନ୍ଦାଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରାଯାଇପାରିନାହିଁ। ନଳାପାଣି ନିଷ୍କାସନ ପାଇଁ ପ୍ରତିଦିନ ୫ଟି ପମ୍ପ ଓ ୪ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଫଳରେ ସରକାରୀ କୋଷରୁ ପ୍ରତ୍ୟେହ ୧୦ହଜାର ଟଙ୍କା କେବଳ ଏହି ବାଟରେ ଖର୍ଚ୍ଚ ହେଉଛି ବୋଲି ଜଣାପଡିଛି। ଏହି ସମ୍ମିଳନୀରେ ପୂର୍ବତନ ଅତିରିକ୍ତ ଉପନଗରପାଳ ସ୍ମିତା ମୂଳିଆ, ବୀରବର ଖୁଣ୍ଟିଆ, ଅସୀମ କୁମାର ବରାଳ, ନନ୍ଦ କିଶୋର ନାୟକ, ବାଉରୀବନ୍ଧୁ ପରିଡା, ଶରତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ୟା ସମ୍ପର୍କରେ ମେୟର ମୀନାକ୍ଷୀ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଅନ୍ୟପକ୍ଷରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ କୁହନ୍ତି, ମୂଳିଆକଲୋନୀ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ।




କଟକ ଖାନନଗର କାଳୀଭବନରେ ରବିବାର ଅନୁଷ୍ଠିତ ଓଡ଼ିଶା ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରିଣୀ ପରିଷଦ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।



"ଜନନୀ ଓ ଜନ୍ମଭୂମି ସରଗଠୁ ବଡ଼।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଟାଙ୍ଗୀ (ଖୋର୍ଦ୍ଧା) ୧୯।୮ (ଡି.ଏନ.ଏ.):** ଚିଲିକା ବ୍ଲକର ମୁଣ୍ଡାଳ ଗ୍ରାମରେ ଶନିବାର ବିଳମ୍ବିତ ରାତ୍ରିରେ ସାପ କାମୁଡାରେ ଅର୍ନଦା ପ୍ରଧାନ(୩୦)ଙ୍କର ମୃତ୍ୟୁ ହୋଇଛି। ଖଟରେ ଶୋଇଥିଲାବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ତାଙ୍କୁ ପରିବାର ଲୋକେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ବ୍ଲକସ୍ତରୀୟ ମୋ ସ୍କୁଲ କାର୍ଯ୍ୟକ୍ରମର ସମୀକ୍ଷା

**ଖୋର୍ଦ୍ଧା ଅଫିସ,୧୯।୮:** ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାର ଖୋର୍ଦ୍ଧା ବ୍ଲକସ୍ତରୀୟ ମୋ ସ୍କୁଲ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ପୂର୍ତ୍ତ ବିଭାଗର ଡାକବଙ୍ଗଳା ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଙ୍ଗୁର ଶିକ୍ଷା ସଦନର ପ୍ରଧାନ ଶିକ୍ଷକ ଗୌରହରି ମିଶ୍ର ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ଖୋର୍ଦ୍ଧା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୈଦ୍ୟନାଥ ସାହୁ, ବିଜେବି ହାଇସ୍କୁଲର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପରମଗୁରୁ, ଜିଲା ଯୋଜନା କମିଟିର ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସଚିବ ଗଗନ ବିହାରୀ ସାହୁ ଉପସ୍ଥିତ ଥିଲେ। ବୈଠକରେ ଖୋର୍ଦ୍ଧା ବ୍ଲକର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ସିଆରସିସି, ଶିକ୍ଷକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ମୋ ସ୍କୁଲ ଭଳି ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ କରିବା ଓ ଖୋର୍ଦ୍ଧା ବ୍ଲକକୁ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇବାକୁ ଶିକ୍ଷୟିତ୍ରୀଶିକ୍ଷକ ଅଧିକ କ୍ରିୟାଶୀଳ ହେବାକୁ ବିଧାୟକ ସାହୁ ପରାମର୍ଶ ଦେଇଥିଲେ। ସାଧନ କେନ୍ଦ୍ର ସଂଯୋଜକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

### ଚଳନ୍ତା ଟ୍ରେନରୁ ପଡି ଯାତ୍ରୀଙ୍କ ମୃତ୍ୟୁ

**ଟାଙ୍ଗୀ (ଖୋର୍ଦ୍ଧା) ୧୯।୮ (ଡି.ଏନ.ଏ.):** ପୂର୍ବତଟ ରେଳପଥର ମୁକ୍ତେଶ୍ୱର ଷ୍ଟେଶନରେ ଚଳନ୍ତା ଟ୍ରେନ୍‌ରୁ ପଡି ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ। ମୃତଦେହ ପ୍ଲାଟଫର୍ମ ଉପରେ ପଡି ରହିଥିଲେ ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ନିରାକାରପୁର ରେଲୱେ ପୋଲିସ ପହଁଚ୍ଚି ନ ଥିବାରୁ ପଞ୍ଚନାମା ହୋଇ ପାରି ନାହିଁ।

### ଗୁରୁଜଙ୍ଗରେ ବୃକ୍ଷରୋପଣ

**ଖୋର୍ଦ୍ଧା ଅଫିସ,୧୯।୮:** ଖୋର୍ଦ୍ଧା ବିଜୁ ଯୁବ ବାହିନୀ ପକ୍ଷରୁ ଗୁରୁଜଙ୍ଗ ପଡିଆରେ ୨୦୦ ଚାରା ରବିବାର ରୋପଣ କରାଯାଇଛି। ପୌର ପରିଷଦର ଉପାଧ୍ୟକ୍ଷ ସଞ୍ଜୟ ସିଂଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ସହରକୁ ସବୁଜ ବନାନୀ ଭାବେ ଗଢି ତୋଳିବା ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି।

## ବେଗୁନିଆରେ ଡେଙ୍ଗୁ ରୋଗୀ ଚିହ୍ନଟ

# ପହଞ୍ଚିଲେନି ଡାକ୍ତରୀ ଦଳ

**ବେଗୁନିଆ,୧୯।୮ (ଡି.ଏନ.ଏ.)**



- ସଂଗ୍ରହ ହେଲାନି ରକ୍ତ ନମୁନା
- ପରିମଳ ବ୍ୟବସ୍ଥା ଦୟନୀୟ, ଡେଙ୍ଗୁ ବ୍ୟାପିବା ଆଶଙ୍କା
- ଦୁଇ ଦିନ ହେଲା ଚିକିତ୍ସିତ ହେଉଛନ୍ତି ରୋଗୀ

ଚଳିତବର୍ଷ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ଟିକେ ହେଲେ ବି ତତ୍ପରତା ଦେଖାଉନାହିଁ। ଗାଁ ଗାଁରେ ଡେଙ୍ଗୁ, ଝାଡାବାନ୍ତି, ମ୍ୟାଲେରିଆ ରୋଗର କାରଣ ଓ ନିରାକରଣ ସମ୍ପର୍କରେ କୌଣସି ସଚେତନତା ସୃଷ୍ଟି କରାଯାଉନାହିଁ। ସବୁଠି ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଏବେ ବର୍ଷା ଋତୁ ଚାଲିଛି। ଆଗାମୀଦିନରେ ଡେଙ୍ଗୁ ଓ ସ୍ୱାଇନ ଫ୍ଲୁ ରୋଗ ବ୍ୟାପିବା ଆଶଙ୍କା କରାଯାଉଛି।

ପ୍ରକାଶଥାଉ କି ପ୍ରତିବର୍ଷ ବର୍ଷା ଋତୁ ଆସିଲେ ବ୍ଲକ ଅଞ୍ଚଳରେ ଡେଙ୍ଗୁ ଓ ସ୍ୱାଇନ ଫ୍ଲୁ ରୋଗରେ ଲୋକେ ପୀଡିତ ହୋଇଥାନ୍ତି। ପୂର୍ବବର୍ଷ ମଧ ସ୍ୱାଇନ ଫ୍ଲୁରେ ୭ ଜଣ ଓ ଡେଙ୍ଗୁ ରୋଗରେ ୧୧ ଜଣ ଆକ୍ରାନ୍ତ ହୋଇଥିଲେ। ପ୍ରତିକାର ପାଇଁ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବା କଥା। ମାତ୍ର ଏହି ଅଞ୍ଚଳରେ କାର୍ଯ୍ୟରତ ଥିବା ସ୍ୱାସ୍ଥ୍ୟକର୍ମୀମାନଙ୍କର ପଦବୀ ପୂରଣ ହୋଇରହିଛି। ହେଲେ ସେମାନେ ନିଯୁକ୍ତି ପାଇଥିବା ନିଜ ନିଜର ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ଛାଡି ଭୁବନେଶ୍ୱର, କଟକରେ ରହି ବ୍ୟବସାୟ ଚଳାଉଥିବା ଅଭିଯୋଗ ହେଉଛି। ହେଲେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ପାଖରେ ଏ ସମ୍ପର୍କରେ ଖବରଥାଇ ମଧ କୌଣସି ପଦକ୍ଷେପ ନେଇ ପାରୁନାହାନ୍ତି। ଏହା ତଦନ୍ତ ସାପେକ୍ଷ ବୋଲି ଜନସାଧାରଣ ଅଭିଯୋଗ କରୁଛନ୍ତି। ତେବେ ଗୁରୁତର ରୋଗରେ ଲୋକେ ପୀଡିତ ହେଲେ ଗାଁରେ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁନାହିଁ। ଦୂରଦୂରାନ୍ତକୁ ଯାଇ ହନ୍ତସନ୍ତ ହେଉଛନ୍ତି। ଏ କ୍ଷେତ୍ରରେ ମଧ ବଡବେରଣା ଗ୍ରାମର ନିଖିଳ ମହାପାତ୍ର ନାମକ ଜଣେ ଯୁବକ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମାତ୍ର ୨ ଦିନ ବିତିଯାଇଥିଲେ ମଧ ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ପରିବାର ଲୋକଙ୍କୁ ଏଯାଏ ଡାକ୍ତରୀ ଦଳ ଭେଟି ନାହାନ୍ତି କି ଗାଁରେ ପ୍ରତିକାର ପାଇଁ କୌଣସି ପଦକ୍ଷେପ ମଧ ନେଉ ନାହାନ୍ତି। କେବଳ ଆଶାକର୍ମୀମାନଙ୍କ ଦ୍ୱାରା ଖୋଲା କୂଅରେ ବ୍ଲିଚିଂ ପାଉଡର ସିଞ୍ଚନ ପରେ ସୀମିତ ହୋଇ ରହିଯାଇଛି। ସେହିପରି ଉକ୍ତ ଗ୍ରାମର ବସବାସ କରୁଥିବା ଜନସାଧାରଣଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ହେବା କଥା। ତାହା ମଧ ଏଯାବତ କରାଯାଇନାହିଁ। ଗାଁରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇରହିଛି। ଗାଁ କଲ୍ୟାଣ ସମିତି ମାଧ୍ୟମରେ ପରିମଳ ସଫା ସୁତୁରା କରିବାର ନିୟମ ରହିଛି। ହେଲେ ତାହା କରାଯାଉନାହିଁ। ଯଦି ଆଗାମୀଦିନରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସଜାଗ ନ ହେବ ତେବେ ରୋଗୀଙ୍କ ସଂଖ୍ୟା ବଢିବାର ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସା ଅଧିକାରୀ ତନ୍ମୟ ତ୍ରିପାଠୀ କୁହନ୍ତି, ବଡବେରଣା ଗ୍ରାମରେ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛି। ଆଗକୁ ଆଉ ଏହି ରୋଗ ବ୍ୟାପକ ହେବା ପାଇଁ ଆମ ବିଭାଗ ପକ୍ଷରୁ ସୁଯୋଗ ଦେବୁନାହିଁ। କର୍ମଚାରୀ ଅନୁପସ୍ଥିତ ରହୁଥିବା ଖବର ମୋ ପାଖକୁ ଆସିଛି। ସେମାନଙ୍କ ଉପରେ ପଦକ୍ଷେପ ନେବା ପାଇଁ ମୁଁ ସିଡିଏମଓଙ୍କ ପାଖକୁ ଚିଠି ମାଧ୍ୟମରେ ଜଣାଇ ଦେଇଛି।

## ବାର୍ଷିକ ଉତ୍ସବରେ କବିତା ପାଠ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା

# ବେଦରେ ରହିଛି ସାମାଜିକ ସମସ୍ୟାର ସମାଧାନ

**ଖୋର୍ଦ୍ଧା ଅଫିସ,୧୯।୮**





ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସମାଜ ଘଡ଼ିସନ୍ଧି ମୂହୂର୍ତ୍ତ ଦେଇ ଗତି କରୁଛି। ଏଥିପାଇଁ ସଂସ୍କାରର ଆବଶ୍ୟକତା ରହିଛି। ଯାହାର ଉତ୍ତର ବେଦ ଓ ଉପନିଷଦରେ ରହିଛି। ଏହାକୁ ଅନୁଧ୍ୟାନ କରି କାର୍ଯ୍ୟରେ ଲଗାଇଲେ ଜୀବନ ସୁରସ ସୁନ୍ଦର ହେବ ବୋଲି ଆମରି ସତ୍ୟ ପତ୍ରିକାର ୮ମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ବେଦ ବିଶାରଦ ପ୍ରିୟବ୍ରତ ଦାଶ କହିଛନ୍ତି। ପ୍ରାଣନାଥ ମହାବିଦ୍ୟାଳୟର ମୈତ୍ରୀ ସଦନରେ ଅନୁଷ୍ଠିତ ଉତ୍ସବରେ ଶମ୍ଭୋ ଦେବୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ଅସିତ ମହାନ୍ତି ଓ ଶିକ୍ଷାବିତ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗ ଦେଇଥିଲେ। ସମ୍ପାଦକ ପ୍ରସନ୍ନ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହଯୋଗୀ ସମ୍ପାଦକ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଅତିଥି ପରିଚୟ, ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କ ରଚିତ ସତ୍ୟବାଦୀର ପଞ୍ଚସଖା, ଡା. ଧନେଶ୍ୱର ସାହୁଙ୍କ ଚକ ଘୁରୁଛି, ସମୟ, ସ୍ୱାସ୍ଥ୍ୟ ସମ୍ବନ୍ଧରେ ଜାଣିବା କଥା, ନବୀନ ପାଠୀଙ୍କ ଉଦୟ ସୂର୍ଯ୍ୟ, ବିଭୁପ୍ରସାଦ ହରିଚନ୍ଦନଙ୍କ ଅନାବନା ଗୀତ ଓ ସ୍ୱର୍ଗତ ଦୁର୍ଯ୍ୟୋଧନ ସାମନ୍ତରାୟଙ୍କ ସହଜ ଇଂଲିଶ ବ୍ୟାକରଣ ଶିକ୍ଷା ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଡା. ଧନେଶ୍ୱର ସାହୁଙ୍କୁ ଆମରିସତ୍ୟ ସମ୍ମାନ, ଶିଶୁସାହିତ୍ୟିକ ରବୀନ୍ଦନାଥ ପ୍ରଧାନଙ୍କୁ ଆମରିସତ୍ୟ ସାରସ୍ୱତ ସମ୍ମାନ ଓ ଭବାନୀ ଶଙ୍କର ଦାଶଙ୍କୁ ଡା. ଧନେଶ୍ୱର ସାହୁ ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଛି।

## ପ୍ରତିଭା ସମ୍ମାନ ଉତ୍ସବ

**ନିରାକାରପୁର,୧୯।୮(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନିକଟସ୍ଥ ଗଡଶାରଦ ବାତ୍ୟା ଆଶ୍ରୟସ୍ଥଳୀରେ ନିଳିମା ମତଗଜସିଂହ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ହାଇସ୍କୁଲ ଓ ୮ମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ନଗଦରାଶି ସହିତ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବୈକୁଣ୍ଠନାଥ ମତଗଜସିଂହ ପୌରୋହିତ୍ୟ କରିଥିଲେ। ସ୍ଥାନୀୟ ସରପଞ୍ଚ ମାଧବ ବଳବନ୍ତରାୟ ମୁଖ୍ୟଅତିଥି ଓ କପିଳେଶ୍ୱର ଦକ୍ଷିଣ କବାଟ, ଲକ୍ଷ୍ମୀଧର ସାମନ୍ତରାୟ ଓ ଧନେଶ୍ୱର ଦଳ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଲଳିତ କୁମାର ଶତପଥୀ ମଞ୍ଚ ପରିଚାଳନା କରିଥିବାବେଳେ ଜୟ ମତଗଜସିଂହ ଧନ୍ୟବାଦ ଦେଇଥିଲେ।

# କିନ୍ନରଙ୍କ ଉତ୍ପାତ: ଛାତ୍ରଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇଲେ

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

ଖଣ୍ଡଗିରିରେ ଦିନକୁ ଦିନ କିନ୍ନରଙ୍କ ଉତ୍ପାତ ବଢିବାରେ ଲାଗିଛି। ପୂର୍ବରୁ ନାଗାବାବାଙ୍କୁ ସର୍ବ ସମ୍ମୁଖରେ ଉଲଗ୍ନ କରି ପିଟିବା ପରେ ରବିବାର ପୁଣି ସେମାନଙ୍କର ଆତଙ୍କ ଦେଖିବାକୁ ମିଳିଛି। ଦୁଇଜଣ ଛାତ୍ରଙ୍କୁ କିନ୍ନରମାନେ ଅଟକାଇ ଗାଡ଼ି ଓ ଟଙ୍କା ଛଡାଇବା ସହ ମାଡ଼ ମାରି ସେମାନଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ କିନ୍ନରଙ୍କ କାର୍ଯ୍ୟକଳାପକୁ ବିରୋଧ କରିବା ସହ ସେମାନଙ୍କୁ ମାଡ଼ ମାରିଥିଲେ। ଏଥିସହ ସେମାନଙ୍କର ଗୋଟିଏ ଗାଡିକୁ ମଧ ଜାଳି ଦେଇଛନ୍ତି। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ପହଞ୍ଚିଥିଲା। ସ୍ଥାନୀୟ ଲୋକେ କାବୁ କରିଥିବା ୪ଜଣ କିନ୍ନରଙ୍କୁ ପୋଲିସର ଜିମା ଦେଇଥିଲେ। ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି। ଏହାସହ ଲୋକଲଜ୍ଜା ଭୟରେ ଛାତ୍ର ଜଣକ ଫେରାର ହୋଇଯାଇଥିବାରୁ କିନ୍ନରଙ୍କ ବିରୋଧରେ ଅଭିଯୋଗ କରିବାକୁ କେହି ଥାନାକୁ ଆସି ନାହାନ୍ତି। ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରିବ ବୋଲି ଆଇଆଇସି ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି। ଅଟକ ଥିବା ୪ କିନ୍ନରଙ୍କ ନାମରେ ମାମଲା ରୁଜୁ କରାଯାଇ ସୋମବାର କୋର୍ଟ ଚାଲାଣ କରାଯିବ।

ରାତି ପ୍ରାୟ ୮ଟାରେ ଦୁଇ ଜଣ ଛାତ୍ର ଖଣ୍ଡଗିରି ପାଦ ଦେଶରେ ଥିବା ଓଟିଡିସି ପାର୍କିଂ ସ୍ଥଳକୁ ଆସିଥିଲେ। ସେଠାରେ ସେମାନଙ୍କର କିନ୍ନରଙ୍କ ସହ ବଚସା ହୋଇଥିଲା। ଫଳରେ କିନ୍ନରମାନେ ଉକ୍ତ ଛାତ୍ରଙ୍କ ବାଇକ୍ ଓ ଟଙ୍କା ଛଡାଇ ରଖି ସେମାନଙ୍କୁ ମାଡ଼ ମାରିଥିଲେ। କିନ୍ନରଙ୍କ ମାଡ଼ରେ ଜଣେ ଛାତ୍ରଙ୍କ ମୁଣ୍ଡ ଫାଟି ଯାଇଥିଲା। ଏ ସମ୍ପର୍କରେ ଅନ୍ୟ ଛାତ୍ର ଜଣକ ତାଙ୍କ ହଷ୍ଟେଲ ପିଲାଙ୍କୁ ଫୋନ କରି ଜଣାଇଥିଲେ। ଖବରପାଇ ଘଟଣାସ୍ଥଳକୁ ୧୫ରୁ ଊର୍ଦ୍ଧ୍ୱ ଯୁବକ ବାଇକ୍‌ରେ ଆସି କିନ୍ନରଙ୍କୁ ମାଡ଼ ମାରି ସେମାନେ ଛଡାଇ ରଖିଥିବା ବାଇକ୍‌କୁ ନେବା ସହ ଆହତ ଦୁଇ ଛାତ୍ରଙ୍କୁ ନେଇ ଯାଇଥିଲେ। ପରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇଯାଇଥିଲେ। ସେମାନେ କିନ୍ନରଙ୍କୁ ମାଡ଼ ମାରିବା ସହ ୪ଜଣଙ୍କୁ କାବୁ କରିଥିଲେ। ଏହାଛଡ଼ା କିନ୍ନରଙ୍କ ଗୋଟିଏ ସ୍କୁଟିକୁ ଜାଳି ଦେଇଥିଲେ। ସେଠାରେ ଥିବା ଅନ୍ୟ କିନ୍ନରମାନେ ଫେରାର ହୋଇଯାଇଥିଲେ। ସେଠାରୁ କିନ୍ନର ହାଟକୁ ହଟାଇବା ପାଇଁ ସ୍ଥାନୀୟ ଲୋକେ ଦାବି କରି ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।



ବିଜେଡି କର୍ମୀ ସମ୍ମିଳନୀରେ ଉପସ୍ଥିତ ମହିଳା।

# ମାନସିଂହପୁରରେ ବିଜେଡି କର୍ମୀ ସମ୍ମିଳନୀ

**ଟାଙ୍ଗୀ (ଖୋର୍ଦ୍ଧା) ୧୯।୮ (ଡି.ଏନ.ଏ.)**

ଆଗାମୀ ନିର୍ବାଚନକୁ ଲକ୍ଷ୍ୟ ରଖି ସଙ୍ଗଠନକୁ ସୁଦୃଢ କରିବା ନିମିତ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାନସିଂହପୁର ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ ବ୍ଲକ ସଭାପତି ଦେବେନ୍ଦ୍ର ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ରବିବାର ମା' ଭଗବତୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳାପୁରୁଷ କର୍ମୀଙ୍କ ଉପସ୍ଥିତିରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ରାଜ୍ୟ ବିଜେଡି ସରକାରଙ୍କ ବହୁମୁଖୀ ଜନମଙ୍ଗଳ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସ୍ୱଚ୍ଛ ଭାବମୂର୍ତ୍ତିକୁ ଆଧାର କରି କର୍ମୀମାନେ ବୁଥସ୍ତରକୁ ଯାଇ ସାଧାରଣ ଲୋକଙ୍କୁ ସଚେତନ କରାଇ ଦଳକୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚଣ୍ଡ ଘଡେଇ ଓ ଲିଟୁ ଘଡେଇଙ୍କ ନେତୃତ୍ୱରେ ଭାଜପାର ନୀଳମଣି ଘଡେଇ, ତପନ ଘଡେଇ, ଅମୀର ଘଡେଇ, ଅକ୍ରୁର ଜେନା, ପଞ୍ଚାନନ ଘଡେଇ, ପ୍ରଭାତ ଘଡେଇ, ଧୀର ପରିଡା, ମଧୁସୂଦନ ଘଡେଇ, ଦାଶରଥି ମଲ୍ଲିକ, ଗୋଦାବରୀ ଘଡେଇଙ୍କ ସମେତ ବହୁ ସଂଖ୍ୟକ କର୍ମୀ ବିଜେଡିରେ ଯୋଗଦେଇଥିଲେ। ସେମାନଙ୍କୁ ଦଳରେ ସ୍ୱାଗତ କରିଥିଲେ ପୂର୍ବତନ ବିଧାୟକ ସାହୁ। ଚିଲିକା ବ୍ଲକ ପର୍ଯ୍ୟବେକ୍ଷକ ଅଜିତ କୁମାର ରାଉତ, ରମେଶ ମହାପାତ୍ର, ଅପର୍ତ୍ତି ବିଶ୍ୱାଳ, ରତିକାନ୍ତ ବୈରୀଗଞ୍ଜନ, ମାନସିଂହପୁର ପଞ୍ଚାୟତ ସଭାପତି ସତ୍ୟ ଘଡେଇ, କିଶୋର ବେହେରା , ୫ ନଂ. ଜିଲାପରିଷଦ ଆବାହକ ଅର୍ଜୁନ ବିଶ୍ୱାଳ, ଜରିପଡା ସମବାୟ ସମିତି ନିର୍ଦ୍ଦେଶକ ଶେଷଦେବ ରାୟଗୌରବ ପ୍ରମୁଖ ଯୋଗଦେଇଥିଲେ। ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।

## ସ୍ଲୁଇସ୍ ଗେଟର ପରିଚାଳନାରେ ତ୍ରୁଟି

# ଜମିରେ ବନ୍ୟାଜଳ, କ୍ଷତିରେ ଚାଷୀ

**ଖୋର୍ଦ୍ଧା ଅଫିସ,୧୯।୮**

ଶରଧାପୁରକୁ ବନ୍ୟାଦାଉରୁ ରକ୍ଷା କରିବା ପାଇଁ ରାଜୁଆ ନଦୀରେ ବନ୍ଧ ନିର୍ମାଣ କରାଯାଇଥିଲା। ଏଥିରେ ଥିବା ସ୍ଲୁଇସ୍ ଗେଟର ପରିଚାଳନାଗତ ତ୍ରୁଟି କାରଣରୁ ବନ୍ୟାଜଳ ଗେଟ ଦେଇ ଉତ୍ତରପାର୍ଶ୍ୱରେ ନରଣଗଡ, ମେଦିନି, କୁରୁମପଡା, ଷଢ଼େଇଗଡ, ରାମଚଣ୍ଡୀ ଗାଁର ଶସ୍ୟକ୍ଷେତ୍ରରେ ପଶୁଛି। ଏବେ ସମ୍ପୃକ୍ତ ଅଞ୍ଚଳ ଜମିରେ ଶୁକ୍ରବାରଠାରୁ ବନ୍ୟାଜଳ ଜମି ରହି ଫସଲ ନଷ୍ଟ ହେବା ଆରମ୍ଭ କଲାଣି। ସ୍ଲୁଇସ୍ ଗେଟର ପରିଚାଳନା ଠିକ୍‌ରେ କରାଗଲେ ଚାଷୀ କ୍ଷତିରୁ ବଞ୍ଚି ଯାଆନ୍ତା ବୋଲି କୁହାଯାଉଛି।



ଜମିରେ ବନ୍ୟାଜଳ ମାଡ଼ିଯାଇଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ନୀର



@ ପିଣ୍ଟୁ



@ ଯଶୋବନ୍ତ



@ ମାମାଲି



@ ଆଲୋକ



@ ସୌମ୍ୟତ୍ର

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ଅଗଷ୍ଟ, ୨୦୧୮



କାହାରି ଅନୁଗ୍ରହ ପ୍ରାର୍ଥୀ ହେବା ଅର୍ଥ ନିଜର ସ୍ୱାଧୀନତାକୁ ବିକି ଦେବା।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ଅପହରଣ

**ବେଗୁନିଆ, ୧୯।୮ (ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ରାଉତପଡା ଅଞ୍ଚଳର ଜନୈକା ଯୁକ୍ତ ୨ କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ରବିବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୬୩ରେ ନଂ.୧୩୫/୧୮ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁସାରେ, ବେଗୁନିଆ ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ ଗତ ୧୨ ତାରିଖରେ କଲେଜ ସାରି ଘରକୁ ଫେରୁଥିଲେ। ହେଲେ ରାସ୍ତାରେ ତାଙ୍କୁ ବାଘମାରୀ ଅଞ୍ଚଳର କେହି ଜଣେ ଯୁବକ ଅପହରଣ କରି ନେଇ ଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ମଦ୍ୟପାନ କରି ଗାଳିଗୁଲଜ: ଜଣେ ଗିରଫ

**ଖୋର୍ଦ୍ଧା ଅଫିସ, ୧୯।୮:** ମଦ୍ୟପାନ କରି ଗାଳିଗୁଲଜ ଓ ମାରପିଟ କରିବା ଘଟଣାରେ ଖୋର୍ଦ୍ଧା ସଦର ଥାନା ପୋଲିସ ଗଡଗୁଡୁମ ମାନଗୋବିନ୍ଦପୁର ଗାଁର ବିଜୟ ନାୟକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ବିଜୟଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଶନିବାର ରାତିରେ ମଦ ପିଇ ଗୁଡୁମ ବଜାରରେ ବିଜୟ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବ୍ୟବସାୟୀମାନେ ଏହାର ପ୍ରତିବାଦ କରି ଘରକୁ ଚାଲିଯିବାକୁ ପରାମର୍ଶ ଦେଇଥିଲେ। ହେଲେ ବିଜୟ ରବିବାର ଆସି ଗୁଡୁମବଜାରର ପାନଦୋକାନୀ ବେଙ୍ଗିଟାଙ୍ଗୀ ଗୋବିନ୍ଦ ପ୍ରଧାନଙ୍କୁ ଶନିବାରର ଘଟଣାକୁ ନେଇ ମାରପିଟ୍ କରି ମୁଣ୍ଡ ଫଟାଇ ଦେଇଛନ୍ତି। ଅଭିଯୋଗ ପରେ ପୋଲିସ ଦଫା ୩୪୧, ୩୪୨, ୩୨୩, ୨୯୪, ୩୦୭, ୫୦୬ରେ ନଂ. ୧୨୧/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ସରସ୍ୱତୀ ବିଦ୍ୟାମନ୍ଦିରର ପରିଚାଳନା କମିଟି ଗଠିତ

**ଟାଙ୍ଗୀ (ଖୋର୍ଦ୍ଧା) ୧୯।୮ (ଡି.ଏନ.ଏ.):** ଟାଙ୍ଗୀ ବ୍ଲକ କୁହୁଡି ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇ ନୂତନ ପରିଚାଳନା କମିଟି ଗଠିତ ହୋଇଛି। ଓଡ଼ିଶା ଶିକ୍ଷା ବିକାଶ ସମିତି ଖୋର୍ଦ୍ଧାର ନିରୀକ୍ଷକ ପ୍ରଶାନ୍ତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକ ପ୍ରଧାନ ଶିକ୍ଷକ ପବିତ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୁରାତନ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ନୂତନ କମିଟି ଗଠିତ ହୋଇଥିଲା। ଏଥିରେ ହରିବନ୍ଧୁ ସାମନ୍ତରାୟ ସଭାପତି, ସୁଜାତା ଛୋଟରାୟ ଉପସଭାପତି, ବିଧୂ ଭୂଷଣ ବେହେରା ସମ୍ପାଦକ, ବି. ମନୋଜ କୁମାର ନାଇଡୁ ଯୁଗ୍ମ ସମ୍ପାଦକ ଓ ପ୍ରଶାନ୍ତ ସାମନ୍ତରାୟ କୋଷାଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିଲା ବେଳେ ରତିକାନ୍ତ ବୈରୀଗଞ୍ଜନ ଓ କିରଣବାଳା ଭୁଜବଳ ସଦସ୍ୟ ରୂପେ ମନୋନୀତ ହୋଇଥିଲେ। ପୁରାତନ କମିଟିର ସଭାପତି ନୂତନ କମିଟିକୁ ସ୍ୱାଗତ କରିବା ସହ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ପୂର୍ବତନ ସମ୍ପାଦକ ପବିତ୍ର ସ୍ୱାଇଁ, ପବିତ୍ର ଭୁଜବଳ, ହେମନ୍ତ ଜେନା, ପୂର୍ବତନ ସଭାପତି ଅପର୍ତ୍ତି ମାନସିଂହଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଶିକ୍ଷାଅଧିକାର ସଚେତନତା କର୍ମଶାଳା

**ଖୋର୍ଦ୍ଧା ଅଫିସ, ୧୯।୮:** ବାଣପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ନୀଳାଦ୍ରିପ୍ରସାଦ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଗ୍ରାମ୍ୟ ଶିକ୍ଷା ସହାୟକଙ୍କ ପୁନଃଜାଗରଣ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏକତା ପରିଷଦ ଟ୍ରଷ୍ଟର ପରିଚାଳିକା ସନ୍ଧ୍ୟା ଦେବୀଙ୍କ ସଭାପତିତ୍ୱରେ ଭାଟପଡା ଅଞ୍ଚଳ ସାଧନା କେନ୍ଦ୍ରର ସଂଯୋଜକ ବ୍ରଜ ସୁନ୍ଦର ମିଶ୍ର ମୁଖ୍ୟଅତିଥି ଓ ମହିଳା ମହାସଂଘର ସଭାନେତ୍ରୀ ମଞ୍ଜୁଲତା ଦାସ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତାମାନେ ବକ୍ତବ୍ୟରେ କହିଥିଲେ ଶିକ୍ଷା ବିନା ମନୁଷ୍ୟ ଜୀବନ ଅନ୍ଧକାରମୟ। ତେବେ ୬ରୁ ୧୪ବର୍ଷର ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଦିଗହରା ହୋଇପଡୁଛି ବୋଲି ମଧ ମତପ୍ରକାଶ ପାଇଥିଲା।

# ଗରିବ ଲୋକଙ୍କ ଭରସା ପାଉନି

**ଖୋର୍ଦ୍ଧା ଅଫିସ, ୧୯।୮**

ଖାଦ୍ୟ ସୁରକ୍ଷା ଆଇନ ରାଜ୍ୟରେ କାର୍ଯ୍ୟକାରୀ ହେବା ପରେ ଗରିବ ଲୋକ ଉପକୃତ ହେବେ ଓ ଭୋକିଲା ରହିବେ ନାହିଁ ବୋଲି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ଖୋର୍ଦ୍ଧା ଜିଲାରେ ଫସର ଫାଟି ଯାଇଥିଲା। ଆଇନ କାର୍ଯ୍ୟକାରୀ ହେବା ପୂର୍ବର ସ୍ଥିତି ଓ ପରବର୍ତ୍ତୀ ସ୍ଥିତି ଆକଳନ କଲେ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ଲୋକ ଭରସା କରି ପାରୁନାହାନ୍ତି। କେନ୍ଦ୍ର ସରକାରଙ୍କର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ୨ ବର୍ଷରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ ଅଧିକାଂଶ ଗରିବ ଲୋକ ସାମିଲ ହୋଇପାରିଲେ ନାହିଁ। କେନ୍ଦ୍ରୀୟ ଯୋଜନାରେ ସେମାନଙ୍କୁ ଉପେକ୍ଷା କରାଯାଇ ଥିବାବେଳେ ରାଜ୍ୟ ସରକାର ପୁଣି ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ କରିଛନ୍ତି। ଏଥିରେ ସେମାନଙ୍କ ନାଁ ସାମିଲ ହେବ ବୋଲି ଭରସା କରି ପାରୁନାହାନ୍ତି। କାରଣ ଗରିବ ଲୋକଙ୍କ ଯୋଜନା ଉପରେ ଥିଲା ବାଲା ଧରାଧରି କରି ହାତେଇ ନେଉଛନ୍ତି। ଅଭିଯୋଗ କଲେ ସରକାର ହାତ ଟେକି ଦେଉଛନ୍ତି। ଏବେ ପୁଣି ଫନ୍ଦି ଫିକର ଆରମ୍ଭ ହେଲାଣି। ଆଗକୁ ବିଧାନସଭା ସହ ଲୋକ ସଭା ନିର୍ବାଚନ ଆସୁଛି। ସରକାର ଏହି ଯୋଜନା ପାଇଁ କଠୋର ନୀତି ଆପଣେଇ ପାରିବେ ନାହିଁ। କାରଣ ଗତ କିଛିମାସ ତଳେ କଠୋର ନୀତି ଲାଗୁ ହେବା ଯୋଗୁ ଅଯୋଗ୍ୟ ହିତାଧିକାରୀ ଭୟଭୀତ ହୋଇ କାର୍ଡ ଫେରାଇବା ଆରମ୍ଭ କରିଥିଲେ। ଏପରି କି ନେଇଥିବା ଖାଦ୍ୟ ଉପକରଣ ଟଙ୍କା ବି ଫେରାଇଥିଲେ। ତେବେ ୨୦୧୭ ପଞ୍ଚାୟତ ନିର୍ବାଚନ ସବୁ କିଛି ବିଗାଡି ଦେଇଥିଲା। ନିର୍ବାଚନ ଆଗକୁ ଥିବାରୁ ରାଜ୍ୟ ସରକାର କଠୋର ନୀତିରୁ ଦୂରେଇ ଗଲେ। ଏଣୁ ଅଯୋଗ୍ୟ ହିତାଧିକାରୀ ବର୍ତ୍ତିଗଲେ। ଯେଉଁ କିଛି ବାଦ୍ ପଡିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ଦାଖଲ ଟଙ୍କା ଆକାଉଣ୍ଟ ଜରିଆରେ ଫେରାଇ ନେବାକୁ ଏଯାବତ ବି ନେଲେ ନାହିଁ।

## ଖାଦ୍ୟ ସୁରକ୍ଷା ଯୋଜନା

### ଅନିୟମିତତାକୁ ରୋକା ଗଲାନି

ଖୋର୍ଦ୍ଧା ଜିଲାରେ ୨୦୧୫ ଅକ୍ଟୋବରରୁ ଖାଦ୍ୟ ସୁରକ୍ଷା ଆଇନ ଲାଗୁ ହୋଇଥିଲା। ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁଯାୟୀ ପ୍ରସ୍ତୁତ ନୂଆ ରାଶନ କାର୍ଡ(ଖାଉଟି କାର୍ଡ)ରେ ହିତାଧିକାରୀ ଚୟନକୁ ନେଇ ଖୋର୍ଦ୍ଧା ଜିଲାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇ ଆସୁଥିଲେ ମଧ ଏହାର ନିରାକରଣ କରାଯାଇ ପାରି ନ ଥିଲା। ତାଲିକା ପ୍ରସ୍ତୁତ ସମୟରେ ଚଞ୍ଚକତା କରାଯାଇ ଗରିବ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଥିଲା। ହିତାଧିକାରୀ ଚୟନ ପାଇଁ ସରକାର ଧାର୍ଯ୍ୟ କରିଥିବା ମାନଦଣ୍ଡକୁ ଜିଲାରେ ଠିକ ଭାବେ କାର୍ଯ୍ୟକାରୀ କରା ନ ଯିବାରୁ ଗରିବ ଲୋକ ଅଣଦେଖା ହୋଇ ରହିଗଲେ ବୋଲି ଅଭିଯୋଗ ହୋଇଥିଲା। ଅନିୟମିତତାକୁ ରୋକା ନ ଯିବାରୁ ପ୍ରତିଦିନ ଜିଲାପାଳ, ଉପଜିଲାପାଳ, ବିଡିଓ, ଯୋଗାଣ ଅଧିକାରୀଙ୍କ ନିକଟରେ ଭିଡ ଜମୁଥିଲା। ରାଜ୍ୟ ସରକାରଙ୍କର ଖାଦ୍ୟ ସୁରକ୍ଷା ଯୋଜନାର ଫର୍ମ ମିଳିବା ପରେ ଅଭିଯୋଗ ବନ୍ଦ ରହିଛି। ଅସୁଆରୀପାଟଣା ଗାଁର ସାଧବାଣୀ ବେହେରା, ଗୁରୁବାରୀ ବେହେରା, ବୋଲଗଡର ପ୍ରମିଳା ସ୍ୱାଇଁ, ଖୋର୍ଦ୍ଧାର ତଅପୋଇ ସାହୁ, ଚିଲିକାର ମନୋରଞ୍ଜନ ପ୍ରଧାନ କୁହନ୍ତି, ଆମ୍ଭ ପରି ଆମ ଗାଁରେ ବହୁ ପରିବାରର ଚାଳ ଘର ହୋଇଥିବାବେଳେ ଛାତଘର ଦର୍ଶାଇ ରାଶନ କାର୍ଡରୁ କାଟି ଦିଆଗଲା। ତେବେ ସେମାନଙ୍କ ପ୍ରତି ପ୍ରଶାସନ ଓ ସରକାର ପକ୍ଷରୁ କରାଯାଇଥିବା ଅନ୍ୟାୟ ପ୍ରତିବାଦରେ ସେମାନେ ବ୍ଲକରେ, ଯୋଗାଣ ବିଭାଗରେ, ଜିଲାପାଳ, ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରି ଥକି ପଡିଥିଲେ ମଧ ସୁଫଳ ମିଳିଲା ନାହିଁ।



ପୁସ୍ତକ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଆଇଆଇଟି ପରିସରରେ ପୁସ୍ତକ ପ୍ରଦର୍ଶନୀ

**ଜଟଣୀ, ୧୯।୮ (ଡି.ଏନ.ଏ.)**

ଜଟଣୀସ୍ଥିତ ଆଇଆଇଟି ପରିସରରେ ପୁସ୍ତକ ମେଳା ତଥା ପ୍ରଦର୍ଶନୀ ଆରମ୍ଭ ହୋଇଛି। ଆଇଆଇଟି କେନ୍ଦ୍ରୀୟ ପାଠାଗାର ପକ୍ଷରୁ ଏହା ଆୟୋଜିତ ହେଉଛି। ଶନିବାରରୁ ସୋମବାର ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ଏଥିରେ ୩୧ଟି ଷ୍ଟଲ ସ୍ଥାନ ପାଇଛି। ଜାତୀୟ, ଅନ୍ତର୍ଜାତୀୟସ୍ତରର ଖ୍ୟାତି ସମ୍ପନ୍ନ ପ୍ରକାଶନୀ ସଂସ୍ଥା ଏଥିରେ ଯୋଗ ଦେଇଛନ୍ତି। ଶନିବାର ଏହାକୁ ନିରାଡ଼ମ୍ବର ଭାବେ ଆରମ୍ଭ କରାଯିବା ପରିପ୍ରେକ୍ଷୀରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ପ୍ରଦର୍ଶନୀରେ ଅନେକ ବିଜ୍ଞାନଧର୍ମୀ ପୁସ୍ତକ ସମେତ ଶିଶୁ କିଶୋର ଓ ବିଭିନ୍ନ ଭାଷାର ଗଳ୍ପ, ଉପନ୍ୟାସ ବହି ରହିଛି। ଏହି ପ୍ରଦର୍ଶନୀରେ ଦେଢ଼ଲକ୍ଷରୁ ଅଧିକ ପୁସ୍ତକ ସ୍ଥାନ ପାଇଛି। ବିଶେଷକରି ଯୁବପିଢି ପୁସ୍ତକ ପ୍ରତି ଆଗ୍ରହ ପ୍ରକାଶ କରିବା ଓ ପଠନ ଅଭ୍ୟାସକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏପରି ଆୟୋଜନ କରାଯାଇଥିବା ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜାକୁମାର କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସେଣ୍ଟ୍ରାଲ ଲାଇବ୍ରେରିର ଚେୟାରମ୍ୟାନ ଡ. ରାଜେଶ ରଞ୍ଜନ ଦାସ, ଡେପୁଟି ଲାଇବ୍ରେରିଆନ ଡ. ବିଭୂତି ଭୂଷଣ ସାହୁ, ଉପଦେଷ୍ଟା ସମିତି ସଦସ୍ୟ ଡ. ଶଶିଧର, ଡ. ମନସ୍ୱିନୀ ବେହେରା ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଆଇଆଇଟିର ରେଜିଷ୍ଟ୍ରାର ଦେବରାଜ ରଥ, ଡିନ୍ ପ୍ରଫେସର ସରୋଜ ନାୟକ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାର୍ଥୀଙ୍କ ସାଧାରଣଜ୍ଞାନ ପ୍ରତିଯୋଗିତା



ସାଧାରଣଜ୍ଞାନ ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

**ଜଟଣୀ, ୧୯।୮ (ଡି.ଏନ.ଏ.)**

ଜଟଣୀ ଟାଉନ୍‌ହଲ ପରିସରରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ସାଧାରଣଜ୍ଞାନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଥିଲା। ଏଠାରେ ଥିବା ବାବା ସୋମନାଥ ଏଜୁକେଶନାଲ ଡେଭଲପ୍‌ମେଣ୍ଟ ସୋସାଇଟି ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଏଥିରେ ଜଟଣୀ ସହର ତଥା ଆଖପାଖ ଅଞ୍ଚଳର ବିଭିନ୍ନ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନର ୩୭୦ ଜଣ ବିଦ୍ୟାର୍ଥୀ ଭାଗ ନେଇଥିଲେ। କନିଷ୍ଠ ବିଭାଗରେ ଶ୍ରୀୟା ସୁରଭି ନାୟକ ପ୍ରଥମ, ଜଗନ୍ନାଥ ଲାଲ ଦ୍ୱିତୀୟ ଓ ଶାଶ୍ୱତୀ ବଳିଆରସିଂହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବିଭାଗରେ ଶିଶିର ମାହାନା ପ୍ରଥମ, ଶ୍ରୀଧର ମାଝି ଦ୍ୱିତୀୟ ଓ ଅସିତ୍ କୁମାର ପ୍ରଧାନ ତୃତୀୟସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ଏଥିରେ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ, ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଦୀପ୍ତିରଞ୍ଜନ ମହାନ୍ତି, ସବ୍ୟସାଚୀ ମହାପାତ୍ର ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବେ ଗ୍ରାମରକ୍ଷୀ

**ଖୋର୍ଦ୍ଧା ଅଫିସ, ୧୯।୮:** ବାଣପୁର ଥାନା ପରିସରରେ ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ଆନୁକୂଲ୍ୟରେ ବାଣପୁର ବାଲୁଗାଁ ଗ୍ରାମରକ୍ଷୀଙ୍କ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଜିଲା ସଭାପତି ସୁର ନାୟକଙ୍କ ଅଧ୍ୟକ୍ଷତାରେ ଉପସଭାପତି କାଳୁ ଚରଣ ବାରିକ, ସମ୍ପାଦକ ଗୋଲଖ ସେଠୀ, ସହସମ୍ପାଦକ ହରିହର ନାୟକ, କୋଷାଧ୍ୟକ୍ଷ ମେଲଛ ନାୟକ ଯୋଗଦେଇଥିଲେ। ବୈଠକରେ ଗ୍ରାମରକ୍ଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସରକାର ଗ୍ରାମରକ୍ଷୀଙ୍କ ମାସିକ ବେତନ ୯ ହଜାର ୩୦୦ ଟଙ୍କା ସମେତ ଡିଏ, ଗ୍ରେଡ୍‌ପେ ସହ ଅନ୍ୟାନ୍ୟ ସୁବିଧା, ଭିଲେଜ ଗାର୍ଡ ପରିବର୍ତ୍ତେ ଭିଲେଜ ପୋଲିସ ମାନ୍ୟତା, ପଦବୀ ପୂରଣ, ସ୍ପେଶାଲ ଆଲାଉନ୍ସ, ଉନ୍ନତ ପ୍ରଶିକ୍ଷଣ ସହ କାର୍ଯ୍ୟରେ ମୃତ୍ୟୁ ହେଲେ ୧୨ ଲକ୍ଷ ସହାୟତା ଆଦି ଦାବି ରଖିଥିଲେ। ସରକାର ଏହା ନ ଶୁଣିଲେ ରାଜ୍ୟ ସଂଘ ନିର୍ଦ୍ଦେଶରେ ସେପ୍ଟେମ୍ବର ୧୦ରେ ଭୁବନେଶ୍ୱରଠାରେ ଆନ୍ଦୋଳନ ହେବ ବୋଲି କୁହାଯାଇଛି।

## କନିଷ୍ଠ ଶିକ୍ଷକ ସଂଘ ଗଠିତ

**ଖୋର୍ଦ୍ଧା ଅଫିସ, ୧୯।୮**

ଖୋର୍ଦ୍ଧା ଶିକ୍ଷା ସହାୟକ ସଂଘର କନିଷ୍ଠ ଶିକ୍ଷକମାନଙ୍କର ଏକ ନୂଆ ସଂଘ ରବିବାର ଗଠନ କରାଯାଇଛି। ଏ ଅବସରରେ ବରୁଣେଇଙ୍କ ପୀଠରେ ଅନୁଷ୍ଠିତ ସଭାରେ ମୃତ୍ୟୁଞ୍ଜୟ ମହାପାତ୍ର ସଭାପତିତ୍ୱ କରିଥିଲେ। ଜିଲାର ୧୦ ବ୍ଲକର ସଭାପତି ଓ ସମ୍ପାକଦ ଉପସ୍ଥିତ ଥିଲେ। ରାଜ୍ୟ ସଂଘର ସଭାପତି ମଳୟ ଜେନା, ସମ୍ପାଦକ ଶ୍ରୀକାନ୍ତ ନାୟକ, କାର୍ଯ୍ୟକାରୀ ସଭାପତି ରଶ୍ମିତା ଜେନା ପ୍ରମୁଖ ୩ ଜଣ କର୍ମକର୍ତ୍ତା ଯୋଗଦେଇ ନିର୍ବାଚନକୁ ଅନୁମୋଦନ କରାଇଥିଲେ। ସଭାପତି ଭାବେ ବୋଲଗଡର ଜନ୍ମେଜୟ ମାଝି, ଉପସଭାପତି ଭାବେ ବାଲିଅନ୍ତାର ପ୍ରଶାନ୍ତ ନନ୍ଦି, କାର୍ଯ୍ୟକାରୀ ସଭାପତି ଭାବେ ବାଣପୁରର ଧୀରେନ ନାୟକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ସହସମ୍ପାଦକ ପ୍ରଶାନ୍ତ ମହାପାତ୍ର ଓ ବିଭୁପ୍ରସାଦ ମହାପାତ୍ର, ସଙ୍ଗଠନ ସମ୍ପାଦକ ଲଲାଟେନ୍ଦୁ ବେହେରା, କୋଷାଧ୍ୟକ୍ଷ ମନୋରଞ୍ଜନ ମହାରଣା, ଗଣମାଧ୍ୟମ ସଂଯୋଜକ ସୁଶାନ୍ତ ବେହେରା ଓ ସୁଶାନ୍ତ ପୂଜାରୀ ଅନୁରୂପ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟାମଣ୍ଡଳୀରେ ରଶ୍ମିତା ଜେନା, ଦେବାନନ୍ଦ ବେହେରା, ପ୍ରଶାନ୍ତ ବେହେରା ଓ ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଜୁଏଲେରିରୁ ଚୋରି ଉଦ୍ୟମ ବିଫଳ

**ଯାଁଳା, ୧୯।୮ (ଡି.ଏନ.ଏ.)**

ଜଟଣୀ ଥାନା ଅନ୍ତର୍ଗତ ଯାଁଳା ଫାଣ୍ଡି ନିକଟରେ ଏ ଗହଣା ଦୋକାନରୁ ଡକାୟତି ଉଦ୍ୟମ ବିଫଳ ହୋଇଛି। ଶନିବାର ବିଳମ୍ବିତ ରାତିରେ ଯାଁଳା ଦେଇ ଯାଇଥିବା ରାଜପଥର ଓଭରବ୍ରିଜ୍ ପାଖରେ ଥିବା ଏକ ଗହଣା ଦୋକାନରୁ ୮ଜଣ ଡକାୟତ ଡକାୟତି ପାଇଁ ଚେଷ୍ଟା କରିଥିଲେ। ଦୋକାନର ଆଗ ପଟ ତାଲା ଭାଙ୍ଗିବାକୁ ଯାଇ ବିଫଳ ହୋଇ ପରେ ଦୋକାନୀ ମାଲିକ କବିରାଜ ସୁବୁଦ୍ଧିଙ୍କ ଗେଟ ଭାଙ୍ଗି ପ୍ରଥମେ ସାଇଡରେ ଥିବା ଏକ ଘରର ତାଲା ଭାଙ୍ଗିଥିଲେ। ପରେ ପଛପଟକୁ ଯାଇ ସୁବୁଦ୍ଧିଙ୍କ ବେଡ ରୁମ୍ ଝରକା ତାଡିବା ସମୟରେ ଝିଅ ଉଠି ପଡିଥିଲେ। ସେ ଯାଇ ବାପା କବିରାଜଙ୍କୁ ଉଠାଇଥିଲେ। କବିରାଜ ପାଟି କରି ଲୋକଙ୍କ ଡାକିବାରୁ ଡକାୟତମାନେ ପଳାଇ ଯାଇଥିଲେ। ଡକାୟତମାନଙ୍କ ମଧ୍ୟରୁ ୨ ଜଣ ରାଜପଥର ଓଭରବ୍ରିଜ୍‌ଠାରୁ ୫ ଶହ ମିଟର ଦୂରରେ ଯାଁଳା ପାଖରୁ ଆସୁଥିବା ଓମଫେଡ ବ୍ୟବସାୟୀ ମାନ ରାଉତଙ୍କୁ ଧରି ନିସ୍ତୁକ ମାଡ ମାରିଥିଲେ। ତାଙ୍କ ପାଖରୁ ମୋବାଇଲ ସହ ଟଙ୍କା ନେଇ ଦୁଇ ଡକାୟତ ପଳାଇଥିଲେ। ମାସକ ମଧ୍ୟରେ ଏହି ଅଞ୍ଚଳରେ ଛୋଟ ବଡ ଲୁଟ୍ , ଚୋରି ଓ ଡକାୟତି ଭଳି ଘଟଣା ଘଟିଛି। ହେଲେ ପୋଲିସ ଏଯାବତ ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଛି। ଫଳରେ ଯାଁଳା ଅଞ୍ଚଳରେ ଜନସାଧାରଣଙ୍କ ପୋଲିସ ଉପରୁ ଆସ୍ଥା ତୁଟିବାରେ ଲାଗିଛି।

## ‘ତୋ ଚାରି ଖୁରାକୁ ଜୁହାର’ ମଞ୍ଚସ୍ଥ

**ଖୋର୍ଦ୍ଧା ଅଫିସ, ୧୯।୮**

ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନରେ ରବିବାର ମଞ୍ଚସ୍ଥ ହୋଇଛି ‘ତୋ ଚାରି ଖୁରାକୁ ଜୁହାର’ ନାଟକ। ଖୋର୍ଦ୍ଧାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଆନ୍ଦୋଳନର କଳାକାରଙ୍କ ଚିତ୍ତାକର୍ଷକ ଅଭିନୟ ଦର୍ଶକଙ୍କୁ ହସାଇ ବେଦମ କରି ଦେଇଥିଲା। ସତ୍ୟ ଓ କଳି ଯୁଗରେ ସାବିତ୍ରୀ ସତ୍ୟବାନଙ୍କ କଥାକୁ ହାସ୍ୟରସ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ସେଦିନ ସାବିତ୍ରୀ ସ୍ୱାମୀଙ୍କ ଜୀବନ ପାଇଁ ଯମଙ୍କ ପଛେ ପଛେ ଯାଇଥିଲେ। ଯମ ତିନୋଟି ବର ଦେଇ ସାବିତ୍ରୀଠାରୁ ମୁକ୍ତି ଚାହିଁଥିଲେ। ସେହି ବର ମାଧ୍ୟମରେ ସାବିତ୍ରୀ ନିଜର ପତିବ୍ରତାର ପରାକାଷ୍ଠା ଦେଖାଇ ଯମଠାରୁ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। କଳିଯୁଗରେ କିନ୍ତୁ ସାବିତ୍ରୀ ଉପାଖ୍ୟାନ ଓଲଟା ହୋଇପଡିଛି। ସାବିତ୍ରୀ ନିଜ ପତିବ୍ରତା ଧର୍ମକୁ ଛାଡି ଟାଉଟର ଅଷ୍ଟକୀଳା ମହାନ୍ତି ସାଙ୍ଗରେ ରଖିଛି ପ୍ରେମ ସମ୍ପର୍କ। ସ୍ୱାମୀ ସତ୍ୟବାନଙ୍କୁ ତିରସ୍କାର କରି ନିର୍ଯ୍ୟାତନା ଦେଇ ଜୀବନକୁ ଦୁର୍ବିସହ କରି ପକାଇଥିଲେ। ଆଧୁନିକତାରେ ପ୍ରଭାବରେ ସତ୍ୟବାନର କ୍ରୋଧର ଶିକାରରେ ସାବିତ୍ରୀ ପ୍ରାଣ ହରାଇଛନ୍ତି। ସାବିତ୍ରୀକୁ ନେବା ପାଇଁ ଆସିଛନ୍ତି ଯମ ରାଜ। ଯମଙ୍କ ନିକଟରେ ସତ୍ୟବାନ ସାବିତ୍ରୀଙ୍କ ଜୀବନ ଭିକ୍ଷା ପରିବର୍ତ୍ତେ ସ୍ତ୍ରୀଙ୍କଠାରୁ ମୁକ୍ତି ଚାହିଁଥିଲେ। ସତ୍ୟଯୁଗର ସାବିତ୍ରୀ ଉପାଖ୍ୟାନ କହି ନିଷ୍ଠୁର ସାବିତ୍ରୀଙ୍କ ଚାରି ଖୁରାକୁ ଜୁହାର କରିଛନ୍ତି ସ୍ୱାମୀ। ସାବିତ୍ରୀଙ୍କ ପ୍ରାଣକୁ ନେଇ ଯିବା ପାଇଁ ଅନୁରୋଧ କରଛନ୍ତି। ପରିବର୍ତ୍ତିତ ସମାଜକୁ ଯମ ରାଜା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଶେଷରେ ମୃତ୍ୟୁର ଦେବତା ସାବିତ୍ରୀର ପ୍ରାଣ ନେଇ ଯମ ଲୋକକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନାଟକଟିକୁ ନାଟ୍ୟଭୂଷଣ ଡା. ଧନେଶ୍ୱର ସାହୁ ରଚନା କରିଥିବାବେଳେ ସନ୍ତୋଷ କୁମାର ମହାନ୍ତି ନିର୍ଦ୍ଦେଶନା ଦେଇଥିଲେ। ରୂପସଜ୍ଜାରେ ରଞ୍ଜିତ ଜଗଦ୍ଦେବ, ସଙ୍ଗୀତରେ ସୁବାସ ନାୟକ ଏବଂ ବିଭିନ୍ନ ଭୂମିକାରେ ଅଂଶଗ୍ରହଣ କରିଥିଲେ ସୁବାସ, ପାଇଶାଣୀ, ସୁନୀଲ କୁମାର ସାହୁ, ରୋହନ ପ୍ରୀତମ ଦାଶ, ରତ୍ନାକର ପ୍ରଧାନ ଓ ଲିପସା ଦାଶ।



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

### ■ ଅନୁମତି ନ ଥାଇ ଡମ୍ପିଂୟାର୍ଡ ପାଇଁ ନିଅଁ ଖୋଳା

# ବିଜୁପ୍ରେମୀଙ୍କ ବିରୋଧ, ଫେରିଲା ଜେସିବି

**ଖୋର୍ଦ୍ଧା ଅଫିସ, ୧୯।୮**

ଖୋର୍ଦ୍ଧା ସହରରେ ଡମ୍ପିଂୟାର୍ଡ ନାହିଁ। ସହରର ଆବର୍ଜନାକୁ ମ୍ୟୁନିସିପାଲିଟି ମନଇଚ୍ଛା ବିଭିନ୍ନ ସ୍ଥାନରେ ପକାଉଛି। ଏଭଳିସ୍ଥଳରେ ଖୋର୍ଦ୍ଧା ତହସିଲଦାରଙ୍କ ଆବାସିକ କାର୍ଯ୍ୟାଳୟ ଓ ସର୍କିଟହାଉସର ମଧ୍ୟବର୍ତ୍ତୀ ପ୍ରସ୍ତାବିତ ବିଜୁ ସ୍ମୃତି ସଦନ ଜମିରେ ଡମ୍ପିଂୟାର୍ଡ ଉଦ୍ଦେଶ୍ୟରେ ରବିବାର ଠିକାଦାରଙ୍କ ପକ୍ଷରୁ ନିଅଁ ଖୋଳା ଯାଉଥିଲା। ଏ ଘଟଣା ଜଣାପଡିବା ପରେ ବିଜୁ ପ୍ରେମୀମାନେ ବିରୋଧ କରିଥିଲେ। କାର୍ଯ୍ୟରେ ନିୟୋଜିତ ଠିକାଦାର ବିଜୁପ୍ରେମୀଙ୍କ ବିରୋଧକୁ ସାମ୍ନା କରି ନ ପାରି ଫେରି ଯାଇଥିଲା। ଏ ନେଇ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କୁହନ୍ତି, ଖୋର୍ଦ୍ଧା ମ୍ୟୁନିସିପାଲିଟି ପକ୍ଷରୁ ସମ୍ପୃକ୍ତ ସ୍ଥାନରେ ଡମ୍ପିଂୟାର୍ଡ କରାଯିବାର ଯୋଜନା ନାହିଁ। ଏଠାରେ ନିଅଁ ଖୋଳାଇବା ପାଇଁ କାହାକୁ କୁହାଯାଇନାହିଁ। ତେବେ ଏ ନେଇ ତଦନ୍ତ କରାଯାଇ ଆଇନଗତ ପଦକ୍ଷେପ ନିଆଯିବ। ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦ୍ର ସାମଲ କୁହନ୍ତି, ମୋ ଆବାସିକ କାର୍ଯ୍ୟାଳୟ ପାଖ ଜମି କାହାରିକୁ ଦିଆଯାଇନାହିଁ। ଏଠାରେ ନିଅଁ ଖୋଳିବା ବେଆଇନ।

ପ୍ରାପ୍ତ ସୂଚନା ଅନୁସାରେ ୨୦୧୨ ମ୍ୟୁନିସିପାଲିଟି ନିର୍ବାଚନ ପୂର୍ବରୁ ଖୋର୍ଦ୍ଧା ତହସିଲଦାରଙ୍କ ଆବାସିକ କାର୍ଯ୍ୟାଳୟ ପାଖରେ ବିଜୁ ସ୍ମୃତି ସଦନ କରିବାକୁ କେତେଜଣ ବିଜୁପ୍ରେମୀ ସରକାରୀ ଜମି ଚିହ୍ନଟ କରି ନିଅଁ ଖୋଳା କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ବିଜୁ ସ୍ମୃତି ସଦନ ନାଁରେ ସମ୍ପୃକ୍ତ ଜମି ନ ଥିବାରୁ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ତତ୍‌କାଳୀନ ଉପଜିଲାପାଳ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଇ ସରକାରୀ ନୀତି ନିୟମ ଅନୁସାରେ କାମ କରିବାକୁ ପରାମର୍ଶ ଦେଇଥିଲେ। ପରେ ସମ୍ପୃକ୍ତ ଜମିରେ କେବଳ ସାଇନ ବୋର୍ଡ ଝୁଲି ରହିଛି। କିଛିମାସ ହେଲା ମ୍ୟୁନିସିପାଲିଟି ପକ୍ଷରୁ ସେଠାରେ ସହରର ଆବର୍ଜନା ପଡୁଥିଲା। ତହସିଲଦାରଙ୍କ ବାରଣ ପରେ କିଛି ମାତ୍ରାରେ ଆବର୍ଜନା ପକାଇବା କମିଥିଲା। ଅନ୍ୟପକ୍ଷେ ଏଠାରେ ଡମ୍ପିଂୟାର୍ଡ କରାଗଲେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କାରଣ ପ୍ରଥମତଃ ବିଜୁପ୍ରେମୀ ଛାଡିବେ ନାହିଁ। ଅନ୍ୟପକ୍ଷେ ପ୍ରସ୍ତାବିତ ଡମ୍ପିଂୟାର୍ଡ ନିକଟରେ ଖୋର୍ଦ୍ଧା ତହସିଲଦାରଙ୍କ ଆବାସିକ କାର୍ଯ୍ୟାଳୟ, ସର୍କିଟହାଉସ, ଖୋର୍ଦ୍ଧା ସବ୍‌ଜେଲ, ସଭା ସମିତି ପାଇଁ ଗୀତାଭବନ ପଡିଆ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରହିଥିବାରୁ ପ୍ରତିବାଦ ବଢ଼ିବ ବୋଲି ଜନସାଧାରଣଙ୍କ ପକ୍ଷରୁ କୁହାଯାଇଛି।



ଡମ୍ପିଂୟାର୍ଡ ପାଇଁ ଖୋଳାଯାଉଥିବା ନିଅଁକୁ ବନ୍ଦ କରାଯାଇଛି।

## ଗ୍ରାମୀଣ ଡାକସେବକ ସଂଘ କାର୍ଯ୍ୟକାରିଣୀ



ବୈଠକରେ ଯୋଗଦେଇଥିବା ଡାକ ସେବକ ସଂଘର କର୍ମକର୍ତ୍ତା।

**ଜଟଣୀ, ୧୯।୮ (ଡି.ଏନ.ଏ.):** ଅଖିଳ ଭାରତ ଡାକ ବିଭାଗୀୟ ଗ୍ରାମୀଣ ଡାକସେବକ ସଂଘ ଓଡ଼ିଶା ସର୍କଲର କାର୍ଯ୍ୟକାରିଣୀ ବୈଠକ ଜଟଣୀରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସର୍କଲର ବିଭିନ୍ନ ମଣ୍ଡଳ ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଯୋଗଦେଇ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଭିନ୍ନ ସମସ୍ୟା ନେଇ ପୂର୍ବରୁ ହୋଇଥିବା ଧର୍ମଘଟ ଉପରେ ସମୀକ୍ଷା କରିଥିଲେ। ଗ୍ରାମୀଣ ଡାକସେବକମାନଙ୍କୁ କେନ୍ଦ୍ର ସରକାର ଅଣଦେଖା କରୁଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। କମଲେଶ ଚନ୍ଦ୍ର କମିଟି ରିପୋର୍ଟ କାର୍ଯ୍ୟକାରୀ କରିବା, ଜିଡିଏସ୍‌ମାନଙ୍କୁ ବିଭାଗୀୟ କର୍ମଚାରୀର ମାନ୍ୟତା ପ୍ରଦାନ ଭଳି ରହିଥିବା ଦାବି ଶୀଘ୍ର ପୂରଣ କରିବା ଉପରେ ଆଲୋଚନାରେ ସ୍ଥାନ ପାଇଥିଲା। ଏସବୁ ସମସ୍ୟା ଦୂର କରା ନ ଗଲେ ଆଗାମୀଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିରେ ଓଡ଼ିଶା ସର୍କଲର ସଭାପତି ପର୍ଶୁରାମ ଦାଶ, ଉପସଭାପତି ଶତ୍ରୁଘ୍ନ ପାଣ୍ଡେ, ସମ୍ପାଦକ କଳ୍ପବଟ ପଟ୍ଟନାୟକ, ତ୍ରିଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାକୁ ପରିଚାଳନା କରିବାରେ ଭୁବନେଶ୍ୱର ସର୍କଲର ସଭାପତି ଚିତ୍ତରଞ୍ଜନ ପାତ୍ର, ସମ୍ପାଦକ ଶରତ କୁମାର ମାନସିଂ, ଖଗେଶ୍ୱର ବାରିକ, ପ୍ରଭାକର ବେହେରା, ସୁବୋଧ ରାୟ ଓ ଅନ୍ୟମାନେ ସହାୟତା କରିଥିଲେ।

## ସଂକ୍ଷେପରେ

### ବଜ୍ରପାତ: ବିଲରେ ଟଳିପଡ଼ିଲେ ମହିଳା

**ପୁରୀ ଅଫିସ, ୧୯।୮:** ରବିବାର ଅପରାହ୍ନ ପ୍ରାୟ ୩ଟା ବେଳେ ବିଲରେ କାମ କରୁଥିବା ସମୟରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡେଲାଙ୍ଗ ବ୍ଲକ କୋଠପଡ଼ା ପଞ୍ଚାୟତ ଅନ୍ତର୍ଗତ ବେନୁପଡ଼ା ଗ୍ରାମର କାର୍ତ୍ତିକ ବେହେରାଙ୍କ ସ୍ତ୍ରୀ ବିନୋଦିନୀ(୪୦)। ସେହି ସମୟରେ ସେଠାରେ କାମ କରୁଥିବା ଉକ୍ତ ଗ୍ରାମର ଅନ୍ୟ ଦୁଇ ମହିଳା ତଅପୋଇ ବେହେରା ଓ ରମାମୟୀ ବେହେରା ଆହତ ହୋଇ ଡେଲାଙ୍ଗ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ପୁରୀ ଅଫିସ, ୧୯।୮:** ରବିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳିପାରି ନାହିଁ। କୁମ୍ଭାରପଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଭିଆଇପି ରୋଡ୍‌ରେ ଏକ ଅଜଣା ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇ ଉକ୍ତ ଯୁବକ ରାସ୍ତାକଡ଼ରେ ପଡିଥିବା ବେଳେ ପୋଲିସ ଉଦ୍ଧାର କରି ମେଡିକାଲକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

**ପୁରୀ ଅଫିସ,୧୯।୮:** ବିଦ୍ୟୁତ୍ ଆଘାତରେ ସଦର ବ୍ଲକ ଅନ୍ତର୍ଗତ ଖଣ୍ଡିଆବନ୍ଧର ବିଶ୍ୱରଞ୍ଜନ ଜେନା(୩୦) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ସତୁରୀ ଭାଗ ପୋଡିଯାଇଥିବା ଜଣାପଡିଛି। ରବିବାର ଅପରାହ୍ନରେ ସେ ଟିଭି ଦେଖୁଥିଲେ। ଘଡ଼ଘଡ଼ି ମାରିବାରୁ ସେ ଟିଭି ବନ୍ଦ କରିବାକୁ ଗଲାବେଳେ ହଠାତ୍ ଶର୍ଟସର୍କିଟରୁ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ।

### ପୋଲିସ ଗାଡ଼ି ଧକ୍କାରେ ୩ ଗୁରୁତର

**ପୁରୀ ଅଫିସ,୧୯।୮:** ସତ୍ୟବାଦୀ ଥାନା ଅଧୀନ ସୁକଳ ଅଞ୍ଚଳରେ ରବିବାର ଅପରାହ୍ନ ୫ଟାରେ ପୋଲିସ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଜଣକ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି। କୌଣସି ଅଘଟଣ ଆଶଙ୍କାରେ ପୋଲିସ ବାବୁମାନେ ଅତି ଚତୁରତା ସହିତ ସେମାନଙ୍କୁ ନିଜ ଗାଡ଼ିରେ ପୁରୀ ନେଇଯାଇଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ୩ ଜଣ ଯୁବକ ଏକ ବାଇକ୍‌ରେ ନିରାକାରପୁର ଆଡକୁ ଯାଉଥିଲେ। ବ୍ରହ୍ମପୁରରୁ ୩ଟି ବୋଲେରୋରେ ଗଞ୍ଜାମ ଜିଲାର ଜଣେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ପରିବାର ଓ ସମ୍ପର୍କୀୟ ପୁରୀ ଆସୁଥିଲେ। ବାଁବରଡ଼ା ଓ ସୁକଳ ମଝିରେ ଦ୍ରୁତଗତିରେ ଯାଉଥିବା ବୋଲେରୋ ବାଇକ୍‌କୁ ସାମ୍‌ନାପଟୁ ଧକ୍କା ଦେଇଥିଲା। ଫଳରେ ୩ ଜଣ ଯାକ ଛିଟିକି ରାସ୍ତାକଡ଼ରେ ପଡ଼ିଥିଲେ। ସତ୍ୟବାଦୀ ଏବଂ ପୁରୀ ପୋଲିସ ନିକଟରେ ଖବର ଥିଲେ ମଧ କେହି ବି ମୁହଁ ଖୋଲିବାକୁ ନାରାଜ।

### ବାପ ପୁଅଙ୍କୁ ପନିକିରେ ହାଣିଲେ ଯୁବକ

**ଗୋପ, ୧୯।୮(ଡି.ଏନ୍.ଏ.):** ପୂର୍ବ ବିବାଦକୁ କେନ୍ଦ୍ରକରି ରବିବାର ନାଗପୁର ବଜାରରେ ସନ୍ଧ୍ୟାରେ ଜଣେ ଯୁବକ ଏକ ପନିକିରେ ବାପ ପୁଅଙ୍କୁ ଗୋଡ଼େଇ ଗୋଡ଼େଇ ହାଣିଥିବା ଜଣାପଡ଼ିଛି। ଆକ୍ରମଣରେ ଗୁରୁତର ବାପା ବଂଶୀଧର ସାହୁ(୬୨), ପୁଅ କାର୍ତ୍ତିକ ସାହୁ(୩୨)ଙ୍କ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପ୍ରାୟ ଏକ ବର୍ଷ ପୂର୍ବେ ଗଛ କଟାକୁ ନେଇ ଗୋପ ଥାନା ନାଗପୁରସାହି ଗ୍ରାମର ବଂଶୀଧର ଓ ସେହି ଗ୍ରାମର ସହଦେବ ବେହେରାଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ରବିବାର ସନ୍ଧ୍ୟାରେ ବଂଶୀଧର ଏବଂ ତାଙ୍କ ପୁଅ ସହଦେବଙ୍କ ଜଳଖିଆ ଦୋକାନକୁ ଆସି ପୂର୍ବ ବିବାଦକୁ ନେଇ ପାଟିତୁଣ୍ଡ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସହଦେବ ଦୋକାନ ମଧ୍ୟରେ ଥିବା ଏକ ପନିକିରେ ବାପା ପୁଅଙ୍କୁ ଅତର୍କିତ କରିଥିଲେ। ଆକ୍ରମଣରେ ବଂଶୀଧରଙ୍କ ମୁଣ୍ଡ ଏବଂ ପୁଅର ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଏ ନେଇ ବଂଶୀଧରଙ୍କ ଜଣେ ସମ୍ପର୍କୀୟ ଥାନାରେ ଏତଲା ଦେଲାପରେ ପୋଲିସ ୧୩୭/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

■ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ ଇଏସଜେଡ୍ ଅଞ୍ଚଳ

# ସ୍ୱାମୀ ନାରାୟଣ ମନ୍ଦିର ପାଇଁ ଲୋଡ଼ାଯିବ ଅନୁମତି

**ପୁରୀ ଅଫିସ, ୧୯।୮**

ସ୍ୱାମୀନାରାୟଣ ଟେମ୍ପୁଲ ଟ୍ରଷ୍ଟ ପକ୍ଷରୁ ମନ୍ଦିର ଓ ଅନ୍ୟାନ୍ୟ କୋଠା ନିର୍ମାଣ କରାଯାଉଛି। ଏହା ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ (ଇଏସଜେଡ୍) ଇଲାକାରେ ରହିଛି। ଇଏସଜେଡ୍ ଇଲକାରେ ବିନା ଅନୁମତିରେ ନିର୍ମାଣ ଚାଲିଥିବାରୁ ପ୍ରଶାସନ ୧୪୪ଧାରା ଜାରି କରିଥିଲା। ପରବର୍ତ୍ତୀ ସମୟରେ ନିର୍ମାଣ ଲାଗି କ୍ରାକର ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର ଲିଃ ଇଏସଜେଡ୍ କମିଟିର ଅନୁମୋଦନ ଲୋଡିଥିଲା। ଏହି ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ପରିବେଶ ମନ୍ତ୍ରଣାଳୟକୁ ଜିଲା କମିଟି ସୁପାରିସ କରିଛି। ମଞ୍ଜୁରୀ ମିଳିବା ପରେ ଏହି ମନ୍ଦିର ନିର୍ମାଣ ହେବା ସ୍ପଷ୍ଟ ହୋଇଛି। ଇଏସଜେଡ୍ ଅଞ୍ଚଳ ଲାଗି ଗଠିତ ମନଟରିଂ କମିଟିକୁ ଗୃହ ନିର୍ମାଣ ନକ୍ସା

## ବିନା ଅନୁମତିରେ ହୋଇପାରିବନି ଜମି କିଣାବିକା

ଅନୁମୋଦନ ନିମେନ୍ତ ୯ଟି ଆବେଦନ ଆସିଥିଲା। ସେଥିମଧ୍ୟରୁ ଗୋଟିଏ ଆବେଦନକୁ କମିଟି ମଞ୍ଜୁର କରିଥିବା ବେଳେ ୮ଟିକୁ ଅଗ୍ରାହ୍ୟ କରିଛି। ଗତ ୪ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଇଏସଜେଡ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ବିବରଣୀ ପ୍ରକାଶ ପାଇବା ପରେ ଏହି ତଥ୍ୟ ପଦାକୁ ଆସିଛି।

ମିଳିଥିବା ସୂଚନା ଅନୁଯାୟୀ, ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ ଘରୋଇ ଲୋକଙ୍କ ଜମି ରହିଛି। ଉକ୍ତ ଜମିରେ ଶିଳ୍ପ, ବ୍ୟବସାୟିକ ଅନୁଷ୍ଠାନ, ଆପାର୍ଟମେଣ୍ଟ ଆଦି ନିର୍ମାଣ କରିବାକୁ ଅନୁମତି ମିଳିବ ନାହିଁ। କେବଳ ବାସଗୃହ ନିର୍ମାଣ ଲାଗି ଅନୁମତି ଦିଆଯାଇପାରିବ। କିନ୍ତୁ ଜମି ମାଲିକ ଯଦି ସମ୍ପୃକ୍ତ ଅଞ୍ଚଳର ହୋଇଥିବେ ତେବେ ତାଙ୍କୁ ହିଁ ବାସଗୃହ ନିର୍ମାଣ ଲାଗି ଅନୁମତି ଦେବା ଲାଗି କମିଟି ନିଷ୍ପତ୍ତି ନେଇଛି। ଉକ୍ତ ନିଷ୍ପତ୍ତି ଅନୁଯାୟୀ ଆସିଥିବା ୮ଟି ଆବେଦନର ଜମି ମାଲିକ ସମ୍ପୃକ୍ତ ଅଞ୍ଚଳର ହୋଇ ନ ଥିବାରୁ ତାହାକୁ ଅନୁମୋଦନ ମିଳିନାହିଁ। ଗୋଟିଏ ଆବେଦନକୁ ମଞ୍ଜୁର କରାଯାଇଥିବା ବେଳେ ଉକ୍ତ ଜମି ଇଏସ୍‌ଜେଡ ଇଲାକା ମଧ୍ୟରେ ନାହିଁ। ଇଏସ୍‌ଜେଡ ଅଞ୍ଚଳରେ ଥିବା ଜମି କିଣାବିକା ଲାଗି କମିଟି ଅନୁମୋଦନର ଆବଶ୍ୟକ। ଇଏସ୍‌ଜେଡ୍ ଅଞ୍ଚଳରେ କିଣାବିକା ଆବେଦନ ଆସିଲେ ତାହା କମିଟିକୁ ପଠାଇବାକୁ ଗୋପ ଓ ପୁରୀ ସବ୍‌ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜମି କ୍ରୟ ବିକ୍ରୟ ହେଲେ ବି ଜମିର କିସମ କୌଣସି ପରିସ୍ଥିତିରେ ପରିବର୍ତ୍ତନ ହୋଇପାରିବ ନାହିଁ ବୋଲି ବୈଠକରେ ସ୍ଥିର ହୋଇଛି। ହରିହରାନନ୍ଦ ଗୁରୁକୁଳ ଗୋଶାଳା ଏବଂ କିଛି ଇକୋ ଟୁରିଜିମ ପ୍ରୋଜେକ୍ଟ ଇଏସ୍‌ଜେଡ୍ ଇଲାକା ମଧ୍ୟରେ ରହିଥିବା ବୈଠକରେ ଆଲୋଚନା ହୋଇଥିଲା। ଏ ସଂକ୍ରାନ୍ତରେ ଅନୁଧ୍ୟାନ କରି ରିପୋର୍ଟ ଦେବା ଲାଗି ପୁରୀ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମିଲ୍କସିଟି ଅଭୟାରଣ୍ୟ ଓ ଇଏସଜେଡ୍ ଇଲାକା ମଧ୍ୟରେ ରହିଛି। କିନ୍ତୁ ସେଥିରେ ବ୍ୟବସାୟିକ ଓ ବେନିୟମ କାର୍ଯ୍ୟ ଚାଲୁଥିବା ବୈଠକରେ ଅଭିଯୋଗ ଆସିଥିଲା। କ୍ଷେତ୍ର ଅନୁଧ୍ୟାନ ଓ ତଦନ୍ତ କରି ରିପୋର୍ଟ ଦେବାକୁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍, ଝାବେରୀ ରବିବାର କୋଣାର୍କ ସୂର୍ଯ୍ୟମନ୍ଦିର ଦର୍ଶନ ସାରି ଫେରୁଛନ୍ତି।

**କୋଣାର୍କ, ୧୯।୮(ଡି.ଏନ୍.ଏ.)**

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ରବିବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ଏହା ସହ ପର୍ଯ୍ୟଟନସ୍ଥଳୀ ରାମଚଣ୍ଡୀ ଓ ଚନ୍ଦ୍ରଭାଗା ବେଳାଭୂମିକୁ ବୁଲି ଦେଖିଥିଲେ। ମୁଖ୍ୟ ବିଚାରପତି ଜଷ୍ଟିସ୍ ଝାବେରୀ ସକାଳ ୭ଟାରେ ସୂର୍ଯ୍ୟମନ୍ଦିରରେ ପହଞ୍ଚିଥିଲେ। ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାସ ଚନ୍ଦ୍ର ମହାନ୍ତି ମୁଖ୍ୟ ବିଚାରପତିଙ୍କୁ ମନ୍ଦିରର ଐତିହ୍ୟ, କଳା, ସଂସ୍କୃତି ଓ ପ୍ରାଚୀନ ମନ୍ଦିର ସମ୍ବନ୍ଧୀୟ ଇତିହାସ ସମ୍ପର୍କରେ ବୁଝାଇଥିଲେ। ପରେ ପରେ ଚନ୍ଦ୍ରଭାଗା ବେଳାଭୂମିରେ ଚାଲି ଚାଲି ସମୁଦ୍ରର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ଶେଷରେ ସେ ଶକ୍ତିପୀଠ ରାମଚଣ୍ଡୀଠାରେ ମା' ରାମଚଣ୍ଡୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଗସ୍ତ ସମୟରେ ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ପୁରୀ ଉପଜିଲାପାଳ ଭବତାରଣ ସାହୁ, ପୁରୀ ଜିଲାଜଜ୍ ଅମ୍ବୁଜ ମୋହନ ଦାଶ, କୋଣାର୍କ ଜେଏମ୍‌ଏଫ୍‌ସି ଦେଶପ୍ରିୟ ବାରିକ, ଗୋପ ତହସିଲଦାର ଦୁର୍ଗାଚରଣ ମୁର୍ମୁ, ନିମାପଡ଼ା ଏସ୍‌ଡିପିଓ ନିରଞ୍ଜନ ପାଢୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜ କାନ୍ତ ପ୍ରଧାନ ଓ କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ଅଧୁରା ରହିଗଲା ଜଳଲାଗି

## ପୋଖରୀରେ ବୁଡ଼ି କାଉଡ଼ିଆଙ୍କ ମୃତ୍ୟୁ

**ପୁରୀ ଅଫିସ,୧୯।୮**

ମହାଦେବଙ୍କ ନିକଟରେ ଜଳଲାଗି ପୂର୍ବରୁ ଜଣେ କାଉଡ଼ିଆ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଭୁବନେଶ୍ୱର ୟୁନିଟ-୮ ସ୍ଥିତ ଏକ ବସ୍ତିର କମଳାକାନ୍ତ ପାତ୍ର(୩୨)। ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି ଅନ୍ୟ ଜଣେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସେ ହେଲେ ବିଜୟ ପାତ୍ର। ତାଙ୍କ ଘର ଢେଙ୍କାନାଳ ଜିଲା କାମାକ୍ଷାନଗର ବୋଲି ଜଣାପଡିଛି। ଭୁବନେଶ୍ୱର ୟୁନିଟ୍-୮ ସ୍ଥିତ ଏକ ବସ୍ତିରୁ ୯ଜଣ କାଉଡ଼ିଆ ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି ପାଇଁ ରବିବାର ସକାଳୁ ବାହାରିଥିଲେ। ସନ୍ଧ୍ୟାରେ ପୁରୀ ବାଟମଙ୍ଗଳା ନିକଟରେ ଥିବା ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଗାଧୋଇବା ବେଳେ କମଳାକାନ୍ତଙ୍କ ଗୋଡ଼ ଖସିଯାଇଥିଲା। ସେ ପାଣିରେ ବୁଡି ଯାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର କେତେଜଣ କାଉଡ଼ିଆ ନୂଆନଈରୁ ପାଣି ଉଠାଇ ବାହାରିଥିଲେ। ଏହି ସମୟରେ କୋଣାର୍କ ପଟୁ ପୁରୀ ଯାଉଥିବା ଏକ କାର ବିଜୟଙ୍କୁ ଧକ୍କା ଦେଇଥିଲା।

# ଆଜି ଯାଞ୍ଚ ହେବ ନାଟମଣ୍ଡପ, ବୁଧବାର ପର୍ଯ୍ୟନ୍ତ କର୍ମଶାଳା

**ପୁରୀ ଅଫିସ,୧୯।୮**

ସୋମବାର ଯାଞ୍ଚ ହେବ ନାଟମଣ୍ଡପ। ଯାଞ୍ଚରେ ସାମିଲ ବିଶେଷଜ୍ଞମାନଙ୍କୁ ନେଇ ବୁଧବାର ପର୍ଯ୍ୟନ୍ତ ନାଟମଣ୍ଡପ ସମ୍ପର୍କରେ କର୍ମଶାଳା ଚାଲିବ। ଏହି ଯାଞ୍ଚ ଏବଂ କର୍ମଶାଳାରେ ନାଟମଣ୍ଡପର ନିର୍ମାଣଶୈଳୀ, ସ୍ଥିତି, ଭିତର ପାର୍ଶ୍ୱ କାରୁକାର୍ଯ୍ୟ ଓ କଳାକୃତିର ସ୍ଥିତି, ସଂରକ୍ଷଣ ଓ ମରାମତି ଉପରେ ଆଲୋଚନା କରାଯିବ। ବିଶେଷଜ୍ଞଙ୍କ ମତକୁ ନେଇ ନାଟମଣ୍ଡପ ସଂରକ୍ଷଣ ଓ ମରାମତିର ରୂପରେଖ ଏଏସ୍‌ଆଇ ପ୍ରସ୍ତୁତ କରିବ। ଏଥିରେ ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ ପରାମର୍ଶଦାତା କୋର କମିଟିର ଅଧ୍ୟକ୍ଷ ତଥା ଖଡଗପୁର ଆଇଆଇଟିର ପ୍ରାକ୍ତନ ପ୍ରଫେସର ଆନନ୍ଦପ୍ରାଣ ଗୁପ୍ତା ଯୋଗଦେବେ। ଏଥିସହ କୋର କମିଟି ସଦସ୍ୟ ଉପସ୍ଥିତ ରହିବେ। ଜଗମୋହନ ମରାମତି ବେଳେ ଏହାର ସ୍ଥିତି ପରଖିଥିବା ମାଡ୍ରାସ ଆଇଆଇଟିର ପ୍ରଫେସର ଅରୁଣ ମେନନ୍‌ଙ୍କ ସହିତ ଆଇଆଇଟି ଖଡଗପୁରର ଏସ୍. ଭଟ୍ଟାଚାର୍ଯ୍ୟ, ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ପୂର୍ବତନ ଅଧୀକ୍ଷକ ବିଜୟ କୁମାର ରଥ, ଏଏସ୍‌ଆଇ ଦିଲ୍ଲୀର ଅବସରପ୍ରାପ୍ତ ନିର୍ଦ୍ଦେଶକ ଅଶୋକ କୁମାର ପଟେଲ, ଏଏସ୍‌ଆଇର ଅବସରପ୍ରାପ୍ତ ଯୁଗ୍ମ ଡିଜି ଏସ୍.ବି. ଓତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

■ସାକାର ହେବ ସ୍ୱପ୍ନ, ନିର୍ମାଣ ହେବ ଆକ୍ୱାରିୟମ

# ଇଡ୍‌କୋକୁ ଜମି ହସ୍ତାନ୍ତର କଲା ପର୍ଯ୍ୟଟନ ବିଭାଗ

**ପୁରୀ ଅଫିସ, ୧୯।୮**

## ବଢ଼ିଲା ଅଟକଳ, ଖର୍ଚ୍ଚ ହେବ ୮ କୋଟି ୮୫ ଲକ୍ଷ



ପ୍ରସ୍ତାବିତ ଆକ୍ୱାରିୟମ୍‌ର ମଡେଲ।

ପୁରୀର ଅର୍ବାନ ହାଟ ସମ୍ମୁଖ ପଡ଼ିଆରେ ସାମୁଦ୍ରିକ ଆକ୍ୱାରିୟମ ନିର୍ମାଣ ଲାଗି ୫କୋଟି ଟଙ୍କା ଅନୁମୋଦନ କରିଥିଲା ରାଜ୍ୟ ପର୍ଯ୍ୟଟନ ବିଭାଗ। ଜମି ଚହ୍ନଟ ହେଲା। ଆକ୍ୱାରିୟମ ନିର୍ମାଣ ଲାଗି ହେଲା ଦୁଇ ଦୁଇଥର ଶିଳାନ୍ୟାସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ଶିଳାନ୍ୟାସ ହେବାର ବହୁ ବର୍ଷ ବିତିଯାଇଛି। ଉକ୍ତ ପ୍ରକଳ୍ପ ସ୍ଥଳ ଡମ୍ପିଂୟାର୍ଡ ପାଲଟିଥିବା ବେଳେ ଶିଳନ୍ୟାସ ଫଳକ ଉପରେ ଗଛଲତା ମାଡ଼ିଗଲାଣି। ସାମୁଦ୍ରିକ ଆକ୍ୱାରିୟମ ପ୍ରକଳ୍ପ ପୁରୀ ପାଇଁ ସ୍ୱପ୍ନ ବୋଲି କୁହାଯାଉଥିବାବେଳେ ତାହା ଏବେ ସାକାର ହେବାକୁ ଯାଉଛି।

ଦୀର୍ଘ ବର୍ଷ ପରେ ଆକ୍ୱାରିୟମ ନିର୍ମାଣ ଲାଗି ଆରମ୍ଭ ହୋଇଛି ପଦକ୍ଷେପ। ଟେଣ୍ଡର ପ୍ରକ୍ରିୟା ସରି କୋଠା ନିର୍ମାଣ ପାଇଁ ଇଡ୍‌କୋକୁ ଗତ ଦୁଇଦିନ ତଳେ ପର୍ଯ୍ୟଟନ ବିଭାଗ ଜମି ହସ୍ତାନ୍ତର କରିଛି। ଇଡ୍‌କୋ ପକ୍ଷରୁ ମୃତ୍ତିକା ପରୀକ୍ଷା ପାଇଁ ପଠାଯାଇଛି। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଇଡ୍‌କୋ ପକ୍ଷରୁ ଘର ନିର୍ମାଣ କାର୍ଯ୍ୟ ସରିବା ପରେ ଅହମ୍ମଦାବାଦର ସେଣ୍ଟର ଫର ଏନ୍‌ଭାଇରନ୍‌ମେଣ୍ଟ ଷ୍ଟଡିଜ ପକ୍ଷରୁ ସାମୁଦ୍ରିକ ଆକ୍ୱାରିୟମ ନିର୍ମାଣ କରାଯିବ ବୋଲି ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା ସୂଚନା ଦେଇଛନ୍ତି।

ନୀଳାଚଳ ଅର୍ବାନ ହାଟ ସମ୍ମୁଖରେ ୨ଏକର ୪୦୪ ଡେସିମିଲ ଜମି ସାମୁଦ୍ରିକ ଆକ୍ୱାରିୟମ ନିମନ୍ତେ ଚିହ୍ନଟ ହୋଇଛି। ଏଥିରେ ଆକ୍ୱାରିୟମ ଗୃହ, ଫୁଡ ପ୍ଲାଜା, ଶୌଚାଳୟ, ଟିକେଟ ଘର ଏବଂ ପର୍ଯ୍ୟଟକ ବିଶ୍ରାମ ଗୃହ ଆଦି ରହିବ। ଏଥିଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ୫କୋଟି ଟଙ୍କାର ବଜେଟ ରଖାଯାଇଥିଲା। କିନ୍ତୁ ଜମି ସମସ୍ୟା ଏବଂ ପର୍ଯ୍ୟଟନ ବିଭାଗ, ସେଣ୍ଟର ଫର ଏନ୍‌ଭାଇରନମେଣ୍ଟ ଷ୍ଟଡିଜ ଓ ଇଡ୍‌କୋ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ କାର୍ଯ୍ୟ ଆଗଇେ ପାରିଲା ନାହିଁ। ଯେତିକି ବିଳମ୍ବ ହେଲା ଅଟକଳ ମଧ ବଢିବାରେ ଲାଗିଲା। ବର୍ତ୍ତମାନ ବ୍ୟୟ ଅଟକଳ ୮କୋଟି ୮୫ଲକ୍ଷ ଟଙ୍କାରେ ପହଞ୍ଚିଛି। କୋଠା ନିର୍ମାଣରେ କେବଳ ୪କୋଟି ୯୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ନିର୍ମାଣ ସରିବା ପରେ ପ୍ରଥମ ବର୍ଷ ପରିଚାଳନା ଲାଗି ୬୦ଲକ୍ଷ ଟଙ୍କା ରହିଛି। ଗୁଜରାଟ ଅହମ୍ମଦାବାଦର ସିଇସି ଆକ୍ୱାରିୟମ କରିବ। ସିଇସିକୁ ପ୍ରଥମ ପର୍ଯ୍ୟାୟରେ ୫୦ଲକ୍ଷ ଟଙ୍କା ଦିଆଯାଇଛି। ଏହି ଆକ୍ୱାରିୟମ ନିର୍ମାଣ ହେଲେ ପର୍ଯ୍ୟଟକମାନେ ସାମୁଦ୍ରିକ ଜଳଜୀବ, ଶୈବାଳ ଆଦି ଦେଖିବାର ସୁଯୋଗ ପାଇବେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ metroselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏହାସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ସେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ନୀର



@ ପିଣ୍ଟୁ



@ ଯଶୋବନ୍ତ



@ ମାମାଲି



@ ଆଲୋକ



@ ସୌମ୍ୟବ୍ରତ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)



କାହାରି ଅନୁଗ୍ରହ ପ୍ରାର୍ଥୀ ହେବା ଅର୍ଥ ନିଜର ସ୍ୱାଧୀନତାକୁ ବିକି ଦେବା।
-ମହାତ୍ମାଗାନ୍ଧୀ



## ସଂକ୍ଷେପରେ



### ଆରମ୍ଭ ହେଲା ତାଳଧ୍ୱଜ ରଥ ଭଙ୍ଗା

**ପୁରୀ ଅଫିସ,୧୯।୮:** ସିଂହଦ୍ୱାର ସମ୍ମୁଖରେ ରହିଥିବା ତାଳଧ୍ୱଜ ରଥ ଭଙ୍ଗା ରବିବାର ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଏହା ଭଙ୍ଗା ଯାଉଛି। ଏଥିରେ ୧୦ ଜଣ ଭୋଇ ସେବକ ନିୟୋଜିତ ହୋଇଛନ୍ତି।ପୂର୍ବାହ୍ନ ୧୦ଟାରେ ରଥଭଙ୍ଗା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ରଥର କଳସ, ଖପୁରି, ପାରାଭାଡ଼ି, ପୋଟଳ, ପୋଟଳ ପାଲେଣି, ଖମ୍ଭି ଓ ଓରା, ତୃତୀୟ ଭୂଇଁ, ଦ୍ୱିତୀୟ ଭୂଇଁ, ଅନ୍ଧାରୀ ତାଗ, କଇଁଚି, ମୂଳ ଭୂଇଁ ଭଙ୍ଗାଯାଇଛି। ଭଙ୍ଗାଯାଇଥିବା ଏହି କାଠକୁ ଦୋଳବେଦି ପରିସରରେ ରଖାଯାଇଛି। ରଥ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ଆହୁରି ୩ ଦିନ ସମୟ ଲାଗିବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି। ସୂଚନାଯୋଗ୍ୟ, ପ୍ରଥମେ ଦର୍ପଦଳନ ରଥ ଭଙ୍ଗା ସରିଛି। ତାଳଧ୍ୱଜ ରଥ ଭଙ୍ଗା କାମ ଶେଷ ହେବା ପରେ ନନ୍ଦିଘୋଷ ରଥ ଭଙ୍ଗାଯିବ।

### ନିଖିଳ ଉତ୍କଳ ପଶାଖେଳ ସଂଗଠନର ବୈଠକ

**ସାକ୍ଷୀଗୋପାଳ, ୧୯।୮(ଡି.ଏନ୍.ଏ.):** ନିଖିଳ ଉତ୍କଳ ପଶାଖେଳ ସଂଗଠନର ୨୫ତମ ବୈଠକ ସାକ୍ଷୀଗୋପାଳ ପାନ୍ଥଶାଳାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଭିନ୍ନ ଜିଲାର ପଶା ଖେଳାଳୀଙ୍କୁ ନେଇ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପଶାଖେଳ ପ୍ରତିଯୋଗିତା ଓ ସମାବେଶ ଆୟୋଜନ କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏଥିପାଇଁ ପ୍ରତି ଜିଲାରୁ ସଭ୍ୟ ସଂଗ୍ରହ, ଜିଲା ସ୍ତରରେ ସାଙ୍ଗଠନିକ ବୈଠକ, ପାରମ୍ପରିକ ଦ୍ୟୂତକ୍ରୀଡ଼ା ପାଇଁ ସଂସ୍କୃତି ବିଭାଗର ପ୍ରୋତ୍ସାହନ ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ, ଭୁବନେଶ୍ୱରରେ ରାଜ୍ୟ କାର୍ଯ୍ୟାଳୟ ଖୋଲିବା, ଅଗ୍ରହୀ ଯୁବକ ମାନଙ୍କୁ ପଶାଖେଳ ପ୍ରଶିକ୍ଷଣ ଜରିଆରେ ଏହି ପୁରାତନ ରାଜକୀୟ ଓ ଦେବକ୍ରୀଡ଼ା ବଞ୍ଚାଇ ରଖିବାକୁ ଏହି ସଂଗଠନ କାମ କରିବ ବୋଲି ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ସଂଗଠନର ସଭାପତି ପ୍ରଫୁଲ୍ଲ ଜେନା ସଭାପତିତ୍ୱ କରିଥିଲେ। ଉପସଭାପତି ନକୁଳ ଚରଣ ସାହୁ, ସମ୍ପାଦକ ପବିତ୍ର ମୋହନ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପୁରୀରୁ ପ୍ରଶାନ୍ତ କୁମାର ପଣ୍ଡା, ସତ୍ୟବାଦୀରୁ ସୁରେନ୍ଦ୍ର ମହାପାତ୍ର, ବାରଙ୍ଗରୁ କାଳନ୍ଦୀ ମଙ୍ଗରାଜ, ନୟାଗଡ଼ରୁ ଯୋଗେଶ୍ୱର ମହାପାତ୍ର, ବୋଲଗଡ଼ରୁ ସର୍ବେଶ୍ୱର ସାହୁ, ପଟିଆରୁ ଗଜେନ୍ଦ୍ର ପାତ୍ର ଓ ଯୋଗନ୍ଦ୍ରେ ଜେନା, ଜଟଣିରୁ ଗୋବର୍ଦ୍ଧନ ହରିଚନ୍ଦନଙ୍କ ସମେତ ପ୍ରାୟ ୩୦ଜଣ ସଭ୍ୟ ଓ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଯୋଗଦେଇଥିଲେ।

### କେରଳ ବନ୍ୟା ବିପର୍ଯ୍ୟୟ ସହଯୋଗ ପାଇଁ ଆରଏସ୍ଏସ୍ର ନିବେଦନ

**ଭୁବନେଶ୍ୱର, ୧୯।୮(ବ୍ୟୁରୋ):** କେରଳରେ ଏକ ବଡ଼ ଭୟଙ୍କର ବନ୍ୟା ଭାବେ ବିପର୍ଯ୍ୟୟ ଆସିଛି। ବନ୍ୟା ବିଭୀଷିକାରେ ଶତାଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ଲକ୍ଷ ଲକ୍ଷ ଲୋକ ବାସହରା ହୋଇଛନ୍ତି। ଏବେ ମଧ୍ୟ ଲକ୍ଷାଧିକ ଲୋକ ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି। କେରଳ ଆଜି ଏକ ଭୟଙ୍କର ସଙ୍କଟର ସାମ୍ନା କରୁଛି। ଅନେକ ବାଧା ଭିତରେ ବି ସେନା, ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା, ରାଜ୍ୟ ଓ କେନ୍ଦ୍ର ସରକାର ବନ୍ୟାରୁ ମୁକ୍ତି ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲୁ ରଖିଛନ୍ତି। ଏଥିସହ ସାଧାରଣ ଜନତା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଅନେକ ସାମାଜିକ, ଧାର୍ମିକ ଓ ସ୍ୱୟଂସେବୀ ସଂସ୍ଥା ସମୂହ ଜୀବନକୁ ବାଜି ଲଗାଇ କାମରେ ଲାଗିଛନ୍ତି। ଏ ସମସ୍ତଙ୍କର ଚେଷ୍ଟା ବାସ୍ତବରେ ପ୍ରସଂଶନୀୟ। କିନ୍ତୁ ସଙ୍କଟ ଏବେ ବି ଟଳିନାହିଁ, ସାଧନ ସୀମିତ ଅଛି। ଏହି ଅବସରରେ ଦେଶର ସମସ୍ତ ଧାର୍ମିକ, ସାମାଜିକ ସେବା ଅନୁଷ୍ଠାନ ସହ ସାଧାରଣ ଜନତା ଏ ପ୍ରକାର ସଙ୍କଟ ସମୟରେ କେରଳବାସୀଙ୍କୁ ସହାୟତା କରନ୍ତୁ ଓ ସହଯୋଗ ପାଇଁ ହାତ ବଢ଼ାନ୍ତୁ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହକାର୍ଯ୍ୟବାହ ସୁରେଶ ଭାୟାଜୀ ଯୋଷୀ ସମସ୍ତଙ୍କୁ ନିବେଦନ କରିଛନ୍ତି।

# କାମରେ ଆସୁନି ପୂର୍ତ୍ତ ବିଭାଗ ରାସ୍ତା, ଡ୍ରେନ୍

■ନିଷ୍କାସନ ହୋଇପାରୁନି ବର୍ଷାଜଳ
■ପାଣିରେ ପଡ଼ିଲା ୬୦ ଲକ୍ଷ ଟଙ୍କା

**ଗୋପ, ୧୯।୮(ଡି.ଏନ୍.ଏ.)**

ଗୋପ ପୂର୍ତ୍ତ ବିଭାଗ ପକ୍ଷରୁ ୬୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ରାସ୍ତା ଓ ଡ୍ରେନ୍ କାମ ହୋଇଥିଲେ ମଧ୍ୟ ଗୋପ ବଜାରରୁ ବର୍ଷାଜଳ ନିଷ୍କାସନ ହୋଇପାରୁନି। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନ୍‌ରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିବା ଫଳରେ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଦୈନନ୍ଦିନ ଏହି ରାସ୍ତା ଦେଇ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ ପାଇଁ ଯାଉଥିବା ପର୍ଯ୍ୟଟକଙ୍କ ସହ ଅନ୍ୟ ପଥଚାରୀମାନେ ନାନା ଅସୁବିଧା ଭୋଗୁଛନ୍ତି।

ଗୋପ ବଜାରଟି ଜନଗହଳିପୂର୍ଣ୍ଣ ହୋଇଥିବାବେଳେ ସାମାନ୍ୟ ବର୍ଷାରେ ଗୋପ ବଜାର ଅବସ୍ଥା ଶୋଚନୀୟ ହୋଇପଡୁଛି। ସେଠାରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବାରମ୍ବାର ଗଣମାଧ୍ୟରେ ଖବର ପ୍ରକାଶିତ ହେବାସହ ଅଭିଯୋଗ କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ରାଜ୍ୟ ରଜପଥ ନବୀକରଣ ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ କରାଯାଇଥିଲେ ମଧ୍ୟ ଡ୍ରେନ୍‌ଟି ତ୍ରୁଟିପୂର୍ଣ୍ଣ ଶୈଳୀରେ ନିର୍ମାଣ ହୋଇଥିବାବେଳେ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ସେହିପରି ବର୍ଷାଜଳ ରାସ୍ତା ପାର୍ଶ୍ୱରେ ଥିବା ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ଜମିରହିବା ଫଳରେ ରୋଗୀ ଓ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ନବଘନ ବେହେରାଙ୍କୁ ପଚାରିବାରେ ସେ କୁହନ୍ତି, ଖୁବ୍ ଶୀଘ୍ର ଡ୍ରେନ୍ ସଫାସୁତରା କରାଯାଇ ଜମି ରହୁଥିବା ଜଳ ନିଷ୍କାସନ କରାଯିବା ସହ ରାସ୍ତା ମରାମତି କରାଯିବ।



ଗୋପ ବଜାର ମୁଖ୍ୟ ରାସ୍ତା ଉପରେ ବର୍ଷାପାଣି ଜମିଛି ।




କେରଳ ବନ୍ୟା ବିଭୀଷିକାକୁ ନେଇ ରବିବାର ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା ।

### ଚିଲିକାରେ ୱାଟର ଏରୋଡ୍ରମ ପ୍ରସଙ୍ଗ ସପକ୍ଷବାଦୀଙ୍କୁ ବିରୋଧ

**ବ୍ରହ୍ମଗିରି, ୧୯।୮(ଡି.ଏନ୍.ଏ.)**

ଚିଲିକାରେ ୱାଟର ଏରୋଡ୍ରମ ପ୍ରସଙ୍ଗ ଉଠିବା ଠାରୁ ବିବାଦ ଦେଖାଦେଲାଣି। ଏହି ପ୍ରକଳ୍ପକୁ କେତକ ବିରୋଧ କରୁଥିବା ସମୟରେ ଏହାକୁ କେତକ ସ୍ୱାଗତ କରୁଛନ୍ତି। ଚିଲିକାରେ ଏହି ପ୍ରକଳ୍ପ କାର୍ଯ୍ୟକଲେ ଚିଲିକାର ଜୈବ ବିବିଧତା ଉପରେ ବିପଦ ଦେଖାଦେବ। ରବିବାର ସଚେତନ ନାଗରିକ ମଞ୍ଚର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଓ କେତେଜଣ ସଦସ୍ୟ ଏହାକୁ ସ୍ୱାଗତ କରି ସେଠାରେ ପୂଜାର୍ଚ୍ଚନା କରିବା ସହ ପାଞ୍ଚଟି ଦାବି ନେଇ ସ୍ଥାନୀୟ ଲୋକଙ୍କୁ ସଚେତନ କରିବାର ଦେଖିବାକୁ ମିଳିଥିଲା। ତେବେ କେତକ ସ୍ଥାନୀୟ ଯୁବକ ଏହି ସପକ୍ଷ ବାଦୀଙ୍କୁ ବିରୋଧ କରିଥିଲେ। ଚିଲିକାରେ ୱାଟର ଏରୋଡ୍ରମ ହେଲେ ପର୍ଯ୍ୟଟନ ଶିଳ୍ପର ବିକାଶ ହେବ ବୋଲି ପଟ୍ଟନାୟକ କହିଥିଲେ।

### ମୁକ୍ତିମଣ୍ଡପ ପଣ୍ଡିତ ସଭା ପଞ୍ଜିକା ତିଆରି କରୁ



ଖବରଦାତା ସମ୍ମିଳନୀରେ ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର ।

**ପୁରୀ ଅଫିସ,୧୯।୮:**

ଆମର ଦୈନନ୍ଦିନ ଚଳଣିରେ ପଞ୍ଜିକାର ବ୍ୟବହାର ବୃଦ୍ଧି ପାଇଛି। ଜନ୍ମ ଜାତକ ପ୍ରସ୍ତୁତିଠାରୁ ଆରମ୍ଭ କରି ଶୁଭାଶୁଭ କାଳ ନିର୍ଣ୍ଣୟ ପାଇଁ ପଞ୍ଜିକାକୁ ଅନୁସରଣ କରାଯାଉଛି। ପୂର୍ବେ ହାତଗଣତି ୩/୪ଟି ପଞ୍ଜିକା ପ୍ରକାଶ ପାଉଥିବା ବେଳେ ଏବେ ଏହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ପଞ୍ଜିକାର ଅନ୍ୟ ନାମ ପଞ୍ଚାଙ୍ଗ। ତିଥି, ରାଶି, ନକ୍ଷତ୍ର, ଯୋଗ ଓ କରଣର ଠିକ୍ ହିସାବ ଆଧାରରେ ଶୁଦ୍ଧାଶୁଦ୍ଧ କାଳ ନିର୍ଣ୍ଣୟ ମାଧ୍ୟମରେ ଧାର୍ମିକ ବ୍ୟବସ୍ଥା ଓ ପର୍ବାଦି ନିର୍ଦ୍ଧାରଣ କରାଗଲେ ପଞ୍ଜିକା ନିର୍ଭୁଲ ହୋଇଥାଏ। ହେଲେ ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ପଞ୍ଜିକାରେ ଅମେଳ ରହୁଛି ବୋଲି କହିଛନ୍ତି ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର। ରବିବାର ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମିଶ୍ର କହିଛନ୍ତି ଯେ, ଗଣନାରେ ଅମେଳ ରହିଲେ ଏହା ବିପରୀତ ଫଳ ଦିଏ। ଅକାଳରେ ଯଦି କୌଣସି କାର୍ଯ୍ୟ ହୁଏ ତେବେ କର୍ତ୍ତା ଓ ରାଜ୍ୟର ମଧ୍ୟ କ୍ଷତି ହୁଏ। ତେଣୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ବିଦ୍ୱତ୍‌ମାନଙ୍କୁ ନେଇ ମୁକ୍ତିମଣ୍ଡପ ପଣ୍ଡିତ ସଭା ନିଜସ୍ୱ ପଞ୍ଜିକା ତିଆରି କରୁ। ରାଜ୍ୟ ସରକାର ମଧ୍ୟ ଏଥିପ୍ରତି ନଜର ଦେବା ଦରକାର। କାରଣ ଧର୍ମହାନି ରାଜ୍ୟ ଶାସନକୁ ପ୍ରଭାବିତ କରିଥାଏ ବୋଲି ମିଶ୍ର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଆଡଭୋକେଟ ଶିବପ୍ରସାଦ ମିଶ୍ର ଏବଂ ଜ୍ୟୋତିର୍ବିଦ୍ ଦେବୀପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର କହିଛନ୍ତି, ମୁକ୍ତି ମଣ୍ଡପ ନିଜସ୍ୱ ପଞ୍ଜିକା ଛାପିବା ଏକ ଭଲ ପ୍ରସ୍ତାବ। ଏହା ଓଡ଼ିଶାରେ ଆଦୃତ ହୁଅନ୍ତା ଏବଂ ଲୋକେ ଗ୍ରହଣ କରନ୍ତେ। କିନ୍ତୁ ଏଥିପାଇଁ ଅର୍ଥର ଆବଶ୍ୟକତା ରହିଛି। ପଞ୍ଜିକା ସମୀକ୍ଷକ ମିଶ୍ର ଏ ବିଷୟରେ ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ଲିଖିତ ଭାବେ ଜଣାନ୍ତୁ। ଯଦି ଆମର ସାମର୍ଥ୍ୟ ଥିବ ଆମେ କରିବୁ ବୋଲି ସେ କହିଛନ୍ତି।

### ବାଡ଼ି ନୃସିଂହଙ୍କ ଚାରି ଆଶ୍ରମ ବିଜେ



ବାଡି ନୃସିଂହଙ୍କୁ ଚାରି ଆଶ୍ରମକୁ ବିଜେ କରାଯାଉଛି ।

**ପୁରୀ ଅଫିସ,୧୯।୮:**

ପବିତ୍ର ଶ୍ରାବଣ ଶୁକ୍ଳ ନବମୀ ତିଥି ରବିବାର ବାଡ଼ି ନୃସିଂହ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ କରିଛନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ନୃସିଂହ ଠାକୁର ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ରହିଥିବା ବିମାନରେ ବିଜେ କରିଥିଲେ। ଏହାପରେ ନୃସିଂହ ଠାକୁର ମାର୍କଣ୍ଡ ଆଶ୍ରମ, ଦୋଳମଣ୍ଡପ ସାହିସ୍ଥିତି ଅଙ୍ଗିରା, ବାଲିସାହିସ୍ଥିତି ପଣ୍ଡୁ ଓ ହରଚଣ୍ଡୀ ସାହିସ୍ଥିତି ଭୃଗୁ ଆଶ୍ରମକୁ ଯାଇଥିଲେ। ପ୍ରତ୍ୟେକ ଆଶ୍ରମରେ ଶୀତଳ ଭୋଗ ହୋଇଥିଲା। ଚାରି ଆଶ୍ରମ ପରିକ୍ରମା ପରେ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ନୃସିଂହ ଠାକୁର ଶ୍ରୀମନ୍ଦିରକୁ ଫେରିଥିଲେ।

ଏ ସମ୍ପର୍କରେ ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କୁହନ୍ତି, ପୂର୍ବରୁ ରଥଯାତ୍ରା ପରେ ପୁରୀ ସହରରେ ଝାଡ଼ାବାନ୍ତି ବ୍ୟାପୁଥିଲା। ଏହାକୁ କେହି କେହି ବାଡ଼ି ରୋଗ ବୋଲି କହିଥାନ୍ତି। ଏହି ରୋଗ ବ୍ୟାପିବାରୁ ନୃସିଂହ ଠାକୁର ପୁରୀ ସହର ପରିକ୍ରମା କରିଥିଲେ। ସେବେଠାରୁ ଏହି ପରମ୍ପରା ରହିଆସିଛି।

■ ବିନା କାରଣରେ ଗ୍ରାମବାସୀଙ୍କୁ ହଇରାଣ କଲା ପୋଲିସ

# ଏସ୍‌ପିଙ୍କ ନିକଟରେ ଅଭିଯୋଗ ପାଇଁ ନିଷ୍ପତ୍ତି

**ଗୋପ, ୧୯।୮(ଡି.ଏନ୍.ଏ.)**

ଗୋପ ପୋଲିସ ଥାନାକୁ ଆସୁଥିବା ଅଭିଯୋଗଗୁଡ଼ିକ ପ୍ରତି ଦୃଷ୍ଟି ଦେଉ ନ ଥିବାବେଳେ ଅଭିଯୋଗ ନ ଥାଇ ଅର୍ଥ ଲାଳସାରେ ପୋଲିସ ଶନିବାର ବିଳମ୍ବିତ ରାତିରେ ଏହି ଥାନା ଅଧୀନ ବେଦପୁର ଗ୍ରାମ ପଞ୍ଚାୟତସ୍ଥିତ ଭଇରିପୁର ଗ୍ରାମରେ ପହଞ୍ଚି କିଛି ଲୋକଙ୍କୁ ଡାକି ପଚରାଉଚରା କରୁଥିଲେ। ମାତ୍ର ଗ୍ରାମବାସୀ ଏ ସମ୍ପର୍କରେ କୌଣସି ଉତ୍ତର ଦେଇପାରି ନ ଥିବାବେଳେ ଆମେ କିଛି ଜାଣିନାହୁଁ ବୋଲି ରୋକ୍‌ଠୋକ୍ ପୋଲିସକୁ କହିଥିଲେ। କିନ୍ତୁ ଗୋପ ପୋଲିସ ଅଭିଯୋଗ ନ ଥାଇ ତଦନ୍ତ କରିବାର ଉଦ୍ଦେଶ୍ୟ ବୋଲି ପୋଲିସର ପାରିବାପଣିଆକୁ ପଦାରେ ପକାଇଥିଲା। ପୋଲିସର ଏଭଳି କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ଭଇରିପୁର ଗ୍ରାମର ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ବସି ଜିଲା ଏସ୍‌ପି ଡ. ସାର୍ଥକ ଷଡ଼ଙ୍ଗୀଙ୍କୁ ଏ ସମ୍ପର୍କରେ ଅଭିଯୋଗ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ, ଗୋପ ଥାନା ଅଞ୍ଚଳରେ ଚୋରି, ଡକାୟତି, ରାହାଜାନି ବୃଦ୍ଧି ପାଉଥିବାବେଳେ ପୋଲିସ ସେମାନଙ୍କୁ ଧରିବା ପରିବର୍ତ୍ତେ ଗାଁରେ ପଶି ସାଧାରଣ ଲୋକଙ୍କୁ ହଇରାଣ ହରକତ କରିବାରୁ ସାଧାରଣ ଲୋକେ ଅସନ୍ତୁଷ୍ଟ ହୋଇଛନ୍ତି। ଥାନାକୁ ଦୈନିକ ୨୦ରୁ ଊର୍ଦ୍ଧ୍ୱ ଅଭିଯୋଗ ଆସୁଥିବାବେଳେ ସେଥିପ୍ରତି ପୋଲିସ ଗୁରୁତ୍ୱ ଦେଉ ନ ଥିବାବେଳେ ଏଭଳି ଏକ ଅଭିଯୋଗ ନ ଥାଇ ପୋଲିସ ଗାଁ ଭିତରେ ପଶିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀଙ୍କ ଅନୁପସ୍ଥିତିରେ ଏଏସ୍‌ଆଇ ଶମ୍ଭୁନାଥ ନାୟକଙ୍କୁ ପଚାରିବାରେ ଜିଲା ହେଡ୍ କ୍ୱାର୍ଟରରୁ ଏକ ଫୋନ୍ ଆସିବାରେ ଆମେ ଗ୍ରାମକୁ ଯାଇଥିଲୁ। ଆମ ନିକଟରେ କୌଣସି ଅଭିଯୋଗ ନାହିଁ ବୋଲି କହିଥିଲେ।

### କୁମାରକବିଙ୍କ ଶ୍ରାଦ୍ଧବାର୍ଷିକୀ ପାଇଁ ପ୍ରସ୍ତୁତି ବୈଠକ

**ବ୍ରହ୍ମଗିରି, ୧୯।୮(ଡି.ଏନ୍.ଏ.)**

ବ୍ରହ୍ମଗିରିର ଗୌରବ କୁମାରକବି ସ୍ୱର୍ଗତ ଅରକ୍ଷିତ ପ୍ରଧାନଙ୍କର ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ପାଇଁ ଚିଲିକା ଚିତ୍ରକଳ୍ପ ବିନୋଦ ବିହାର, ଖଣ୍ଡୁଆଳପୁରଠାରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ବସନ୍ତ କୁମାର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ ଆଗାମୀ ସେପ୍ଟେମ୍ବର ମାସ ୨୪ ତାରିଖରେ କୁମାରକବି ସ୍ୱର୍ଗତ ଅରକ୍ଷିତ ପ୍ରଧାନଙ୍କର ଅଷ୍ଟମ ଶ୍ରାଦ୍ଧବାର୍ଷିକୀ କିପରି ଶୃଙ୍ଖଳାର ସହିତ ପାଳନ କରାଯିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

### ଶିଶୁଙ୍କ ଆଦୃତ ହେଲା ଭଳି ସାହିତ୍ୟ ରଚନା ଆବଶ୍ୟକ



ଅତିଥିମାନେ ପ୍ରଶାନ୍ତକୁମାର ମଙ୍ଗରାଜଙ୍କ ଦୁଇଟି ପୁସ୍ତକକୁ ଲୋକାର୍ପିତ କରୁଛନ୍ତି ।

**ପୁରୀ ଅଫିସ, ୧୯।୮:**

ଶିକ୍ଷାଶ୍ରୀ ଶିଶୁ ପାଠାଗାରର ସାହିତ୍ୟ ଆସର ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ପାଠାଗାର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। କବି କ୍ରିଷ୍ଣା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଡ. ନରେନ୍ଦ୍ର ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟକୁ ଭକ୍ତକବି ମଧୁସୂଦନ ରାଓଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଶିଶୁ ସାହିତ୍ୟର ବିକାଶ ଦ୍ୱାରା ଓଡ଼ିଆ ଭାଷା ସାହିତ୍ୟର ବିକାଶ ସମ୍ଭବ। ଶିଶୁ ସାହିତ୍ୟିକ ଓ କବି ସର୍ବଦା ଶିଶୁଙ୍କ ଆଦୃତ ହେଲା ଭଳି ସାହିତ୍ୟ ରଚନା କରିବା ଆବଶ୍ୟକ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ ଓଡ଼ିଆ ଭାଷାର ସମୃଦ୍ଧି ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ବାଲ୍ ସାହିତ୍ୟ ପୁରସ୍କାର ନିମନ୍ତେ ମନୋନୀତ ବିଶିଷ୍ଟ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଭାଷାର ସୁରକ୍ଷା ଲାଗି ପ୍ରତ୍ୟେକ ବ୍ୟକ୍ତିଙ୍କ ଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଶିଶୁ ସାହିତ୍ୟିକ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କ ଦୁଇଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ନାନାବାୟା ଶିଶୁ ପତ୍ରିକାର ସମ୍ପାଦକ ଲକ୍ଷ୍ମଣ ବେହେରା ଓ ଶିକ୍ଷାବିତ୍ ନିରଞ୍ଜନ ପତି ଅନ୍ୟତମ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଯୁଗରେ ପୁସ୍ତକର ଆବଶ୍ୟକତା ଉପରେ କହିଥିଲେ।

■ ସଚେତନ ନାଗରିକ ମଞ୍ଚର ଆଲୋଚନାଚକ୍ର

# ନାରୀକୁ ନିଆଁ ଭାବିଲେ ଅଣ୍ଟି ପୋଡ଼ିଯିବ

**ପୁରୀ ଅଫିସ,୧୯।୮:**

ଉତ୍ତର ପିଢ଼ିଙ୍କୁ ଆମକୁ ହିଁ ତିଆରି କରିବାକୁ ହେବ। ସେମାନଙ୍କୁ ସଣ୍ଡଣା, ଶିଷ୍ଟାଚାର, ସଦାଚାର ଶିଖାଇବାକୁ ପଡ଼ିବ। ଆମେ ଯେମିତି ଗଢିବା ସେମାନେ ସେମିତି ଆଗକୁ ବଢିବେ। ଯଦି ମୂଳଦୁଆ ଚହଲିଯିବ, ତେବେ ଉପରକୁ ଆଉ ତିଆରି କରିହେବ ନାହିଁ। ତେଣୁ ଆମକୁ ମୂଳଦୁଆ ଠିକ୍ କରିବାକୁ ପଡିବ ବୋଲି କହିଛନ୍ତି ଶ୍ରୀମନ୍ଦିର ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସ। ରବିବାର ଡିଆରଡିଏ ସମ୍ମିଳନୀ କକ୍ଷରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ପ୍ରତିକ ସମାଜରେ ନାରୀ କେତେ ସୁରକ୍ଷିତ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜସ୍ୱ ପ୍ରଶାସକ କହିଥିଲେ, ନାରୀ ଯୁଗେ ଯୁଗେ କ୍ଷମତାର କେନ୍ଦ୍ର, ପ୍ରେରଣାର ଉତ୍ସ ଓ ସମ୍ଭାବନାର ସମ୍ଭବ। ନାରୀ ଭାଙ୍ଗି ପଡୁଥିବା ପୃଥିବୀକୁ ଯୋଡ଼ିଦେବାର ଏକ ପ୍ରକୃଷ୍ଟ ମାଧ୍ୟମ। କିନ୍ତୁ ନାରୀକୁ ନିଆଁ ବୋଲି ଭାବିଲେ ବଡ଼ ଭୁଲ୍ ହୋଇଯିବ, ସେହି ନିଆଁରେ ଅଣ୍ଟି ପୋଡ଼ିଯିବ। ନାରୀ କେବେ ନିଜ ପାଇଁ ସୁରକ୍ଷା ମାଗେ ନାହିଁ, ସେ ସର୍ବଦା ସୁରକ୍ଷା ପ୍ରଦାନ କରିଥାଏ ବୋଲି ରାଜସ୍ୱ ପ୍ରଶାସକ କହିଥିଲେ। ମୁଖ୍ୟଅତିଥି ନଗରପାଳ ଜୟନ୍ତ ଷଡ଼ଙ୍ଗୀ ନାରୀ ଅବଳା କି ଦୁର୍ବଳା ନୁହେଁ, ସେ ଶକ୍ତି। ବର୍ତ୍ତମାନ ମହିଳାଙ୍କ ଯେଉଁପରି ବିକାଶ ଘଟିଛି ନିଶ୍ଚିତ ସମାଜ ସୁଧୁରିଯିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଦସ୍ୟା ଜୟଶ୍ରୀ ମହାପାତ୍ର କହିଥିଲେ ଯେ, ନାରୀ ନିଜେ ନିଜର ସୁରକ୍ଷା କରିବା ଦରକାର। ବେଳେବେଳେ ନାରୀର ଶତ୍ରୁ ନାରୀ ପାଲଟି ଯାଉଛି। ଏହି ଗୋଡ଼ଟଣା ପ୍ରବୃତ୍ତିରୁ ଆମକୁ ଦୂରେଇ ରହିବାକୁ ହେବ। ଏହାଦ୍ୱାରା ନାରୀ ସୁରକ୍ଷିତ ହୋଇପାରିବ। ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଉପନଗରପାଳ ଶାନ୍ତିଲତା ପ୍ରଧାନ, ବରିଷ୍ଠ ସେବକ ଗୌରୀଶଙ୍କର ସିଂହାରୀ, ନାରୀନେତ୍ରୀ ପୁଷ୍ପାଞ୍ଜଳି ରଣା, ଅରୁଣିମା ନନ୍ଦ, ଜ୍ୟୋତିର୍ବିଦ୍ ଅନାମ ଚରଣ ସାହୁ, ସାମାଜିକ କର୍ମୀ ନାରାୟଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ଅଧକ୍ଷ ଡ. ଜଗବନ୍ଧୁ ମିଶ୍ର, ସଂସ୍କୃତ ବିଦ୍ୱାନ୍ ଡ. ଦୟାନିଧି ପଣ୍ଡା, ସାମାଜିକ କର୍ମୀ ଦେବ ପଧାନ, ମଦର ଟେରେସା, ନିକୁଞ୍ଜ କିଶୋର ନାୟକ, ସ୍ମୃତିରଞ୍ଜନ ପତି, କୃଷ୍ଣ ପ୍ରସାଦ ମିଶ୍ର, ଡା. ସୁଜିତ ମହାପାତ୍ର, ବିଜୟ ମିଶ୍ର, ନାରାୟଣ ଚନ୍ଦ୍ର ସିହ୍ନା, ପୁଷ୍ପାଞ୍ଜଳି ରଣାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସ୍ମରଣିକା ଭଏସ୍ ଅଫ୍ ଦି ଭଏସ୍‌ଲେସ୍‌କୁ ଅତିଥିମାନେ ଉନ୍ମୋଚନ କରିଥିଲେ।



ପୁରୀ ଡିଆରଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସଚେତନ ନାଗରିକ ମଞ୍ଚର ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।